# ଧରିତ୍ରୀ
DHARITRI

ସମ୍ବଲପୁର, ସୋମବାର, ଅଗଷ୍ଟ ୧୨/୨୦୧୯ (୧୬ ପୃଷ୍ଠା) Sambalpur, Monday, August 12 / 2019 ★★

୧୫ଶ ଭାଗ ୨୩୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ମହିଳା କ୍ରିକେଟର ଅଫ ଦି ଇୟର**

ଓଡ଼ିଶା ସିନିୟର କ୍ରିକେଟ ଦଳର ସଦସ୍ୟା ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ ୨୦୧୮-୧୯ ବର୍ଷ ପାଇଁ ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି।

୧୫

୦୨

**'ଯୁଦ୍ଧପ୍ରିୟ ନୁହେଁ, ମୁଁ ଦେଶଭକ୍ତ'**

ମୁଁ ଯୁଦ୍ଧପ୍ରିୟ ନୁହେଁ, ବରଂ ଜଣେ ସଚ୍ଚୋଟ ଦେଶଭକ୍ତ ବୋଲି ଆମେରିକାର ଲସ୍ ଆଞ୍ଜେଲ୍ସରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ଅବସରରେ ସିନେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କହିଛନ୍ତି।



# ଦୁଇ ହକି ଖେଳାଳିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

- ଉଭୟ ଦଉଡ଼ି ଦେଇ ଆତ୍ମହତ୍ୟା କରିଥିବା ସନ୍ଦେହ
- ଜଣେ ନବମ, ଅନ୍ୟ ଜଣେ ଯୁକ୍ତଦୁଇ ଛାତ୍ରୀ ଥିଲେ

କୁଆଁରମୁଣ୍ଡା,୧୧।୮(ଡି.ଏନ୍.ଏ.)

ଓଡ଼ିଶା ସୀମାନ୍ତ ଝାଡଖଣ୍ଡର ସିମଡେଗା ଜିଲା ବିରୁ ଥାନା ଆରାନି ଗ୍ରାମ ନିକଟ ଏକ ପଡିଆରେ ଥିବା ଗଛରୁ ରବିବାର ସକାଳେ ଦୁଇ ଛାତ୍ରୀଙ୍କର ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ଦ୍ୱୟ ହେଉଛନ୍ତି ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ବୀରମିତ୍ରପୁର ନ୍ୟୁ ଲାଇଟ୍ ସ୍କୁଲ ନିକଟରେ ରହୁଥିବା ଶ୍ରଦ୍ଧାଶାଲିନୀ ସୋରେଙ୍ଗ (୧୫) ଓ ଝାଡଖଣ୍ଡ ବାଂଶଯୋର ଥାନା ଅଞ୍ଚଳର ସୁନନ୍ଦିନୀ ବାଗେ(୨୩)। ଶ୍ରଦ୍ଧାଶାଲିନୀ ବୀରମିତ୍ରପୁରର ଏକ ପ୍ରତିଷ୍ଠିତ ଇଂରାଜୀ ମାଧ୍ୟମ ସ୍କୁଲରେ ୯ମ ଶ୍ରେଣୀରେ ପଢୁଥିବା ବେଳେ ସୁନନ୍ଦିନୀ ଝାଡ଼ଖଣ୍ଡର ବାଂଶଯୋର ଅଞ୍ଚଳର ଏକ କଲେଜରେ +୨ ପଢୁଥିଲେ। ଉଭୟ ଛାତ୍ରୀ ଖେଳାଳି। ସେମାନେ ହକି ସହିତ ଅନ୍ୟ ଖେଳ ମଧ୍ୟ ଖେଳୁଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଆତ୍ମହତ୍ୟା ବୋଲି ପୋଲିସ କହିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଠିକ୍ ତଥ୍ୟ ମିଳିବ ବୋଲି ପୋଲିସ କହିଛି। ଇଂରାଜୀ ମାଧ୍ୟମ ସ୍କୁଲର ଜଣେ ଶିକ୍ଷକଙ୍କଠାରୁ ପ୍ରକାଶ, ଶ୍ରଦ୍ଧାଶାଲିନୀ ଜଣେ ଦକ୍ଷ ହକି ଖେଳାଳି ଭାବେ ଜଣାଶୁଣା । ସେ ଜିଲା ଓ ରାଜ୍ୟସ୍ତରୀୟ ହକି ପ୍ରତିଯୋଗିତାରେ ନିଜ ସ୍କୁଲର ସୁନାମ ରଖିଛନ୍ତି। କେବଳ ହକି ନୁହେଁ, ଶ୍ରଦ୍ଧାଶାଲିନୀ ଅନ୍ୟାନ୍ୟ ଖେଳ ବିଶେଷ କରି ଖୋଖୋ ଖେଳିବା ପାଇଁ ସ୍କୁଲ ତରଫରୁ ଦିଲ୍ଲୀ ଯାଇ ଦକ୍ଷତା ପ୍ରଦର୍ଶନ କରିଥିଲେ ବୋଲି ଉକ୍ତ ଶିକ୍ଷକ କହିଛନ୍ତି। ସେହିପରି ସୁନନ୍ଦିନୀ ମଧ୍ୟ ଜଣେ ଭଲ ହକି ଖେଳାଳି ହୋଇଥିବାରୁ ଉଭୟଙ୍କ ମଧ୍ୟରେ ପରିଚୟ ସୃଷ୍ଟି ହୋଇଥିଲା। ହେଲେ ଘଟଣାର ପୂର୍ବଦିନ ଅର୍ଥାତ୍ ଶନିବାର ଶ୍ରଦ୍ଧାଶାଲିନୀ ଘରୁ ବାହାରି ସ୍କୁଲକୁ ନ ଆସି ଅନ୍ୟ କେଉଁଆଡେ ଯାଇଥିଲେ। ସେ ବିଷୟରେ ନିଜ ଘରେ ମଧ୍ୟ କାହାରିକୁ ଜଣାଇ ନ ଥିବାରୁ ଘର ଲୋକ ମଧ୍ୟ ତାଙ୍କୁ ଖୋଜାଖୋଜି କରୁଥିଲେ। ଘଟଣା ସମ୍ପର୍କରେ ବିରୁ ଥାନା ଅଧିକାରୀ ରବୀନ୍ଦ୍ର କୁମାର ସିଂଙ୍କୁ ପଚରାଯିବାରୁ ସେ କହିଲେ ତଦନ୍ତ ଚାଲିଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ପ୍ରକୃତ ଘଟଣା ଜଣାପଡ଼ିବ।

## ■ ଆଲର୍ଟ ଜାରି କଲା ଗୋଇନ୍ଦା ବ୍ୟୁରୋ

# ଇଦ୍‌ରେ ଆକ୍ରମଣ ଆଶଙ୍କା

- ଇସ୍‌ଲାମିକ୍ ଷ୍ଟେଟ୍‌କୁ ଅସ୍ତ୍ର କରିଛି ଆଇଏସ୍ଆଇ
- ଜେହାଦୀଙ୍କ ଟାର୍ଗେଟରେ ବସ୍ ଷ୍ଟପ୍, ରେଳ ଷ୍ଟେଶନ, ବିମାନବନ୍ଦର
- ରିପୋର୍ଟ ପରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ନୂଆଦିଲ୍ଲୀ/ଶ୍ରୀନଗର,୧୧।୮ (ପି.ଟି./ଆଇଏଏନ୍ଏସ୍)

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରାଯିବା ପରେ ଭାରତ ବିରୋଧରେ ବିଷ ଓଗାଳୁଥିବା ପାକିସ୍ତାନ ରଚିଛି ଷଡ଼ଯନ୍ତ୍ର। ଇଦ୍-ଉଲ୍-ଜୁହା ପାଳନ ପାଇଁ ସୋମବାର ଉପତ୍ୟକା ସମେତ ଭାରତର ବିଭିନ୍ନ ସହର ଉତ୍ସବମୁଖର ହେବାକୁ ଥିବାବେଳେ ଆକ୍ରମଣ ପାଇଁ ଯୋଜନା କରିଛି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍)। ଆଉ ଏହାକୁ ପାକିସ୍ତାନର କୁଖ୍ୟାତ୍ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ)ର ସମର୍ଥନ ମିଳିଛି। ଏନେଇ ଗୋଇନ୍ଦା ବ୍ୟୁରୋ (ଆଇବି) ପକ୍ଷରୁ ରିପୋର୍ଟ ମିଳିବା ପରେ ଦେଶର ରାଜ୍ୟ ପୋଲିସ ମୁଖ୍ୟାଳୟଗୁଡ଼ିକରେ ଆଲର୍ଟ ଜାରି କରାଯାଇଛି।

ମିଳିଥିବା ସୂଚନାନୁସାରେ ଆଇଏସ୍ ଏବଂ ପାକିସ୍ତାନ ସମର୍ଥିତ କଠୋରପନ୍ଥୀ ଆତଙ୍କବାଦୀ ସଙ୍ଗଠନଗୁଡ଼ିକ ଦେଶର ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକୁ ଟାର୍ଗେଟ କରିପାରନ୍ତି। ସେମାନଙ୍କ ଟାର୍ଗେଟରେ ବସ୍ ଷ୍ଟପ୍, ରେଳ ଷ୍ଟେଶନ, ବିମାନବନ୍ଦର ଓ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି। ଆଇଏସ୍ ଭାରତରେ ଆଖିଦୃଶିଆ କାୟାବିସ୍ତାର କରିପାରି ନ ଥିଲେ ହେଁ ଜମ୍ମୁ-କଶ୍ମୀର ସମ୍ପର୍କରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଏହାକୁ କ୍ରୋଧାନ୍ୱିତ କରିଛି। ତେଣୁ ସୋମବାର ଆକ୍ରମଣ କରି ପ୍ରତିଶୋଧ ନେବା ପାଇଁ ଆଇଏସ୍ଆଇ ଏହାର ଜେହାଦୀଙ୍କୁ ଉସୁକାଉଥିବା ଆଇବି ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ତାଲିବାନ ପକ୍ଷରୁ କେତେକ ସ୍ଥାନରେ ଆକ୍ରମଣ କରାଯାଇପାରେ ବୋଲି ଆଶଙ୍କା କରାଯାଉଥିଲା। ତେବେ ଆଫଗାନିସ୍ତାନ ସ୍ଥିତି ସହ ଜମ୍ମୁ-କଶ୍ମୀର ପ୍ରସଙ୍ଗକୁ ନ ଯୋଡ଼ିବା ପାଇଁ ତାଲିବାନ ମୁଖପାତ୍ର ଜାବିହୁଲ୍ଲା ମୁଜାହେଦ ଏକ ବିବୃତି ଜାରି କରି ପାକିସ୍ତାନକୁ ତାଗିଦ କରିବା ପରେ ଏଭଳି ଆଶଙ୍କା ଦୂର ହୋଇଛି।

ସେପଟେ ଉପତ୍ୟକାରେ ସ୍ୱାଭାବିକ ସ୍ଥିତି ଫେରୁଥିବାବେଳେ ଇଦ୍ ପାଳନ ବେଳେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଇଦ୍ ଅବସରରେ ମସ୍‌ଜିଦଗୁଡ଼ିକରେ ସାମୂହିକ ପ୍ରାର୍ଥନା ପାଇଁ ଉପତ୍ୟକାବାସୀଙ୍କୁ ସୁଯୋଗ ଦିଆଯିବ। ଗୁଜବ ରୋକିବା ପାଇଁ ମୋବାଇଲ୍ ଓ ଲ୍ୟାଣ୍ଡ ଲାଇନ୍ ଉପରେ କଟକଣା ଜାରି କରାଯାଇଥିବାବେଳେ ଏହି ସେବାକୁ ସ୍ୱାଭାବିକ କରିବା ଲାଗି ☞ ପୃଷ୍ଠା-୪



ଜମ୍ମୁ-କଶ୍ମୀର ଜାତୀୟ ରାଜପଥରେ ରବିବାର ମୁତୟନ ଅର୍ଦ୍ଧସାମରିକ ଯବାନ।

## ମିଛ ଖବର ପ୍ରସାରଣ କଲେ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୧୧।୮(ଆଇଏଏନ୍ଏସ୍)

କେନ୍ଦ୍ର ସରକାରଙ୍କ ଜମ୍ମୁ-କଶ୍ମୀର ସମ୍ପର୍କିତ ନିଷ୍ପତ୍ତି ପରେ ଉପତ୍ୟକାରେ ଚାପା ଉତ୍ତେଜନା ଲାଗିରହିଛି। ଏଭଳି ସମ୍ବେଦନଶୀଳ ସମୟରେ କେତେକ ଗଣମାଧ୍ୟମ ମିଛ ଓ ମନଗଢ଼ା ଖବର ପ୍ରସାରଣ କରି ଆଇନଶୃଙ୍ଖଳା ପରିସ୍ଥିତିକୁ ବିଗାଡ଼ିବାରେ ଲାଗିଛନ୍ତି। ସେଗୁଡ଼ିକ ମଧ୍ୟରେ କେତେକ ସ୍ଥାନୀୟ ଓ ବିଦେଶୀ ମିଡିଆ ସମେତ ଇଂଲିଶ ନ୍ୟୁଜ୍ ୱେବ୍‌ସାଇଟ୍ ରହିଥିବା କୁହାଯାଉଛି। ବର୍ତ୍ତମାନ ସମ୍ପୃକ୍ତ ଗଣମାଧ୍ୟମଗୁଡ଼ିକୁ ଚିହ୍ନଟ କରାଯାଉଛି। ସେଗୁଡ଼ିକୁ ଆଇନଗତ ନୋଟିସ ଜାରି କରାଯିବ। ଆଉ ଦୋଷୀ ପ୍ରମାଣିତ ହେଲେ ବିଭ୍ରାଟ ସୃଷ୍ଟିକାରୀ ଗଣମାଧ୍ୟମ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

# ସିବିଏସ୍‌ଇ ବୋର୍ଡ ପରୀକ୍ଷା ଫି' ବୃଦ୍ଧି

- ଏସ୍‌ସି/ଏସ୍‌ଟି ପିଲାଙ୍କ ଦେୟ ୨୪ ଗୁଣ ବଢ଼ିଲା
- ଦୃଷ୍ଟିହୀନ ପିଲାଙ୍କ ପାଇଁ ନିଃଶୁଳ୍କ

ନୂଆଦିଲ୍ଲୀ,୧୧।୮(ପି.ଟି.)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଫି' ବୃଦ୍ଧି କରିଛନ୍ତି। ଚଳିତ ବର୍ଷଠାରୁ ଏହି ବର୍ଦ୍ଧିତ ଫି' ଲାଗୁହେବ। ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି/ଏସ୍‌ଟି) ପିଲାଙ୍କ ଲାଗି ପରୀକ୍ଷା ଫି ୨୪ ଗୁଣ ବୃଦ୍ଧି ପାଇଛି। ସେମାନେ ପୂର୍ବରୁ ୫୦ ଟଙ୍କା ଦେଉଥିବାବେଳେ ଏଣିକି ୧୨୦୦ ଟଙ୍କା ଦେୟ ପୈଠ କରିବେ। ସାଧାରଣ ବର୍ଗର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫି' ଦୁଇଗୁଣ କରାଯାଇଛି। ସେମାନଙ୍କୁ ଏଣିକି ୧୫୦୦ ଟଙ୍କା ପୈଠ କରିବାକୁ ପଡ଼ିବ। ପୂର୍ବରୁ ସେମାନେ ପରୀକ୍ଷା ଫି' ବାବଦରେ ୭୫୦ ଟଙ୍କା ଦେଉଥିଲେ। ଦଶମ ବୋର୍ଡ ପରୀକ୍ଷା ଲାଗି ନବମ ଶ୍ରେଣୀରୁ ନାମ ପଞ୍ଜୀକରଣ କରିବାକୁ ହେବ। ସେହିପରି ଦ୍ୱାଦଶ ପରୀକ୍ଷା ଦେବାକୁ ଥିବା ପିଲାମାନେ ଏକାଦଶ ଶ୍ରେଣୀରୁ ପଞ୍ଜୀକୃତ ହେବେ। ଯେଉଁ ସ୍କୁଲଗୁଡିକରେ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଗଲାଣି ସେମାନେ ପିଲାଙ୍କ ଠାରୁ ବର୍ଦ୍ଧିତ ଦେୟ ସଂଗ୍ରହ କରିବା ଲାଗି ସିବିଏସ୍‌ଇ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି।

ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଅତିରିକ୍ତ ବିଷୟ ପରୀକ୍ଷା ଦେବା ପାଇଁ ଅନୁସୂଚିତ ଉପଜାତିର ଛାତ୍ରୀଛାତ୍ରଙ୍କୁ ଦେୟ ଦେବାକୁ ପଡୁ ନ ଥିଲା। ଏଣିକି ସେମାନଙ୍କୁ ଏଥିପାଇଁ ୩୦୦ ଟଙ୍କା ପୈଠ କରିବାକୁ ହେବ। ସାଧାରଣ ବର୍ଗର ପିଲା ପୂର୍ବରୁ ଅତିରିକ୍ତ ବିଷୟ ପାଇଁ ୧୫୦ ଟଙ୍କା ଦେଉଥିବାବେଳେ ଏଣିକି ୩୦୦ ଟଙ୍କା ପୈଠ କରିବେ। ୧୦୦ ପ୍ରତିଶତ ଦୃଷ୍ଟିବାଧିତ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଫି' ଦେବାକୁ ପଡ଼ିବ ନାହିଁ। ଯେଉଁମାନେ ଶେଷ ତାରିଖ ପୂର୍ବରୁ ବର୍ଦ୍ଧିତ ପରୀକ୍ଷା ଦେୟ ପୈଠ କରିବାରେ ବିଫଳ ହେବେ ସେମାନଙ୍କ ନାମ ପଞ୍ଜୀକରଣ ହେବନାହିଁ ଏବଂ ସେହି ପିଲାମାନେ ୨୦୧୯-୨୦ ବର୍ଷ ପାଇଁ ପରୀକ୍ଷା ଦେଇପାରିବେ ନାହିଁ ବୋଲି ସିବିଏସ୍‌ଇ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି।

ପୂର୍ବରୁ ମାଇଗ୍ରେଶନ ଫି ୧୫୦ ଟଙ୍କା ଥିଲାବେଳେ ତାକୁ ୩୫୦ ଟଙ୍କାକୁ ବୃଦ୍ଧି କରାଯାଇଛି। ବିଦେଶୀ ଛାତ୍ରୀଛାତ୍ର ଉଭୟ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ୫ଟି ବିଷୟ ପାଇଁ ୧୦ ହଜାର ଟଙ୍କା ଜମା କରିବେ। ପୂର୍ବରୁ ସେମାନଙ୍କୁ ୫ ହଜାର ଟଙ୍କା ଦେବାକୁ ପଡୁଥିଲା। ଏହା ବ୍ୟତୀତ ଦ୍ୱାଦଶ ଶ୍ରେଣୀରେ ଅତିରିକ୍ତ ବିଷୟ ପାଇଁ ୨୦୦୦ ଟଙ୍କା ଦେବାକୁ ହେବ, ଯାହା ପୂର୍ବରୁ ୧୦୦୦ ଟଙ୍କା ଥିଲା।

**ଆଜିର ସମ୍ପାଦକୀୟ**

**ଅର୍ଥନୀତିକୁ ଦେଖ**

**ଆଜିର ମନ୍ତବ୍ୟ**

“ଅନୁଚ୍ଛେଦ ୩୭୦ ଉଚ୍ଛେଦ ରାଜନୈତିକ ନୁହେଁ, ବରଂ ଏକ ଜାତୀୟ ପ୍ରସଙ୍ଗ।

-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

**କିଛି ତଥ୍ୟ**

ଚଳିତ ବର୍ଷ ଜୁନ ମାସରେ ଦେଶର କୋଇଲା ଆମଦାନୀ ୨୯% ବୃଦ୍ଧି ଘଟି ୨୪.୧୪ ନିୟୁତ ଟନ୍ ଛୁଇଁଛି।

– କୋଇଲା ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE 11.08.2019 Venco66 CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 55 | 100 | 110 |
| CTC | 54 | 98 | 108 |
| DKL | 52 | 96 | 106 |
| BDK | 54 | 98 | 108 |
| BLS | 55 | 100 | 110 |
| ANG | 53 | 97 | 107 |
| BHM | 51 | 94 | 104 |

*Conditions Apply

Eggs Retail Price- 42/-Dozen
Issued in the Interest of Consumers


# ଦୁଇଦିନ ପ୍ରବଳ ବର୍ଷା

- ଘୂର୍ଣ୍ଣିବଳୟ ଆଜି ଲଘୁଚାପ ରୂପ ନେବ
- ଉତ୍ତର ଓଡ଼ିଶାରେ ୩ଦିନ ବର୍ଷିପାରେ
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର, ୧୧।୮(ବ୍ୟୁରୋ)

ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ପୁଣି ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ। ସୋମବାର ସକାଳେ ଏହା ଲଘୁଚାପର ରୂପ ନେବ। ପ୍ରଭାବରେ ରବିବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ମୟୂରଭଞ୍ଜ, ସୁନ୍ଦରଗଡ, ସମ୍ବଲପୁର, ଝାରସୁଗୁଡା, କେନ୍ଦୁଝର, ବାରିପଦା, ବଲାଙ୍ଗୀର, ଦେବଗଡ଼ ସମେତ ଉପକୂଳବର୍ତ୍ତୀ ଅଞ୍ଚଳରେ ବର୍ଷା ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୪୨ ମିଲିମିଟର ବର୍ଷା ହୋଇଥିବାବେଳେ ଝାରସୁଗୁଡ଼ାରେ ୧୭ ମିମି, ବାଲେଶ୍ୱରରେ ୯ ମିମି, ସୋନପୁରରେ ୩ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ସୋମବାର ଓ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହି ସମୟରେ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ପୂର୍ବରୁ ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀମାନେ ଫେରି ଆସିବାକୁ କୁହାଯାଇଛି। ପାଣିପାଗ କେନ୍ଦ୍ର ସୂଚନାନୁଯାୟୀ, ସୋମବାର ମୟୂରଭଞ୍ଜ, କେନ୍ଦୁଝର, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, ନବରଙ୍ଗପୁର, ବରଗଡ଼ ଓ ନୂଆପଡ଼ାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ମାଲକାନଗିରି, ରାୟଗଡ଼ା, ଢେଙ୍କାନାଳ ଓ ଅନୁଗୋଳ ସମେତ ଉପକୂଳ ଓଡ଼ିଶାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ। ଜୁନ୍-ଜୁଲାଇ ମାସର ନିଅଣ୍ଟିଆ ବର୍ଷା ଭରଣା ହେବ। ପଶ୍ଚିମ ଓଡ଼ିଶା ତଥା ହୀରାକୁଦର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାକୁ ଥିବାରୁ ମହାନଦୀ ସମେତ ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବ। ତେବେ ଉତ୍ତର ଓଡ଼ିଶାରେ ଲଗାତର ତିନିଦିନ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ଏଠାରେ ସଙ୍ଗିନ ସ୍ଥିତି ଉପୁଜିପାରେ। ୧୩ରୁ ରାଜ୍ୟରେ ବର୍ଷା ପରିମାଣ କମିବ ବୋଲି ପାଣିପାଗ କେନ୍ଦ୍ର ଅନୁମାନ କରିଛି।

### ହୀରାକୁଦରେ ଜଳସ୍ତର ବୃଦ୍ଧି

ଅନ୍ୟପକ୍ଷରେ ଉପର ମୁଣ୍ଡରେ ବର୍ଷା ଯୋଗୁ ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ଧୀରେ ଧୀରେ ବୃଦ୍ଧି ପାଉଛି। ଡ୍ୟାମ୍‌ର ଜଳଧାରଣ କ୍ଷମତା ୬୩୦ ଫୁଟ ଥିବାବେଳେ ଏବେ ଏହାର ଜଳସ୍ତର ୬୧୩.୫୨ ଫୁଟ୍‌ରେ ପହଞ୍ଚିଛି। ଡ୍ୟାମ୍‌କୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୪୬ ହଜାର ୬୮୬ ଘନଫୁଟ ଜଳ ପ୍ରବେଶ କରୁଛି। ସେହିପରି ଡ୍ୟାମ୍‌ରୁ ପ୍ରତି ସେକେଣ୍ଡରେ ୧୪ ହଜାର ୨୮୦ ଘନଫୁଟ ଜଳ ନିଷ୍କାସନ ହେଉଛି। ଆସନ୍ତା ୧୪ ତାରିଖରେ ହୀରାକୁଦ ଡ୍ୟାମ୍‌ର ପ୍ରଥମ ବନ୍ୟାଜଳ ଦିନ ୧୧ଟା ପରେ ଯେକୌଣସି ସମୟରେ ନିଷ୍କାସନ ହେବ। ବର୍ଷା ପରିମାଣ ଓ ସ୍ଥିତି ଦେଖି କେତୋଟି ଗେଟ୍ ଖୋଲାଯିବ ତାହା ଉକ୍ତ ଦିନ ହିଁ ସ୍ଥିର ହେବ।




ପବିତ୍ର ଇଦ୍-ଉଜ୍-ଜୁହା-୨୦୧୯ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା ।

ପବିତ୍ର ଇଦ୍-ଉଜ୍-ଜୁହା ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ ଉତ୍ସର୍ଗୀକୃତଭାବେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ଗଣେଶୀଲାଲ
(ଗଣେଶୀ ଲାଲ)



ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଜୁହା ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ,ଓଡ଼ିଶା



ଇଦ୍-ଉଲ୍-ଜୁହା ଉପଲକ୍ଷେ ବାର୍ତ୍ତା

ପବିତ୍ର ଇଦ୍-ଉଲ୍-ଜୁହା ପାଳନ ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ଉତ୍ସର୍ଗ ଓ ସମର୍ପଣ ଭାବର ଏହି ପର୍ବ ଭାଇଚାରା ଓ ସାଂପ୍ରଦାୟିକ ସଦ୍‌ଭାବରେ ସମସ୍ତଙ୍କୁ ବାନ୍ଧି ରଖୁ, ଏହାହିଁ ମୋର କାମନା ।

(ରଘୁନନ୍ଦନ ଦାସ)
ଜଳସମ୍ପଦ,
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

DADLS-13 15001/13/0021/1920



ଜମ୍ମୁ-କଶ୍ମୀରକୁ ସ୍ବତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଉକ୍ତ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିବାରୁ ଏଥିପାଇଁ ସ୍ବରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ ରଜନୀକାନ୍ତ ଅଭିନନ୍ଦନ ଜଣାଇଛନ୍ତି। ଅଭିନେତାରୁ ରାଜନେତା ହୋଇଥିବା ରଜନୀକାନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶାହଙ୍କୁ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କୁ ଭଗବାନ କୃଷ୍ଣ ଓ ଅର୍ଜୁନଙ୍କ ସହ ତୁଳନା କରିଛନ୍ତି।

# ପାକିସ୍ତାନ ପାଟିରେ ରକ୍ତଚାଉଳ

ଇସ୍‌ଲାମାବାଦ/ନୂଆଦିଲ୍ଲୀ,୧୧।୮



- ଆର୍‌ଏସ୍‌ଏସ୍‌କୁ ନାଜି ସହ ତୁଳନା କଲେ ଇମ୍ରାନ୍
- କଶ୍ମୀରରେ ଗଣହତ୍ୟାର ଆଶଙ୍କା କଲେ
- ଇରାନର ସହାୟତା ଲୋଡ଼ିଲେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ସମ୍ବିଧାନର ଅନୁଚ୍ଛେଦକୁ ୩୭୦ ହଟାଇ ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ଛାନିଆ ହୋଇଯାଇଥିବା ପାକିସ୍ତାନ ଅନ୍ତର୍ଜାତୀୟ ସମୁଦାୟର ଦ୍ୱାରସ୍ଥ ହୋଇଥିଲା। ହେଲେ ଚାରିଆଡୁ ନିରାଶ ହେବା ପରେ ଏବେ ଭାରତ ବିରୋଧରେ ରକ୍ତଚାଉଳ ଚୋବାଇବାରେ ଲାଗିଛି ପଡ଼ୋଶୀ ଦେଶ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ପୂର୍ବରୁ ପୁଲଓ୍ୱାମା ଭଳି ଆକ୍ରମଣର ଧମକ ଦେଇ ଓ ଯୁଦ୍ଧଭୟ ଦେଖାଇଥିବାବେଳେ ରବିବାର ମୋଦି ସରକାରଙ୍କ ଉପରେ ବର୍ଷିଛନ୍ତି। ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ହିଟ୍‌ଲରଙ୍କ ନାଜି ସହ ତୁଳନା କରିଛନ୍ତି। ଏହାସହ ଜମ୍ମୁ-କଶ୍ମୀରରେ ଗଣହତ୍ୟାର ଆଶଙ୍କା ବ୍ୟକ୍ତ କରି ନିଜ ନୈରାଶ୍ୟଭାବକୁ ପ୍ରକଟ କରିଛନ୍ତି।

ପାକିସ୍ତାନ ମୁଖିଆ ଇମ୍ରାନ୍ ଖାନ୍ ରବିବାର କହିଛନ୍ତି, ଭାରତ କଶ୍ମୀରରେ ସମ୍ପ୍ରଦାୟ ଅଧାରରେ ଜନସଂଖ୍ୟାରେ ପରିବର୍ତ୍ତନ ପାଇଁ ଉଦ୍ୟମ କରୁଛି। ନାଜି ଆର୍ଯ୍ୟ ସହ ତୁଳନୀୟ ହିନ୍ଦୁତ୍ୱ ବିଚାରଧାରାର ଆର୍‌ଏସ୍‌ଏସ୍ କଶ୍ମୀରରେ ଆଧିପତ୍ୟ ବିସ୍ତାର କରୁଛି। ଏହାର ଚିନ୍ତାଧାରା ନାଜି ବିଚାରଧାରା ଦ୍ୱାରା ଅନୁପ୍ରାଣିତ। ସଂଘର କାର୍ଯ୍ୟ ଭାରତରେ ମୁସଲମାନଙ୍କୁ ଦମନ କରିବା ପାଇଁ ଉଦ୍ଦିଷ୍ଟ। ଏହା ଆଗକୁ ପାକିସ୍ତାନକୁ ଟାର୍ଗେଟ କରିବ। ଏଥିସହ କଶ୍ମୀରରେ ଏବେ କର୍ଫ୍ୟୁ ଓ କଟକଣା ଜାରି ହୋଇଥିବବେଳେ ଆଗକୁ ଗଣହତ୍ୟା କରାଯାଇପାରେ ବୋଲି ଇମ୍ରାନ୍ ଟୁଇଟ୍ କରିଛନ୍ତି। ମ୍ୟୁନିକ୍‌ରେ ଜର୍ମାନୀର ଏକଚ୍ଛତ୍ରବାଦୀ ଶାସକ ହିଟ୍‌ଲରଙ୍କ ଦମନଲୀଳା ଭଳି ବିଶ୍ୱ ସମୁଦାୟ ମୋଦି ଏବଂ ଆର୍‌ଏସ୍‌ଏସ୍‌ର କାର୍ଯ୍ୟକୁ ଦେଖି ନୀରବ ରହିବ କି ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି କଶ୍ମୀର ପ୍ରସଙ୍ଗରେ କୌଣସି ଦେଶରୁ ସହଯୋଗ ନ ମିଳିବା ପରେ ସେ ଇରାନର ସମର୍ଥନ ଯୋଗାଡ଼ ପାଇଁ ଉଦ୍ୟମ କରିଛନ୍ତି। ଇମ୍ରାନ୍ ଇରାନ ରାଷ୍ଟ୍ରପତି ହାସନ୍ ରୌହାନିଙ୍କୁ ଫୋନ୍ କରି କଶ୍ମୀର ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ଉପତ୍ୟକାରେ ଭାରତର ପଦକ୍ଷେପ ଜାତିସଂଘ ସୁରକ୍ଷା ପରିଷଦ ସଂକଳ୍ପନାମା ବିରୋଧୀ ବୋଲି ସେ ଅଭିହିତ କରିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ଇମ୍ରାନ୍ ବ୍ରିଟେନ, ଆମେରିକା, ତୁର୍କୀ, ବାହାରିନ୍, ୟୁଏଇ, ଚାଇନା ଏବଂ ଜାତିସଂଘକୁ ଗୁହାରି କରିଥିଲେ ହେଁ କଶ୍ମୀର ବ୍ୟାପାରରେ ମୁଣ୍ଡ ଖେଳାଇବା ପାଇଁ ସମସ୍ତେ ମନା କରିଦେଇଛନ୍ତି।

## ମହାରାଜା ରଣଜିତ୍ ସିଂଙ୍କ ପ୍ରତିମୂର୍ତ୍ତି ଭାଙ୍ଗିଦେଲେ



**ଲାହୋର,୧୧।୮(ପି.ଟି.):** ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପଞ୍ଜାବକୁ ୪୦ ବର୍ଷ ଧରି ଶାସନ କରିଥିବା ମହାରାଜା ରଣଜିତ୍ ସିଂଙ୍କ ପ୍ରତିମୂର୍ତ୍ତିକୁ ଲାହୋରରେ ପାକିସ୍ତାନୀମାନେ ଭାଙ୍ଗିଦେଇଛନ୍ତି। ରଣଜିତ୍ ସିଂଙ୍କ ୧୮୦ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଲାହୋର ଦୁର୍ଗରେ ଗତ ଜୁନ୍‌ରେ ବ୍ରିଟେନର ଶିଖ୍ ହେରିଟେଜ୍ ଫାଉଣ୍ଡେଶନ୍ ପକ୍ଷରୁ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ୯ ଫୁଟ୍ ଉଚ୍ଚତା ବିଶିଷ୍ଟ ବ୍ରୋଞ୍ଜ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ଅଭିଯୋଗରେ ପୋଲିସ ମୌଲାନା ଖାଦିମ୍ ରିଜ୍‌ବୀଙ୍କ ନେତୃତ୍ୱାଧୀନ ତେହରିକ୍-ଲବିକ୍ ପାକିସ୍ତାନ ସଙ୍ଗଠନର ଦୁଇଜଣଙ୍କୁ ଗିରଫ କରିଛି। କଶ୍ମୀର ସମ୍ପର୍କରେ ଭାରତର ସଦ୍ୟ ନିଷ୍ପତ୍ତିକୁ ନେଇ ପାକିସ୍ତାନୀମାନେ କେତେ ବିଚଳିତ ହୋଇଯାଇଛନ୍ତି ଏହି କୁକାର୍ଯ୍ୟରୁ ତାହା ସ୍ପଷ୍ଟ ହେଉଛି। ଶିଖ୍ ସାମ୍ରାଜ୍ୟର ପ୍ରଥମ ଶାସକ ରଣଜିତ୍ ସିଂ ୧୮୩୯ରେ ପ୍ରାଣ ହରାଇଥିଲେ।

## ମାଗ୍‌ସେସେ ବିଜେତା ସନ୍ଦୀପ ଗୃହବନ୍ଦୀ

**ଲକ୍ଷ୍ନୌ, ୧୧।୮(ଆଇଏଏନ୍‌ଏସ୍):** ସାମାଜିକ କର୍ମୀ ତଥା ମାଗ୍‌ସେସେ ପୁରସ୍କାରପ୍ରାପ୍ତ ସନ୍ଦୀପ ପାଣ୍ଡେଙ୍କୁ ରବିବାର ଗୃହବନ୍ଦୀ କରାଯାଇଛି। ଜମ୍ମୁ-କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯିବା ଘଟଣାକୁ ସେ ବିରୋଧ କରି ଧାରଣା ଦେବା ଲାଗି ଘୋଷଣା କରିବା ପରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ରବିବାର ସନ୍ଧ୍ୟାରେ ସେ ଜିପିଓ ପାର୍କ ନିକଟରେ ଧାରଣା ଦେବା ଲାଗି ଘୋଷଣା କରିବା ପରେ ପୋଲିସ ତାଙ୍କ ଘରକୁ ଯାଇ ଗୃହବନ୍ଦୀ କରିଥିଲା। ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ନିଷେଧାଦେଶ ରହିଥିବାରୁ ଏଭଳି ଧାରଣାକୁ ଅନୁମତି ମିଳିବ ନାହିଁ ବୋଲି ପୋଲିସ କହିଥିଲା। ନିଷେଧାଦେଶ ଉଠିବା ପରେ ଧାରଣା ଦିଆଯିବ ବୋଲି ସନ୍ଦୀପ କହିଥିଲେ ହେଁ କିଛି ଶୁଣାଯାଇ ନ ଥିଲା। ସନ୍ଦୀପଙ୍କ ସ୍ତ୍ରୀ ଅରୁନ୍ଧତୀ ଧ୍ରୁରୁଙ୍କୁ ମଧ୍ୟ ଗୃହବନ୍ଦୀ କରି ରଖାଯାଇଛି।

**୩୭୦ ଉଚ୍ଛେଦକୁ ବିରୋଧ**



## '୩୭୦ ଉଚ୍ଛେଦ ଜାତୀୟ ପ୍ରସଙ୍ଗ'



ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁଙ୍କ ସହ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ।

ଚେନ୍ନାଇ,୧୧।୮(ଆଇଏଏନ୍‌ଏସ୍)

- ଆତଙ୍କବାଦର ଅନ୍ତ ଘଟାଇବ: ଶାହ
- ଉପରାଷ୍ଟ୍ରପତିଙ୍କ ଉପରେ ଲିଖିତ ପୁସ୍ତକ ଉନ୍ମୋଚନ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏକ ରାଜନୈତିକ ପ୍ରସଙ୍ଗ ନୁହେଁ ବରଂ ଜାତୀୟ ପ୍ରସଙ୍ଗ ବୋଲି ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ କହିଛନ୍ତି। ଏହା ରାଷ୍ଟ୍ରର ଭବିଷ୍ୟତ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ। ଏହା ସମୟର ଆବଶ୍ୟକତା ଏବଂ ଏକ ଭଲ କଥା। ବିଲ୍ ଗୃହୀତ ହୋଇସାରିଥିବାରୁ ସେ ଏହା ଉପରେ କହିବାର ସ୍ୱାଧୀନତା ପାଇଥିବା ଭେଙ୍କାୟା କହିଛନ୍ତି। ଉପରାଷ୍ଟ୍ରପତି ଭାବେ ତାଙ୍କର ଦୁଇବର୍ଷର କାର୍ଯ୍ୟକାଳ ଉପରେ ଲିଖିତ ଏକ ପୁସ୍ତକ ଉନ୍ମୋଚନ ଅବସରରେ ଭେଙ୍କାୟା ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଉକ୍ତ ପୁସ୍ତକକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ ରବିବାର ଉନ୍ମୋଚନ କରିଛନ୍ତି। 'ଲିସନିଂ, ଲର୍ନିଂ ଆଣ୍ଡ୍ ଲିଡିଂ' ନାମରେ ଏହି ପୁସ୍ତକରେ ୧୯ଟି ଦେଶକୁ ଭେଙ୍କାୟାଙ୍କ ଗସ୍ତ, ବିଭିନ୍ନ ସାଧାରଣ ଓ କୂଟନୈତିକ କାର୍ଯ୍ୟକ୍ରମ ସମେତ ରାଜ୍ୟ ସଭା ଅଧ୍ୟକ୍ଷ ଭାବେ ତାଙ୍କର ସଫଳତା ଓ ପଦକ୍ଷେପ ସମ୍ପର୍କରେ ଉଲ୍ଲେଖ ରହିଛି।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଅନୁଚ୍ଛେଦ ୩୭୦ ଉଚ୍ଛେଦ ହୋଇଥିବାରୁ ଏହା ଆତଙ୍କବାଦର ପରିସମାପ୍ତି ଘଟାଇବା ସହ ଉକ୍ତ ଅଞ୍ଚଳରେ ବିକାଶର ଦ୍ୱାର ଉନ୍ମୁକ୍ତ କରିବ ବୋଲି ଏହି ଅବସରରେ ଶାହ କହିଥିଲେ। ସେ ଗୁଜରାଟ ବିଧାୟକ ଥିବାବେଳେ କଶ୍ମୀରରୁ ସ୍ୱତନ୍ତ୍ର ମାନ୍ୟତା ଉଚ୍ଛେଦ ହେବା ସପକ୍ଷରେ ଥିଲେ। ତେଣୁ ସ୍ୱରାଷ୍ଟ୍ରମନ୍ତ୍ରୀ ହେବା ପରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଓ ଏହାର ପ୍ରଭାବକୁ ନେଇ ସେ ଆଦୌ ସନ୍ଦିହାନ ନ ଥିଲେ ବୋଲି କହିଛନ୍ତି। ଅନୁଚ୍ଛେଦ ୩୭୦ ନା କଶ୍ମୀର ପାଇଁ ଲାଭଦାୟକ ଥିଲା ନା ଦେଶ ପାଇଁ। ଏହା କଶ୍ମୀର ବିକାଶ ପଥରେ ପ୍ରତିବନ୍ଧକ ଥିଲା ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି।

ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କର ଏକ ଦୁଃସାହସିକ ପଦକ୍ଷେପ ବୋଲି ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଓ. ପନିରସେଲ୍‌ଭମ କହିଛନ୍ତି। ଏହା ଦୀର୍ଘଦିନର ପ୍ରତୀକ୍ଷା ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିଥାଙ୍କର ମୁଖ୍ୟ ଦାବି ଥିଲା ବୋଲି ପନିରସେଲ୍‌ଭମ କହିଛନ୍ତି।

## କମଲନାଥଙ୍କ ପୁତୁରାଙ୍କ ୩୦୦ କୋଟିର ବଙ୍ଗଳା ଜବତ

**ନୂଆଦିଲ୍ଲୀ,୧୧।୮:** ବେନାମୀ ସମ୍ପତ୍ତି ରଖିବା ମାମଲାରେ ଆୟକର ବିଭାଗ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁତୁରା ରାତୁଲ ପୁରୀଙ୍କର ଦିଲ୍ଲୀରେ ଥିବା ୩୦୦ କୋଟି ଟଙ୍କାର ବଙ୍ଗଳା ସମେତ ୪୦ ନିୟୁତ ଡଲାର ମୂଲ୍ୟର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ (ଏଫ୍‌ଡିଆଇ)କୁ ଜବତ କରିଛି। ଆୟକର ବିଭାଗ ଗତ ଏପ୍ରିଲ ମାସରେ ଚଢ଼ାଉ କରି ରାତୁଲ ୧୩୫୦ କୋଟି ଟଙ୍କାର ଟିକସ ଫାଙ୍କିଥିବା ଜାଣିବାକୁ ପାଇଥିଲେ। ବେନାମୀ ସମ୍ପତ୍ତି ନିରୋଧୀ ଆଇନରେ ତାଙ୍କ ବିରୋଧରେ ତଦନ୍ତ ଜାରି ରହିଥିଲା। ଦିଲ୍ଲୀର ଗୁରୁତ୍ୱପୂର୍ଣ୍ଣ ଲୁଟେନ୍ସ ଜୋନ୍‌ରେ ଥିବା ୨୭ଏ, ଏପିଜେ ଅବ୍‌ଦୁଲ୍ କଲାମ ରୋଡ୍‌ରେ ରାତୁଲଙ୍କର ବଙ୍ଗଳା ରହିଛି। ଏହି ବଙ୍ଗଳା ରାତୁଲଙ୍କ ବାପା ଦୀପକ ପୁରୀଙ୍କ ମାଲିକାନାରେ ଥିବା ମୋସର୍ ବାଏର ଗ୍ରୁପ୍ ନାମରେ ରହିଛି। ଏହାବ୍ୟତୀତ ଅଗୁସ୍ତା ଓ୍ୱେଷ୍ଟଲାଣ୍ଡ ହେଲିକପ୍ଟର କିଣା ଦୁର୍ନୀତିରେ ମଧ୍ୟ ରାତୁଲ ସମ୍ପୃକ୍ତ ରହିଛନ୍ତି। ଏହି କାରବାରରେ



ରାତୁଲ ପୁରୀ

ମନିଲଣ୍ଡରିଂ ମାମଲାରେ ରାତୁଲଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ଚଳାଇଛି।



ଇଦ୍-ଉଲ୍-ଜୁହା ପାଇଁ ହାତରେ ମେହେନ୍ଦି ଲଗାଇଛନ୍ତି ଜମ୍ମୁର ଜଣେ ମୁସ୍‌ଲିମ୍ ଝିଅ।

## ୟେମେନ୍‌ରେ ସଂଘର୍ଷ: ୪୦ ନିହତ

ଦୁବାଇ,୧୧।୮(ଏଏଫ୍‌ପି)

ୟେମେନ୍‌ର ଆଡେନ୍ ସହରରେ ସରକାର ସପକ୍ଷବାଦୀ ବାହିନୀ ଓ ବିଚ୍ଛିନ୍ନତାବାଦୀଙ୍କ ମଧ୍ୟରେ ସଂଘର୍ଷ ଘଟି ୪୦ ଜଣ ନିହତ ହୋଇଥିବାବେଳେ ୨୬୦ ଜଣ ଆହତ ହୋଇଛନ୍ତି। ୮ ତାରିଖରୁ ଉକ୍ତ ସହରରେ ଉତ୍ତେଜନା ଓ ହିଂସାକାଣ୍ଡ ଲାଗି ରହିଛି। ଇଦ୍ ପାଳନବେଳେ ମୃତକଙ୍କ ପରିବାରରେ ଶୋକପାଳନ ଅତ୍ୟନ୍ତ ହୃଦୟ ବିଦାରକ ଘଟଣା ବୋଲି ଜାତିସଂଘ ମାନବୀୟ ଆବାହକ ଲିସେ ଗ୍ରାଣ୍ଡେ କହିଛନ୍ତି। ଆହତମାନଙ୍କ ଚିକିତ୍ସା ଲାଗି ଜାତିସଂଘ ପକ୍ଷରୁ ଡାକ୍ତରୀ ଦଳ ପଠାଯାଇଛି। ଘରୁ ବାହାରିପାରୁ ନ ଥିବା ଲୋକମାନେ ଭୋକଉପାସରେ ଦିନ କାଟୁଥିବା ଜଣାପଡିଛି।

## ଅବେଳରେ କଂଗ୍ରେସକୁ ସୋନିଆ ସାହା

ନୂଆଦିଲ୍ଲୀ,୧୧।୮



ଚଳିତବର୍ଷ ଶେଷ ଭାଗରେ କେତେକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ବିଧାନସଭା ନିର୍ବାଚନ ଥିବାବେଳେ ଏହା ପୂର୍ବରୁ ସୋନିଆ ଗାନ୍ଧୀ କଂଗ୍ରେସର ନେତୃତ୍ୱ ନିଜ ହାତକୁ ନେଇଛନ୍ତି। ଖରାପ ସମୟରେ ଦଳର ମୁଖ୍ୟ ତ୍ରାଣକର୍ତ୍ତ୍ରୀ ଭାବେ ସେ ପୁଣିଥରେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ବିରୋଧ ଦଳଗୁଡ଼ିକୁ ଏକାଠି କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇପାରିବେ ବୋଲି କୁହାଯାଉଛି। ୧୯ ବର୍ଷ କଂଗ୍ରେସର ନେତୃତ୍ୱ ନେଇ ସୋନିଆ କେନ୍ଦ୍ରରେ ଦୁଇଥର ଦଳକୁ କ୍ଷମତାକୁ ଆଣିବା ସହ ବିଭିନ୍ନ ରାଜ୍ୟରେ ଦଳକୁ କ୍ଷମତାସୀନ କରାଇଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ୨୦୧୭ରେ ସେ ନେତୃତ୍ୱରୁ ଓହରିଯାଇ ରାହୁଲ ଗାନ୍ଧୀଙ୍କୁ ଦଳର ଅଧ୍ୟକ୍ଷ କରାଇଥିଲେ। ଏହାର ୨୦ ମାସ ପରେ ୭୨ ବର୍ଷୀୟା ସୋନିଆ ପୁଣିଥରେ କଂଗ୍ରେସର ଲଗାମ ନିଜ ହାତକୁ ନେଇଛନ୍ତି। ଶନିବାର ରାତିରେ ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି) ବୈଠକରେ ତାଙ୍କୁ ସର୍ବସମ୍ମତିକ୍ରମେ ଦଳର ଅନ୍ତରୀଣ ଅଧ୍ୟକ୍ଷ ବଛାଯାଇଥିଲା। ତାଙ୍କର ଦୀର୍ଘ ଅଭିଜ୍ଞତା ଓ ନେତୃତ୍ୱ ୧୩୪ ବର୍ଷର ସର୍ବପୁରାତନ ଦଳର ପୂର୍ବ ଗୌରବ ଫେରାଇଆଣିବ ବୋଲି ଆଶା କରାଯାଉଛି।

ଗାନ୍ଧୀ ପରିବାରର ରାଜନୈତିକ ଉତ୍ତରାଧିକାରୀ ହୋଇ ନ ପାରନ୍ତି ବୋଲି ଏକଦା ବିଚାର କରାଯାଉଥିବା ସୋନିଆ ଦଳର ସର୍ବାଧିକ ସମୟ ଅଧ୍ୟକ୍ଷ ରହିବାର ପରିଚୟ ହାସଲ କରିଛନ୍ତି। ଯେତେବେଳେ ସେ ଅବସର ନେବାକୁ ନିଷ୍ପତ୍ତି ନେଲେ ଏବଂ କଂଗ୍ରେସର ନେତୃତ୍ୱ ରାହୁଲ ଗାନ୍ଧୀଙ୍କ ହାତରେ ଦେଲେ, ତାଙ୍କୁ ପୁଣି ଥରେ ଫେରିବାକୁ ହେବ ବୋଲି କେତେକ ବିଶ୍ୱାସ କରୁଥିଲେ। କାରଣ ପ୍ରତି ନିର୍ବାଚନ ପରେ ଦଳର ସ୍ଥିତି ଅଧିକରୁ ଅଧିକ ଖରାପ ହେବାରେ ଲାଗିଥିଲା। ଗତ ଲୋକ ସଭା ନିର୍ବାଚନରେ ଦଳର ବିପର୍ଯ୍ୟୟ ପାଇଁ ନୈତିକ ଦୃଷ୍ଟିରୁ ନିଜକୁ ଦାୟୀ କରି ରାହୁଲ ଅଧ୍ୟକ୍ଷରୁ ଓହରିଯିବା ଓ ନିଜ ନିଷ୍ପତ୍ତିରେ ଅଟଳ ରହିବା ଦଳ ପାଇଁ ଆଶୀର୍ବାଦ ହେଲା ବୋଲି ଜଣେ କଂଗ୍ରେସ ନେତା କହିଛନ୍ତି। ତେବେ ଗାନ୍ଧୀ ପରିବାର ବାହାରେ ନେତା ଚୟନ କରିବା କଂଗ୍ରେସ ପାଇଁ ସମ୍ଭବ ନୁହେଁ ବୋଲି ସମାଲୋଚକମାନେ କହିଛନ୍ତି। କେବେ ନେତା ନିର୍ବାଚନ ହେବ ତାହା ସ୍ଥିର ହୋଇ ନ ଥିବାରୁ ସୋନିଆ ଦୀର୍ଘଦିନ ଅନ୍ତରୀଣ ଅଧ୍ୟକ୍ଷ ରହିପାରନ୍ତି ବୋଲି କୁହାଯାଉଛି।

## ଗୋମାଂସ ପରିବେଷଣ ପାଇଁ ବାଧ କରୁଛି ଜୋମାଟୋ

କୋଲକାତା,୧୧।୮

**କର୍ମଚାରୀଙ୍କ ଅଭିଯୋଗ**

ଖାଦ୍ୟରେ ଗୋମାଂସ କିମ୍ବା ଘୁଷୁରି ମାଂସ ଥିଲେ ସେମାନେ ଯୋଗାଣ କରିବେ ନାହିଁ ବୋଲି କୋଲକାତାର ଜୋମାଟୋ କର୍ମଚାରୀମାନେ କହିବା ସହ ଅନିର୍ଦ୍ଦିଷ୍ଟ କାଳ ଧର୍ମଘଟ ଲାଗି ଯୋଜନା କରିଛନ୍ତି। 'ଜୋମାଟୋର ଦାଦାଗିରି ଚଳିବ ନାହିଁ' ସ୍ଲୋଗାନ ଦେଇ ସେମାନେ ଖାଦ୍ୟ ଯୋଗାଣକାରୀ ଆପ୍ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଥିଲେ। ହିନ୍ଦୁ କର୍ମଚାରୀମାନେ ଗୋମାଂସ ଥିବା ଖାଦ୍ୟ ପରିବେଷଣ ପାଇଁ ଅନାଗ୍ରହୀ ଥିବାବେଳେ ମୁସଲମାନ କର୍ମଚାରୀମାନେ ଘୁଷୁରି ମାଂସ ଥିବା ଖାଦ୍ୟ ପରିବେଷଣ କରିବାକୁ ଚାହୁଁନାହାନ୍ତି। ସେମାନଙ୍କ ଦାବି ପ୍ରତି କମ୍ପାନୀ କର୍ଣ୍ଣପାତ ନ କରି ଗୋମାଂସ ଓ ଘୁଷୁରି ମାଂସ ପରିବେଷଣ ଲାଗି ବାଧ କରୁଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି।





### ଅଗଷ୍ଟ ୧୨ର ପ୍ରମୁଖ ଘଟଣା

୧୯୭୮ ଅଗଷ୍ଟ ୧୨ରେ ଜାପାନ ଓ ପିପୁଲ୍ସ ରିପବ୍ଲିକ୍ ଅଫ୍ ଚାଇନା ମଧ୍ୟରେ ଶାନ୍ତି ଓ ବନ୍ଧୁତ୍ୱ ସନ୍ଧି ହୋଇଥିଲା। ବେଜିଂରେ ଏହି ସନ୍ଧିରେ ଚାଇନାର ବହିର୍ବ୍ୟାପାର ମନ୍ତ୍ରୀ ହୁଆଙ୍ଗ ହୁଆ ଏବଂ ଜାପାନ ପ୍ରତିପକ୍ଷ ସୁନାଓ ସୋନୋଡା ସ୍ୱାକ୍ଷର କରିଥିଲେ ଏବଂ ସେହିବର୍ଷ ଅକ୍ଟୋବର ୨୩ରୁ କାର୍ଯ୍ୟକାରୀ ହୋଇଥିଲା। ଫଳରେ ଦୁଇ ଦେଶର ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କର ନୂଆ ଅଧ୍ୟାୟ ସୃଷ୍ଟି ହୋଇଥିଲା।

୧୯୮୫ ଅଗଷ୍ଟ ୧୨ରେ ଜାପାନ ଏୟାରଲାଇନ୍ସର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୫୨୦ ଜଣଙ୍କ ମୃତ୍ୟୁ ହୋଇଥିଲା। ଟୋକିଓର ହାନେଡା ବିମାନବନ୍ଦରରୁ ଓସାକା ଅନ୍ତର୍ଜାତୀୟ ଏୟାରପୋର୍ଟ ଅଭିମୁଖେ ଯାଉଥିବା ବୋଇଂ ୭୪୭-୧୪୬ଏସ୍‌ଆର ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ତାହା ଉଡାଣର ୩୨ ମିନିଟ ପରେ ଟକମାଗାହରା ପର୍ବତଶୃଙ୍ଗରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଯୁଦ୍ଧପ୍ରିୟ ନୁହେଁ, ଦେଶଭକ୍ତ

**ଲସ୍ ଆଞ୍ଜେଲ୍ସ :** ମୁଁ ଯୁଦ୍ଧପ୍ରିୟ ନୁହେଁ, ବରଂ ଜଣେ ସଚ୍ଚୋଟ ଦେଶଭକ୍ତ ବୋଲି ଆମେରିକାର ଲସ୍ ଆଞ୍ଜେଲ୍ସରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ଅବସରରେ ଜଣେ ପାକିସ୍ତାନୀ ମହିଳା ପ୍ରଶଂସକଙ୍କ ପ୍ରଶ୍ନର ଉତ୍ତର ଦେଇ ଭାରତୀୟ ସିନେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କହିଛନ୍ତି।

ଜାତିସଂଘର ଗୁଡ୍‌ଉିଲ୍ ଆମ୍ବାସାଡର ହୋଇ ପ୍ରିୟଙ୍କା ପାକିସ୍ତାନ ବିପକ୍ଷରେ ଅଣୁଯୁଦ୍ଧକୁ ପ୍ରୋତ୍ସାହନ କରୁଥିବା ପାକିସ୍ତାନ ମହିଳା ପ୍ରଶଂସକ ଅଭିଯୋଗ କରିଥିଲେ। ପ୍ରକାଶଥାଉ କି, ପାକିସ୍ତାନର ବାଲାକୋଟ୍‌ସ୍ଥିତ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ଯୁଦ୍ଧବିମାନର ସଫଳ ଆକ୍ରମଣ ପରେ ଗତ ଫେବୃୟାରୀ ୨୬ରେ ପ୍ରିୟଙ୍କା ଟୁଇଟ୍ କରି ଭାରତୀୟ ବାୟୁସେନାକୁ ଅଭିନନ୍ଦନ ଜଣାଇଥିଲେ। ଏହାକୁ ନେଇ ଲସ୍ ଆଞ୍ଜେଲ୍ସରେ ପାକିସ୍ତାନ ମହିଳା ଜଣକ କହିଥିଲେ, ସେ ପ୍ରିୟଙ୍କାଙ୍କ ଜଣେ ବଡ଼ ପ୍ରଶଂସକ ହୋଇଥିଲେ ହେଁ ତାଙ୍କର ଏଭଳି ଟୁଇଟ୍ କରିବା ଠିକ୍ ନ ଥିଲା। ତେବେ ସେ ଯୁଦ୍ଧକୁ ଉତ୍ସାହିତ କରୁନାହାନ୍ତି କି ଯୁଦ୍ଧପ୍ରିୟ ନୁହନ୍ତି ବୋଲି ପ୍ରଶ୍ନର ଉତ୍ତର ଦେଇ ପ୍ରିୟଙ୍କା କହିଥିଲେ।



ପ୍ରିୟଙ୍କା ଚୋପ୍ରା

# ୪ ରାଜ୍ୟରେ ବନ୍ୟା ନେଲାଣି ୧୪୦ ଜୀବନ

ଥିରୁଭାନନ୍ତପୁରମ୍ / ବେଙ୍ଗାଲୁରୁ,୧୧।୮(ପି.ଟି.)

**କେରଳରେ ରାହୁଲ, କର୍ନାଟକରେ ଶାହ କଲେ ସ୍ଥିତି ସମୀକ୍ଷା**

ଲାଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତି ଭୟଙ୍କର ହୋଇପଡ଼ିଛି। କେରଳ, କର୍ନାଟକ, ମହାରାଷ୍ଟ୍ର, ଗୁଜରାଟରେ ସ୍ଥିତି ଗମ୍ଭୀର ରହିଥିବାବେଳେ ମୃତ୍ୟୁସଂଖ୍ୟା ୧୪୦ ଟପିଛି। କେରଳରେ ଅଗଷ୍ଟ ୮ରୁ ଅଦ୍ୟାବଧି ଏହି ବନ୍ୟାରେ ୬୪ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। ରାଜ୍ୟର ପ୍ରାୟ ୨ ଲକ୍ଷ ୨୭ ହଜାର ଲୋକ ବିଭିନ୍ନ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଉଛନ୍ତି। ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ରବିବାର ସକାଳେ ବରିଷ୍ଠ ଅଧିକାରୀଙ୍କ ସହ ବନ୍ୟାସ୍ଥିତି ସମୀକ୍ଷା କରିଛନ୍ତି। ବର୍ଷା କମିଥିଲେ ହେଁ ଭୂସ୍ଖଳନର ଆଶଙ୍କା ଥିବାରୁ ଲୋକଙ୍କୁ ସତର୍କ ରହିବା ଲାଗି ପ୍ରଶାସନ ପକ୍ଷରୁ କୁହାଯାଇଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କନ୍ନୁର, କାସରାଗଡ଼ ଓ ଓ୍ୱାୟନାଡ଼ ଜିଲାରେ ରେଡ୍‌ଆଲର୍ଟ ଜାରି କରାଯାଇଛି। ବିଭିନ୍ନ ଡ୍ୟାମ୍‌ରେ ଜଳସ୍ତର ବୃଦ୍ଧି ଚିନ୍ତାର କାରଣ ନୁହେଁ ବୋଲି ବିଜୟନ୍ ପ୍ରକାଶ କରିଛନ୍ତି। ଓ୍ୱାୟନାଡ଼ ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ଅପରାହ୍ନରେ ଦୁଇଦିନିଆ କେରଳ ଗସ୍ତରେ ଆସି କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳଙ୍କ ସହ ସ୍ଥିତି ସମୀକ୍ଷା ଆରମ୍ଭ କରିଛନ୍ତି। ନିଜ ନିର୍ବାଚନମଣ୍ଡଳୀ ଓ୍ୱାୟନାଡ଼ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ସେ ବିଭିନ୍ନ ରିଲିଫ କ୍ୟାମ୍ପ ଯିବାର କାର୍ଯ୍ୟକ୍ରମ ରହିଛି। କୋଟ୍ଟାକାଲ୍, ନିଲମ୍ବୁର, ମମ୍ବାଦ୍, ଇଙ୍କ୍ଷାଭାନାପାର ରିଲିଫ କ୍ୟାମ୍ପ ବୁଲିଦେଖିବା ପରେ ମାଲାପୁରମ୍‌ଠାରେ ଏକ ସମୀକ୍ଷା ବୈଠକରେ ଯୋଗଦେବେ। ସୋମବାର ସେ ଓ୍ୱାୟନାଡ଼ର ବିଭିନ୍ନ କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଦୁଇଦିନ ବନ୍ଦ ରହିବା ପରେ ରବିବାର ଅପରାହ୍ନରେ କୋଚି ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇଛି। ତେବେ କେତେକ ରେଳସେବା ବନ୍ଦ ରହିଛି। ନୌସେନା, ତଟରକ୍ଷୀ ବାହିନୀ, ଏନ୍‌ଡିଆର୍‌ଏଫ୍, ସ୍ଥାନୀୟ ପୋଲିସ, ସ୍ୱେଚ୍ଛାସେବୀମାନେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ପ୍ରକାଶ।

ସେହିଭଳି କର୍ନାଟକରେ ଗତ ୪ ଦିନ ଭିତରେ ରାଜ୍ୟରେ ବନ୍ୟା ମୃତ୍ୟୁସଂଖ୍ୟା ୩୩କୁ ବୃଦ୍ଧି ପାଇଥିବାବେଳେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ରବିବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ଆକାଶ ମାର୍ଗରୁ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ବୁଲିଦେଖିଛନ୍ତି। ଏକ ସ୍ୱତନ୍ତ୍ର ବିମାନରେ ଶାହ ଆସି ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ବେଳାଗାଭି ଅଞ୍ଚଳର ସ୍ଥିତି ସମୀକ୍ଷା କରିଥିଲେ। ତାଙ୍କ ସହ ରାଜ୍ୟ ମୁଖ୍ୟମନ୍ତ୍ରୀ ବି.ଏସ୍.ୟେଦୁରପ୍ପା, କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀ, ସୁରେଶ ଅଙ୍ଗଦି, ଏମ୍‌ପି ପ୍ରଭାକର କୋରେ, ବିଧାୟକ ଉମେଶ କାଟ୍ଟୀ ଥିଲେ। ରାଜ୍ୟର ୧୭ ଜିଲା ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବାବେଳେ ବେଳଗାଭିକୁ ଛାଡ଼ି ବାଗଲ୍‌କେଟେ, ଗଡ଼କ୍, ଉତ୍ତର କନ୍ନଡ଼ ରାଇଚୁର, ୟାଦିଗିର୍, ଦକ୍ଷିଣ କନ୍ନଡ଼, ଉଡୁପି, ଚିକ୍କାମାଗାଲୁରୁ, କୋଡ଼ାଗୁ ଜିଲା କ୍ଷତିଗ୍ରସ୍ତ ହୋଇଥିବା ପ୍ରକାଶ। ଗୁଜରାଟରେ ମଧ୍ୟ ସ୍ଥିତି ଜଟିଳ ରହିଛି। ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡ଼ିଥିବାବେଳେ ମୃତ୍ୟୁସଂଖ୍ୟା ରାଜ୍ୟରେ ୩୨ରେ ପହଞ୍ଚିଛି। ସୌରାଷ୍ଟ୍ର ଓ କଚ୍ଛରେ ବର୍ଷାର ତାଣ୍ଡବ ଜାରିରହିଛି। ସମୁଦ୍ରକୁ ଯାଇଥିବା ୨୦ ମତ୍ସ୍ୟଜୀବୀଙ୍କ ପତ୍ତା ଏପର୍ଯ୍ୟନ୍ତ ମିଳିନାହିଁ। ଭାରତୀୟ ପାଣିପାଗ ବିଭାଗ ଆଗାମୀ ୨୪ ଘଣ୍ଟା ଲାଗି ସତର୍କ ସୂଚନା ଜାରି କରିଥିବାରୁ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ମହାରାଷ୍ଟ୍ରରେ ବର୍ଷାଜନିତ ମୃତ୍ୟୁସଂଖ୍ୟା ୧୪ରେ ପହଞ୍ଚିଥିବାବେଳେ ପରିସ୍ଥିତି ଉଗ୍ରରୂପ ଧାରଣ କରିଛି।


LOVED IN 70 COUNTRIES
BAJAJ
THE WORLD'S FAVOURITE INDIAN
BAJAJ
ମହଙ୍ଗାଇ ରୁ ମୁକ୍ତି
ସଗର୍ବେ ନେଇ ଯାଆନ୍ତୁ ନିଜ ଯାନ ମାତ୍ର ₹999/-* ରେ ।
ଡାଉନ୍ ପେମେଣ୍ଟ
₹999/-*
CT
ଡାଉନ୍ ପେମେଣ୍ଟ
₹1 199/-*
PLATINA
ଡାଉନ୍ ପେମେଣ୍ଟ
₹4 999/-*
pulsar
ନ୍ୟୁନ ଡାଉନ୍ ପେମେଣ୍ଟ Discover ଓ Avenger ଲାଗି ମଧ୍ୟ ମିଳୁଛି ।
ସ୍କିମ୍ 31 ଅଗଷ୍ଟ 2019 ପର୍ଯ୍ୟନ୍ତ ବୈଧ ।
Call 7219821111 | For Institutional / Bulk orders, please send an e-mail to corporatesales@bajajauto.co.in
ସର୍ତ୍ତ ଓ ନିୟମାବଳୀ ଲାଗିବ । ବିଶଦ ବିବରଣୀ ପାଇଁ ଦେଖନ୍ତୁ www.bajajauto.com/999offer । ସ୍କିମ୍ ବଜାଜ ଅଟୋ ଫାଇନାନ୍ସ ସହିତ CT, Platina, Pulsar 150, Discover ଓ Avenger ର ସବୁ ମଡେଲ ସକାଶେ ବୈଧ, କେବଳ ବଛା ବଛା ଅଞ୍ଚଳରେ । ବତାଯାଇଥିବା ରାଶି ଯଥାକ୍ରମେ CT, Platina ଓ Pulsar ପାଇଁ ଅନ୍ୟୂନ ଡାଉନ୍ ପେମେଣ୍ଟ ଅଟେ । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ବଜାଜ ଅଟୋ ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫରକୁ ସୁଧାରିବାର ବା କାଢ଼ିନେବାର ଅଧିକାର ସଂରକ୍ଷିତ ରଖୁଛି ।
BAJAJ FINANCE LTD - AF
Authorised Dealers for BAJAJ Auto Ltd.: Sambalpur: UJJWAL BAJAJ 9853155550 • Rourkela: RM BAJAJ 90780 83803 • Baragrh CHANDAN BAJAJ 7381415555 • Bolangir URBASI BAJAJ 7381052046 • Bhawanipatna KALINGA BAJAJ 8895088261 • Jharsuguda UTKAL BAJAJ 7205535008. Authorised Service Centre: Binika 9437151684, Dunguripali 9937006819, Boudh 7978833033, Kuchinda 9437392099, Titilagarh 9437224027, Patnagarh 9937301752, Kantabanji 9439277555, Padampur 9437417977, Gaisilet 9937517018, Barpali 9861368656, Junagarh 9437092196, Muniguda 9437459090, Rajkhariar 9437072917, Udyanbandh 9556386416, Khariar Road 9437188542, Brajrajnagar 9437050949, Bamara 9937108643, Bagdhi 7873430989,Kuchinda 9437392099, Deogarh 9437020444, Rajgangpur 8908908901, Ujjwalpur 9178463828, Diptipur- 7750039856, Godbhaga – 9937514987, Saintala-8114662939 / 9658030100, Kesinga- 6371162632.



ଯାହାର ଆଖି ନଷ୍ଟ ହୋଇଯାଉଛି, ସେ ଅନ୍ଧ ନୁହେଁ। ଯେ ନିଜର ଦୋଷ ଘୋଡାଏ ସେ ଅନ୍ଧ।
- ନେତାଜୀ ସୁଭାଷଚନ୍ଦ୍ର ବୋଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ........................



ଠାକୁର ଦାସ ଭୋଜୱାନୀ
ପରିବାରବର୍ଗ



ସୋନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଚାଷୀଙ୍କ ଖେତରେ କୀଟନାଶକ ସିଞ୍ଚନ କଲେ ବିଧାୟକ

ନବରଙ୍ଗପୁର,୧୧।୮(ବି.ପ୍ର.)

ମକା ଫସଲରେ ପୋକା ଯାହାକୁ ନେଇ ନବରଙ୍ଗପୁର ଜିଲାର ଚାଷୀ ଚିନ୍ତାରେ ରହିଛନ୍ତି। କୃଷି ବିଭାଗ ପକ୍ଷରୁ ମକା ଚାଷୀଙ୍କୁ ଏଯାଏ ସବସିଡି ମାଧ୍ୟମରେ କୀଟନାଶକ ଔଷଧ ମିଳି ନାହିଁ ଏହା ଜାଣିବା ପରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଶନିବାର ଓ ରବିବାର ଉମରକୋଟ ବ୍ଲକର ଚାଷୀଙ୍କୁ ଭେଟିବା ସହ ମକା ଖେତଗୁଡିକ ବୁଲି ଦେଖିଥିଲେ। ଚାଷୀଙ୍କ ପରିଶ୍ରମ ଓ ଚିନ୍ତାକୁ ଦେଖି ଚାଷୀ କାନ୍ଧରୁ ମେସିନ ଆଣି ନିଜେ ମକା ଖେତରେ କୀଟନାଶକ ଔଷଧ ଦୀର୍ଘ ସମୟ ଧରି ସିଞ୍ଚନ କରିଥିଲେ। ଖେତରେ ଔଷଧ ସିଞ୍ଚନ କରି ଚାଷୀଙ୍କ ପ୍ରକୃତ ବନ୍ଧୁ ସାଜିବାର ଉଦାହରଣ ସୃଷ୍ଟି କରିଛନ୍ତି। କୃଷକଙ୍କ ବନ୍ଧୁ ସାଜି ସେମାନଙ୍କ ସମସ୍ୟା ବୁଝିବା ସହ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ସହିତ ଆଲୋଚନା କରିଛନ୍ତି। ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ କୀଟନାଶକ ଔଷଧ ତୁରନ୍ତ ଯୋଗାଇ ନ ଦିଆଯାଏ ତେବେ ଚାଷୀ କ୍ଷତି ସହିବା ସହ ମକା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ ବୋଲି ବିଧାୟକ କହିଛନ୍ତି।

**ବନ ବିଭାଗର ହାତୀ ସୁରକ୍ଷା ଫେଲ୍**

# ୮ବର୍ଷରେ ମଲେଣି ୫୪୮ ହାତୀ

ଅସମାପିକା ସାହୁ
ଭୁବନେଶ୍ୱର, ୧୧।୮

ଆଜି ବିଶ୍ୱ ହସ୍ତୀ ଦିବସ। ଐତିହ୍ୟ ପ୍ରାଣୀ ହାତୀଙ୍କ ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨କୁ ହସ୍ତୀ ଦିବସ ଭାବେ ପାଳନ କରାଯାଇ ଆସୁଛି। ୨୦୧୨ରୁ ଆରମ୍ଭ ହୋଇଥିବା ଏହି ଦିବସଟିକୁ ହାତୀଙ୍କ ପାଇଁ ଉତ୍ସର୍ଗ କରାଯାଇଛି। ସଚେତନତା ସୃଷ୍ଟି ସହ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ହାତୀଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ଓଡ଼ିଶାରେ ଏହାର ବାସ୍ତବତାକୁ ନେଇ ବଡ଼ ପ୍ରଶ୍ନ ଉଠିଛି। ବର୍ଷ ବର୍ଷ ଧରି ହାତୀ-ମଣିଷ ଲଢ଼େଇ ଜାରି ରହିଥିବାବେଳେ କେତେବେଳେ ହାତୀ ତ ପୁଣି କେବେ ମଣିଷର ଜୀବନ ଯାଉଛି। ସେହିଭଳି ଟ୍ରେନ୍ ଧକ୍କା, ବିଦ୍ୟୁତ୍ ଆଘାତରେ ବହୁ ହାତୀଙ୍କ ମୃତ୍ୟୁ ଘଟିଥିବା ନଜିର ରହିଛି। ରାଜ୍ୟରେ ହାତୀ ଶିକାର ମଧ୍ୟ ବଢ଼ି ଚାଲିଛି। ପ୍ରାକୃତିକ ବାସସ୍ଥଳ ଅଭାବ ହାତୀବଂଶ ପାଇଁ ବିପଦ ସାଜିଛି। ବହୁ ହାତୀ ଶାବକଙ୍କ ଅକାଳ ମୃତ୍ୟୁ ମଧ୍ୟ ଘଟୁଛି। ଏପରିସ୍ଥଳେ ସୁରକ୍ଷା ଦାୟିତ୍ୱରେ ଥିବା ବନ ବିଭାଗ ଫେଲ୍ ମାରିଥିବା ବାରିହୋଇପଡୁଛି। ଏମିତି ପ୍ରସଙ୍ଗକୁ ନେଇ ହସ୍ତୀ ଦିବସ ଉପଲକ୍ଷେ ଧରିତ୍ରୀର ସ୍ୱତନ୍ତ୍ର ଉପସ୍ଥାପନା।



**ଆଜି ବିଶ୍ୱ ହସ୍ତୀ ଦିବସ**

ଦିନ ଥିଲା ଓଡ଼ିଶାକୁ ହାତୀଙ୍କ ଭୂସ୍ୱର୍ଗ କୁହାଯାଉଥିଲା। ଏବେ କିନ୍ତୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ରାଜ୍ୟରେ ହାତୀ ବଂଶ ବୃଦ୍ଧି ପାଉଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୧୨ ଗଣନାରେ ହାତୀ ସଂଖ୍ୟା ୧୯୩୦ ଥିବାବେଳେ ୨୦୧୫ରେ ୧୯୫୪ ଓ ୨୦୧୭ରେ ଏହା ବୃଦ୍ଧି ପାଇ ୧୯୭୬ରେ ପହଞ୍ଚିଛି। ହାତୀ ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନାରେ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। ଏହାସତ୍ତ୍ୱେ ପ୍ରତିବର୍ଷ ବିଭିନ୍ନ କାରଣରୁ ହାତୀଙ୍କ ମୃତ୍ୟୁ ଘଟୁଛି। ଗତ ୮ବର୍ଷରେ ରାଜ୍ୟରେ ମୋଟ ୫୪୮ହାତୀ ମରିଛନ୍ତି। ୨୦୧୧-୧୨ରେ ୬୮ ହାତୀ ମରିଥିବାବେଳେ ୨୦୧୨-୧୩ରେ ୮୨, ୨୦୧୩-୧୪ରେ ୭୦, ୨୦୧୪-୧୫ରେ ୫୫, ୨୦୧୫-୧୬ରେ ୮୫, ୨୦୧୬-୧୭ରେ ୭୫, ୨୦୧୭-୧୮ରେ ୭୮ ଓ ୨୦୧୮-୧୯ରେ ୩୫ ହାତୀଙ୍କ ମୃତ୍ୟୁ ଘଟିଥିବା ସରକାରୀ ରିପୋର୍ଟ କହୁଛି।

ରିପୋର୍ଟ ଅନୁସାରେ, ଶିକାରରେ ୩୦ ହାତୀ ମରିଥିବାବେଳେ ବିଷଜନିତ କାରଣରୁ ୯, ବିଦ୍ୟୁତ୍ ଆଘାତରେ ୭୦ ହାତୀଙ୍କ ଜୀବନ ଯାଇଛି। ତେବେ ବିଦ୍ୟୁତ୍‌ଜନିତ ମୃତ୍ୟୁ ଦୁଇ ପ୍ରକାର ହୋଇଥାଏ। ଗୋଟିଏ ଆକସ୍ମିକ ଓ ଅନ୍ୟଟି ଉଦ୍ଦେଶ୍ୟମୂଳକ। ୨୮ ହାତୀ ଆକସ୍ମିକ ଭାବେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରୁ ମୃତ୍ୟୁ ଘଟିଛି। ଆଉ ୪୨ ହାତୀଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବିଦ୍ୟୁତ୍ ଆଘାତରେ ମାରି ଦିଆଯାଇଛି। ସେହିପରି ୧୦୬ ହାତୀଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଏଥି ମଧ୍ୟରେ ଟ୍ରେନ ଦୁର୍ଘଟଣାରେ ୨୨, ରାସ୍ତା ଦୁର୍ଘଟଣାରେ ୨ ଓ ଅନ୍ୟ ଦୁର୍ଘଟଣା(ହାତୀ ହାତୀ ମଧ୍ୟରେ ଆକ୍ରମଣ, ଉଚ୍ଚ ସ୍ଥାନରୁ ଖସିପଡ଼ି)ରେ ୮୨ ହାତୀ ମରିଛନ୍ତି। ଅନ୍ୟପକ୍ଷରେ ରୋଗରେ ମୋଟ ୧୫୬ ହାତୀ ମରିଛନ୍ତି। ସେଥିମଧ୍ୟରୁ ଆନ୍ଥ୍ରାକ୍ସରେ ୩୧ ଓ ଅନ୍ୟ ରୋଗରେ ୧୨୫ ହାତୀଙ୍କର ମୃତ୍ୟୁ ଘଟିଛି। ୭୨ ହାତୀଙ୍କ ପ୍ରାକୃତିକ ବା ସ୍ୱାଭାବିକ ମୃତ୍ୟୁ ଘଟିଥିବାବେଳେ ଆଉ ୧୦୫ ହାତୀଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

ତେବେ ବେସରକାରୀ ତଥ୍ୟରେ ହାତୀ ମୃତ୍ୟୁ ସଂଖ୍ୟା ଢ଼େର୍ ଅଧିକ ରହୁଛି। ଓଡ଼ିଶା ୱାଇଲ୍ଡ ଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍‌ଓ)ର ତଥ୍ୟ ଅନୁସାରେ, ୮ବର୍ଷ ମଧ୍ୟରେ ୯୩ ହାତୀଙ୍କର ବିଦ୍ୟୁତଜନିତ ମୃତ୍ୟୁ ହୋଇଥିବାବେଳେ ଟ୍ରେନ ଦୁର୍ଘଟଣାରେ ୨୫, ଶିକାରରେ ୮୨ ହାତୀ ମରିଛନ୍ତି। ଓଡ଼ିଶାରେ ହାତୀ ମୃତ୍ୟୁକୁ ନେଇ ଡବ୍ଲ୍ୟୁଏସ୍‌ଓର ମୁଖ୍ୟ ବିଶ୍ୱଜିତ୍ ମହାନ୍ତି କୁହନ୍ତି, ରାଜ୍ୟ ସରକାର ହାତୀ ସଂଖ୍ୟା ବଢ଼ିଲେ ଠିକ୍ ରିପୋର୍ଟ ଦିଅନ୍ତି, କିନ୍ତୁ ମୃତ୍ୟୁ ରିପୋର୍ଟ ଭୁଲ୍ ଦିଅନ୍ତି। ଜଙ୍ଗଲରେ ହାତୀ ମରି ପଚି ମାଟିରେ ମିଶିଯାଉଛନ୍ତି। କିନ୍ତୁ ବନ ବିଭାଗ ତାହା ଜାଣିପାରୁ ନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମକୁ ଆସୁ ନ ଥିବା ହାତୀ ମୃତ୍ୟୁକୁ ଲୁଚାଇ ଦିଆଯାଉଛି। ଦାୟିତ୍ୱରେ ରହୁଥିବା ସ୍ଥାନୀୟ ଅଧିକାରୀମାନେ ମଧ୍ୟ ବହୁ ସମୟରେ ଉଚ୍ଚ କର୍ତ୍ତୃପକ୍ଷ ବା ସରକାରଙ୍କୁ ଜଣାଇ ନ ଥାନ୍ତି। ବାସ୍ତବରେ ହାତୀକୁ ସୁରକ୍ଷା ଦେବା ପାଇଁ ବିଭାଗର ଆନ୍ତରିକତା ନାହିଁ। ଏବେ ବି ଅନେକ ହାତୀ ଶିକାର ହେଉଛି ଓ ବହୁ ହାତୀର ମୃତ୍ୟୁର କାରଣ ଜଣାପଡୁନାହିଁ। ତେଣୁ ସରକାର ପ୍ରତ୍ୟେକ ହାତୀ ମୃତ୍ୟୁର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ଉଚିତ। ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ। ଯେପର୍ଯ୍ୟନ୍ତ ଶିକାରୀ ବା ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ହୋଇଛି ସେ ପର୍ଯ୍ୟନ୍ତ ଶିକାର ହେଉଥିବ। ଅନ୍ୟପକ୍ଷରେ ହାତୀ ମୃତ୍ୟୁ ଘଟଣାରେ ଅଭିଯୁକ୍ତମାନେ କିଛି ଦିନ ଜେଲ୍‌ରେ ରହିବା ପରେ ପ୍ରମାଣ ଅଭାବରୁ ଖସି ଯାଉଛନ୍ତି। ଆଉ ତା'ପରେ ପୁଣି ସେମାନେ ସେହି କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ତେଣୁ ବିଭାଗ ଏ ଦିଗରେ ଗୁରୁତ୍ୱ ଦେବା ଉଚିତ ବୋଲି ମହାନ୍ତି କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଇଦ୍‌ରେ...

ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ଆତଙ୍କବାଦୀ ସକ୍ରିୟ ଥିବା ଜମ୍ମୁ-କଶ୍ମୀରର ବିଭିନ୍ନ ଅଞ୍ଚଳ ଗସ୍ତ କରି ନିରାପତ୍ତା ସ୍ଥିତି ଅନୁଧ୍ୟାନ କରୁଥିବାବେଳେ ରାଜ୍ୟପାଳ ସତ୍ୟପାଲ ମଲିକ୍ ପ୍ରଶାସନିକ ଅଧିକାରୀଙ୍କୁ ନେଇ ମାରାଥନ୍ ବୈଠକ କରି ଉପଯୁକ୍ତ ପଦକ୍ଷେପ ପାଇଁ ନିର୍ଦ୍ଦେଶ ଦେଉଛନ୍ତି। ସ୍ୱାଧୀନତା ଦିବସରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ଥିବାରୁ ସୁରକ୍ଷା ବ୍ୟବସ୍ଥାରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହେବ ସେଥିପାଇଁ ସୁରକ୍ଷା ବଳର କଡ଼ା ନଜରରେ ରହିଛି ସମଗ୍ର

**କଂଗ୍ରେସ ଓ ବିଜେଡି ଉପରେ ବର୍ଷିଲେ ଚୌହ୍ୱାନ**

# ପ୍ରସଙ୍ଗ ଭିତ୍ତିରେ ସମର୍ଥନ ଜଣାଇଲେ

ଭୁବନେଶ୍ୱର,୧୧।୮(ବ୍ୟୁରୋ)

ଦୁଇଦିନିଆ ରାଜ୍ୟ ଗସ୍ତରେ ଆସି କଂଗ୍ରେସ ଏବଂ ବିଜେଡି ଉପରେ ବର୍ଷିଛନ୍ତି ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ। କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ଭାବେ ସୋନିଆ ଗାନ୍ଧୀଙ୍କୁ ଦାୟିତ୍ୱ ମିଳିବା ଘଟଣାକୁ ସେ ନିନ୍ଦା କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ସମାଲୋଚନା କରିବା ସହିତ କେନ୍ଦ୍ରର କେତେଗୁଡ଼ିଏ ଯୋଜନା ରାଜ୍ୟରେ ଲାଗୁ କରା ନ ଯିବା କଥା ଉଠାଇ ଚୌହ୍ୱାନ ପ୍ରବଳ ବର୍ଷିଥିଲେ। ଭାଜପା ରାଜ୍ୟରେ ସରକାରକୁ ଆସିଲେ ବିକାଶ ନିଶ୍ଚିତ ବୋଲି ସେ ଯୁକ୍ତି ବାଢ଼ିଛନ୍ତି। ତେବେ ପ୍ରସଙ୍ଗ ଭିତ୍ତିରେ ଭାଜପା ଓ ବିଜେଡି ମଧ୍ୟରେ ସମର୍ଥନ ରହୁଥିବା କଥାକୁ ଚୌହାନ ସ୍ୱୀକାର କରିଛନ୍ତି। ଓଡ଼ିଶାର ଗୋଟିଏ ରାଜ୍ୟ ସଭା ଆସନ ଭାଜପା ହାତରେ ଟେକିଦେବା ଏବଂ ପାର୍ଲାମେଣ୍ଟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଲ୍‌କୁ ବିଜେଡି ସମର୍ଥନ ଦେବା ଘଟଣାକୁ ନେଇ ଚୌହ୍ୱାନଙ୍କୁ ପ୍ରଶ୍ନ କରାଯାଇଥିଲା। ଏପରିକି ବିହାରର ନୀତୀଶ କୁମାରଙ୍କ ସରକାର ଦୂରେଇବା ପରେ ବିଜେଡି ଓ ଏନ୍‌ଡିଏ ମଧ୍ୟରେ ମେଣ୍ଟ ହେବ କି ବୋଲି ପଚରାଯିବାରୁ ଚୌହ୍ୱାନ କହିଛନ୍ତି ଯେ, ବିକାଶ କ୍ଷେତ୍ରରେ ଯଦି କିଏ ସହଯୋଗ କରୁଛି ତେବେ ସେମାନେ ଆମର ଶତ୍ରୁ ନୁହଁନ୍ତି। ତେବେ ଓଡ଼ିଶାରେ ଆମେ ଏକା ଚାଲିବୁ ଏବଂ ଏକା ହିଁ ଲଢ଼ିବୁ ବୋଲି ସେ କହିଛନ୍ତି।

ଭାଜପା ସଦସ୍ୟତା ଅଭିଯାନ ପ୍ରମୁଖ ଚୌହ୍ୱାନ ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ଓଡ଼ିଶାରେ ବିଜେଡି ଶାସନ ଦୀର୍ଘଦିନ ହେଲା ଚାଲିଛି। କହିବାକୁ ଖରାପ ଲାଗୁଛି, ଓଡ଼ିଶାର ଗରିବୀ ପାଇଁ ପ୍ରଥମେ କଂଗ୍ରେସ ଏହାପରେ ବିଜେଡି ଦାୟୀ। ରାଜ୍ୟରେ ଭରପୂର ଜଳ ଥିଲେ ମଧ୍ୟ ଏଠାରେ ସବୁ ଜମି ଜଳସେଚିତ ନୁହେଁ। ଚାଷୀଙ୍କ ପାଇଁ କାଳିଆ ଯୋଜନା କରିଥିବା କଥା ଏଠିକା ସରକାର କହୁଛନ୍ତି। କିନ୍ତୁ ଏହି ଯୋଜନାକୁ ନେଇ ନିଜେ ନିଜର ପ୍ରଶଂସା କରିଚାଲିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କାଳିଆ ଯୋଜନାରେ ୫ ହଜାର ଟଙ୍କା ଲେଖା ଡିବିଟି ମାଧ୍ୟମରେ ପଠାଇଥିବା କହୁଛନ୍ତି। ମାତ୍ର ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ପାଇଁ ତାଲିକା ଦେଉନାହାନ୍ତି। ଏ ପର୍ଯ୍ୟନ୍ତ କାହିଁକି ତାଲିକା ଦେଉନାହାନ୍ତି ତା'ର ଉତ୍ତର ରଖନ୍ତୁ। କାଳିଆ ଟଙ୍କା ଯଦି ଦେଲ ତେବେ କେନ୍ଦ୍ରକୁ ତାଲିକା ଦେବାରେ ଅସୁବିଧା କେଉଁଠି ରହିଲା। କାଳେ କେନ୍ଦ୍ର ଯୋଜନାରେ ଚାଷୀଙ୍କୁ ଟଙ୍କା ମିଳିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା ମିଳିଯିବ ସେହି ଭୟରେ ରାଜ୍ୟ ସରକାର ତାଲିକା ଦେଉନାହାନ୍ତି। ଏନେଇ ସରକାର ଶ୍ୱେତପତ୍ର ପ୍ରକାଶ କରନ୍ତୁ। ୨୦ ବର୍ଷ ମଧ୍ୟରେ ରାଜ୍ୟର ସବୁ ଜମିରେ ସିଞ୍ଚାଇ ବଢ଼ିନାହିଁ। ସ୍ୱଚ୍ଛ ଭାରତ ଯୋଜନାରେ ରାଜ୍ୟ ସରକାର କେନ୍ଦ୍ରର ଟଙ୍କାକୁ ହଡ଼ପ କରୁଛନ୍ତି। ଯେତିକି ପାଇଖାନା ରାଜ୍ୟରେ କରିବା ପାଇଁ ଆସିଥିଲା ତାହା କେବଳ କାଗଜ ପତ୍ରରେ କରି ଭୁଲ ତଥ୍ୟ ଦେଉଛନ୍ତି। ଆୟୁଷ୍ମାନ ଯୋଜନା ଲାଗୁ କରାଯାଉ ନାହିଁ। ଓଡ଼ିଶାରେ ଭାଜପା ସରକାର ଆସିଲେ ହିଁ ବିକାଶ ସୁନିଶ୍ଚିତ କରିବ। ନିକଟରେ ଶେଷ ହୋଇଥିବା ଭୋଟରେ ବିଧାନସଭା କ୍ଷେତ୍ରରେ ମୋଟ ୩୩.୪ ପ୍ରତିଶତ ଭୋଟ ମିଳିଛି। ଲୋକ ସଭା ଭୋଟରେ ୩୮.୪ ପ୍ରତିଶତ ଦଳକୁ ମିଳିଛି। ବର୍ତ୍ତମାନ ଦଳ ପକ୍ଷରୁ ସଦସ୍ୟତା ଅଭିଯାନ ଆରମ୍ଭ ହୋଇଛି। ଓଡ଼ିଶାରେ ଯେତେସବୁ ପ୍ରତିଭା ରହିଛି ସେମାନଙ୍କୁ ଏହି ଅଭିଯାନ ମାଧ୍ୟମରେ ଯୋଡ଼ିବାକୁ ଚାହୁଁଛୁ ବୋଲି ଚୌହାନ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କୃତ୍ତିକା ନକ୍ଷତ୍ର ମେଷରାଶି ବ୍ୟକ୍ତିଙ୍କୁ ଆଶା କରୁଥିବା ଦିଗରୁ ସାହାଯ୍ୟ ମିଳିବ। ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଅର୍ଥଲାଭ, ଶାରୀରିକ ସୁସ୍ଥତା, ବନ୍ଧୁଙ୍କ ପରାମର୍ଶ ଯୋଗୁ ମନ ଖୁସି ରହିବ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାବଧାନ ରହିବା ଭଲ।

**ବୃଷ** ରୋହିଣୀ ନକ୍ଷତ୍ର ବୃଷରାଶି ଆଜି ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭ କରିବେ। ପ୍ରିୟବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିପାରନ୍ତି। ସଭାସମିତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆକସ୍ମିକ ସମସ୍ୟା ହେତୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ।

**ମିଥୁନ** ଆଜି ଆରଦ୍ରା ନକ୍ଷତ୍ର ମିଥୁନ ରାଶି ପାଇଁ ହଠାତ୍ ପରିସ୍ଥିତି ବଦଳିଯିବ। ସକାଳୁ ସକାଳୁ ଭାବୁଥିବେ ଗୋଟିଏ କଥା କିନ୍ତୁ କଲାବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ। ନିଜ ଇଚ୍ଛା ଅନୁସାରେ କୌଣସି କାମ କରି ପରିବାରରୁ ସମାଲୋଚିତ ହେବାକୁ ପଡ଼ିପାରେ। ତଥାପି କୌଶଳରେ କାର୍ଯ୍ୟ ସାଧନ କରିବାରେ ସମର୍ଥ ହୋଇପାରନ୍ତି।

**କର୍କଟ** ପୁନର୍ବସୁ ନକ୍ଷତ୍ର କର୍କଟ ରାଶି ପାଇଁ ଦିନଟି ସ୍ମରଣୀୟ ରହିବ। ଆକସ୍ମିକ ଭାବେ ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ସମ୍ବାଦ ଶୁଣି ଖୁସି ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହୋଇପାରନ୍ତି। ଆଜିର ପ୍ରତ୍ୟୁଷ ଯାତ୍ରା ଓ ମାଙ୍ଗଳିକ କାମରୁ ଖୁସି ରହିବେ।

**ସିଂହ** ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ସିଂହ ରାଶି ଏକାଧାରରେ ଅର୍ଥ, ସାମାଜିକ ସମ୍ମାନ ସହ ବନ୍ଧୁଙ୍କ ପରାମର୍ଶ ପାଇ ଖୁସୀ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇପାରନ୍ତି। ମାଲିମକଦ୍ଦମାରେ ବିଳମ୍ବ ହେବାରୁ ମନସ୍ତାପ ବଢ଼ିଯାଇପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** ହସ୍ତା ନକ୍ଷତ୍ର କନ୍ୟା ରାଶି ପ୍ରତିବନ୍ଧକ ମଧ୍ୟ ଦେଇ ଚଳିବାକୁ ପଡ଼ିବାର ଆଶଙ୍କା ରହିଛି। ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ ମାତ୍ର ପୂର୍ଣ୍ଣତଃ ଆରୋଗ୍ୟଲାଭ କରି ନ ପାରନ୍ତି। ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା** ସ୍ୱାତୀ ତୁଳା ପାଇଁ ଅର୍ଥନୈତିକ ଅଭିବୃଦ୍ଧି ସହ କାର୍ଯ୍ୟସିଦ୍ଧି ଖୁସିର କାରଣ ହୋଇପାରେ। ଯଦିଓ କେତେକ ସମସ୍ୟା ଓ ପ୍ରତିବନ୍ଧକ ଆସିବ ତଥାପି ଆରମ୍ଭ କରିଥିବା କାମଟି ଅଟକିବ ନାହିଁ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରି ନ ପାରି ପସ୍ତେଇବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହିବା ଭଲ।

**ବିଛା** ରାଶି ପାଇଁ ସମୟ ବହୁତ ଭଲ ବୋଲି ଯାହା ଭାବୁଛନ୍ତି ଶୀଘ୍ର ଆରମ୍ଭ କଲେ ଉପକୃତ ହେବେ। ସମ୍ଭାବ୍ୟ ସମସ୍ୟା କ୍ଷେତ୍ରରେ ବନ୍ଧୁଙ୍କୁ ଅନୁନୟ ବିନୟ କରି ପରିସ୍ଥିତିକୁ ନିୟନ୍ତ୍ରିତ କରିପାରିବେ। ବିଶାଖା ନକ୍ଷତ୍ର ସକାଶେ କଳା, ସଙ୍ଗୀତ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି।

**ଧନୁ** ଆଜି ପୂର୍ବାଷାଢ଼ା ଧନୁ ପାରିବାରିକ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରି ଉଚ୍ଚ ପ୍ରଶଂସିତ ହେବେ। ନୂତନ ପ୍ରକଳ୍ପ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ବନ୍ଧୁଙ୍କ ସହ ସାମୟିକ କଳହ ଦେଖାଦେଇପାରେ। ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ।

**ମକର** ଅଷ୍ଟମସ୍ଥ ମଙ୍ଗଳ ଯୋଗୁ ଶ୍ରବଣା ମକରର ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। ଏଣେ କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେଇଥିବା କାରଣରୁ ମନ ମଧ୍ୟ ବିଚଳିତ ରହିବ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହୋଇପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ।

**କୁମ୍ଭ** ଶତଭିଷା ନକ୍ଷତ୍ର କୁମ୍ଭ ରାଶି ପାଇଁ ଆଜି ହାତକୁ ନେଇଥିବା କାମଗୁଡିକ ସହଜରେ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ। କୌଣସି ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବନାହିଁ।

**ମୀନ** ଚତୁର୍ଥସ୍ଥ ରାହୁ ଯୋଗୁ ଉତ୍ତର ଭାଦ୍ରପଦ୍ ମୀନ ବନ୍ଧୁଙ୍କ ସହ ଅର୍ଥସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି। ଅବଶ୍ୟ ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ପରିବହନରେ ସମସ୍ୟା ଲାଗି ରହିବ। ଆଗାମୀ ମାଙ୍ଗଳିକ କିମ୍ବା ଆନୁଷ୍ଠାନିକ କାମ ଲାଗି ଆଲୋଚନା କରିପାରନ୍ତି। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ମକଦ୍ଦମା ପ୍ରଭୃତିରୁ ସୁଫଳ ପାଇବେ।

ଆଜି ଶ୍ରାବଣ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ସୋମବାର, ଶ୍ରୀବିଷ୍ଣୁ ପବିତ୍ରାରୋପଣ, ଆଖେଟକ ପର୍ବ, ଅଗଷ୍ଟ ୧୨ ତାରିଖ, ବିଶ୍ୱ ଯୁବ ଦିବସ, ଜାତୀୟ ଗ୍ରନ୍ଥାଗାରିକ ଦିବସ, ଇଦ୍-ଉଲ୍-ଜୁହା, ବକ୍ରିଦ୍, ହଜ୍ ଶେଷ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ମିଥୁନ ରାଶିର ଘାତବାର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୬।୫୦ମି. ମଧ୍ୟେ ଘ.୧।୦୫ମି. ଗତେ, ଘ.୨।୪୩ମି. ମଧ୍ୟେ ଘ.୪।୪୩ମି. ଗତେ, ଘ.୬।୨୨ମି. ମଧ୍ୟେ ଅମୃତବେଳା। ଦିବା ଘ.୮।୨୮ମି. ଗତେ ଘ.୧୦।୦୨ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୭।୦୪ମି. ଗତେ ଘ୮।୪୦ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**
**SALE**

One BHK flat for sale ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ। 9114955347, 8658962508. D-66753

Investment plot for sale near AIIMS Hospital, Bhubaneswar. 7749092225, 7327097208. D-67344

3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999. D-66278

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

ଭୁବନେଶ୍ୱର ନିକଟସ୍ଥ ନଖରା, DPS ଅନନ୍ତପୁର, ଦଧିଚିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଲିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: 8249870448. D-13744

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66173

Twincity ର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9124321519. D-66758

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nursing home. Contact No.: 9338579645. D-65000

ଫୁଲନଖରାର Synergy Engineering College ସମ୍ମୁଖରୁ walkable distance ରେ ପିଚୁରାସ୍ତାକୁ ଲାଗି ଘରବାରି boundary plots ଶସ୍ତାରେ ମିଳୁଅଛି। 9938737955. D-66756

Twincityର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 7978773097. D-66757

Bhubaneswar କଳ୍ପନାଛକଠାରୁ 11k.m. ଏବଂ ରଙ୍ଗବଜାର BJEM School-2 ଠାରୁ 3k.m. Gayatri College ପାଖରେ ଘରବାରି demarcated 30' ରାସ୍ତା ଏବଂ Electricity ସୁବିଧାଥାଇ immediate ଘର ଉପଯୋଗୀ ପ୍ଲଟ sqft. 415/- ରେ ମିଳୁଛି। 9937025111, 9437114429. D-66759

Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730. D-66760

2BHK 26,00,000/- simplex finishing Hanspal. Plots Atala, Chakeisiani, Sundarpada: 8093465134. D-67037

Simplex @45lakh near Nandankanan, new Bhubaneswar Railway station. Contact: 9668242825. D-66175

Residential plot at Bramhan Jharilo gharabari with compound wall 6k.m from Nakhara, Cuttack. 7809525452/ 8249851363. D-66941

**construction**

Contact for interior design of ceiling, TV unit, wardrobe and modular kitchen from the experts. Call: 7008550473. D-13806

**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

Newly opening Ayurvedic body massage smart therapist, Shree herbal, 775 0020754. D-67343

Herbal full body massage by smart / expert therapist. Contact: 8338067247. D-67346

Summer special mesmerizing offer expert therapeutic refreshing massage appointment. 9668374480. D-67347

Full body herbal massage with refreshment expert therapist. 7381239385, 06742540855. D-67348

Experience full body massage with us (expert). Call: 7377048581, 06742597822. D-67349

Newly open fullbody massage ladies and gents full service. 7682913255. D-38561

**astrology**

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793


**ପାଠକଙ୍କ ପାଇଁ ସୂଚନା**

 କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: www.dharitri.com



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।

-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ଜିଲା ଚିଠି
### ସୁବର୍ଣ୍ଣପୁର

# ଡମ୍ପିଂୟାର୍ଡ ପାଲଟିଛି ମହାନଦୀ

ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀରେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଛତିଶଗଡ଼ ଓ ଓଡ଼ିଶାର ବିଭିନ୍ନ ଶିଳ୍ପ ସଂସ୍ଥାରୁ ବାହାରୁଥିବା କୁଢ଼କୁଢ଼ ବିଷାକ୍ତ ବର୍ଜ୍ୟବସ୍ତୁ ସାଙ୍ଗକୁ ନଦୀକୂଳିଆ ସହରଗୁଡ଼ିକର ନର୍ଦ୍ଦମା ପାଣି ବିନା ଦ୍ୱିଧାରେ ନଦୀକୁ ଛଡ଼ାଯାଉଛି। ପ୍ରତ୍ୟହ ଲକ୍ଷଲକ୍ଷ ଲିଟର ବର୍ଜ୍ୟଜଳ ନଦୀରେ ମିଶୁଛି। ବର୍ଜ୍ୟଜଳକୁ ପ୍ରକ୍ରିୟାକରଣ ନ କରି ସିଧାସଳଖ ଛାଡ଼ିଦେବା ଫଳରେ ସାଂଘାତିକ ସ୍ଥିତି ଉପୁଜୁଛି। ସହରଗୁଡ଼ିକର ଏକପ୍ରକାର ଡମ୍ପିଂୟାର୍ଡ ପାଲଟିଛି ମହାନଦୀ। ପଲିଥିନ ଓ ପ୍ଲାଷ୍ଟିକ୍ ଜମା ହୋଇ ଭାସୁଛି। ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଅଧିକ ଲାଭ ଆଶାରେ ମାଛ ଧରିବା ପାଇଁ ନଦୀଜଳରେ ରାସାୟନିକ ଔଷଧ ପ୍ରୟୋଗ ସହ ବେଆଇନ ବିସ୍ଫୋରଣ ଘଟାଉଛନ୍ତି। ଏହାଦ୍ୱାରା ମହାନଦୀରୁ କ୍ରମେ ମାଛବଂଶ ଲୋପ ପାଇ ଯାଉଛି। ମତ୍ସ୍ୟଜୀବୀ ପରିବାରଗୁଡ଼ିକ ଏଥିଯୋଗୁ ଜୀବିକା ହରାଇଲେଣି। ସେହିପରି ନଦୀକୂଳରେ ଥର୍ମାଲ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା ଦ୍ୱାରା ଜଳ ଅଧିକ ପ୍ରଦୂଷିତ ହେଉଛି। ଏଭଳି ଅମାନବୀୟ କାର୍ଯ୍ୟର ପ୍ରତିକାର ପାଇଁ କାହାର ଚିନ୍ତା ନାହିଁ। ପୌରପାଳିକା, ପ୍ରଶାସନ ଓ ରାଜ୍ୟ ସରକାର ଚୁପ୍ ହୋଇ ବସିଛନ୍ତି। ପ୍ରଦୂଷଣ ନିରାକରଣ ଆଇନକୁ କେହି ମାନୁନାହାନ୍ତି। ଦୂଷିତ ଜଳ ବ୍ୟବହାର କରି ଲୋକେ ଝାଡ଼ାବାନ୍ତି ଭଳି ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଛନ୍ତି। ନଦୀଜଳରେ ବାୟୋଲୋଜିକାଲ୍ ଅକ୍ସିଜେନ୍ ଡିମାଣ୍ଡ(ବିଓଡି) ଅନୁପାତ ଅଧିକ ଯୋଗୁ ପ୍ରଦୂଷଣ ଶ୍ରେଣୀ ସୃଷ୍ଟି ହୋଇଛି। ସାଧାରଣତଃ ଜଳରେ ବିଓଡି ମାତ୍ରା ୩ ପ୍ରତିଶତ ରହିବା କଥା। କିନ୍ତୁ ଏହି ମାତ୍ରା ୨୦ରୁ ୩୦ ପ୍ରତିଶତ ରହୁଥିବା ଅନୁଧ୍ୟାନରୁ ଜଣାପଡ଼ିଛି। ଜଳରେ ବିଓଡି ମାତ୍ରା ଅଧିକ ରହିଲେ ଅମ୍ଳଜାନ କମିଯାଏ। ଫଳରେ ସେହି ଜଳ ମଣିଷର ବ୍ୟବହାର ଯୋଗ୍ୟ ହୋଇ ରହୁନାହିଁ। ମାତ୍ରାଧିକ ବିଓଡି ମାଛ ଓ ଅନ୍ୟାନ୍ୟ ଜଳଚର ଜୀବଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସହରଗୁଡ଼ିକରେ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଉନି। ସ୍ୱେରେଜ୍ ବ୍ୟବସ୍ଥା କରାଯାଇ ଅପରିଷ୍କାର ପାଣି ଟ୍ରିଟ୍‌ମେଣ୍ଟ ହୋଇ ନଦୀକୁ ଛଡ଼ାଯିବା କଥା। ମାତ୍ର ରାଜ୍ୟର କୌଣସି ନଦୀକୂଳିଆ ସହରରେ ଏହାର ଅନୁପାଳନ ହେଉନି। କେବଳ ସ୍ୱଚ୍ଛ ସହର, ପଲିଥିନ ମୁକ୍ତ ସହର ବୋଲି ମିଥ୍ୟା ବାହୁସ୍ଫୋଟ ମରାଯାଉଛି। କୌଣସି ପରିସ୍ଥିତିରେ ନଦୀଜଳ ପ୍ରଦୂଷିତ ହୋଇପାରିବ ନାହିଁ। ଏ ନେଇ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ କଡ଼ା ନିର୍ଦ୍ଦେଶ ଦେଇ ନଦୀଜଳ ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହାନଦୀ କଥା ଦେଖିଲେ ଏହାର ସଂରକ୍ଷଣ ଓ ପୁନରୁଦ୍ଧାର ପାଇଁ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଯୋଜନା କରାଯାଇଛି। ରାଞ୍ଚିସ୍ଥିତ ଜଙ୍ଗଲ ଉତ୍ପାଦିକତା ପ୍ରତିଷ୍ଠାନକୁ ମହାନଦୀର ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଏହାକୁ ତାଳ ଦେଇ ନଦୀଜଳ ପ୍ରଦୂଷିତ କରିବା ପାଇଁ ଏକପ୍ରକାର କସରତ ଚାଲିଛି। ଓଡ଼ିଶାର ଅର୍ଦ୍ଧାଧିକ ଜିଲାରେ ମଣିଷର ଜୀବନଧାରଣ, ବିକାଶ ଓ କୃଷି ସହିତ ଏହି ନଦୀର ବିଶେଷ ଭୂମିକା ରହିଛି। ଲୋକଙ୍କୁ ବଞ୍ଚିବାକୁ ଶକ୍ତି ଯୋଗାଇଛି। ସଭ୍ୟତା ଓ ସଂସ୍କୃତି ସହିତ ଯୋଡ଼ି ହୋଇ ରହିଛି। କିନ୍ତୁ ଏହି ନଦୀ ଏବେ ମରିଯିବାକୁ ବସିଲାଣି। ଏବେଠୁ ଜନସାଧାରଣ ଓ ସରକାର ସଚେତନ ନ ହେଲେ ପ୍ରଦୂଷଣ ନିରାକରଣ ଅସମ୍ଭବ ହୋଇପଡ଼ିବ।

– ମୃତ୍ୟୁଞ୍ଜୟ ଶତପଥୀ

## ଏଲ୍‌ପିଜି ବଟ୍‌ଲିଂ ପ୍ଲାଣ୍ଟ ଓ ପିଓଏଲ୍ ଟର୍ମିନାଲର ଶିଳାନ୍ୟାସ କଲେ ଧର୍ମେନ୍ଦ୍ର

# ‘ବୋକାରୋକୁ ଟାଟା, ଜାମସେଦପୁର ଭଳି କ୍ଷେତ୍ର କରାଯିବ’

ଭୁବନେଶ୍ୱର, ୧୧।୮ (ବ୍ୟୁରୋ)

ଝାଡ଼ଖଣ୍ଡର ବିକାଶ ଦ୍ରୁତ ଗତିରେ ହେବାର ଆବଶ୍ୟକତା ରହିଛି। ଏଥିପାଇଁ ପେଟ୍ରୋଲିୟମ ଓ ଇସ୍ପାତ୍ ମନ୍ତ୍ରଣାଳୟ କାମ କରୁଛି ବୋଲି ଝାଡ଼ଖଣ୍ଡର ବୋକାରୋଠାରେ ୩୫୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଓ ପିଓଏଲ୍ ଟର୍ମିନାଲର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ପେଟ୍ରୋଲିୟମ ଓ ଇସ୍ପାତ୍ ମନ୍ତ୍ରଣାଳୟ ଉଭୟ ମିଶି ଝାଡ଼ଖଣ୍ଡର ରୋଜଗାର, ଅର୍ଥନୀତି ଓ ମା, ଭଉଣୀଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନା କରୁଛନ୍ତି । ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ ଝାଡ଼ଖଣ୍ଡରେ ୧୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ କରିବାର ଯୋଜନା କରାଯାଇଛି । ସେହିପରି ୨୦୩୦ ସୁଦ୍ଧା ଦେଶରେ ୩୦୦ ମିଲିୟନ୍ ମେଟ୍ରିକ୍ ଟନ୍ ଲୁହା ଉତ୍ପାଦନ କରିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ଏହାର ଅଗ୍ରଣୀ ଭୂମିକା ଝାଡ଼ଖଣ୍ଡର ରହିବ ଏବଂ ବୋକାରୋ ଷ୍ଟିଲ୍‌ପ୍ଲାଣ୍ଟ ଏହାର ନେତୃତ୍ୱ ନେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ରାଜ୍ୟର ବିକାଶ ପାଇଁ କାମ କରୁଛନ୍ତି । ଜାମସେଦ୍‌ପୁର ଓ ଟାଟା ଦେଶର ଅର୍ଥନୈତିକ କ୍ଷେତ୍ର ହୋଇପାରିଛି। ପ୍ରଧାନମନ୍ତ୍ରୀ ଏବଂ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ବୋକାରୋକୁ ମଧ ଟାଟା ଓ ଜାମସେଦପୁର ଭଳି କ୍ଷେତ୍ର କରିବା ପାଇଁ କଳ୍ପନା ରହିଛି । ଦେଶରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ଖୁବ୍‌ଶୀଘ୍ର ଗରିବ ଶ୍ରେଣୀର ୮କୋଟି ଉପଭୋକ୍ତା ଅନ୍ତର୍ଭୁକ୍ତ ହେବେ । ଝାଡ଼ଖଣ୍ଡରେ ଗତ ୪ବର୍ଷରେ ମୋଟ୍ ୩୭ଲକ୍ଷ ଲୋକ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଲାଭ ପାଇଛନ୍ତି । ଦେଶରେ ପେଟ୍ରୋଲ୍ ଓ ଡିଜେଲ୍ ବିକ୍ରି ମାଧମରେ ଦେଶର ପ୍ରଗତିକୁ ଅଣାଯାଇପାରିବ। ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବାଙ୍ଗାଲୋର୍ ଭଳି ବଡ଼ବଡ଼ ସହରରେ ପେଟ୍ରୋଲିୟମ୍ ପଦାର୍ଥର ବ୍ୟବହାର ୭ରୁ ୮ ପ୍ରତିଶତକୁ ବୃଦ୍ଧି ଘଟିଛି । ଅନୁରୂପ ଭାବେ ଝାଡ଼ଖଣ୍ଡର ବିଭିନ୍ନ ଅଞ୍ଚଳରେ ମଧ ପେଟ୍ରୋଲିୟମ ପଦାର୍ଥର ବ୍ୟବହାର ୧୫ ପ୍ରତିଶତକୁ ବୃଦ୍ଧି ଘଟିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ରଘୁବର ଦାସ ଉପସ୍ଥିତ ଥିଲେ।



ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଓ ପିଓଏଲ୍ ଟର୍ମିନାଲର ଶିଳାନ୍ୟାସ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

# ଚୌହାନଙ୍କୁ କଂଗ୍ରେସ, ବିଜେଡିର ପାଲଟା ଜବାବ

ଭୁବନେଶ୍ୱର, ୧୧।୮ (ବ୍ୟୁରୋ)

ମଧ୍ୟପ୍ରଦେଶ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ବିଜେଡି ଓ କଂଗ୍ରେସକୁ ସମାଲୋଚନା କରିଛନ୍ତି। କଂଗ୍ରେସ ଅଧକ୍ଷ ଭାବେ ସୋନିଆ ଗାନ୍ଧୀଙ୍କୁ ଦାୟିତ୍ୱ ମିଳିବାପରେ ଏହାକୁ ନେଇ ମଧ ଚୌହାନ କଡ଼ା ସମାଲୋଚନା କରିଛନ୍ତି। ଅପରପକ୍ଷରେ ଚୌହାନଙ୍କୁ କଂଗ୍ରେସ ଓ ବିଜେଡି ପଲଟା ଜବାବ୍ ଦେଇଛନ୍ତି।

ବିଜେଡି ବିଧାୟକ ଶଶୀଭୂଷଣ ବେହେରା କହିଛନ୍ତି, ମଧ୍ୟପ୍ରଦେଶ କଥା ଚିନ୍ତା ନ କରି ଓଡ଼ିଶା କଥାରେ ଚୌହାନ ମୁଣ୍ଡ ପୂରାଇବା କେତେଦୂର ଯୁକ୍ତିଯୁକ୍ତ। ସଦସ୍ୟତା ଅଭିଯାନରେ ଆସିଥିବା ଚୌହାନଙ୍କ ପାଇଁ ବ୍ୟକ୍ତିଗତ ସ୍ତରରେ ତାଙ୍କର ଅସମ୍ମାନ ନାହିଁ। ରାଜ୍ୟ ସରକାରଙ୍କ ବ୍ୟାପାରରେ ମୁଣ୍ଡ ପୂରାଇବା ଠିକ୍ ନୁହେଁ। ଯଦି ଏହା ମଧ୍ୟପ୍ରଦେଶ କିମ୍ବା ଦେଶ ସମସ୍ୟା ସହ ସଂଶ୍ଳିଷ୍ଟ ଥାନ୍ତା ତେବେ ଏଭଳି କହିବାର ଯଥାର୍ଥତା ରହିଛି। ରାଜ୍ୟ ସରକାର କାଳିଆ ଯୋଜନାର ତ୍ରୁଟି ବିଚ୍ୟୁତି ସୁଧାରୁଛନ୍ତି। ସାଧାରଣ ଲୋକଙ୍କ ପାଖରେ ଏହା ଆଦରଣୀୟ ବ୍ୟବସ୍ଥା ହୋଇଛି। କୃଷକମାନଙ୍କ ପାଇଁ ସରକାର ଆଣିଥିବା ଏହି ଯୋଜନାକୁ ପଞ୍ଚଦେଶ ଅର୍ଥ କମିଶନଙ୍କ ଠାରୁ ଆରମ୍ଭ କରି ଦେଶର ବହୁ କୃଷି ଅର୍ଥନୀତିଜ୍ଞ ପ୍ରଶଂସା କରିଛନ୍ତି। ଏହା ଉପରେ ପ୍ରଶ୍ନ ଉଠାଇବା ନିରର୍ଥକ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, କଂଗ୍ରେସ ଦେଶର ଏକ ମାତ୍ର ପୁରୁଣା ଦଳ। ଦେଶରେ ସ୍ୱାଧୀନତା ଆଣିବା ସହ କଂଗ୍ରେସ ବହୁ ବିକାଶ କରିଛି। ଦେଶରେ ଜଳ ସେଚନ, ଶିଳ୍ପ, ଶିକ୍ଷା ଏବଂ ସ୍ୱାସ୍ଥ୍ୟର ବିକାଶ କରିବାରେ କଂଗ୍ରେସ ପ୍ରମୁଖ ଭୂମିକା ନେଇଛି। ଆଗରୁ ହଇଜା, ବସନ୍ତ ଭଳି ବହୁ ମହାମାରୀ ରୋଗରେ ଶତାଧିକ ଲୋକ ମରୁଥିଲେ କିନ୍ତୁ କଂଗ୍ରେସ ଅମଳରେ ଏହାର ନିରାକରଣ କରାଯାଇଛି। ଭାଜପା ଏତେଦିନ ଶାସନ ମଧରେ ଗୋଟିଏ ସ୍କୁଲ ତିଆରି କରିଛି। ସୋନିଆ ଗାନ୍ଧୀ କଂଗ୍ରେସର ଅନ୍ତରୀଣ ଅଧକ୍ଷ ହେବାପରେ ସେମାନେ ଭୟଭୀତ ହୋଇ ଏମିତି କହୁଥିବା ସୁରେଶ କହିଛନ୍ତି।

## ଆଜି କ’ଣ କେଉଁଠି

**କର୍ଲାମୁଣ୍ଡା**
- ତୁଳସୀ ରାମାୟଣ ପାରାୟଣ ପାଇଁ କଳସ ଯାତ୍ରା, ବଜାର ପଡିଆ, ଅପରାହ୍ନ ୪ଟା।

**ସୁନ୍ଦରଗଡ**
- ପ୍ରଜାପତି ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସୁନ୍ଦରଗଡ ଶାଖାର ବାର୍ଷିକ ଉତ୍ସବ, ହସ୍ପିଟାଲ ରୋଡସ୍ଥିତ ଶାଖା କାର୍ଯ୍ୟାଳୟ, ପୂର୍ବାହ୍ନ ୯ଟା।
- ବରିଷ୍ଠ ନାଗରିକ ସଂଘ ପକ୍ଷରୁ କ୍ୟାରମ ପ୍ରତିଯୋଗିତା, ନାଗରିକ ସଂଘ ସଭାଗୃହ, ପୂର୍ବାହ୍ନ ୯ଟା।

**ବଲାଙ୍ଗୀର**
- କୋସଲି କ୍ରିୟାନୁଷ୍ଠାନ କମିଟିର ବୈଠକ, ଅମଲା ଭବନ, ପୂର୍ବାହ୍ନ ୧୦ଟା୩୦।

**ନୂଆପଡା**
- ଶିବ ଉପାସନା ଉତ୍ସବ, ଯୋଗେଶ୍ୱର ମନ୍ଦିର ପଟୋରା, ପୂର୍ବାହ୍ନ ୯ଟା।
- ବୋଲବମ ଭକ୍ତଙ୍କୁ ଭୋଗ ବଣ୍ଟନ, ରିଜର୍ଭ ପଡିଆ ଶିବ ମନ୍ଦିର, ମଧାହ୍ନ ୧ଟା।

**ଅମରପାଲି**
- ଗୁପ୍ତେଶ୍ୱର ବାବାଙ୍କ ମହାଗଙ୍ଗା ଜଳଶାୟୀ, କମଳପୁର ଶିବ ମନ୍ଦିର, ସକାଳ ୭ରୁ ମଧାହ୍ନ ୧୨ଟା।

**ପୁରୁଣାକଟକ**
- ଭୈରବୀ କ୍ଲବ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି ବୈଠକ, କ୍ଲବ ସଭାଗୃହ, ସନ୍ଧ୍ୟା ୬ଟା।

**ଦେବଗଡ଼**
- ୩୦ତମ ଜାତୀୟ ଚେସ୍ ମିଟ୍ ଉଦ୍‌ଯାପନୀ, ଜବାହାର ନବୋଦୟ ବିଦ୍ୟାଳୟ, ଅପରାହ୍ନ ୪ଟା।

**ସମ୍ବଲପୁର**
- ସାମୂହିକ ନମାଜ ପାଠ, ସାକ୍ଷୀପଡା ଇଦଗା ପରିସର, ସକାଳ ୮ଟା ।
- ଝୁଲଣ ଯାତ୍ରା ଭଜନ କାର୍ଯ୍ୟକ୍ରମ, ସାକ୍ଷୀଗୋପିନାଥ ପଡା ରାଧାମଦନ ଗୋପାଳ ମନ୍ଦିର, ରାତି ୭ଟା।
- ଝୁଲଣ ଯାତ୍ରା, ଝାଡୁଆପଡା ବ୍ରହ୍ମପୁରା ମନ୍ଦିର, ରାତି ୭ଟା ।

**Birthday wish**



**SONU**
(14th Birthday)
Happy Birthday dear Sonu. May God always bless you with lots of happiness and success.
Best wishes from:
Papa, Mummy, Dada, Daadi, Mamu, Main, Gudu, Loraine, near and dear one's, Aja, Aai
(Som Vihar, BBSR)

ଧ-୧୩୮୫

## ■ ହାଓଡା-ସମ୍ବଲପୁର ଏକ୍ସପ୍ରେସ୍‌ରେ ଭାଙ୍ଗ ଚାଲାଣ

# ଧରାପଡ଼ିବା ଭୟରେ ଫିଙ୍ଗିଦେଲେ

ଢେଙ୍କାନାଳ ଅଫିସ, ୧୧।୮

- ■ ବସ୍ତା ବାଜି ୩ ଗ୍ୟାଙ୍ଗ୍‌ମ୍ୟାନ୍ ଗୁରୁତର
- ■ ଆର୍‌ପିଏଫ୍ ପକ୍ଷରୁ ତଦନ୍ତ ଆରମ୍ଭ

ଯାତ୍ରୀବାହୀ ଟ୍ରେନ୍‌ରେ ଅବାଧରେ ହେଉଛି ନିଶାଦ୍ରବ୍ୟ ଚାଲାଣ। ବେପାରୀମାନେ ଯୋଜନାବଦ୍ଧ ଭାବେ ଚଳାଇଛନ୍ତି ଏହି ବେଆଇନ କାରବାର। ଷ୍ଟେଶନ ଏବଂ ଟ୍ରେନ୍‌ରେ ହୁଗୁଳା ଯାଞ୍ଚ ବ୍ୟବସ୍ଥାର ଫାଇଦା ନେଉଛନ୍ତି ସେମାନେ। ତାହାର ସଦ୍ୟତମ ଉଦାହରଣ ଢେଙ୍କାନାଳ ଜିଲାରେ ରବିବାର ଦେଖିବାକୁ ମିଳିଛି। ହାଓଡା-ସମ୍ବଲପୁର ଏକ୍ସପ୍ରେସ୍‌ରେ ନିଆଯାଉଥିବା ଭାଙ୍ଗବସ୍ତାକୁ ଧରାପଡ଼ିବା ଭୟରେ ଚାଲାଣକାରୀ ବାହାରକୁ ଫିଙ୍ଗି ଦେଇଛନ୍ତି। ଫଳରେ ଉକ୍ତ ବସ୍ତା ବାଜି ଟ୍ରେନ୍ ଟ୍ରାକ୍‌ରେ କାର୍ଯ୍ୟରତ ୩ଜଣ ଗ୍ୟାଙ୍ଗ୍‌ମ୍ୟାନ୍ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦୀନେଶ କୁମାର ସାହୁ, ଜୟପ୍ରକାଶ ପାଣିଗ୍ରାହୀ, ରାକେଶ କୁମାର ପାଲ। ଘଟଣାସ୍ଥଳରେ ଉପସ୍ଥିତ ବିରଞ୍ଚି ନାରାୟଣ ମହାପାତ୍ର ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଗୁରୁତରଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱର ମଞ୍ଚେଶ୍ୱରସ୍ଥିତ ରେଲୱେ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଖୋଳତାଡ଼ କରିଛି। ଜବତ ୪ ବସ୍ତାରୁ ୧ କୁଇଣ୍ଟାଲ ୬୦ କେଜି ଭାଙ୍ଗ ଜବତ କରାଯାଇଛି।

ସୂଚନାଯୋଗ୍ୟ, ଭୋର ୪ଟାରେ ହାଓଡା-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍ ଟ୍ରେନ୍ କଟକ ରୁଟ୍‌ରେ ଆସି ଶ୍ୟାମାଚରଣପୁର ପାସେଞ୍ଜର ହଲ୍ଟ ପାର୍ କରିଥିଲା। ଢେଙ୍କାନାଳ ରେଳଷ୍ଟେଶନ ପୂର୍ବରୁ କିଲୋମିଟର ନଂ.୪୩୯/୧୬ ନିକଟରେ ସମ୍ପୃକ୍ତ ୪ଜଣ ଗ୍ୟାଙ୍ଗ୍‌ମ୍ୟାନ୍ ପାଟ୍ରୋଲିଂ କରୁଥିଲେ। ଟ୍ରେନ୍ ଆସୁଥିବା ଦେଖି ସେମାନେ ରେଳଧାରଣା ପାର୍ଶ୍ୱକୁ ଚାଲିଯାଇଥିଲେ। ତେବେ ଚଳନ୍ତା ଟ୍ରେନ୍‌ରୁ କେହି ଦୁର୍ବୃତ୍ତ ଭାଙ୍ଗ ଭର୍ତ୍ତି ହୋଇଥିବା ୪ଟି ବସ୍ତା ବାହାରକୁ ଫିଙ୍ଗିଦେଇଥିଲେ। ଉକ୍ତ ବସ୍ତାଗୁଡ଼ିକ ଗ୍ୟାଙ୍ଗ୍‌ମ୍ୟାନଙ୍କ ଉପରେ ବାଜିଥିଲା। ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ସୂଚନା ପାଇ ଆରପିଏଫ୍ ଇନ୍ସପେକ୍ଟର ପ୍ରକାଶ କୁମାର ସାହୁ, ଏସ୍‌ଆଇ କ୍ଷୀରପ୍ରସାଦ ଭଞ୍ଜ ସଦଳବଳ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଟ୍ରେନ୍‌ରେ ଭାଙ୍ଗ ଚାଲାଣ କରାଯାଉଥିବା ସନ୍ଦେହ କରାଯାଉଛି। ଏ ନେଇ ତଦନ୍ତ ଚାଲିଛି। ଜବତ ଭାଙ୍ଗ ଅବକାରୀ ବିଭାଗ ଜିମାରେ ଦିଆଯିବ ବୋଲି ଆର୍‌ପିଏଫ୍ ସୂତ୍ରରୁ ସୂଚନା ଦିଆଯାଇଛି।



ଟ୍ରେନରୁ ଫିଙ୍ଗାଯାଇଥିବା ଭାଙ୍ଗ ବସ୍ତା।

## ■ ସୁଆର ମହାସୁଆର ନିଯୋଗ ନିର୍ବାଚନ

# ୧୫ ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ

ପୁରୀ ଅଫିସ, ୧୧।୮

ଶ୍ରୀମନ୍ଦିର ସୁଆର ମହାସୁଆର ନିଯୋଗ ନିର୍ବାଚନ ଶେଷ ହୋଇ ଫଳାଫଳ ଘୋଷିତ ହୋଇଛି। ଶନିବାର ଭୋଟ ଗ୍ରହଣ କରାଯାଇଥିବା ବେଳେ ରବିବାର ଫଳାଫଳ ପ୍ରକାଶ ପାଇଛି। ୩୭ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧରୁ ୧୫ଜଣିଆ କାର୍ଯ୍ୟକାରୀ କମିଟି ନିର୍ବାଚିତ ହୋଇଛନ୍ତି। ଏହି ୧୫ ଜଣଙ୍କ ମଧରେ ଦାମୋଦର ମହାସୁଆର ସର୍ବାଧିକ ୫୪୦ ଖଣ୍ଡ ଭୋଟ ପାଇଛନ୍ତି। ଅନ୍ୟମାନଙ୍କ ମଧରେ ଆର୍ତ୍ତତ୍ରାଣ ପଣ୍ଡା ୪୦୬, କାଳିକୃଷ୍ଣ ମହାସୁଆର ୩୮୫, କୃଷ୍ଣଚନ୍ଦ୍ର ପ୍ରତିହାରୀ ୪୯୭, କୃଷ୍ଣଚନ୍ଦ୍ର ସାମନ୍ତରା ୪୪୬, କ୍ରିଷ୍ଣା ପଣ୍ଡା ୩୮୭, ଦୀନବନ୍ଧୁ ପାଢ଼ୀ ୩୨୫, ନାରାୟଣ ମହାସୁଆର ୪୨୯, ପଦ୍ମନାଭ ମହାସୁଆର ୩୯୪, ବଳଭଦ୍ର ମହାପାତ୍ର ୩୨୩, ଭୁବନମୋହନ ମହାସୁଆର ୩୯୦, ରାମଚନ୍ଦ୍ର ଦୀକ୍ଷିତ ୩୩୧, ରାମନାରାୟଣ ଖୁଣ୍ଟିଆ ୩୩୬, ସୋମନାଥ ମହାପାତ୍ର ୪୧୧ ଏବଂ ଲକ୍ଷ୍ମୀନାରାୟଣ ଦୀକ୍ଷିତ୍ ୩୪୨ ଖଣ୍ଡ ଭୋଟ ପାଇ କାର୍ଯ୍ୟକାରୀ କମିଟିକୁ ନିର୍ବାଚିତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ଶୁଭେନ୍ଦୁ ଦାଶ ଦାୟିତ୍ୱ ତୁଲାଇଥିଲେ।

**UNIVERSITY DEPARTMENT OF TEACHER EDUCATION**
**DDCE CAMPUS, UTKAL UNIVERSITY**
**VANI VIHAR, BHUBANESWAR-751007**

UTKAL UNIVERSITY

**ADMISSION NOTIFICATION, 2019-2020**

Utkal University invites online application for admission into the following courses under self-financing mode for the session 2019-2020.

**UNIVERSITY DEPARTMENT OF TEACHER EDUCATION**
- B.Ed. (2-Years)
- M.Ed. (2-Years)

The above courses are being offered with the recognition of NCTE.

**DEPARTMENT OF SANSKRIT**
- M.A. in Hindi
- Certificate Course in Sanskrit (Six Months)

**Important Dates for Admission :**
- Availability of online Application Form : 14.08.2019 to 26.08.2019
- Download of Admit Cards shall be during : 29.08.2019 to 31.08.2019
- Entrance Test for different course : 01.09.2019 (Sunday)

**How to Apply :**
For details of procedure of E-Admission, 2019-2020, Utkal University website www.utkaluniversity.nic.in may be visited.
In case of any query, mail to : admission@utkaluniversity.nic.in

Sd/-
Chairperson, P.G. Council

**GAYATRI GROUP OF INSTITUTION**
Gayatri Vihar, Jamadarpali, Sambalpur
**ADMISSION OPEN**
**GAYATRI COLLEGE OF PHYSIOTHERAPY**
**BPT**
(Bachelor of Physiotherapy) Recognised by Govt. of Odisha, H&FW Dept & (Affilited to Sambalpur University) Eligibility: +2 Science Pass
**GAYATRI COLLEGE OF PARAMEDICAL SCIENCE**
**DMLT**
(Diploma in Medical Laboratory Technology, Only Govt. Recognized Institute in Sambalpur)
Eligibility: +2 Science with PCB
**GAYATRI COLLEGE OF PHARMACY**
D.Pharm | B.Pharm | M.Pharm | Ph.D
Eligibility: +2 Science Pass/ (PCB/PCM/ PCIT with 45% and a valid rank of OJEE/JEE (Main)/ NEET for B. Pharm)
**CONTACT ADMISSION CELL**
7978497929, 9861249377 (PHARMACY)
8249598936- (DMLT),7982724451,
7381578301 (PHYSIOTHERAPY)

# ମହିଳାଙ୍କୁ ତିନି ତଲାକ୍

## ୪ ମାସର ଶିଶୁକନ୍ୟାଙ୍କୁ ଧରି ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ

ଭୋଗରାଇ, ୧୧।୮ (ଡି.ଏନ୍.ଏ.)

ମୁସଲିମ୍ ଆଇନରେ ତିନି ଥର ତଲାକ୍ ଉଚ୍ଚାରଣ କରି ଛାଡ଼ପତ୍ର ଦେବା ବେଆଇନ ଓ ଦଣ୍ଡନୀୟ ଅପରାଧ ବୋଲି ନିକଟରେ ସଂସଦରେ ଗୃହୀତ ହେବା ପରେ ଆଇନରେ ପରିଣତ ହୋଇଛି। ଏଥିରେ ତିନିତଲାକ କହୁଥିବା ବ୍ୟକ୍ତିଙ୍କୁ ୩ବର୍ଷ ଜେଲ୍ ଦଣ୍ଡାଦେଶର ବ୍ୟବସ୍ଥା ରହିଛି। ଏହା ସତ୍ତ୍ୱେ ମଧ କେତେକ ଲୋକ ଏବେ ବି ପୂର୍ବଭଳି ସ୍ତ୍ରୀଙ୍କୁ ନିର୍ଯାତନା ଦେଇଆସୁଛନ୍ତି। ଏଭଳି ଏକ ଘଟଣା ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରେ ରବିବାର ଦେଖିବାକୁ ମିଳିଛି। ଜଣେ ମୁସଲିମ୍ ମହିଳାଙ୍କୁ ତାଙ୍କ ସ୍ୱାମୀ ୩ ଥର ଉଚ୍ଚାରଣ କରି ରବିବାର ତଲାକ୍ ଦେଇଛନ୍ତି। ଏନେଇ ମହିଳାଜଣକ ୪ ମାସର ଶିଶୁକନ୍ୟାକୁ ଧରି ନ୍ୟାୟ ପାଇଁ ଭୋଗରାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ସୁନାଧରବସାଣ ଗ୍ରାମର ଏହି ମହିଳା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ବାପଘରୁ ୫୦ହଜାର ଟଙ୍କା ଆଣିବା ସକାଶେ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ ବହୁଦିନରୁ ଦାବି କରି ଆସୁଥିଲେ। ତାଙ୍କ ବାପା ଗରିବ ହୋଇଥିବାରୁ ଦାବି ମୁତାବକ ଟଙ୍କା ଦେଇ ପାରି ନ ଥିଲେ। ଏଥିଲାଗି ସ୍ୱାମୀ ଓ ଶାଶୁ ଘର ଲୋକେ ତାଙ୍କୁ ବିଭିନ୍ନ ସମୟରେ ମାରଧର କରି ନିର୍ଯାତନା ଦେଉଥିଲେ। ବାପଘରୁ ଟଙ୍କା ନ ଆଣିଲେ ତାଙ୍କୁ ତଲାକ୍ ଦେବେ ବୋଲି ତାଙ୍କ ସ୍ୱାମୀ ମଧ ଧମକ ଦେଇଥିଲେ। ରବିବାର ପୂର୍ବାହ୍ନରେ ତାଙ୍କ ସ୍ୱାମୀ ଗାଁରେ ଥିବା ମସ୍‌ଜିଦ୍ ନିକଟକୁ ଡାକି ନେଇ ତିନି ଥର ତଲାକ ଉଚ୍ଚାରଣ କରିଥିଲେ। ସେ ନେହୁରା ହୋଇଥିଲେ ମଧ ତାଙ୍କ କଥା ଶୁଣି ନ ଥିଲେ। ପରେ ଘରୁ ତଡି ଦେବାରୁ ସେ ନିରୁପାୟ ହୋଇ ୪ ମାସର ଶିଶୁକନ୍ୟାକୁ ଧରି ଘରୁ ଚାଲିଆସିଛନ୍ତି। ଏ ସମ୍ପର୍କରେ ଥାନା ଆଇଆଇସି ନରେନ୍ଦ୍ର କୁମାର ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ମହିଳାଙ୍କଠାରୁ ଲିଖିତ ଅଭିଯୋଗ ରଖାଯାଇଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟ-୨, କେନ୍ଦୁଝର

**ଦଖଲ ନୋଟିସ୍**
(ନିୟମ ୮(୧)) ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭଦ୍ରାସାହି ଶାଖା** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ରୁଲ୍ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ସହିତ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ଦେୟ ନୋଟିସ୍ ପାଇବାର ୬୦ଁ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।।

ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତି ଗୁଡ଼ିକୁ ଦଖଲ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତି ଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ ଦର୍ଶିତ ରାଶି ସହିତ ସେବାବଦ ସୁଧ ଏବଂ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ ।

| ଭଦ୍ରାସାହି ଶାଖା / ଆକାଉଣ୍ଟ ନଂ./ ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ | ଧାର୍ଯ୍ୟ ତାରିଖ ଅନୁଯାୟୀ ଅନାଦେୟ ଟଙ୍କା | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ |
|---|---|---|---|
| ଆକାଉଣ୍ଟ ନଂ.: ୩୪୩୭୬୭୮୯୦୬୧ / **ଋଣଗ୍ରହୀତା: ଶ୍ରୀମତୀ ସୁନୀତା ଚୌଧୁରୀ,** ସ୍ୱାମୀ: ଶ୍ରୀ ମୋହନ କୁମାର ଚୌଧୁରୀ, **ସହ-ଋଣଗ୍ରହୀତା: ଶ୍ରୀ ମୋହନ କୁମାର ଚୌଧୁରୀ,** ପିତା: ଶ୍ରୀ ବାଲେଶ୍ୱର ଚୌଧୁରୀ, ଉଭୟଙ୍କ ଠିକଣା ସା/ପୋ./ଭାୟା: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍-୭୫୮୦୩୫ | **ଶ୍ରୀମତୀ ସୁନୀତା ଚୌଧୁରୀଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭଦ୍ରାସାହି, ତହସିଲ: ବଡବିଲ, ଖାତା ନଂ.: ୫୨/୫୫, ପ୍ଲଟ୍ ନଂ.: ୧୫୩/୩୨୮, କ୍ଷେତ୍ର: ଏକର୦.୧୧୦ଡିସିମିଲି, ଏହାର ଚଉହଦି ଉତ୍ତର: ଏନ୍‌ଏଚ୍-୨୧୫, ଦକ୍ଷିଣ: ରାସ୍ତା, ପୂର୍ବ: ରୟା ନାଏକ, ପଶ୍ଚିମ: ଶାନ୍ତି ଓରାମ | ୦୭.୦୮.୨୦୧୯ ସୁଦ୍ଧା ଟ.୧୪,୩୩,୫୫୪/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୦୨.୦୪.୨୦୧୯ / ୦୭.୦୮.୨୦୧୯ |
| ଆକାଉଣ୍ଟ ନଂ.: ୩୧୬୪୯୩୨୦୨୦୭, ୧୧୮୨୩୬୧୩୬୯୨ / **ଋଣଗ୍ରହୀତା: ଶ୍ରୀମତୀ ନିଲା ଦେବୀ ଗୁପ୍ତା,** ସ୍ୱାମୀ: ମଦନ ପ୍ରସାଦ ଗୁପ୍ତା, ସା.: ଭୁସୁଗାଁ, ପୋ.: ଭଦ୍ରାସାହି, ଭାୟା: ବଡବିଲ, ଜିଲ୍ଲା: କେନ୍ଦୁଝର / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଧନୁର୍ଜୟ ଗୁପ୍ତା,** ପିତା: ମଦନ ପ୍ରସାଦ ଗୁପ୍ତା, **୨) ଶ୍ରୀ ସଞ୍ଜୟ କୁମାରଗୁପ୍ତା,** ପିତା: ମଦନ ପ୍ରସାଦ ଗୁପ୍ତା, ସା.: ଭୁସୁଗାଁ, ପୋ.: ଭଦ୍ରାସାହି, ଭାୟା: ବଡବିଲ, ଜିଲ୍ଲା: କେନ୍ଦୁଝର-୭୫୮୦୩୫ | **ଶ୍ରୀମତୀ ନିଲା ଦେବୀଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଭୁସୁଗାଁ, ତହସିଲ: ବଡବିଲ, ଖାତା ନଂ.: ୧୨୮/୨୨, ପ୍ଲଟ୍ ନଂ.: ୬୩୩/୯୩୫, କ୍ଷେତ୍ର: ଏକର୦.୨୦ଡିସିମିଲି, କିସମ: ଘରବାରୀ, ଏହାର ଚଉହଦି ଉତ୍ତର: ତ୍ରିବେଣୀ ଆର୍ଥ ମୁଭର୍ସ, ଦକ୍ଷିଣ: ମୁଖ୍ୟ ରାସ୍ତା, ପୂର୍ବ: ତ୍ରିବେଣୀ ଆର୍ଥ ମୁଭର୍ସ, ପଶ୍ଚିମ: ନିଜସ୍ୱ | ୦୭.୦୮.୨୦୧୯ ସୁଦ୍ଧା ଟ.୧୫,୭୪,୩୯୬/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୩୧.୧୦.୨୦୧୮ / ୦୭.୦୮.୨୦୧୯ |

**ସ୍ଥାନ: କେନ୍ଦୁଝର, ତାରିଖ: ୧୨.୦୮.୨୦୧୯** — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ଅର୍ଥନୀତିକୁ ଦେଖ

ବିଶ୍ୱ ଅର୍ଥନୀତି ଏବେ ମାନ୍ଦାବସ୍ଥା ଦେଇ ଗତି କରୁଛି। ଆମେରିକା ଭଳି ବିକଶିତ ରାଷ୍ଟ୍ର ମଧ୍ୟ ବିଭିନ୍ନ ପ୍ରକାର ଆର୍ଥିକ ସମସ୍ୟାରେ ପଡ଼ିଲାଣି। ଚାଇନା ସହ ଏହାର ବାଣିଜ୍ୟ ଯୁଦ୍ଧ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଉଭୟ ରାଷ୍ଟ୍ର ପରସ୍ପରର ସାମଗ୍ରୀ ରପ୍ତାନି ଉପରେ ସୀମା ଶୁଳ୍କ ବୃଦ୍ଧି କରିଚାଲିଛନ୍ତି। ଏହାର ପ୍ରଭାବ ପୃଥିବୀର ସବୁ ଦେଶ ଉପରେ ପଡ଼ିବାରେ ଲାଗିଲାଣି। ବ୍ରେକ୍‌ଜିଟ ସହ ଅନ୍ୟାନ୍ୟ ସାମାଜିକ ଓ ଅର୍ଥନୈତିକ ଅସ୍ଥିରତା ଯୋଗୁ ୟୁରୋପୀୟ ରାଷ୍ଟ୍ରରେ ଆର୍ଥିକ ସଙ୍କଟ ଦେଖାଦେଇଛି। ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି) କ୍ଷେତ୍ରରେ ଭାରତ ୫ମ ସ୍ଥାନରେ ରହି ଆସିଥିବା ବେଳେ ଏବେ ୭ମକୁ ଖସିଯାଇଛି। ବ୍ୟାଙ୍କିଙ୍ଗ କ୍ଷେତ୍ରରେ ଅଚଳ ପରିସମ୍ପତ୍ତି (ଏନ୍‌ପିଏ) ବଢ଼ିବାରେ ଲାଗିଛି। ମୋଟରଗାଡ଼ି ଶିଳ୍ପ ଘୋର ଦୁର୍ଦ୍ଦିନ ଦେଇ ଗତି କରୁଛି। ମହିନ୍ଦ୍ରା ଓ ମାରୁତି ଭଳି ପ୍ରମୁଖ କେତୋଟି ଗାଡ଼ି ନିର୍ମାତା ଉତ୍ପାଦନ କମାଇବା ସହ କେତେକ ସ୍ଥାନରେ କାରଖାନା ବନ୍ଦ କରିବାକୁ ବସିଲେଣି। ରାଷ୍ଟ୍ରାୟତ୍ତ ସଂସ୍ଥା ବିଏସ୍‌ଏନ୍‌ଏଲ୍ ସହ ସବୁ ଘରୋଇ ଟେଲିକମ୍ କମ୍ପାନୀ ଅବସ୍ଥା ଶୋଚନୀୟ। ଏପରି କି ମୁକେଶ ଅମ୍ବାନୀଙ୍କ 'ଜିଓ' ମଧ୍ୟ ପ୍ରବଳ କ୍ଷତିରେ ଚାଲୁଛି। ଏଭଳି ସ୍ଥଳେ କୃଷି କଥା ନ କହିବା ଭଲ। ଭାରତୀୟ ଅର୍ଥନୀତିରେ ପ୍ରମୁଖ ଯୋଗଦାନ ଦେଉଥିବା କ୍ଷେତ୍ରଗୁଡ଼ିକ ଯେତେବେଳେ ଆର୍ଥିକ ଦୁଃସ୍ଥିତି ଦେଇ ଗତି କରୁଛନ୍ତି, ସେତେବେଳେ ଅର୍ଥନୈତିକ 'ବିକାଶ' ଘଟିବା ଅସମ୍ଭବ। ଭାରତର ର୍‌ୟାଙ୍କିଙ୍ଗ୍ ଆକଳନ କରିବା ଦିଗରେ ଗବେଷଣା କରୁଥିବା ଅର୍ଥନୀତିଜ୍ଞ ଦେବେନ୍ଦ୍ର ପନ୍ତ କହିଛନ୍ତି ଯେ, ୨୦୧୭ରେ ଭାରତୀୟ ମୁଦ୍ରାର ମୂଲ୍ୟ ୩ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ୨୦୧୮ରେ ୫ ପ୍ରତିଶତ ହ୍ରାସ ପାଇଥିଲା। ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ କମିବା ପଛରେ ଦେଶର ମନ୍ଥର ଅଭିବୃଦ୍ଧି ଦାୟୀ ବୋଲି କୁହାଯାଉଛି।

ଏବେ ଭାରତ ସରକାର ଓ ଦେଶବାସୀଙ୍କ ପାଇଁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଏବଂ ୩୫ଏ ଉଚ୍ଛେଦ ବଡ଼ ପ୍ରସଙ୍ଗ ପାଲଟିଯାଇଛି। ଜମ୍ମୁ ଓ କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ଭାଗ କରାଯିବା ପରେ ଏଗୁଡ଼ିକର ଭବିଷ୍ୟତ କ'ଣ ହେବ ସେ ନେଇ ବିଭିନ୍ନ ପ୍ରକାର ଆଲୋଚନା ହେଉଛି। ସମସ୍ତେ ଅବୁଝା ସାଜୁଛନ୍ତି ଯେ, ଏହି କଠୋର ପଦକ୍ଷେପ ଯେତିକି ସ୍ୱାଗତଯୋଗ୍ୟ, ସେତିକି ଅର୍ଥନୈତିକ ଦୃଷ୍ଟିକୋଣରୁ ଭାରତର ଆର୍ଥିକ ରକ୍ତ ଶୋଷି ନେବ। ପ୍ରଶାସନିକ ପରିବର୍ତ୍ତନ ଓ ରାଜ୍ୟର ମାନ୍ୟତା ହରାଇବା ପରେ କଶ୍ମୀରରେ ସୈନ୍ୟ ମୁତୟନ ବହୁ ପରିମାଣରେ ବୃଦ୍ଧି ପାଇଥିବାରୁ ତାହା ଭାରତ ପାଇଁ ମହଙ୍ଗା ପଡ଼ିବ। ଏହି ପରିସ୍ଥିତି କେତେ ଦିନ ଲାଗି ରହିବ, ସେଭଳି ଭବିଷ୍ୟବାଣୀ ଏବେଠାରୁ କରି ହେବ ନାହିଁ।

ଦେଶର ପ୍ରଗତି ପାଇଁ ଅର୍ଥନୈତିକ ଅଭିବୃଦ୍ଧି ନିତାନ୍ତ ଆବଶ୍ୟକ ହୋଇ ପଡ଼ିଥିଲେ ମଧ୍ୟ ଏ ବିଷୟରେ ତ୍ୱରିତ ପଦକ୍ଷେପ ନିଆଯାଉ ନାହିଁ କିମ୍ବା କେହି ଚିନ୍ତିତ ଥିବା ଭଳି ଜଣାପଡୁ ନାହିଁ। ମନେହେଉଛି ଯେପରି ଦେଶବାସୀଙ୍କ ଆଗରେ ଗୁଡ଼ାଏ ବିବାଦୀୟ ପ୍ରସଙ୍ଗ ରଖିଦେଇ ସରକାର ଅତି ସହଜରେ ବାସ୍ତବ ସମସ୍ୟାକୁ ଲୁଚାଇବାରେ ସକ୍ଷମ ହୋଇ ପାରୁଛନ୍ତି। ସଦ୍ୟ ଦୃଷ୍ଟାନ୍ତ ଦେଖିଲେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ଏବଂ ଉତ୍ତର-ପୂର୍ବାଞ୍ଚଳରେ ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି) ବହୁ ବିତର୍କର ଅପେକ୍ଷା ରଖୁଛି।

ବର୍ତ୍ତମାନ ପାକିସ୍ତାନରେ ବିଲାତି କିଲୋଗ୍ରାମ୍ ପ୍ରତି ଦର ୩୦୦ ଟଙ୍କାରେ ପହଞ୍ଚିଛି। ଗଣମାଧ୍ୟମରେ ଏ ନେଇ ଅତ୍ୟଧିକ ପ୍ରଚାର ହେବା ପରେ ଭାରତୀୟମାନେ ଖୁସି ବ୍ୟକ୍ତ କରୁଛନ୍ତି। ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଭାରତ ସହ ପାକିସ୍ତାନ ସମସ୍ତ ପ୍ରକାର ସମ୍ପର୍କ ଛିନ୍ନ କରିଥିବାରୁ ପରିଣାମ ଭୋଗୁଛି ବୋଲି କୁହାଯାଉଛି। ପ୍ରକୃତରେ ଦେଖିଲେ ପାକିସ୍ତାନ ଅର୍ଥନୀତି ଦୀର୍ଘବର୍ଷ ହେବ ଭୁଶୁଡ଼ି ପଡ଼ିଛି। ଗୋଟିଏ ଅର୍ଥନୀତି ମୃତବତ୍ ଅବସ୍ଥାରେ ଥିବା ବେଳେ ତାହା ଉପରେ ବିଶେଷ ଚର୍ଚ୍ଚା କରାଯିବାର ଆବଶ୍ୟକତା ନାହିଁ। ଏହି ପ୍ରଚ୍ଛଦପଟରେ ଦେଖିଲେ ଭାରତରେ କେହି ଚିନ୍ତା କରୁନାହାନ୍ତି ଯେ, ଏଠାରେ ବିଲାତି କିଲୋଗ୍ରାମ ପିଛା ଦର ୬୦ ଟଙ୍କାରୁ ଉର୍ଦ୍ଧ୍ୱରେ ଆସି ପହଞ୍ଚିଲାଣି, ଯାହାକି ଆମ ଲୋକଙ୍କ ପାଇଁ ଅତ୍ୟନ୍ତ କଷ୍ଟକର ହେଉଛି। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ ଦର ବୃଦ୍ଧି ପାଉଥିଲେ ମଧ୍ୟ ସେଥିପ୍ରତି କାହାରି ଦୃଷ୍ଟି ନ ପଡ଼ିବା ହେଉଛି ବିଡ଼ମ୍ବନାର ବିଷୟ। ନିଜର ଅର୍ଥନୀତିକୁ କିଭଳି ସୁଦୃଢ଼ କରାଯାଇପାରିବ, ସେ ଦିଗରେ ରାଜନୈତିକ ବ୍ୟକ୍ତି, ଅର୍ଥନୀତିଜ୍ଞ ଏବଂ ନୀତି ନିର୍ଦ୍ଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ ଗଭୀର ଚିନ୍ତା କରିବା ଦରକାର। ଏ ଦେଶରେ ଭୟରେ ହେଉ ବା ସୁବିଧା ପାଇବା ଆଶା ରଖି ଯଦି ସମସ୍ତେ ନୀରବ ରହିବେ, ତେବେ ବାସ୍ତବ ବିକାଶ ସମ୍ଭବ ହେବ ନାହିଁ। କିଛି ସମୟ ପାଇଁ ଖୁସି ଦେଉଥିବା ଘଟଣାକୁ ଗୁରୁତ୍ୱ ଦେଇ ପ୍ରକୃତ ସମସ୍ୟାକୁ ଭୁଲିଗଲେ ରାଷ୍ଟ୍ର କ୍ଷତିରେ ପଡ଼ିବ।

## ଚିରନ୍ତନୀ

ତୋଳଇ କେତେ କୀରତି ନର
ଖୋଳଇ କେତେ ମାଟି
ଲେଖଇ ନାମ, ଲେଖଇ ନିଜ ଯଶ
ରହିଚି ଆଜି ଅତୀତ କଥା
ପଥର ଦେହ କାଟି
ନିଗାଡ଼ି କେତେ ସରଗ ସୁଧାରସ! (ଅମର ଆଶା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | C | | 1 | B | E | | | | | | | | 6 | |
| 9 | | | | | 3 | | E | 0 | | D | 6 | | C | 8 |
| | | | | | C | 1 | | 8 | | | | B | 4 | E |
| 2 | | | | 9 | | 3 | | | | | | 5 | | 0 |
| | | 6 | | | | | | | | | B | | 1 | |
| C | | A | | | | B | | | | 8 | 4 | 7 | | |
| | | | | 6 | | | | | | | 3 | | B | |
| | | | | 5 | | | | 4 | 0 | | | | 8 | |
| D | 8 | | | | | 2 | A | E | 7 | | C | 1 | | |
| | 9 | | | 0 | | 5 | | | | 1 | 2 | C | | 6 |
| 6 | | | | | | | | 1 | 5 | A | 0 | 2 | E | D |
| | 0 | | | | 9 | | 3 | 7 | | | | | | B |
| | 7 | | | | | | | | | B | | | | |
| E | 3 | | 0 | | | 4 | 9 | | | | 7 | | 5 | |
| 4 | | | D | | | | | | 6 | | | 0 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 7 | 0 | C | 4 | A | 5 | 3 | 6 | D | 9 | 1 | 8 | B | E |
| A | 6 | 1 | 7 | E | 3 | 9 | B | 8 | C | 0 | 5 | 2 | 4 | D |
| 4 | 8 | C | D | 2 | 5 | E | A | 7 | 3 | 6 | B | 0 | 1 | 9 |
| B | 5 | 3 | 1 | 9 | 8 | 0 | 4 | D | 2 | 7 | E | 6 | A | C |
| D | E | 9 | 0 | B | 6 | 1 | C | 2 | A | 8 | 4 | 7 | 3 | 5 |
| C | B | 8 | 6 | 0 | 7 | 3 | D | 5 | 9 | 4 | A | E | 2 | 1 |
| 6 | A | 5 | 2 | 8 | D | 4 | 9 | 0 | E | 1 | 3 | C | 7 | B |
| 9 | 2 | E | 4 | 1 | C | 8 | 7 | A | 5 | B | 0 | D | 6 | 3 |
| 3 | 4 | D | 9 | A | E | 2 | 1 | B | 6 | C | 7 | 5 | 0 | 8 |
| 0 | 1 | 7 | 3 | 5 | B | C | 6 | E | 8 | D | 2 | 4 | 9 | A |
| 5 | 9 | A | 8 | D | 0 | 7 | 2 | 1 | B | E | 6 | 3 | C | 4 |
| 7 | 3 | 6 | A | C | 1 | D | 5 | 9 | 4 | 2 | 8 | B | E | 0 |
| 8 | D | 2 | E | 6 | 9 | B | 0 | 4 | 1 | 3 | C | A | 5 | 7 |
| E | C | B | 5 | 7 | 4 | 6 | 8 | 3 | 0 | A | 9 | 1 | D | 2 |
| 1 | 0 | 4 | B | 3 | 2 | A | E | C | 7 | 5 | D | 9 | 8 | 6 |

ଗତକାଲିର ଉତ୍ତର

# ପୂର୍ବବର୍ତ୍ତୀଙ୍କ ପ୍ରତି ଅଶ୍ରଦ୍ଧାର ପରିଣାମ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ର ୧୯୪୨ ମସିହାରେ ଥରେ ଆଲୋଚନା ପ୍ରସଙ୍ଗରେ କହିଥିଲେ- ପୂର୍ବଗାମୀମାନଙ୍କର ନିନ୍ଦାକରି, ସେମାନଙ୍କର ଅପ୍ରତିଷ୍ଠା କରି ଯଦି ନିଜର ପ୍ରତିଷ୍ଠା ଚାହଁ, ସେ ଚେଷ୍ଟା ସଫଳ ହେବ ନାହିଁ। ସେମାନଙ୍କ ସମ୍ବନ୍ଧରେ ଭଲ ଯାହା ଜାଣ, ତାହା କହିବା ହିଁ ଭଲ। ଆମ ଦେଶରେ ସମ୍ପ୍ରତି ଗୋଟେ ରିୱାଜ ହୋଇଛି- ନିର୍ବାଚନରେ ଛିଡ଼ା ହେଲେ ହିଁ ଜଣେ ଅନ୍ୟର ନିନ୍ଦା କରନ୍ତି, ପରସ୍ପର କାଦୁଅ ଫୋପଡାଫୋପଡି କରନ୍ତି, ଏସବୁ ନୀଚ ବୁଦ୍ଧି ମୋର ପସନ୍ଦ ହୁଏ ନାହିଁ। ସମାଜର ମଥା ଯେଉଁମାନେ, ସେମାନେ ଯଦି ଏପରି କରନ୍ତି, ତା' ହେଲେ ସର୍ବସାଧାରଣ ମଧ୍ୟ ତାହା ଦେଖି ସେପରି କରିଥାନ୍ତି। ସେଥିରେ ଶତ୍ରୁତା ବଢ଼େ, ବିଦ୍ୱେଷ ବଢ଼େ, ପ୍ରୀତି ଆଉ ବଢ଼େ ନାହିଁ। ହଁ! ତେବେ ବିଭିନ୍ନ ଦଳ ଯଦି ଥାଏ ଏବଂ ଦଳଗତ ନୀତି ଭିତରେ ତ୍ରୁଟି ଯଦି ଥାଏ, ପୁଣି ତାହା ଯଦି ବିଶେଷକରି ଧର୍ମ, ଇଷ୍ଟ, ସାତ୍ୱତ କୃଷ୍ଟି, ଐତିହ୍ୟ ଓ କଲ୍ୟାଣବିରୋଧୀ ହୁଏ ଏବଂ ନୀତି ଠିକ୍ ଥାଇ ମଧ୍ୟ ନିର୍ବାଚନ ପ୍ରାର୍ଥୀର ଚଳନ-ଚରିତ୍ର ଯଦି ତାହାର ଓଲଟା ହୁଏ, ସେଇଟା ଜନକଲ୍ୟାଣ ଦୃଷ୍ଟିରୁ ଶୋଭନ ଭାବରେ ଉଦ୍‌ଘାଟିତ କରାଯାଇପାରେ। ଏହା କରିବାକୁ ଗଲେ ବିପକ୍ଷ ସହିତ ଯେ ଶତ୍ରୁତା କରିବାକୁ ହେବ, ତା'ର କୌଣସି ମାନେ ନାହିଁ। (ଆ.ପ୍ର. ୧୫।୦୯।୧୯୪୨)।

ଦୀର୍ଘ ୭୭ ବର୍ଷ ତଳେ ସେ ଯାହା କହିଥିଲେ ତାହା ଆଜି ଆମର ରାଜନୈତିକ ଜୀବନରେ ଏକ ଅବାଞ୍ଛିତ ପରିଣତି ନେଇ ଛିଡ଼ା ହୋଇଛି। ଆମ ଦେଶର ନେତାମାନେ ଧରି ନେଇଛନ୍ତି ଯେ, ପୂର୍ବଗାମୀମାନଙ୍କର ନିନ୍ଦା ଏବଂ ଅପ୍ରତିଷ୍ଠା କଲେ ହିଁ ସେମାନଙ୍କର ପ୍ରତିଷ୍ଠା ଓ ଲୋକପ୍ରିୟତା ବଢ଼ିଯିବ। ସେମାନେ କହନ୍ତି ପୂର୍ବବର୍ତ୍ତୀ ସରକାରମାନେ କିଛି କରି ନ ଥିଲେ- ଆମେ ସବୁକିଛି କରୁଛୁ ବା କରି ଦେଖାଇଦେବୁ। ସେମାନେ ବୁଝିପାରନ୍ତି ନାହିଁ ଯେ ଏପରି କହିବା ଦ୍ୱାରା ନିଜେ ହିଁ ଲୋକଲୋଚନରେ ନିମ୍ନଗାମୀ ହେଉଛନ୍ତି। ବୁଦ୍ଧିମାନ ବ୍ୟକ୍ତି ପୂର୍ବବର୍ତ୍ତୀମାନଙ୍କର ଭଲଗୁଣର ପ୍ରଶଂସା କରି ଲୋକଚକ୍ଷୁରେ ଶ୍ରଦ୍ଧାଭାଜନ ହୋଇଉଠନ୍ତି। ଖୋଲାଖୋଲି ଭାବରେ ବିପକ୍ଷ ନେତାଙ୍କର ନିନ୍ଦାବାଦ କରୁଥିବା ବ୍ୟକ୍ତିଙ୍କୁ ସତ୍‌ଭାବାପନ୍ନ ଲୋକମାନେ ପସନ୍ଦ କରନ୍ତି ନାହିଁ। ତେଣୁ ଏ ଧରଣର ମନୋବୃତ୍ତିକୁ ରାଜନୈତିକ ଅପରିପକ୍ୱତା କୁହାଯାଇପାରେ।

ବିପକ୍ଷର ସମାଲୋଚନା କିପରି କରିବା ଉଚିତ ତା'ର ମଧ୍ୟ ସୁସ୍ପଷ୍ଟ ଇଙ୍ଗିତ ରହିଛି ଶ୍ରୀଶ୍ରୀଠାକୁରଙ୍କର ଉପରୋକ୍ତ ପ୍ରଶ୍ନୋତ୍ତରରେ। ସମାଲୋଚନା ଏପରି ହେବା ଉଚିତ ଯାହାଦ୍ୱାରା ଜନସାଧାରଣଙ୍କର ମଙ୍ଗଳ ହୁଏ। ସେମାନେ ଯେପରି ପ୍ରକୃତ ସତ୍ୟ ଜାଣିପାରନ୍ତି ଏବଂ ପରସ୍ପର ମଧ୍ୟରେ ଶତ୍ରୁତା ସୃଷ୍ଟି ନ ହୁଏ। ଆମ ଦେଶରେ ନେତୃସ୍ଥାନୀୟ ବ୍ୟକ୍ତିମାନେ ପରସ୍ପରର ନିନ୍ଦାବାଦରେ ମତ୍ତ ରହିବା ହେତୁ ସେମାନଙ୍କର ବ୍ୟକ୍ତିଗତ ଚରିତ୍ର କଳୁଷିତ ହେବା ସଙ୍ଗେ ସଙ୍ଗେ ତା'ର ପ୍ରଭାବରେ ସାଧାରଣ ଜନତାଙ୍କ ଚରିତ୍ର ମଧ୍ୟ ରସାତଳଗାମୀ ହୋଇ ଚାଲିଛି। ସମାଜରେ ମଣିଷ ମଣିଷ ମଧ୍ୟରେ ଘୃଣା, ବିଦ୍ୱେଷ, ବୈରୀଭାବ ଏବଂ ରକ୍ତପାତ ବୃଦ୍ଧିପାଉଛି। ଶ୍ରୀଶ୍ରୀଠାକୁର ତାଙ୍କର ଚଲାର ସାଥୀ ଗ୍ରନ୍ଥର ୮୪ ନମ୍ବର ବାଣୀରେ ସାବଧାନ କରି ଦେଇଛନ୍ତି- ତେଣୁ ଯିଏ ବା ଯେଉଁମାନେ ପୂର୍ବତନଙ୍କ ପ୍ରତି ଅଶ୍ରଦ୍ଧା ଏବଂ ଅକୃତଜ୍ଞତା ହେତୁ ବିଚ୍ଛିନ୍ନ ହୋଇ ଆତ୍ମପ୍ରତିଷ୍ଠାରେ ଯତ୍ନବାନ ସେମାନେ ପରବର୍ତ୍ତୀ ଅନୁସରଣକାରୀଙ୍କ ଭିତରେ ସେହି ଅକୃତଜ୍ଞତା ଓ ବିଚ୍ଛିନ୍ନ ଭାବକୁ ସଞ୍ଚାରିତ କରି ଜାତି ଓ କୃଷ୍ଟିକୁ ଛିନ୍ନଭିନ୍ନ କରିଦେବେ, ସନ୍ଦେହ ନାହିଁ। ତେଣୁ କହୁଛି, ସାବଧାନ ହେବାକୁ ଦ୍ୱିଧା କର ନାହିଁ।

ଅତୀତର ମୂଳଦୁଆ ଉପରେ ହିଁ ବର୍ତ୍ତମାନ ଗଢ଼ିଉଠେ ଏବଂ ଭବିଷ୍ୟତର ସମ୍ଭାବନା ସୃଷ୍ଟି ହୁଏ। ୧୯୪୭ ମସିହାରେ ସ୍ୱାଧୀନତା ଲାଭ ପରଠାରୁ ଦେଶ କ୍ରମେ ପ୍ରଗତିପଥରେ ଅଗ୍ରସର ହୋଇଆସିଛି, କେତେବେଳେ ଦ୍ରୁତ ତ କେତେବେଳେ ମନ୍ଥର ଗତିରେ। ଏକାଥରକେ ରାତାରାତି କିଛି ହୋଇଯାଇ ନାହିଁ। ଇତିମଧ୍ୟରେ ଆମେ ୧୫ ଜଣ ପ୍ରଧାନମନ୍ତ୍ରୀଙ୍କୁ ଦେଖିଛୁ। ଦେଶର ପ୍ରଗତିରେ ପ୍ରତ୍ୟେକଙ୍କର କିଛି ନା କିଛି ଅବଦାନ ରହିଛି। ପଣ୍ଡିତ ନେହେରୁଙ୍କ ସମୟରେ ପ୍ରଥମେ ରାଉରକେଲା, ଭିଲାଇ ଏବଂ ଦୁର୍ଗାପୁରରେ ତିନୋଟି ରାଷ୍ଟ୍ରାୟତ୍ତ ଇସ୍ପାତ କାରଖାନା ଏବଂ ଭାକ୍ରାନଙ୍ଗଲ ତଥା ହିରାକୁଦ ଭଳି ବୃହତ୍ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡିକ ସ୍ଥାପିତ ହୋଇ ଦେଶର ଶିଳ୍ପାୟନର ମୂଳଦୁଆ ପଡିଥିଲା। ୧୯୬୦ ଦଶକର ହା-ଅନ୍ନ ଭାରତବର୍ଷକୁ ଆତ୍ମନିର୍ଭରଶୀଳତା ଏବଂ ଆତ୍ମସମ୍ମାନର ମନ୍ତ୍ର ଶୁଣାଇଲେ ଶାସ୍ତ୍ରୀଜୀ ତାଙ୍କର ଜୟ ଯବାନ, ଜୟ କିଷାନ ଆହ୍ୱାନ ମାଧ୍ୟମରେ ଏବଂ ସେହି ପ୍ରଚେଷ୍ଟାରେ ଦେଶ ଆଜି ଖାଦ୍ୟ ଏବଂ ନିରାପତ୍ତା କ୍ଷେତ୍ରରେ ସ୍ୱୟଂସମ୍ପୂର୍ଣ୍ଣ ହୋଇପାରିଛି। ୧୯୬୫ ମସିହାରେ ଆମେରିକା ସମର୍ଥନରେ ଭାରତ ଉପରେ ପାକିସ୍ତାନର ନଗ୍ନ ଆକ୍ରମଣକୁ ସେ ସଫଳତାର ସହିତ ପ୍ରତିହତ କରିଥିଲେ। ଇନ୍ଦିରା ଗାନ୍ଧୀଙ୍କ ସମୟରେ ୧୯୭୧ ମସିହାରେ ପାକିସ୍ତାନ ସହିତ ଯୁଦ୍ଧରେ ଭାରତ ସମ୍ପୂର୍ଣ୍ଣ ବିଜୟପ୍ରାପ୍ତ ହେଲା, ସ୍ୱାଧୀନ ବାଂଲାଦେଶର ସୃଷ୍ଟିହେଲା, ପୋଖରାନରେ ପ୍ରଥମ ଆଣବିକ ବୋମା ପରୀକ୍ଷା ହେଲା, ବ୍ୟାଙ୍କ ଜାତୀୟକରଣ ହେଲା, ସିକିମ ରାଜ୍ୟ ଭାରତ ସହିତ ମିଶିଲା ଏବଂ ୧୯୭୪ ମସିହାରେ ଶେଖ୍ ଅବଦୁଲାଙ୍କ ସହିତ ଚୁକ୍ତି ବଳରେ କଶ୍ମୀର ରାଜ୍ୟର ଭାରତୀୟ ରାଷ୍ଟ୍ରସଂଘରେ ମିଶ୍ରଣକୁ ଚୂଡାନ୍ତ କରାଯାଇ ତାହାକୁ ଜାତିସଂଘ ନିରାପତ୍ତା ପରିଷଦର ଏଜେଣ୍ଡାରେ ସ୍ଥାନିତ କରାଗଲା। ଏହି ସମସ୍ତ ପଦକ୍ଷେପ ଦେଶର ଶକ୍ତିବୃଦ୍ଧି କ୍ଷେତ୍ରରେ ଗୋଟିଏ ଗୋଟିଏ ପାହାଚ କୁହାଯାଇପାରେ। ପ୍ରଧାନମନ୍ତ୍ରୀ ନରସିଂହ ରାଓ ଏବଂ ତତ୍କାଳୀନ ଅର୍ଥମନ୍ତ୍ରୀ ମନମୋହନ ସିଂଙ୍କ ଉଦ୍ୟମରେ ଜାତୀୟ ଅର୍ଥନୀତିର ଉଦାରୀକରଣ ହେତୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେଲା। ଅଟଳବିହାରୀ ବାଜପେୟୀଙ୍କ ଅମଳରେ ପୋଖରାନ ଭୂଗର୍ଭରେ ଚାରିଟି ପରମାଣୁ ବୋମାର ସଫଳ ପରୀକ୍ଷଣ, ଐତିହାସିକ କାରଗିଲ ଯୁଦ୍ଧରେ ସଫଳତା, ଦେଶର ଦ୍ରୁତ ଅଭିବୃଦ୍ଧି ନିମନ୍ତେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଇତ୍ୟାଦି ଦେଶକୁ ଉନ୍ନତି ମାର୍ଗରେ ଆଗେଇ ନେଇଛି।

ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତବର୍ଷକୁ ପୃଥିବୀର ଏକ ଶ୍ରେଷ୍ଠ ରାଷ୍ଟ୍ରରେ ପରିଣତ କରିବା ପାଇଁ ସର୍ବାଙ୍ଗୀଣ ପ୍ରଚେଷ୍ଟା ଜାରି ରଖିଛନ୍ତି। ଚଳିତ ଅଗଷ୍ଟ ୫ ତାରିଖରେ ଏକ ବଳିଷ୍ଠ ପଦକ୍ଷେପ ଗ୍ରହଣ କରି ସେ ସମ୍ବିଧାନର ୩୭୦ ଧାରାର ଉଚ୍ଛେଦ କରିବା ଦ୍ୱାରା କଶ୍ମୀର ସମ୍ବନ୍ଧରେ ଏକ ଐତିହାସିକ ଭୁଲର ସଂଶୋଧନ କରିପାରିଛନ୍ତି। ଏଥିପାଇଁ ଦେଶ ତାଙ୍କୁ ଚିରଦିନ ମନେରଖିବ। ଭାରତ ଭଳି ଗୋଟିଏ ବିରାଟ ସମସ୍ୟାବହୁଳ ରାଷ୍ଟ୍ରର ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱ ତୁଲାଇବା ସହଜ କଥା ନୁହେଁ। ତା' ଛଡା ମଣିଷ ହିସାବରେ ସମସ୍ତଙ୍କର କିଛି ନା କିଛି ଦୋଷ ତ୍ରୁଟି ରହିଛି। ସେ ଦୃଷ୍ଟିରୁ ପୂର୍ବତନମାନଙ୍କର ଦୋଷତ୍ରୁଟିର ସମାଲୋଚନା କରିବାର ଗଣତାନ୍ତ୍ରିକ ଅଧିକାର ଆମର ଯେପରି ଅଛି ଠିକ୍ ସେହିପରି ଦେଶର ପ୍ରଗତି ପଥରେ ସେମାନଙ୍କର ମୂଲ୍ୟବାନ ଅବଦାନକୁ ସ୍ୱୀକାର କରିବାର ନୈତିକ ଦାୟିତ୍ୱ ମଧ୍ୟ ଆମର ଅଛି। ତା' ନ ହେଲେ ଅକୃତଜ୍ଞତା ରୂପକ ପାପ ଆମ ଚରିତ୍ରକୁ କଳୁଷିତ କରିବ ଏବଂ ଈଶ୍ୱରଙ୍କ ଦରବାରରେ ଆମେ ଦ୍ରୋହୀ ହୋଇଯିବା। ତେଣୁ ସମୟ ଆସିଛି ଆମର ନେତୃବର୍ଗ ପୂର୍ବତନମାନଙ୍କ ପ୍ରତି ଏବଂ ପରସ୍ପର ପ୍ରତି ଅଶ୍ରଦ୍ଧା, ଅସମ୍ମାନ ଏବଂ ଅକୃତଜ୍ଞତାର ପରମ୍ପରା ତ୍ୟାଗ କରି ପରସ୍ପରର ଭଲ ଗୁଣଗଡ଼ିକୁ ଦେଖିବାକୁ ଚେଷ୍ଟା କରନ୍ତୁ ଏବଂ ସର୍ବସାଧାରଣରେ ତାହା ବ୍ୟକ୍ତ କରନ୍ତୁ। ତା' ହେଲେ ସେମାନଙ୍କ ମଧ୍ୟରେ ସୌଜନ୍ୟପୂର୍ଣ୍ଣ ସମ୍ପର୍କ ସୃଷ୍ଟିହେବା ସଙ୍ଗେ ସଙ୍ଗେ ଦେଶର ଲୋକଚରିତ୍ର ମଧ୍ୟ ଅନେକାଂଶରେ କଳୁଷମୁକ୍ତ ହୋଇପାରିବ, ଯାହା କି ଉତ୍ତରସୂରିଙ୍କ ପାଇଁ ଅନୁସରଣୀୟ ହୋଇପାରିବ।

ପ୍ଲଟ ନଂ. ୫୦୬, ନୟାପଲ୍ଲୀ, ଭୁବନେଶ୍ୱର,
ମୋ-୯୪୩୭୨୮୭୯୬୪

# ଗ୍ରନ୍ଥାଗାର : ଜ୍ଞାନର ଗନ୍ତାଘର

ପ୍ରୀତିମୟ ସାହୁ

ଗ୍ରନ୍ଥାଗାର ଓ ସୂଚନା ବିଜ୍ଞାନ କ୍ଷେତ୍ରରେ ଶିୟାଲୀ ରାମାମୃତ ରଙ୍ଗନାଥନ୍‌ଙ୍କ ଅବଦାନ ବିଶ୍ୱବ୍ୟାପୀ ଅତୁଳନୀୟ। ଭାରତୀୟ ଗ୍ରନ୍ଥାଗାର, ଗ୍ରନ୍ଥାଗାର ବିଜ୍ଞାନ, ଗ୍ରନ୍ଥାଗାରିକ ସଂପ୍ରଦାୟ ପାଇଁ ଜୀବନବ୍ୟାପୀ ସାଧନା ହେତୁ ଭାରତ ସରକାର ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରିଛନ୍ତି। ଗ୍ରନ୍ଥାଗାରର ଜନକ ଭାବେ ଜଣାଶୁଣା ରଙ୍ଗନାଥନ୍ ତାମିଲନାଡୁର ଛୋଟିଆ ସହର ଶିୟାଲୀରେ ୧୨ ଅଗଷ୍ଟ ୧୮୯୨ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଜନ୍ମଦିବସକୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ରୂପେ ପାଳନ କରାଯାଉଛି। ଗଣିତଜ୍ଞ ଭାବେ ତାଙ୍କ ଚାକିରି ଜୀବନ ଆରମ୍ଭ ହୋଇଥିଲା। ପରେ ବିଶ୍ୱବିଦ୍ୟାଳୟରେ ଲାଇବ୍ରେରିଆନ୍ ଭାବେ ଯୋଗ ଦେଇଥିଲେ। ଏହି ବିଷୟରେ ଅଧିକ ଗବେଷଣା ପାଇଁ ସେ ଲଣ୍ଡନ ଗସ୍ତ କରିଥିଲେ। ସେଠାରୁ ଫେରି ଭାରତରେ ପାଠାଗାରକୁ ଆଧୁନିକୀକରଣ କରିବା ସହ ଲୋକାଭିମୁଖୀ କରିବା ଦିଗରେ ଚେଷ୍ଟା କରିଥିଲେ।

ବର୍ତ୍ତମାନ ଲାଇବ୍ରେରି କହିଲେ ଯେତେ ଲୋକ ବୁଝିବେ, ପାଠାଗାର କହିଲେ ସେତେ ଲୋକ ବୁଝିବେ ନାହିଁ। ଅଭିଧାନ ଦେଖିଲେ ଗ୍ରନ୍ଥକୁଟ, ଗ୍ରନ୍ଥାଳୟ, ଗ୍ରନ୍ଥକୁଟୀ, ଗ୍ରନ୍ଥାଗାର, ପୁସ୍ତକାଗାର ଇତ୍ୟାଦି ପାଠାଗାରର ପ୍ରତିଶବ୍ଦ। ପାଠାଗାରକୁ ଜ୍ଞାନର ଗନ୍ତାଘର ବୋଲି କୁହାଯାଏ। କେବଳ ଜ୍ଞାନ ନୁହେଁ, ଏହା ଖବର ଏବଂ ମନୋରଞ୍ଜନର ଭଣ୍ଡାର କହିଲେ ଅତ୍ୟୁକ୍ତି ହେବ ନାହିଁ। ବ୍ୟକ୍ତିର ପଠନ ଅଭ୍ୟାସକୁ ବଳବତ୍ତର କରିବା ପାଇଁ ପାଠାଗାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପାଠାଗାର ହେଉଛି ଶିକ୍ଷାର ପୀଠସ୍ଥଳୀ, ଜ୍ଞାନର ଭଣ୍ଡାର। ଏହା ମାଧ୍ୟମରେ ସଭ୍ୟତାର କ୍ରମବିକାଶର ସ୍ୱରୂପ ପ୍ରକଟିତ। ଏହା ଅନସ୍ୱୀକାର୍ଯ୍ୟ ଯେ, ଏକ ସମୁନ୍ନତ ସମାଜରେ ବାସ କରୁଥିବା ଜନସାଧାରଣଙ୍କ ପାଇଁ ଏକ ଉତ୍ତମ ପାଠାଗାରର ଉପାଦେୟତା ଅଛି। ନିଜସ୍ୱ ଜ୍ଞାନ, ବୁଦ୍ଧି, ଅବିରତ ଶିକ୍ଷାର ପ୍ରଚେଷ୍ଟା ଏବଂ ସମାଜରେ ସୁଯୋଗ ତଥା ସହଯୋଗର ମନୋବୃତ୍ତି ବଢାଇବାରେ ଏହା ସହାୟକ ହୋଇଥାଏ।

ଆଜିର ଏହି ଇଣ୍ଟରନେଟ୍ ସୋସିଆଲ ମିଡିଆ ଏବଂ ମୋବାଇଲ ଆପ୍‌ସ ଯୁଗରେ ଇ-ବୁକ୍, ଇ-ଜର୍ନାଲ ପାଠାଗାର ବିକଳ୍ପ ଭାବେ ଉଭା ହେଲାଣି। ଗୋଟିଏ ବଟନ୍ ଚିପିବା ମାତ୍ରେ ସମସ୍ତ ତଥ୍ୟ ସହଜରେ ଉପଲବ୍ଧ ହୋଇପାରୁଛି। ଫଳସ୍ୱରୂପ ଯୁବପିଢ଼ି ପାଠାଗାରଠୁ ଦୂରେଇ ଯାଉଛନ୍ତି। ତେବେ

### ଜାତୀୟ ଗ୍ରନ୍ଥାଗାରିକ ଦିବସ ଉପଲକ୍ଷେ

ଇ-ବୁକ୍ ଯେ ପାଠକର ସମ୍ପୂର୍ଣ୍ଣ ଆବଶ୍ୟକତାକୁ ଅଚିରେ ପୂରଣ କରିପାରିବ, ଏହା ଅସମ୍ଭବ। କାରଣ ଇଣ୍ଟରନେଟ୍‌ରୁ ମିଳୁଥିବା ତଥ୍ୟ ସମ୍ବନ୍ଧରେ ଅନେକ ଜ୍ଞାନ ବହୁ ଲୋକଙ୍କ ପାଖରେ ନ ଥାଏ। ଗ୍ରନ୍ଥାଗାରରୁ କୌଣସି ପ୍ରବନ୍ଧ ଖୋଜିବା ପାଇଁ ଚେଷ୍ଟା କରାଗଲେ ଏହା ସଙ୍ଗେ ସଙ୍ଗେ ମିଳିପାରିଥାଏ। ମାତ୍ର ଇଣ୍ଟରନେଟ୍‌ରେ କେଉଁ ସର୍ଚ୍ଚ ସାଇଟ୍‌ରେ ଏହି ସମ୍ବନ୍ଧୀୟ ଠିକ୍ ପ୍ରବନ୍ଧ ଅଛିନ୍, ତାହା ଖୋଜିପାରିବା କଷ୍ଟକର। ଏଥିସହିତ ଏଥିରେ ତଥ୍ୟ ସବୁ ସମୟରେ ଅପ୍‌ଟୁଡେଟ୍ ହୋଇ ନ ଥାଏ। ମାତ୍ର ଗ୍ରନ୍ଥାଗାରରେ ତାରିଖ, ମାସ, ବର୍ଷ ଆକାରରେ ଏହି ପ୍ରବନ୍ଧ ସବୁ ସଂରକ୍ଷିତ ହୋଇ ରହିଥାଏ। ଏପରି କି ପୁସ୍ତକ ନେବା ଆଣିବାରେ ସହଜ ହେବା ସହ ସବୁ ସମୟରେ ତାରିଖ, ମାସ ଓ ବର୍ଷ ଆକାରରେ ଏହି ପ୍ରବନ୍ଧ ସବୁ ସାଇତା ହୋଇ ରହିଥାଏ। ଇ-ବୁକ୍‌ରେ ଏହା ସମ୍ଭବ ହୋଇପାରିନଥାଏ, ଏଥିସହିତ ଏହା ମଧ୍ୟ ଅଧିକ ବ୍ୟବସାୟସାପେକ୍ଷ। ଛାପା ବହିର ଇତିହାସ ହଜାର ହଜାର ବର୍ଷ ପୁରୁଣା, ମାତ୍ର ଇଣ୍ଟରନେଟ୍ ମାଧ୍ୟମରେ ସବୁ ପୁରୁଣା ବହି, ତଥ୍ୟ ସଂରକ୍ଷଣ କରାଯାଇଛି କି ନାହିଁ ତାହା ସନ୍ଦେହ ଘେରରେ।

ଶେଷରେ କୁହାଯାଇପାରେ, ଭାଷାର ସମୃଦ୍ଧି ସାଧନରେ ପାଠାଗାରର ଭୂମିକା ଗୁରୁତ୍ୱପୂର୍ଣ୍ଣ। କେବଳ ପାଠାଗାର ପ୍ରତିଷ୍ଠା କରି ପାଠକ ସୃଷ୍ଟି ନ କଲେ, ପାଠାଗାର ପ୍ରତିଷ୍ଠାର ମୂଳଲକ୍ଷ୍ୟ ଅପୂରଣୀୟ ହୋଇରହିଯିବ। ଶିୟାଲୀ ରାମାମୃତ ରଙ୍ଗନାଥନ୍ ଗ୍ରନ୍ଥାଗାରକୁ ପାରମ୍ପରିକ ରକ୍ଷଣଶୀଳତାରୁ ମୁକ୍ତ କରି ଆଧୁନିକତାର ସ୍ପର୍ଶ ଦେବା ପାଇଁ ଚେଷ୍ଟା ଚଳାଇଥିଲେ। ଫଳସ୍ୱରୂପ ଆଜିର ଗ୍ରନ୍ଥାଗାର ଯୁଗ ସହିତ ତାଳ ଦେଇ ସୂଚନା ଓ ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରି ଡିଜିଟାଲ ଲାଇବ୍ରେରିରେ ରୂପାନ୍ତରିତ ହୋଇଛି। ଏବେ ବହୁ ସଂସ୍ଥା ନିଜ ସେବାକୁ ଲୋକାଭିମୁଖୀ କରିବାକୁ ସୋସିଆଲ୍ ମିଡିଆ ଉପଯୋଗ କରୁଛନ୍ତି। ଯଦି ସୋସିଆଲ୍ ମିଡିଆକୁ ଡିଜିଟାଲ ଲାଇବ୍ରେରି ସହିତ ଯୋଡ଼ି ଦିଆଯାଏ, ତା'ହେଲେ ବହୁ ପାଠକ ଉପକୃତ ହୋଇପାରିବେ। ଗ୍ରନ୍ଥାଗାରିକମାନେ ଦକ୍ଷତାର ସହିତ ଠିକ୍ ତଥ୍ୟ ଠିକ୍ ସମୟରେ ବ୍ୟବହାର କରି ପାଖରେ ପହଞ୍ଚାଇପାରିଲେ ସେବା ସାର୍ଥକ ହେବ। ଶିୟାଲୀ ରାମାମୃତ ରଙ୍ଗନାଥନ୍ ପୁସ୍ତକ ପଠନ ପାଇଁ ଭାରତରେ ଏକ ଆନ୍ଦୋଳନ ସୃଷ୍ଟି ଲାଗି ପ୍ରୟାସ କରିଥିଲେ।

## ଏଇ ଭାରତରେ

ବିହାରର ମୁଜଫରପୁର ଅଞ୍ଚଳରେ ଭାଇଚାରା ଓ ସାମ୍ପ୍ରଦାୟିକ ସଦ୍‌ଭାବନାର ପରିଚୟ ଦେଇଛନ୍ତି ସେଠାରେ ବାସ କରୁଥିବା ମୁସଲମାନ୍‌ମାନେ। ଶ୍ରାବଣ ମାସ ଶେଷ ସୋମବାରରେ ବକ୍ରିଦ୍‌ର ପ୍ରଥମ ଦିନ ପଡୁଥିବାରୁ ଏହିଦିନ କୁର୍ବାନି କରାଯିବନାହିଁ ବୋଲି ବାବା ଗରିବନାଥ ମନ୍ଦିର ଆଖପାଖରେ ରହୁଥିବା ୩୦-୪୦ଟି ମୁସଲମାନ ପରିବାର ନିଷ୍ପତ୍ତି ନେଇ ଦେଶକୁ ଏକ ନୂଆ ବାର୍ତ୍ତା ଦେଇଛନ୍ତି। ଶ୍ରାବଣ ମାସର ଶେଷ ସୋମବାରରେ ବାବା ଗରିବନାଥ ମନ୍ଦିରରେ ଭଗବାନ ଶିବଙ୍କୁ ଜଳଲାଗି କରିବା ପାଇଁ ଲକ୍ଷାଧିକ କାଉଡିଆଙ୍କ ସମାଗମ ହୁଏ। ଶାନ୍ତିର ସହ କିଭଳି ଜଳାଭିଷେକ ଓ ମେଳା ସମାପନ ହେବ ସେଥିପାଇଁ ମୁସଲମାନମାନଙ୍କ ସହଯୋଗ ଏକ ଉଦାହରଣ ବୋଲି କୁହାଯାଇପାରେ। ସୋମବାର ବକ୍ରିଦ୍‌ର ପ୍ରଥମଦିନ ହେଲେ ବି ମୁସଲମାନ ପରିବାରରେ କୁର୍ବାନି କରାଯିବନାହିଁ ବୋଲି ଛାତା ବଜାର ମସ୍‌ଜିଦ କମିଟିର ସମ୍ପାଦକ କହିଛନ୍ତି। ମନ୍ଦିର ସମ୍ମୁଖରେ ଥିବା ଛାତା ବଜାର ମସଜିଦରେ ମୌଲାନା ଶହିଦୁଜମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହା ଘୋଷଣା କରାଯାଇଛି। ବୈଠକରେ ମସଜିଦ କମିଟିର ସଦସ୍ୟଙ୍କ ସହ ଗରିବନାଥ ମନ୍ଦିର ପକ୍ଷରୁ କେତେକ ବ୍ୟକ୍ତି ଉପସ୍ଥିତ ରହିଥିଲେ। ତିନିଦିନ ବକ୍ରିଦ୍ ପାଳନ କରାଯାଉବାରୁ ପ୍ରଥମ ଦିନ ବ୍ୟତୀତ ଆଉ ଦୁଇଦିନ କୁର୍ବାନି କରାଯାଇପାରିବ ବୋଲି କୁହାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଅଗଷ୍ଟ ୧୯୯୪

- ଦକ୍ଷିଣ ଆଫ୍ରିକାର ଭାରତୀୟ ବଂଶୋଦ୍ଭବ ନେତା ଫତିମା ମୀର୍ ଚଳିତବର୍ଷର ସମ୍ମାନଜନକ ବିଶ୍ୱ-ଗୁରଜାରୀ ପୁରସ୍କାର ପାଇଁ ମନୋନୀତ।
- ରୁଷିଆରେ ଦୁଇଟି ଟ୍ରେନ୍ ମଧ୍ୟରେ ଦୁର୍ଘଟଣାରେ ୨୧ ଜଣଙ୍କ ମୃତ୍ୟୁ।

## ସାପ୍ତାହିକ ପଞ୍ଜିକା

ଅଗଷ୍ଟ ୪- ଚାନ୍ଦିପୁରସ୍ଥିତ ଆଇଟିଆର୍‌ରୁ କ୍ଷେପଣାସ୍ତ୍ରଭେଦୀ କ୍ଷେପଣାସ୍ତ୍ର କ୍ୟୁଆର୍‌ଏସ୍‌ଏମ୍‌ର ସଫଳ ପରୀକ୍ଷଣ।
୫- ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ୩୭୦ ଧାରା ଓ ୩୫(ଏ) ଉଚ୍ଛେଦ ହେବା ସହ ଲଦାଖକୁ ଅଲଗା କରି କେନ୍ଦ୍ରଶାସିତ ଅଞ୍ଚଳ କରିବା ଓ ଜମ୍ମୁ-କଶ୍ମୀରକୁ ଏକ ଅଲଗା କେନ୍ଦ୍ରଶାସିତ ଅଞ୍ଚଳ କରିବା ଲାଗି ପ୍ରସ୍ତାବ ଗୃହୀତ।
୬- ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତ୍ରୀ ସୁଷମା ସ୍ୱରାଜଙ୍କ ପରଲୋକ।
* ୩୭୦ ଧାରା ଉଚ୍ଛେଦ ସଂକଳ୍ପନାମା ଓ ଜମ୍ମୁ-କଶ୍ମୀରପୁନର୍ଗଠନବିଲ୍‌ପାର୍ଲାମେଣ୍ଟରେଗୃହୀତ।
୭- ୩୭୦ ଧାରା ଉଚ୍ଛେଦକୁ ବିରୋଧ କରି ଭାରତ ସହ ସମସ୍ତ କୂଟନୈତିକ ସମ୍ପର୍କ ଛିନ୍ନ କଲା ପାକିସ୍ତାନ।
୮- ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସ୍ୱର୍ଗତ ଭାରତୀୟ ଜନସଂଘ ନେତା ନାନାଜୀ ଦେଶମୁଖ ଓ ସ୍ୱର୍ଗତ ଗାୟକ ଭୂପେନ ହଜାରିକାଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଛି।
୯- ୩୭୦ ଧାରା ଉଚ୍ଛେଦ ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦରେ ଜାତିସଂଘ ମୁଣ୍ଡ ଖେଳାଇବ ନାହିଁ ବୋଲି ମନା କରିଦେଇଥିବା ବେଳେ ଆମେରିକା ଓ ଚାଇନା ମଧ୍ୟ ତୁମ କଥା ତୁମେ ବୁଝ ବୋଲି ସ୍ପଷ୍ଟ କରିଦେଇଛନ୍ତି।

## ଆମ ସମସ୍ୟା

### ରାସ୍ତା ଆଲୋକୀକରଣ ହେଉ

ମହାଶୟ,

ପାଞ୍ଚ ନମ୍ବର ଜାତୀୟ ରାଜପଥରୁ ଏକ ଲମ୍ବା ରାସ୍ତା ମହୁରା ଏବଂ ନଅଁପୁଟ ଦେଇ ରେତଙ୍ଗ ରେଲୱେ ଷ୍ଟେଶନ ପର୍ଯ୍ୟନ୍ତ ଯାଇଛି। ରାସ୍ତାର ଅବସ୍ଥା ନ କହିବା ଭଲ। ଏ ରାସ୍ତାର ଉଭୟ ପାର୍ଶ୍ୱରେ ସି.ଭି. ରମଣ ଇଞ୍ଜିନିୟରିଂ କଲେଜ, ଜାଭିୟର୍ସ ଇଂଲିଶ ମିଡିୟମ ସ୍କୁଲ, ଭୁବନେଶ୍ୱର ଆଇଟିଆର ଏବଂ ଆହୁରି ଅନେକ ସ୍କୁଲ କଲେଜ ରହିଛି। ଏ ରାସ୍ତାରେ ଅନେକ ବସ୍, ଟ୍ରକ୍, କାର ଏବଂ ବାଇକ୍ ଅହରହ ଚାଲିଥାଏ। କିନ୍ତୁ ରାସ୍ତାର ଅନେକ ଜାଗାରେ ଖାଲ। ରାସ୍ତାକଡ଼ର ଅନାବନା ଗଛଗୁଡିକ ରାସ୍ତା ଉପରକୁ ମାଡ଼ିଆସିଲାଣି। ସନ୍ଧ୍ୟା ହେଲେ ଲମ୍ବଜନ୍ତୁ ରାସ୍ତାର ଉଭୟ ପାର୍ଶ୍ୱକୁ ଆତଯାତ କରୁଛନ୍ତି। ରାସ୍ତାରେ ଆଲୋକର ବ୍ୟବସ୍ଥା ନାହିଁ। କର୍ତ୍ତୃପକ୍ଷଙ୍କୁ ଅନୁରୋଧ, ଏ ରାସ୍ତାର ମରାମତି ସହ ଆଲୋକୀକରଣ କଲେ ଲୋକେ ସ୍ୱଚ୍ଛନ୍ଦରେ ଆତଯାତ କରିପାରନ୍ତେ।

ବାସନ୍ତୀ ପଟ୍ଟନାୟକ, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଭୁବନେଶ୍ୱର

### ସୁଜାନଗରପାଟଣାକୁ ରାଜସ୍ୱ ଗ୍ରାମ କରାଯାଉ

ଧରିତ୍ରୀ(୧୬।୭)ରୁ ଓଡିଶାର ୪୧୧୬ ପଡା ଗ୍ରାମ ରାଜସ୍ୱ ଗ୍ରାମରେ ପରିଣତ ହେବ ବୋଲି ଜାଣିବାକୁ ପାଇଲି। ଆମ ଗ୍ରାମ ସୁଜାନଗରପାଟଣାଟି ଗୋଟିଏ ବଡ ପଡା ଗ୍ରାମ। ଏହାର ଲୋକସଂଖ୍ୟା ପ୍ରାୟ ଏକ ହଜାରରୁ ଅଧିକ। ଏହା ପ୍ରାଚୀ ନଦୀ କୂଳରେ ଅବସ୍ଥିତ ଓ ଅତୀତରେ ସାଧବ ପୁଅମାନେ ଏଠାରେ ବସବାସ କରୁଥିଲେ ବୋଲି ପ୍ରାଚୀ ମାହାତ୍ମ୍ୟରେ ବର୍ଣ୍ଣିତ ଅଛି। ଏହି ଗ୍ରାମର ପ୍ରାୟ ସମସ୍ତ ପରିବାର ଚାଷୀ ଓ କୃଷିଭିତ୍ତିକ ଛୋଟ ବ୍ୟବସାୟୀ, ଉକ୍ତ ଗ୍ରାମରେ ବର୍ତ୍ତମାନ ପ୍ରାୟ ସାତ ଏକରରୁ ଅଧିକ ସରକାରୀ ଜମି ଅଛି। ସରକାରୀ ମାଛଗାଡିଆ, ଶ୍ମଶାନ, ପ୍ରାଥମିକ ବିଦ୍ୟାଳୟ, ଅର୍ଦ୍ଧନିର୍ମିତ ଅଙ୍ଗନବାଡି କେନ୍ଦ୍ର, ଆଖଣ୍ଡଳମଣି ମନ୍ଦିର, ଅନ୍ତର୍ବେଦୀ ମଠ ପ୍ରଭୃତି ଏ ଗ୍ରାମରେ ବିରାଜମାନ। ଏଣୁ ଏହି ଗ୍ରାମକୁ ଗୋଟିଏ ରାଜସ୍ୱ ଗ୍ରାମ କରିବାକୁ ସରକାରଙ୍କୁ ଅନୁରୋଧ।

ସୁରେନ୍ଦ୍ର କୁମାର ନାୟକ, ସୁଜାନଗରପାଟଣା, କଣ୍ଟାପଡ଼ା, ନିଆଳି, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜମିବ ଖାଦ୍ୟର ଆସର

ସୋମବାର(୧୨ ଅଗଷ୍ଟ) ପାଳିତ ହେବ ଇଦ୍-ଉଲ୍-ଜୁହା ବା ବକ୍ରିଦ୍। ମୁସଲମାନ ସମ୍ପ୍ରଦାୟର ଏହା ଏକ ପ୍ରମୁଖ ଉତ୍ସବ। ଆଲ୍ଲାଙ୍କୁ ଖୁସି କରିବା ପାଇଁ ବକ୍ରା(ଛେଳି)କୁ କୁରବାନି ଦିଆଯାଏ। ବିଶ୍ୱାସ ଓ ପରମ୍ପରାର ଏହି ପର୍ବ ପାଳନ ଅବସରରେ ମୁସଲମାନ ପରିବାରର ଘରେ ଘରେ ସ୍ୱତନ୍ତ୍ର ଖାଦ୍ୟ ତିଆରି ହୋଇଥାଏ। ଏହାଛଡ଼ା ବିଭିନ୍ନ ହୋଟେଲ ଓ ରେଷ୍ଟୁରାଣ୍ଟରେ ମଧ୍ୟ କେତେକ ଖାସ୍ ଡିଶ୍ ପ୍ରସ୍ତୁତ ହୋଇଥାଏ।

## ବିରିୟାନି ସାଙ୍ଗକୁ ଲଚ୍ଛା, ଫାଲୁଦା, ମୋରବା, ଜର୍ଦ୍ଦା

**ମୁସଲମାନ ସମ୍ପ୍ରଦାୟର ପ୍ରମୁଖ ଦୁଇ ପର୍ବ ହେଉଛି ଇଦ୍-ଉଲ-ଫିତର ଓ ଇଦ୍-ଉଲ-ଜୁହା। ସୋମବାର ହେଉଛି ଇଦ-ଉଲ-ଜୁହା। ପବିତ୍ର ରମଜାନ ମାସର ଶେଷ ଦିନ ପରେ ଇଦ୍-ଉଲ-ଫିତର ପାଳନ କରାଯାଉଥିବା ବେଳେ ଏହାର ପ୍ରାୟ ଦୁଇ ମାସ ପରେ ଇଦ୍-ଉଲ-ଜୁହା ପର୍ବ ଆସେ। ଏହି ଦୁଇଟି ଯାକ ପର୍ବରେ ମୁସଲମାନ ଭାଇଭଉଣୀମାନେ ନୂଆ ଡ୍ରେସ ପିନ୍ଧି ସ୍ୱତନ୍ତ୍ର ନମାଜ ପାଠ କରିଥାନ୍ତି। କାନ୍ଧରେ କାନ୍ଧ ମିଳାଇ ପରସ୍ପରକୁ ଶୁଭେଚ୍ଛା ଜଣାଇଥାନ୍ତି। ହେଲେ ଏହି ଦୁଇ ପର୍ବରେ ପ୍ରତ୍ୟେକ ମୁସଲମାନ ପରିବାରରେ ଖାଇବା ପିଇବାର ଆସର ଜମେ। ତେବେ ଏହି ପର୍ବରେ କେତେକ ଖାସ୍ ସୁସ୍ୱାଦୁ ଖାଦ୍ୟକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି।**

### ପ୍ରଥମ ପସନ୍ଦ ବିରିୟାନି

ବିରିୟାନି ଏକ ନିତିଦିନିଆ ଖାଦ୍ୟ ହୋଇଥିଲେ ମଧ୍ୟ ଇଦ୍ ଅବସରରେ ଏହା ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଏ। ଏହି ଦିନ କୌଣସି ରେଷ୍ଟୁରାଣ୍ଟ ଉପରେ ଭରସା ନ କରି ନିଜ ଘର ତିଆରି ବିରିୟାନି ଖାଇଥାନ୍ତି ମୁସଲମାନମାନେ। ବନ୍ଧୁବାନ୍ଧବଙ୍କ ମେଳରେ ଏକତ୍ର ବସି ବିରିୟାନି ମୁଖ୍ୟ ଖାଦ୍ୟ ଭାବେ ଖିଆଯାଏ। ଏ ନେଇ ସ୍ୱତନ୍ତ୍ର ବିରିୟାନି ଚାଉଳ ଓ ମସଲା ବିକ୍ରି ହେଉଥିବା ଦେଖିବାକୁ ମିଳୁଛି।

### ନମାଜ ପାଠ ପରେ ଲଚ୍ଛା

ନମାଜ ପାଠ ଶେଷ କରିବା ପରେ ପ୍ରଥମେ ମିଠା ଖାଇବାକୁ ଭଲ ପାଆନ୍ତି। ଘରର ମହିଳାମାନେ ସକାଳୁ ଉଠି ମିଠାଜାତୀୟ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି। ଏହା ମଧ୍ୟରେ ଗୋଟିଏ ଖାଦ୍ୟ ହେଉଛି ଲଚ୍ଛା। ସିମେଇ ଭଳି ଦେଖା ଯାଉଥିଲେ ମଧ୍ୟ ଏହା ସିମେଇ ନୁହେଁ। ମଇଦାରୁ ପ୍ରସ୍ତୁତ ଲଚ୍ଛା ଦୁଇ ପ୍ରକାରର। ଘିଅ ଓ ତେଲରେ ମିଶ୍ରଣକୁ ନେଇ ଲଚ୍ଛା ଭିନ୍ନଭିନ୍ନ। ଲଚ୍ଛା କଟକର କେଶରପୁର ଅଞ୍ଚଳରେ ତିଆରି ହେଉଥିଲେ ମଧ୍ୟ ପ୍ରାୟତଃ ଇଦ୍ ସମୟରେ କୋଲକାତା, ହାଇଦ୍ରାବାଦ ଅଞ୍ଚଳରୁ ଲଚ୍ଛା ଅଣାଯାଏ। ଲଚ୍ଛା କେଜି ପିଛା ଦର ୧୦୦ଟଙ୍କାରୁ ଆରମ୍ଭ କରି ୮୦୦ଟଙ୍କା ପର୍ଯ୍ୟନ୍ତ ରହିଛି। ଗରମ କ୍ଷୀରରେ ଲଚ୍ଛାକୁ ପକାଇ କିଛି ସମୟ ଭିଜିବା ପରେ ଏହାକୁ ଖାଦ୍ୟ ଭାବେ ଗ୍ରହଣ କରାଯାଏ। ସିମେଇ ମଧ୍ୟ ବିକ୍ରି ହେଉଛି। ଏହାର ମୂଲ୍ୟ କେଜି ପିଛା ୭୦ଟଙ୍କା ରହିଛି।




### ସାମିଲ ହେଲାଣି ଫାଲୁଦା



ପଶ୍ଚିମ ଭାରତର ଖାଦ୍ୟ ଫାଲୁଦାକୁ ଏବେ ମୁସଲମାନମାନେ ଇଦ୍ ସମୟରେ ଅଧିକ ଭାବେ ଖାଉଥିବା ଦେଖିବାକୁ ମିଳିଛି। ଏହାର ଚାହିଦା ମଧ୍ୟ ବଜାରରେ ଅଧିକ। ଫାଲୁଦା ପ୍ୟାକେଟ ହୋଇ ବିକ୍ରି କରାଯାଉଛି। ଷ୍ଟ୍ରବେରୀ, ଭାନିଲା, କାଜୁପେସ୍ତା, ବଟରସ୍କଚ ଭଳି ବିଭିନ୍ନ ପ୍ରକାରର ଫାଲୁଦା ପ୍ୟାକେଟ ରହିଛି। ପ୍ୟାକେଟ ଗୁଡ଼ିକ ୭୦ ଟଙ୍କା। ଗୋଟିଏ ପ୍ୟାକେଟକୁ ଗୋଟିଏ ଲିଟର କ୍ଷୀରରେ ପକାଇ ଖାଦ୍ୟ ପ୍ରସ୍ତୁତ କଲେ ୬ଜଣ ଖାଇ ପାରିବେ।

### ମିଠା ଖାଦ୍ୟ ଜର୍ଦ୍ଦା

ଏହି ପର୍ବ ଅବସରରେ ମୁସଲମାନ ପରିବାରରେ ଚାଉଳରେ ତିଆରି ଜର୍ଦ୍ଦା ଖାଦ୍ୟ ତିଆରି ହେଉଥିବା ଦେଖିବାକୁ ମିଳେ। ଏହାର ନାଁ ଜର୍ଦ୍ଦା ହୋଇଥିଲେ ମଧ୍ୟ ଏହା ଅତ୍ୟନ୍ତ ମିଠା ଜାତୀୟ ଖାଦ୍ୟ। କମଳା ରଙ୍ଗର ଭାତରେ ଘିଅ, ନଡ଼ିଆ, ଚେରୀ, କିସ୍‌ମିସ୍ ପକାଇ ଜର୍ଦ୍ଦା ତିଆରି କରାଯାଏ।

### ଚାହିଦାରେ ଆରବ ଖଜୁରି

ପୁଣ୍ୟର ଫଳ ଭାବେ ଖଜୁରିକୁ ଗ୍ରହଣ କରନ୍ତି ମୁସଲମାନମାନେ। ୧୦ରୁ ୧୫ପ୍ରକାରର ଖଜୁରି ବଜାରରେ ବିକ୍ରି ହେଉଛି। ତେବେ ସବୁଠାରୁ ଅଧିକ ଚାହିଦା ରହିଛି ଆରବ ଖଜୁରୀର। ସୌଦିଆରବର ଅଲ୍‌ମଦିନାରୁ ଆସୁଥିବା ଖଜୁରି ପ୍ୟାକେଟ ଅଧକେଜିକୁ ୨୮୦ଟଙ୍କାରେ ବିକ୍ରି ହେଉଛି। ଇରାନରୁ ମଧ୍ୟ ଖଜୁରି ପ୍ୟାକେଟ ଆସୁଛି। ୬୦୦ଗ୍ରାମର ଇରାନୀ ଖଜୁରି ପ୍ୟାକେଟ୍‌ର ମୂଲ୍ୟ ୨୦୦ଟଙ୍କାରେ ବିକ୍ରି ହେଉଛି।

### ପାଣିକଖାରୁ ମୋରବା

ପ୍ୟାକେଟ ଭିତରେ ମିଶ୍ରି ପରି ଦେଖାଯାଉଥିବା ମିଠା ଖାଦ୍ୟ ମୋରବା ଇଦ୍ ଅବସରରେ ବଜାରରେ ବିକ୍ରି ହେଉଛି। ଏହା ପାଣି କଖାରୁରୁ ତିଆରି ହୋଇଛି। ମିଠା ଭାବେ ଏହାକୁ ମଧ୍ୟ ଇଦ୍ ଅବସରରେ ଖିଆଯାଏ।



**– ରିପୋର୍ଟ: କୁମାରଶ୍ରୀ ସାହୁ, କଟକ**

## କଲେଜି ମସଲା



**ସାମଗ୍ରୀ**

ମଟନ କଲିଜା- ୫୦୦ଗ୍ରାମ
ପିଆଜ- ୩ଟା(ପେଷ୍ଟ)
ଟମାଟୋ- ୨ଟା(ପେଷ୍ଟ)
ଲଙ୍କା, ଜିରା, ଧନିଆ ଗୁଣ୍ଡ- ୧ ଚାମଚ ଲେଖାଏ, ହଳଦୀ ଗୁଣ୍ଡ- ୧/୨ ଚାମଚ
ତେଲ- ୫୦ଗ୍ରାମ, ଲୁଣ- ସ୍ୱାଦନୁଯାୟୀ
ଗୁଜୁରାତି- ୪ଟା, ଡାଲଚିନି- ୨ଟା
ତେଜପତ୍ର- ୨ଟା, ଗୋଲମରିଚ- ୪ଟା
ଲବଙ୍ଗ- ୪ଟା, କଞ୍ଚାଲଙ୍କା- ୪ଟା
ଅଦା ରସୁଣ ପେଷ୍ଟ- ୫୦ଗ୍ରାମ
ଗରମ ମସଲା- ୨ ଚାମଚ
କଟା ଅଦା- ୧/୨ ଚାମଚ
ଦହି- ୧/୨ କପ୍, କିଛି ଧନିଆ ପତ୍ର

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ପ୍ରେସର କୁକର୍‌ରେ ତେଲ ଗରମ କରନ୍ତୁ। ସେଥିରେ ସବୁ ଶୁଖିଲା ମସଲା ପକାନ୍ତୁ। ୧ମିନିଟ୍ ଭାଜିଲା ପରେ ସେଥିରେ ପିଆଜ ପେଷ୍ଟ ପକାନ୍ତୁ। ପିଆଜ ଗୋଲ୍‌ଡେନ୍ ହେବା ପରେ କଲିଜା(ପୂର୍ବରୁ ଧୁଆଯାଇଥିବ) ପକାଇ ୫ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ଏବେ ସବୁ ପାଉଡର ମସଲା ସହ ଅଦା ରସୁଣ ପେଷ୍ଟ ଓ ଅଳ୍ପ ପାଣି ପକାଇ ୫ମିନିଟ୍ ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ପରେ ସେଥିରେ ଟମାଟୋ ପେଷ୍ଟ ପକାଇ ଡ୍ରାଏ ହେବା ପର୍ଯ୍ୟନ୍ତ ଫ୍ରାଏ କରନ୍ତୁ। ଡ୍ରାଏ ହୋଇଗଲେ ସେଥିରେ ଦହି ପକାଇ ଫ୍ରାଏ କରନ୍ତୁ। କଲିଜା ଫ୍ରାଏ ହୋଇଗଲେ ସେଥିରେ ଲୁଣ ପକାଇ ୫୦ମି.ଲି. ପାଣି ଦେଇ ପ୍ରେସର ବନ୍ଦ କରିଦିଅନ୍ତୁ। ଗୋଟିଏ ସିଟି ପରେ ପ୍ରେସର ଖୋଲି ବହଳିଆ ଗ୍ରେଭି ହେବା ପର୍ଯ୍ୟନ୍ତ ରାନ୍ଧନ୍ତୁ। ଏହାପରେ ଧନିଆ ପତ୍ର, କଞ୍ଚା ଲଙ୍କା, ଅଦା କଟା ପକାଇ ମିକ୍ସ କରନ୍ତୁ। ଏବେ ଆପଣଙ୍କର କଲେଜି ମସଲା ପ୍ରସ୍ତୁତ। ଏହାକୁ ଏକ ପାତ୍ରରେ ବାହାର କରି ସେଥିରେ ଗୋଟିଏ କଞ୍ଚା ଲଙ୍କା ଓ କଟା ଅଦା ପକାଇ ପରଷନ୍ତୁ।

**ରିପୋର୍ଟ: ଅସମାପିକା ସାହୁ, ଭୁବନେଶ୍ୱର**



## ଚିକେନ୍ ଦମ୍ ବିରିୟାନି

**ଆବଶ୍ୟକ ସାମଗ୍ରୀ**

ବସୁମତୀ ଚାଉଳ, ଚିକେନ୍, ପୋଦିନାପତ୍ର, ଡାଲଚିନି, ଗୁଜୁରାତି, ଅନାସୀଫୁଲ, କ୍ଷୀର, ଦହି, ଅଣ୍ଡା, ପିଆଜ, ଅଦା, ରସୁଣ, ଲବଙ୍ଗ, କଳାମରିଚ, ତେଜପତ୍ର, ଜାଇଫଳ, ଜାୟତ୍ରୀ, ସାଜିରା, ବଡଅଳେଇଚ, କେଓଡା(କିଆଫୁଲ ସେଣ୍ଟ), ଘିଅ, କେଶର, ଜିରା ପାଉଡର, ହଳଦୀଗୁଣ୍ଡ, ମରିଚ ଗୁଣ୍ଡ, ଲଙ୍କାଗୁଣ୍ଡ, ରିଫାଇନ ତେଲ, ଲୁଣ, କଞ୍ଚାଲଙ୍କା, ଲେମ୍ବୁ, ଧନିଆପତ୍ର, ପାଣି, ଭଜାଆଳୁ, ଟମାଟୋ, ଗୋଲାପଜଳ, ବିରିୟାନି ଅତର।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଏକ ପାତ୍ରରେ କଟା ଚିକେନ୍, ଦହି, (ଡାଲଚିନି, ଗୁଜୁରାତି, ଅନାସୀଫୁଲ, ଲବଙ୍ଗ, ଜାୟତ୍ରୀ, ସାଜିରା, କଳାମରିଚ, ଜିରା ପାଉଡର୍, ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଭଜାଯାଇ ଗୁଣ୍ଡ), କଟା ହୋଇଥିବା ପୋଦିନାପତ୍ର, ଧନିଆପତ୍ର, ଅଦାରସୁଣ ପେଷ୍ଟ, ଲେମ୍ବୁ, ଟମାଟୋକୁ ମିଶ୍ରଣ କରି ୨-୩ ଘଣ୍ଟା ଲାଗି ମାରିନେଟ ହେବାପାଇଁ ରଖିଦିଅନ୍ତୁ। ତା ପରେ କଟା ହୋଇଥିବା ପିଆଜକୁ କଡ଼େଇରେ ରିଫାଇନ ତେଲରେ ବ୍ରାଉନ ହେବାପର୍ଯ୍ୟନ୍ତ ଭାଜି ଅନ୍ୟ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ।

ଏକପାତ୍ରରେ ପାଣି ଗରମ କରି ସେଥିରେ ଡାଲଚିନି, ଗୁଜୁରାତି, ଅନାସୀଫୁଲ, ଲବଙ୍ଗ, ଜାୟତ୍ରୀ, ପୋଦିନାପତ୍ର, ଧନିଆପତ୍ର, କଳାମରିଚ, ବଡ଼ ଅଳେଇଚ ଓ ଘିଅ ପକାଇଦିଅନ୍ତୁ। ପରେ ସେଥିରେ ଆବଶ୍ୟକ ମୁତାବକ ବସୁମତୀ ଚାଉଳ, ଗୋଲାପଜଳ ଓ ସ୍ୱାଦ ମୁତାବକ ଲୁଣ ପକାଇ ପାଣିରେ ଉକ୍ତ ଚାଉଳକୁ ଅଧା ସିଝାଇ ଦିଅନ୍ତୁ। ଦେଖିବେ ଚାଉଳ ଯେମିତ ବେଶି ଶିଝି ନ ଯାଏ। ଶିଝି ସାରିବା ପରେ ସେଥିରେ ପକାଯାଇଥିବା ମସଲାଜାତୀୟ ଦ୍ରବ୍ୟକୁ କାଢ଼ି ଦିଅନ୍ତୁ। ତାପରେ ଥିବା ଭାତକୁ ଭଲ ଭାବେ ଛାଣି ଦିଅନ୍ତୁ। ଏହାପରେ ରଖାଯାଇଥିବା ମସଲାଯୁକ୍ତ ଚିକେନ୍‌କୁ ତେଲ ଦେଇ ଏକ କଡେଇରେ ଫ୍ରାଏ କରାଯିବ। ଅନ୍ୟ ଏକ ବିରିୟାନି ହାଣ୍ଡି(ସମତଳ ଥିବା ହାଣ୍ଡି) ଆଣି ସେଥିରେ ତଳେ ଘିଅ ଲଗାଇ ଉପରେ ଫ୍ରାଏ ହୋଇଥିବା ଚିକେନ୍‌କୁ ସଜେଇ ରଖାଯିବ ଯେପରିକି ହାଣ୍ଡିର ତଳ ସ୍ତରରେ ସବୁ ଚିକେନ୍ ଲାଗୁଥିବ। ଏହା ଉପରେ ଭଜାଯାଇଥିବା କିଛି ବ୍ରାଉନ ଓନିଅନ ରଖନ୍ତୁ। ତା'ପରେ ଅଧା ସିଝିଥିବା ଭାତ ଗୋଟିଏ ସ୍ତର ପକାନ୍ତୁ। ତା'ପରେ କିଛି କଟା ହୋଇଥିବା ପୋଦିନା ଓ ଧନିଆପତ୍ର, ଭଜାଯାଇଥିବା ପିଆଜ, ଘିଅ, କେଉଡା, ଗୋଲାପଜଳ ପକାଇ ଅନୁରୂପ ଦୁଇସ୍ତର ରଖନ୍ତୁ। ଶେଷରେ କିଛି କ୍ଷୀରରେ କେଶର, ଅତର, ଗୋଲାପଜଳ ମିଶାଇ ଏହା ଉପରେ ପକାଇ ଦିଅନ୍ତୁ। ବିରିୟାନି ହାଣ୍ଡିର ଧାରରେ ପୂର୍ବରୁ ଚକଟା ହୋଇଥିବା ଅଟା ଦେଇ ଢାଙ୍କୁଣୀକୁ ଭଲ ଭାବେ ଘୋଡ଼ାଇ ଦିଅନ୍ତୁ। ଯେପରିକି ଭିତରୁ ବାଷ୍ପ ବାହାରକୁ ନ ବାହାରି ପାରିବ। କିଛି ସମୟ ଅଧିକ ଜାଳ ଦିଆଯାଇ ପରେ କମାଇ ଦିଅନ୍ତୁ। ଏହାପରେ ପ୍ରାୟ ୧ ଘଣ୍ଟା ଦମ୍‌ରେ ବସାଯିବ। ସ୍ୱାଦ ମୁତାବକ ଗ୍ରାହକଙ୍କୁ ଆକର୍ଷଣ କରିବା ପାଇଁ ଏଥିରେ ସିଝାଅଣ୍ଡା ଓ ଭଜାଆଳୁ ମିଶ୍ରଣ କରାଯାଇପାରିବ। ଖାଇବା ସମୟରେ ଦହି କଚୁମ୍ବର ସାଙ୍ଗରେ ଖାଇଲେ ବେଶ ରୁଚିକର ହୋଇଥାଏ।

**– ରିପୋର୍ଟ: ବିଭୁ ପ୍ରସାଦ ବେହେରା, ଭଦ୍ରକ**

## ଶିର୍ ଖୁରମା



**ସାମଗ୍ରୀ**

- ସିମେଇ- ୫୦ ଗ୍ରାମ
- ଚିନି- ୨୫ ଗ୍ରାମ
- କ୍ଷୀର- ୧ ଲିଟର
- ଘିଅ- ୫୦ ଗ୍ରାମ
- ମିଲ୍କ ମେଡ୍- ୧ କପ୍
- କାଜୁ, କିସ୍ ମିସ୍- ୩୦ ଗ୍ରାମ
- ଆଲମଣ୍ଡ- ୧୫ ପିସ୍
- ପିସ୍ତା- ୧୫ ପିସ୍
- ଖଜୁରି କୋଳି- ୪ ପିସ୍
- କେଶର- ୧/୨ ଚାମଚ
- କେଓଡ଼ା ଜଳ- ୧ଚାମଚ
- ଗୁଜରାତି ୫ଟା

**ପ୍ରସ୍ତୁତ ପ୍ରଣାଳୀ**

ପ୍ରଥମେ ଏକ ପ୍ୟାନ୍‌ରେ ୨ ଚାମଚ ଘିଅ ପକାଇ ଗରମ କରନ୍ତୁ। ଘିଅ ଗରମ ହୋଇଗଲେ ସବୁ ଡ୍ରାଏ ଫ୍ରୁଟ୍ସକୁ କାଟି ସେଥିରେ ପକାଇ ଭାଜନ୍ତୁ। ଡ୍ରାଏ ଫ୍ରୁଟ୍ସ ହାଲକା ବ୍ରାଉନ ରଙ୍ଗର ହୋଇଗଲେ ତାକୁ ଅନ୍ୟ ଏକ ପାତ୍ରରେ ବାହାର କରି ରଖନ୍ତୁ। ଏବେ ସେହି ପ୍ୟାନ୍‌ରେ ପୁଣି ଘିଅ ପକାଇ ଗୁଜରାତି ଏବଂ ସିମେଇକୁ ଭାଜି ବାହାର କରି ଅଲଗା ରଖନ୍ତୁ। ଅନ୍ୟ ଏକ ପାତ୍ରରେ କ୍ଷୀର ଗରମ କରି ସେଥିରେ ଚିନି, ଭଜାଯାଇଥିବା ସବୁ ଡ୍ରାଏ ଫ୍ରୁଟ୍ସ, ସିମେଇ ଓ କେଶରକୁ ପକାନ୍ତୁ। ୨ ମିନିଟ୍ ମିକ୍ସ କରିବା ପରେ ସେଥିରେ ମିଲ୍କ ମେଡ୍ ଓ ଖଜୁରୀ କୋଳିକୁ କାଟି ପକାନ୍ତୁ। ଏବେ ଅଳ୍ପ ନିଆଁରେ ୧୫ ମିନିଟ୍ ପର୍ଯ୍ୟନ୍ତ ଚାମଚରେ ହାଲୁକା ହାଲୁକା ଘାଣ୍ଟନ୍ତୁ। ସିମେଇ ସିଝି କ୍ଷୀର ବହଳିଆ ହୋଇଗଲେ ସେଥିରେ କେଓଡା ଜଳ ପକାଇ ୨ ମିନିଟ୍ ପରେ ଓହ୍ଲାଇ ଦିଅନ୍ତୁ। ତାକୁ ଏକ ପାତ୍ରରେ ବାହାର କରି ସେଥିରେ କିଛି ଡ୍ରାଏ ଫ୍ରୁଟ୍ସ ପକାଇବା ସହ ଗୋଲାପ ପାଖୁଡ଼ାରେ ସଜାଇ ପରଷନ୍ତୁ।

## ଲଚ୍ଛା



**ମୁ**ସଲମାନ ସମ୍ପ୍ରଦାୟ ପର୍ବପର୍ବାଣି ସମୟରେ ଖୋଜାପଡ଼େ ଲଚ୍ଛାରେ ପ୍ରସ୍ତୁତି ଖାଦ୍ୟ। ମୁସଲମାନମାନଙ୍କ ଲଚ୍ଛା ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀ ଅନ୍ୟଠାରୁ ଭିନ୍ନ। ଏହା ପିଲାଠୁ ବୁଢ଼ା ସମସ୍ତଙ୍କର ପ୍ରିୟ। ଏଥିପାଇଁ ପର୍ବର କିଛିଦିନ ପୂର୍ବରୁ ଦୋକାନ ବଜାରରେ ବିଭିନ୍ନ କମ୍ପାନୀର ଲଚ୍ଛା ସଜେଇ ରଖାଯାଇଥାଏ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଆବଶ୍ୟକ ଅନୁଯାୟୀ କ୍ଷୀର ନେଇ ଏକ ପାତ୍ରରେ ଫୁଟାଯାଏ। କ୍ଷୀରରେ ଆବଶ୍ୟକ ପରିମାଣର ଚିନି, କାଜୁ, ପିସ୍ତାବାଦାମ, କେଶର ପକାଇ ଭଲ ଭାବେ ସିଝାଯାଏ। କ୍ଷୀର ସିଝିଲା ପରେ ଚୁଲାରୁ ଓହ୍ଲାଇ କିଛି ସମୟ ଥଣ୍ଡା କରାଯିବ। ପରେ ସେଥିରେ ଲଚ୍ଛାଗୁଡ଼ିକୁ ଢାଳି ଘାଣ୍ଟି ଦିଆଯାଏ। ସେଥିରେ ଗୁଜୁରାତି ଓ ଚେରି ପକାଇ ଢାଙ୍କୁଣୀ ଘୋଡ଼ାଇ ଦେବେ। ବାସ୍ ପ୍ରସ୍ତୁତ ହୋଇଗଲା ଲଚ୍ଛାର ସୁଆଦିଆ ଖାଦ୍ୟ।

**ଆବଶ୍ୟକ ସାମଗ୍ରୀ**

କାଜୁ, ପିସ୍ତାବାଦାମ, ଚେରି, କେଶର, ଗୁଜୁରାତି, ଚିନି, କ୍ଷୀର ଓ ଲଚ୍ଛା

**ଆଲ୍ଲାହାବାଦ ବ୍ୟାଙ୍କ**

**ମଣ୍ଡଳ କାର୍ଯ୍ୟାଳୟ-୧ : ୩/ ୧ବି, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫,**
ଫୋନ୍ - (୦୬୭୪) ୨୩୬୨୩୪୨, ୨୩୬୦୪୩୩, ଫ୍ୟାକ୍ସ - ୨୩୬୨୮୩୬

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ତରଫରୁ ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଛି। ଆଲ୍ଲାହାବାଦ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରୀଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଧାରା ୧୩(୨) ଅନୁଯାୟୀ ନୋଟିସ ଜାରି ପରେ ନିମ୍ନଲିଖିତ ଆକାଉଣ୍ଟଗୁଡିକର ସମ୍ପତ୍ତିଗୁଡିକୁ ଦଖଲ କରିଛନ୍ତି। ବକେୟା ଋଣ ପରିଶୋଧ ନକରିବା ହେତୁ ନିମ୍ନ ସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪)ଅନୁସାରେ କ୍ଷମତା ପ୍ରୟୋଗକରି ନିମ୍ନ ଦର୍ଶିତ ବକେୟା ରାଶି ସହିତ ସୁଧ ଆଦାୟ କରିବା ନିମନ୍ତେ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରିବାକୁ ଅଧୀକାର ପାଇଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ୱେବ୍‌ସାଇଟ https://allahabadbank.auctiontiger.net ରେ ପ୍ରଦତ୍ତ ପଦ୍ଧତି ମାଧ୍ୟମରେ ଇ-ନିଲାମ ଦ୍ୱାରା ଉକ୍ତ ସମ୍ପତ୍ତି ଗୁଡିକୁ ବିକ୍ରୟ କରାଯିବ।

**ଇ-ନିଲାମ ତାରିଖ ଓ ସମୟ: ତା ୧୩.୦୯.୨୦୧୯ ରିଖ (ଶୁକ୍ରବାର) ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୧.୦୦ ଘଟିକା**

**ପ୍ରସ୍ତାବ/ଇ - ନିଲାମ ପ୍ରକ୍ରିୟା ସମ୍ବନ୍ଧିୟ ଫର୍ମ ଏବଂ ଅମାନତ ଜମା ଦାଖଲର ଅନ୍ତିମ ତାରିଖ ଓ ସମୟ: ତା ୧୧.୦୯.୨୦୧୯ ରିଖ ଅପରାହ୍ନ ୫.୦୦ ଘଟିକା**

| ଶାଖାର ନାମ / ଋଣଗ୍ରହୀତା/ ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ)ଡିମାଣ୍ଡ ନୋଟିସ୍ ତାରିଖ, (ଖ)ଦଖଲ ନୋଟିସ୍ ତାରିଖ, (ଗ)ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶି | ସମ୍ପତ୍ତିର ବିବରଣୀ | କ)ସଂରକ୍ଷିତ ମୂଲ୍ୟ ଖ)ଅମାନତ ରାଶି ଗ)ବର୍ଦ୍ଧିତ ବିଡ୍ ପରିମାଣ |
|---|---|---|---|
| **ଯାଜପୁର ରୋଡ ଶାଖା** ଋଣଗ୍ରହୀତା: ହାସିମ୍ ହୁସେନ, ପିତା: ୰ବାସୀର ଅହମଦ, ଜାମିନ୍‌ଦାର: ୱାସିମ ହୁସେନ, ପିତା-ହାସିମ ହୁସେନ, ଉଭୟଙ୍କ ସା/ପୋ- ଡାଳା, ଥାନା-ଯାଜପୁର ରୋଡ, ଜିଲ୍ଲା: ଯାଜପୁର, ଓଡିଶା-୭୫୫୦୧୯। | କ)୦୭.୦୩.୨୦୧୯,ଖ)୧୮.୦୭.୨୦୧୯ ଗ)୩୧.୦୧.୨୦୧୯ ରିଖ ସୁଦ୍ଧା ଟ.୯,୨୨,୨୫୮/- +୩୧.୦୧.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ହାସିମ ହୁସେନ, ପିତା: ୰ବାସୀର ଅହମ୍ମଦଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.-୭, ପ୍ଲଟ ନଂ.୧୧୮, ଏମ୍ ଖାତା ନଂ.-୨୩୯/୨୦୧, ଏମ୍ ପ୍ଲଟ ନଂ.-୧୧୮/୧୪୫୧, ଏରିଆ-ଏକର୦.୦୪୦ ଡିସିମିଲି, କିସମ- ଘରବାରୀ, ମୌଜା- ଡାଳା (ୟୁନିଟ ନଂ.-୬), ତହସିଲି- ସୁକିନ୍ଦା, ଥାନା-ଯାଜପୁର ରୋଡ୍ (ନଂ.-୭), ଜିଲ୍ଲା- ଯାଜପୁର, ଚଉହଦି: ଉତର-ପ୍ଲଟର ବଳକା ଜମି, ଦକ୍ଷିଣ- ଶରତ ଚନ୍ଦ୍ର ପୃଷ୍ଟି, ପୂର୍ବ- ପ୍ରାଣକୃଷ୍ଣ ବିଶ୍ୱାଳ, ପଶ୍ଚିମ- ଶରତ ଚନ୍ଦ୍ର ପୃଷ୍ଟି। | କ) ଟ.୧୭,୦୯,୦୦୦/- ଖ) ଟ.୧,୭୦,୯୦୦/- ଗ) ଟ.୧୦,୦୦୦/- |
| **ଭଦ୍ରକ ଶାଖା** ଋଣଗ୍ରହୀତା: ଏସ୍‌କେ. ସବୀର, ପିତା-ଏସ୍‌କେ. ସାଫିରୁଦ୍ଦିନ୍, ଜାମିନ୍‌ଦାର: ବୁଟୁ ଅଲ୍ଲୀ, ପିତା-ମିର୍ ଅବଦୁଲ୍ ରସିଦ୍, ଉଭୟଙ୍କ ଠିକଣା: ସା-ଅପର୍ତ୍ତିବିନ୍ଧ, ପୋ/ଥାନା/ଜିଲ୍ଲା-ଭଦ୍ରକ, ପିନ୍-୭୫୬୧୦୦। | କ)୧୨.୧୨.୨୦୧୯,ଖ)୨୨.୦୨.୨୦୧୯ ଗ)୨୯.୧୧.୨୦୧୮ ରିଖ ସୁଦ୍ଧା ଟ.୧୬,୮୫,୭୫୭/- +୨୯.୧୧.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଏସ୍‌କେ. ସବୀରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଆର.ଏସ୍.ଡି ନଂ.୪୩୧୭, ତାରିଖ-୩୧.୧୦.୨୦୧୪,ପ୍ଲଟ ନଂ.-୧୦୪୩, ଖାତା ନଂ.-୭୯୧/୬୩୧, ଏରିଆ-ଏକର୦.୦୮୦ ଡିସିମିଲି, କିସମ-ଘରବାରୀ-୨, ମୌଜା-ଅପର୍ତ୍ତିବିନ୍ଧ, ଥାନା ନଂ.-୯୧, ତହସିଲି/ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ/ଡିଏସ୍‌ଆର-ଭଦ୍ରକ, ଚଉହଦି: ଉତର-ଟେରା ପଣ୍ଡା, ଦକ୍ଷିଣ-ରାସ୍ତା, ପୂର୍ବ-ମିର୍ ରମ୍‌ଜାନ, ପଶ୍ଚିମ-ମିର୍ ଆବାସ। | କ) ଟ.୨୦,୦୪,୦୦୦/- ଖ) ଟ.୨,୦୦,୪୦୦/- ଗ) ଟ.୧୦,୦୦୦/- |
| **ଖୋର୍ଦ୍ଧା ଶାଖା** ଋଣଗ୍ରହୀତା: ମେସର୍ସ ନିଖିଲ୍ ଟ୍ରେଡର୍ସ, ସତ୍ତ୍ୱାଧିକାରୀ: ଶ୍ରୀ ରାମ ଗୋବିନ୍ଦ ରାମ, ପିତା-୰ରାମ କୁମାର ରାମ, ଜାମିନ୍‌ଦାରମାନେ: (୧)ଶ୍ରୀମତୀ ଶାନ୍ତି ରାମ, ସ୍ୱା:୰ରାମ କୁମାର ରାମ,(୨)ଶ୍ରୀମତୀ ରାଜଶ୍ରୀ ରାମ, ସ୍ୱା:ରାମ ଗୋବିନ୍ଦ ରାମ, ସମସ୍ତଙ୍କ ଠିକଣା: ସା-ତେଲେଙ୍ଗା ସାହି, ପୋ/ଥାନା/ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୨୦୫୫, (୩)ଶ୍ରୀ ଉମାଶଙ୍କର ପ୍ରସାଦ, ପିତା-୰ସୂର୍ଯ୍ୟ ନାରାୟଣ ପ୍ରସାଦ, ସା-ଭଗତ ଲେନ୍, ପୋ/ଜିଲ୍ଲା-ଖୋର୍ଦ୍ଧା-୭୫୨୦୫୫। | କ)୩୧.୦୧.୨୦୧୯,ଖ)୧୭.୦୫.୨୦୧୯ ଗ)୩୧.୧୨.୨୦୧୮ ରିଖ ସୁଦ୍ଧା ଟ.୧୫,୦୬,୨୬୩/- +୩୧.୧୨.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ରାମ ଗୋବିନ୍ଦ ରାମ ଏବଂ ଶ୍ରୀମତୀ ଶାନ୍ତି ରାମ(ସ୍ୱା:୰ରାମ କୁମାର ରାମ)ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା-କାଜରସିଂ, ତହସିଲି/ଜିଲ୍ଲା-ଖୋର୍ଦ୍ଧା, ଖାତା ନଂ.-୯୮୦, ପ୍ଲଟ ନଂ.-୧୮୨୧, ଏରିଆ- ଏକର୦.୦୨୫ ଡିସିମିଲି ଏବଂ ଖାତା ନଂ.-୫୯୮, ପ୍ଲଟ ନଂ.-୧୮୨୪, ଏରିଆ-ଏକର୦.୦୨୫ ଡିସିମିଲି, ସମୁଦାୟ ଏରିଆ-ଏକର୦.୦୫୦ ଡିସିମିଲି, ଚଉହଦି: ପୂର୍ବ-ସରକାରୀ ରାସ୍ତା, ପଶ୍ଚିମ- ସନ୍ତୋଷ ଅଗରୱାଲ, ଉତର-ଗଣେଶ ରାମ, ଦକ୍ଷିଣ-ବାଉରିବନ୍ଧୁ ସାହୁ। | କ) ଟ.୩୭,୮୭,୦୦୦/- ଖ) ଟ.୩,୭୮,୭୦୦/- ଗ) ଟ.୧୦,୦୦୦/- |
| **ଖୋର୍ଦ୍ଧା ଶାଖା** ଋଣଗ୍ରହୀତା: ଶ୍ରୀ ସନ୍ତୋଷ କୁମାର ସାହୁ, ପିତା-୰ମଗୁଲି ସାହୁ, ସା-ଗୋପିନାଥ ସାହି, ପୋ/ଥାନା/ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୨୦୦୫, ଜାମିନ୍‌ଦାର: ଶ୍ରୀ ଉମାକାନ୍ତ ରଥ, ପିତା-ଶ୍ରୀ ଜଗନ୍ନାଥ ରଥ, ସା-ମୁକୁନ୍ଦ ପ୍ରସାଦ, ପୋ-ପିଏନ୍ କଲେଜ, ଜିଲ୍ଲା-ଖୋର୍ଦ୍ଧା, ପିନ୍-୭୫୨୦୫୫। | କ)୧୪.୦୧.୨୦୧୯, ଖ)୧୭.୦୫.୨୦୧୯ ଗ)୩୧.୦୩.୨୦୧୭ ରିଖ ସୁଦ୍ଧା ଟ.୨,୫୫,୧୫୬/- +୩୧.୦୩.୨୦୧୭ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ଶ୍ରୀ ସନ୍ତୋଷ କୁମାର ସାହୁଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମ୍ୟୁଟେସନ ଖାତା ନଂ.-୬୪୮/୨୨୨୮, ପ୍ଲଟ ନଂ.୧୫୪୩/୫୨୨୨, ଏରିଆ-ଏକର୦.୦୦୬ ଡିସିମିଲି, ଏବଂ ପ୍ଲଟ ନଂ.୧୫୪୨/୫୨୨୧, ଏରିଆ-ଏକର୦.୦୧୭ ଡିସିମିଲି, ସମୁଦାୟ ଏରିଆ-ଏକର୦.୦୨୩ ଡିସିମିଲି, କିସମ-ଘରବାରୀ, ମୌଜା-କାଜରସିଂ, ଥାନା/ଜିଲ୍ଲା/ତହସିଲି/ଏସ୍‌ଆରଓ-ଖୋର୍ଦ୍ଧା, ଚଉହଦି:ଉତର-ଏନଏସି ନାଳ, ଦକ୍ଷିଣ-ରାଧାମଣୀ ସାହୁ, ପୂର୍ବ-ଗୋପିନାଥ ପ୍ରଧାନ, ପଶ୍ଚିମ-ରାସ୍ତା ଏବଂ ନିଳମଣୀ ସାହୁ। | କ) ଟ.୮,୨୯,୦୦୦/- ଖ) ଟ.୮୨,୯୦୦/- ଗ) ଟ.୧୦,୦୦୦/- |
| **ଭୁବନେଶ୍ୱର ମୁଖ୍ୟ ଶାଖା** ଋଣଗ୍ରହୀତା: ଶ୍ରୀମତୀ ନିରୁପମା ସାହୁ, ସ୍ୱା-ଶ୍ରୀ ସଞ୍ଜୟ କୁମାର ସାହୁ, ଏବଂ ଶ୍ରୀ ସଞ୍ଜୟ କୁମାର ସାହୁ, ପିତା- ଶ୍ରୀ ମଗୁଲି ସାହୁ, ଜାମିନ୍‌ଦାର: ଶ୍ରୀ ମଗୁଲି ସାହୁ, ପିତା-ବେଣୁଧର ସାହୁ, ସମସ୍ତଙ୍କ ଠିକଣା: ପ୍ଲଟ ନଂ.-୩୧୬, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର -୭୫୧୦୧୩। | କ)୧୧.୦୧.୨୦୧୯, ଖ)୧୯.୦୩.୨୦୧୯ ଗ)୧୧.୦୧.୨୦୧୯ ରିଖ ସୁଦ୍ଧା ଟ.୭୯,୫୪,୧୫୬/- +୧୧.୦୧.୨୦୧୯ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଶ୍ରୀମତୀ ନିରୁପମା ସାହୁଙ୍କ ନାମରେ ଅଛି ଯାହାର ଖାତା ନଂ.-୩୧, ପ୍ଲଟ ନଂ.-୮, ଅନୁରୂପ ହାଲ ଖାତା ନଂ.- ୨୫୭, ହାଲପ୍ଲଟ ନଂ.-୩୧୬, ଏରିଆ-ଏକର ୦.୦୮୮ ଡିସିମିଲି, ମୌଜା-ଭୁବନେଶ୍ୱର ସହର, ୟୁନିଟ୍ ନଂ-୧୮, ମଧୁସୂଦନ ନଗର, ଏସ୍‌ଆରଓ-ଭୁବନେଶ୍ୱର, ଥାନା-ନ୍ୟୁ କ୍ୟାପିଟାଲ, ନଂ.-୪୩, ହାଲ୍ ଥାନା- ସହୀଦ ନଗର, ତହସିଲି- ଭୁବନେଶ୍ୱର, ଓଡିଶା ସରକାର ଖେୱାଟ ନଂ.-୧, ଜିଲ୍ଲା-ଖୋର୍ଦ୍ଧାରେ ଅବସ୍ଥିତ। ଚଉହଦି: ଉତର-ସରକାରୀ ଜମି(ଖାଲି), ଦକ୍ଷିଣ- ୧୫ଫୁଟ୍ ଚଉଡା ରାସ୍ତା, ପୂର୍ବ-ୟୁଏନ୍ ଦାସ(ପ୍ଲଟ ନଂ.୩୧୫), ପଶ୍ଚିମ- ନିରଞ୍ଜନ ନାୟକ(ପ୍ଲଟ ନଂ.୩୧୭)। | କ) ଟ.୧,୨୪,୫୦,୦୦୦/- ଖ) ଟ.୧୨,୪୫,୦୦୦/- ଗ) ଟ.୨୫,୦୦୦/- |
| **ଓଲ୍ଡ ଷ୍ଟେସନ ସ୍କୋୟାର ଶାଖା** ଋଣଗ୍ରହୀତା: ମେସର୍ସ ମେରୀ ରଙ୍ଗୋଲୀ, ସତ୍ତ୍ୱାଧିକାରୀ: ଶ୍ରୀମତୀ ଶର୍ମିଳା ଭୁରା ଏବଂ ଶ୍ରୀ ବଚ୍ଛରାଜ ଭୁରା, ଠିକଣା:ଗ୍ରାଣ୍ଡ ଗ୍ୟାଲେରୀ, ଦୋକାନ ନଂ.-୮, ଦ୍ୱିତୀୟ ମହଲା, ଭବାନୀ ମଲ୍, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଶ୍ରୀମତୀ ଶର୍ମିଳା ଭୁରା, ସ୍ୱା-ଶ୍ରୀ ବଚ୍ଛରାଜ ଭୁରା ଏବଂ ଶ୍ରୀ ବଚ୍ଛରାଜ ଭୁରା, ପିତା-ଶ୍ରୀ କାଲୁରାମ ଭୁରା, ଠିକଣା: ଫ୍ଲାଟ ନଂ.୨୦୪, ବ୍ଲକ ନଂ.-ବି, ଦ୍ୱିତୀୟ ମହଲା, ବୈଷ୍ଣବ ବିହାର ଆପାର୍ଟମେଣ୍ଟ, ବମିଖାଲ, ଭୁବନେଶ୍ୱର-୭୫୧୦୦୬। | କ)୨୭.୧୨.୨୦୧୮ ଏବଂ ତା୦୪.୧.୨୦୧୯ରେ ଖବରକାଗଜ ପ୍ରକାଶନ, ଖ)୦୫.୦୩.୨୦୧୯ ଗ)୨୭.୧୨.୨୦୧୮ ରିଖ ସୁଦ୍ଧା ଟ.୩୭,୩୫,୮୫୧/- +୨୭.୧୨.୨୦୧୮ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଶ୍ରୀମତୀ ଶର୍ମିଳା ଭୁରା ଏବଂ ଶ୍ରୀ ବଚ୍ଛରାଜ ଭୁରାଙ୍କ ନାମରେ ଅଛି ଯାହାର ମୌଜା-ଗୋବିନ୍ଦ ପ୍ରସାଦ, ୟୁନିଟ୍ ନଂ.-୩୨, ସାବକ ଖାତା ନଂ.-୬୦୩, ମ୍ୟୁଟେସନ ଖାତା ନଂ.-୧୦୫୭/୧୩୦୦, ସ୍ଥିତିବାନ ପ୍ଲଟ ନଂ.-୨୨୦, ଏରିଆ-ଏକର୦୦୦୯.୪୧ ଡିସିମିଲି ଯାହା ଏକର ୧.୨୦୦ ଡିସିମିଲି ମଧ୍ୟରୁ ୪୧୦ ବର୍ଗଫୁଟ, ସବ୍ ପ୍ଲଟ ନଂ.ବି-୨୦୪, କିସମ-ଘରବାରୀ-୨(ବାରୀ), ଜିଲ୍ଲା-ଖୋର୍ଦ୍ଧା, ଥାନା-ନ୍ୟୁ କ୍ୟାପିଟାଲ, ହାଲ ଥାନା-ଲକ୍ଷ୍ମୀସାଗର, ଥାନା ନଂ.-୪୬, ତହସିଲି-ଭୁବନେଶ୍ୱର, ଡିଏସ୍‌ଆରଓ-ଭୁବନେଶ୍ୱର, ଯାହା୨ ବିଏଚକେ ଫ୍ଲାଟ ନଂ.-ବି-୨୦୪,ବୈଷ୍ଣବ ବିହାର ଆପାର୍ଟମେଣ୍ଟ, ଏସ୍‌ବିଏ-୧୦୨୫ ବର୍ଗଫୁଟ, ଦ୍ୱିତୀୟ ମହଲାରେ ଅବସ୍ଥିତ। | କ) ଟ.୩୯,୨୦,୦୦୦/- ଖ) ଟ.୩,୯୨,୦୦୦/- ଗ) ଟ.୧୦,୦୦୦/- |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**

୧) ଇ - ନିଲାମ ପ୍ଲାଟଫର୍ମ (https://allahabadbank.auctiontiger.net) ଆମର ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର), ପଞ୍ଜିକୃତ କାର୍ଯ୍ୟାଳୟ : ଅହମ୍ମଦାବାଦ, **ଯୋଗାଯୋଗ ନଂ. : ୦୭୯-୪୦୨୩୦୮୨୪/୮୨୩/୮୨୧ ଏବଂ ମୋବାଇଲ ନଂ. ଶ୍ରୀ ରାମ ଶର୍ମା କିମ୍ବା ଶ୍ରୀ ରାକେଶ ନାୟକ -୦୮୦୦୦୦୨୩୨୯୭, ୦୯୯୩୭୨୨୦୩୧୯** ଦ୍ୱାରା ପ୍ରଦାନ କରାଯିବ। ଆବଶ୍ୟକମତେ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ EMD ଜମା କରିଥିଲେ ଏହି ସେବା ପ୍ରଦାନକାରୀ ମଧ୍ୟ ଇ - ନିଲାମ ତାଲିମ ଏବଂ ଡେମୋନଷ୍ଟ୍ରେସନ୍ ପ୍ରଦାନ କରିପାରିବେ। ସିଡ୍ୟୁଲ କମର୍ସିଆଲ ବ୍ୟାଙ୍କରୁ ଇସ୍ୟୁ କରାଯାଇଥିବା ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ, ସପକ୍ଷରେ ଡ୍ରକରାଯାଇ, ଭୁବନେଶ୍ୱରରେ ପୈଠ ଦର୍ଶାଯାଇଥିବା ବ୍ୟାଙ୍କର୍ସ ଚେକ୍/ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଉପର ଦର୍ଶିତ ଅମାନତ ରାଶି ପ୍ରଦାନ କରିପାରିବେ କିମ୍ବା କ୍ଷମତା ପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କର ଆକାଉଣ୍ଟ ନଂ.: ୫୦୧୪୦୦୯୮୦୧୮୮, IFSC Code: ALLA0212009, ମାଧ୍ୟମରେ RTGS/NEFT ଦ୍ୱାରା ଅମାନତ ରାଶି ପୈଠ କରିପାରିବେ।
୨) ଇ - ନିଲାମରେ ଅଂଶ ଗ୍ରହଣ କରିବାକୁ ଚାହୁଁଥିବା ଅଂଶଗ୍ରହଣକାରୀମାନେ ସେବାପ୍ରଦାନକାରୀଙ୍କ ଉପରୋକ୍ତ ୱେବସାଇଟରୁ ବିନା ଶୁଳ୍କରେ ବିକ୍ରୟ ନୋଟିସ୍, ନିୟମ ଏବଂ ସର୍ତ୍ତାବଳୀ, ଇ - ନିଲାମ କାର୍ଯ୍ୟକାରୀ ପ୍ରକ୍ରିୟା ମାର୍ଗଦର୍ଶିକା ପୁସ୍ତିକା ଏବଂ ଇ - ନିଲାମ ସମ୍ବନ୍ଧୀୟ ଅନ୍ୟାନ୍ୟ ଆନୁସଙ୍ଗିକ ଫର୍ମ ଯାହାକି ଉପଦର୍ଶିତ ଇ - ନିଲାମ ସେବା ପ୍ରଦାନକାରୀ ମେସର୍ସ ଇ - ପ୍ରୋକ୍ୟୁରମେଣ୍ଟ ଟେକ୍ନୋଲୋଜି ଲିଃ (ଅକ୍ସନ ଟାଇଗର) ଅହମ୍ମଦାବାଦ, ଇଣ୍ଟରନେଟରୁ ଡାଉନଲୋଡ କରିପାରିବେ।
**୩) ଇଚ୍ଛୁକ ନିଲାମଧାରୀମାନେ ଇ - ନିଲାମ ସେବା ପ୍ରଦାନକାରୀଙ୍କ ୱେବସାଇଟ https://allahabadbank.auctiontiger.net ଦ୍ୱାରା ଇ - ନିଲାମରେ ଅଂଶଗ୍ରହଣ କରିପାରିବେ। ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ତା ୧୩.୦୮.୨୦୧୯ ରିଖ ପରଠାରୁ www.tenders.gov.in and https://allahabadbank.auctiontiger.net ଦେଖନ୍ତୁ।**
**ଦ୍ରଷ୍ଟବ୍ୟ: ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଜାମିନଦାର /ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି କି ଉପରବର୍ଣ୍ଣିତ ତାରିଖରେ ନିଲାମ ବିକ୍ରୟ ସମ୍ପନ୍ନ ହେବ।**

**ସ୍ଥାନ-ଭୁବନେଶ୍ୱର, ତାରିଖ- ୦୯.୦୮.୨୦୧୯** **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ**



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ
ବିପଦରୂପକ ଶସ୍ୟ କାଟିବାକୁ ହୁଏ।
- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ଟ୍ରକ ଧକ୍କାରେ ଯୁବକ ଗୁରୁତର

ଦେବଗଡ,୧୧।୮(ଡି.ଏନ.ଏ)- ତିଲେଇବଣି ବ୍ଲକ ଚଟି ବରଘାଟ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ଅଜଣା ଟ୍ରକ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଖବର ମୁତାବକ ରବିବାର ୫ଟାରେ ତିଲେଇବଣି ବ୍ଲକ କେ୍ଦେଇଜୁରୀ ପଞ୍ଚାୟତ ଅନ୍ତର୍ଗତ ବଳିତା ଗ୍ରାମର ମୁନୁ ଭଇଁଷା (୨୯)ନିଜ ଘରୁ ଏକ ବାଇକ ଯୋଗେ ଦେବଗଡ ଅଭିମୁଖେ ଆସୁଥିଲେ । ତେବେ ଚଟିବରଘାଟ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ବିପରିତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ତାଙ୍କୁ ଧକ୍କାଦେଇ ଫେରାର ହୋଇଯାଇଥିଲା । ଫଳରେ ମୁନୁ ବାଇକ ସହ ରାସ୍ତାକଡକୁ ଛିଟିକିପଡି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଦେବଗଡ ଅଗ୍ନିଶମ ବିଭାଗକୁ ସୂଚନା ଦେବାରୁ ଦମକଳ ବାହୀନୀ ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତ ମୁନୁଙ୍କୁ ଉଦ୍ଧାର କରିବାସହ ଚିକିତ୍ସା ପାଇଁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ଜାତୀୟ ଚେସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିନ

# ପ୍ରଭାକର, ରବି ୩ ପଏଣ୍ଟ ରେ ଆଗୁଆ

ଦେବଗଡ,୧୧।୮(ଡି.ଏନ.ଏ)

ତିଲେଇବଣି ବ୍ଲକ ସୁନାମୁଣ୍ଡା ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଶନିବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ଚେସ ପ୍ରତିଯୋଗିତା ରବିବାର ଦ୍ୱିତୀୟ ଦିବସରେ ପହଞ୍ଚିଛି। ଜବାହର ନବୋଦୟ ବିଦ୍ୟାଳୟ ଭୋପାଳ ସମ୍ଭାଗର ସହ ଆୟୁକ୍ତ ପାର୍ବତୀ ପ୍ରଧାନ ଓ ଜବାହର ନବୋଦୟ ବିଦ୍ୟାଳୟର ଅଧକ୍ଷ ଉତ୍ତମ ପ୍ରସାଦଙ୍କ ତତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ଦ୍ୱିତୀୟ ଦିନରେ ୧୪ବର୍ଷରୁ କମ ବର୍ଗ ବାଳିକା ବିଭାଗରେ ନିହାରୀକା, ପ୍ରିୟା କୁମାରୀ, ସ୍ୱାଗତିକା ସାହୁ,



ଜାତୀୟ ଚେସ୍ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର ।

ପ୍ରଗତି ପାଟିଲ ଓ ସୁରଭି ପ୍ରତ୍ୟେକେ ୩ ପଏଣ୍ଟ ଲେଖାଏଁରେ ଆଗୁଆ ରହିଥିବା ବେଳେ ୧୭ ବର୍ଷରୁ କମ ବର୍ଗ ବାଳିକା ବିଭାଗରେ ଅନୁଶ୍ରୀ ଦେବୀ, ହର୍ଷନୀ,ନିନିତା, ଝଲକ ଜୈନ ୩ ପଏଣ୍ଟ ଲେଖାଏଁରେ ଆଗୁଆ ରହିଥିବା ଜଣାପଡିଛି । ସେହିପରି ୧୯ ବର୍ଷରୁ କମ ବର୍ଗ ବାଳିକା ବିଭାଗରେ ଦେବଗଡର ବର୍ଷା ବସୁନ୍ଧରା ନାୟକ, ଜ୍ୟୋତି କାମିନୀ , ଜିନିଆ, ମଧୁମିତା, ମୌନୀ ଓ ସୁଶ୍ରୀ ରଚିତା ଓ ୩ ପଏଣ୍ଟ ଲେଖାଏଁରେ ଆଗୁଆ ରହିଛନ୍ତି। ସେହିପରି ୧୪ବର୍ଷରୁ କମ ବର୍ଗ ବାଳକ ବିଭାଗରେ ସୁନୀଲ, ଶିବକୁମାର ରୁଦ୍ର ପ୍ରତାପ, ବିଶାଳ ଓ ସୁହାଗ ୩ ପଏଣ୍ଟ ଲେଖାଏଁରେ ଆଗୁଆ ରହିଥିବା ବେଳେ ୧୭ ବର୍ଷରୁ କମ ବର୍ଗ ବାଳକ ବିଭାଗରେ ସୀତାଙ୍ଗ, ବିବେକ, ବିଶ୍ୱାସ , ଫାରହକ ଓ ଶୁଭମ ୩ ପଏଣ୍ଟ ଲେଖାଏଁରେ ଆଗୁଆ ରହିଛନ୍ତି । ୧୯ ବର୍ଷରୁ କମ ବର୍ଗ ବାଳକ ବିଭାଗରେ ପ୍ରଭାକର ଓ ରବି ୩ ପଏଣ୍ଟ ଲେଖାଏଁରେ ଆଗୁଆ ରହିଥିବା ଜଣାପଡିଛି । ଅନ୍ୟମାନଙ୍କ ମଧ୍ୟରେ ଆର୍ବିଟର ସନ୍ତୋଷ ମହାପାତ୍ର, କୁଳମଣି ଜେନା, ସୁଜିତ ସାମଲ, ଅଶୋକ ମହାନ୍ତି ରାଜୀବ ମଲ୍ଲିକ ବିଧୁ ଭୁଷଣ ମିଶ୍ର, ସଞ୍ଜୟ ମହାପାତ୍ର, ଉପସ୍ଥିତ ରହିଥିବା ବେଳେ ପ୍ରିୟଙ୍କା, ହର୍ଷିତା, ସୋନାଲୀ, ଶ୍ରାବଣୀ, ଓ ଦିବ୍ୟାଙ୍ଗନା ପ୍ରମୁଖ ସହଯୋଗ କରୁଥିବା ବେଳେ ସୋମବାର ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ବିଦ୍ୟାଳୟର ଜନ ସମ୍ପର୍କ ଅଧିକାରୀ ଡ. ସୁରେନ୍ଦ୍ରନାଥ ତ୍ରିପାଠୀ ସୂଚନା ଦେଇଛନ୍ତି ।

### କଲେଜ ନିକଟରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଦେବଗଡ,୧୧।୮(ଡି.ଏନ.ଏ)

ଦେବଗଡ ସହର କଲେଜ ନିକଟରୁ ରବିବାର ଜଣେ ଯୁବକଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ରଙ୍ଗିଆଗୁଡା ସାହିର ପୁରୁଷୋତମ ପଲେଇ(୨୫)। ଖବର ମୁତାବକ ସକାଳେ କଲେଜର ଜଗୁଆଳୀ କଲେଜ ନିକଟରେ ଥିବା ଏକ ଶାଳଗଛରେ ଜଣେ ଯୁବକଙ୍କର ମୃତଦେହ ଝୁଲୁଥିବା ଦେଖି ଦେବଗଡ କଲେଜ ଅଧକ୍ଷାଙ୍କୁ ସୂଚନା ଦେଇଥିଲେ । ଅଧକ୍ଷା ପୋଲିସକୁ ସୂଚନା ଦେଇଥିଲେ। ଦେବଗଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଗଛରୁ ଓହ୍ଲାଇବାସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି । ଏଥିସହ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ଦେବଗଡର ବିଭିନ୍ନ ସମସ୍ୟା ସମାଧାନ, ଉନ୍ନତି କରାଯାଉ

# ଜିଲାପାଳଙ୍କ ସହ ଆଲୋଚନା କଲେ ବିଧାୟକ

ଦେବଗଡ଼,୧୧।୮(ଡ଼ି.ଏନ.ଏ.)

-ଦେବଗଡ଼ ଜିଲାର ବିଭିନ୍ନ ସମସ୍ୟା ଓ ଉନ୍ନତି ପାଇଁ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଜିଲାପାଳଙ୍କ ସହ ସାକ୍ଷାତ ପୂର୍ବକ ଆଲୋଚନା କରିଥିବା ଜଣାପଡିଛି। ଜିଲାରେ ବର୍ଷା ଅଭାବରୁ ଧାନ ଫସଲର ଗଜାମରୁଡ଼ି ହୋଇଥିବାରୁ ଦେବଗଡ଼ ଜିଲାକୁ ମରୁଡ଼ି ଘୋଷଣା କରିବା ସହ ସମସ୍ତ ଚାଷୀଙ୍କୁ ମାଗଣାରେ ବିହନ ଯୋଗାଣ, ସମସ୍ତ ଚାଷୀଙ୍କୁ କୃଷିଋଣ ଛାଡ଼, ସବ୍‌ସିଡ଼ି ପ୍ରଦାନ, ଗତବର୍ଷର ପ୍ରଧାନମନ୍ତ୍ରୀ କୃଷକ ବୀମା ଯୋଜନାର କ୍ଷତିପୂରଣ ପ୍ରଦାନ, ତିନି ବ୍ଲକର ଚାଷୀମାନଙ୍କ ସୁବିଧା ପାଇଁ ଶୀତଳଭଣ୍ଡାର ନିର୍ମାଣ ପାଇଁ ଆଲୋଚନା କରିଥିଲେ। ସହରକୁ ପାଣି ଯୋଗାଣ,ଉଚ୍ଛେଦ କରାଯାଇଥିବା ଡ୍ରେନ ଉପରୁ ସ୍ଲାବକୁ ନୂତନ ଭାବେ ତିଆରି, ସ୍ଥାନୀୟ ଷୋହଳି ବଖରୀ କଟା ଅସ୍ତିତ୍ୱ ହରାଇ ବସି ଥିବାରୁ ଏହାର ଉଦ୍ଧାର, ପ୍ରସିଦ୍ଧ ପ୍ରଧାନପାଟ ପର୍ଯ୍ୟଟନସ୍ଥଳିର ବିକାଶ ଏବଂ ଉପରଭାଗରେ ଥିବା କୁଣ୍ଡର ଉଦ୍ଧାର ସହ ଉନ୍ନତି,ବୃକ୍ଷରୋପଣ, ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମର ଉନ୍ନତି କରଣ ଆଦି ଜିଲାର ବିଭିନ୍ନ ଦାବି, ସମସ୍ୟା ଓ ଏହାର ସାମାଧାନ କିପରି ହେବ ସେନେଇ ଆଲୋଚନା କରିବା ସହ ତୁରନ୍ତ ପଦକ୍ଷେପ ପାଇଁ ଦାବି କରିଥିଲେ।

# ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ

ଚିପିଲିମା,୧୧।୮(ଡି.ଏନ୍.ଏ.)

ସମ୍ବଲପୁର ଜିଲା ଗୋଡ଼ଭଗା ଜନତା ନୋଡାଲ ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ଆଶୁତୋଷ ଦେବଙ୍କ ଅନୁରୋଧକ୍ରମେ ଲାୟନ୍ସ କ୍ଲବ ଗୋଡ଼ଭଗା ରୟାଲ ସହଯୋଗରେ ସ୍କୁଲ ପରିସରରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କ୍ରୀଡ଼ା ଶିକ୍ଷକ ଦେବଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର, ଏନ୍‌ସିସି ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଗୋଡ଼ଭଗା ମାର୍କେଟ ପରିକ୍ରମା କରିଥିଲା। ପରେ ସ୍କୁଲ ପରିସରରେ ବିଭିନ୍ନ କିସମର ୧୦୦ରୁ ଉର୍ଦ୍ଧ୍ୱ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ ଗୋଡ଼ଭଗା ରୟାଲ ସଭାପତି ଲାୟନ ବାଳକୃଷ୍ଣ ସାହୁ ଓ ସମ୍ପାଦକ ଲାୟନ ଶିବାନନ୍ଦ ବହିଦାରଙ୍କ ନେତୃତ୍ୱରେ ସଦସ୍ୟମାନେ ସହଯୋଗ କରିଥିଲେ।



ଛାତ୍ରୀଛାତ୍ରମାନେ ଚାରା ଧରି ଶୋଭାଯାତ୍ରାରେ ଯାଉଛନ୍ତି।

# ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

ସୋହେଲା,୧୧।୮(ଡିଏନଏ)

ବରଗଡ ଜିଲା ସୋହେଲାର ମୁଖ୍ୟଛକରେ ଗୋଟିଏ ଗାଡି ଧକ୍କାରେ ଜୟପାଲ ବିଶି (୪୨) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏ ନେଇ ଥାନାରେ ଏକ ମାମଲା (ନଂ. ୧୩୮/୧୯) ରୁଜୁ ହୋଇଛି । ଗାଡିଟି ଯୁବକଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି । ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ୯ଟାରେ ଜୟପାଲ ଏକ ସାଇକେଲରେ ପଦ୍ମପୁର ରୋଡରୁ ଆସି ୬ ନମ୍ବର ଜାତୀୟ ରାଜପଥକୁ ଅତିକ୍ରମ କରୁଥିବାବେଳେ ମୁଖ୍ୟଛକରେ ରାୟପୁର ପଟରୁ କ୍ଷୀପ୍ର ଗତିରେ ଆସୁଥିବା ଏକ ଗାଡି ଧକ୍କା ଦେଇଥିଲା । ଜୟପାଲ ଗାଡି ଧକ୍କାରେ ପ୍ରାୟ ୧୫ଫୁଟ ଆଗକୁ ଛିଟିକି ପଡିଥିଲେ । ତାଙ୍କ ଉପରେ ଗାଡିଟି ଚଢି ଚାଲିଯାଇଥିଲା। ତୁରନ୍ତ ଜୟପାଲଙ୍କୁ ଆମ୍ବୁଲାନ୍ସରେ ବରଗଡ ଡାକ୍ତରଖାନାକୁ ନିଆଯାଇଥିଲା । ଖବର ପାଇ ଯୁବନେତା ସୁବ୍ରତ ସିଂହ ବରଗଡ ଡାକ୍ତରଖାନାକୁ ଯାଇ ଆହତଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ। କିନ୍ତୁ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

### ଗାଡ଼ି ସହ ୧୦ ଶାଳ ଗଣ୍ଡି ଜବତ

ରେଙ୍ଗାଲି,୧୧।୮(ଡି.ଏନ୍.ଏ.)

ରେଙ୍ଗାଲି ରେଞ୍ଜ ପଧାନପାଲି ଗୁଞ୍ଜାମାଲ ନିକଟରୁ ବନ ବିଭାଗ ଏକ ଗାଡ଼ି ସହ ୧୦ ଶାଳ ଗଣ୍ଡି ଜବତ କରିଛି। ଶନିବାର ବିଳମ୍ବିତ ରାତିରେ ରେଞ୍ଜର ହରିହର ପାତ୍ରଙ୍କ ନେତୃତ୍ୱରେ ଭାଲୁବାହାଲ ଫରେଷ୍ଟର ଅକ୍ଷୟ ମହାରଣା ଟିମ୍ ସହ ଯାଞ୍ଚ କରୁଥିବା ବେଳେ ଟାଟା ଏସିଇ (ନଂ-ଓଡି୧୫-କେ୮୫୪୬)ରେ ଶାଳ ଗଣ୍ଡି ଯାଉଥିବା ଦେଖି ଏହାକୁ ଜବତ କରିଛନ୍ତି।

# ଜଗନ୍ନାଥ ନଗର ରାସ୍ତା ପାଲଟିଛି ମରଣଯନ୍ତା

ବରପାଲି, ୧୧।୮ (ଡି.ଏନ.ଏ)

ସୋହେଲାରୁ ବରପାଲି ଜଗନ୍ନାଥନଗର ରାସ୍ତା ପୁରୀ ଜଗନ୍ନାଥ ଧାମକୁ ସଂଯୋଗ କରୁଥିବାରୁ ଏହି ରାସ୍ତାକୁ ଜଗନ୍ନାଥନଗର ଭାବେ ନାମକରଣ କରାଯାଇଛି । ଏହି ରାସ୍ତା ଦେଇ ସୁବର୍ଣ୍ଣପୁର ଜିଲା ରାମପୁର, ବିନିକା ଓ ବରପାଲି ବ୍ଲକର ଅଧାରୁ ଅଧିକ ଅଞ୍ଚଳକୁ ଗମନାଗମନର ସୁବିଧା ଥିବା ବେଳେ ବହୁ ଯାନବାହନ ଓ ଯାତ୍ରୀବାହୀ ବସ୍ ମଧ୍ୟ ଚଳାଚଳ କରୁଛି । ମାତ୍ର ବର୍ଷସାରା ରାସ୍ତା ଅବସ୍ଥା ମରଣଯନ୍ତା ପାଲଟିଛି। ଏପଟେ ବରପାଲି ରେଲୱେ ଓଭରବ୍ରିଜ ରାସ୍ତା ନିର୍ମାଣ ଚାଲିଥିବା ବେଳେ ରାସ୍ତା ଅବସ୍ଥା ବେହାଲ ହୋଇପଡିଛି । ଫଳରେ ଲୋକେ ଯିବା ଆସିବାରେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ସେପଟେ ରେଲୱେ ଫାଟକ ଯୋଗୁ ବହୁ ସମୟ ଧରି ପ୍ରାୟତଃ ଗେଟ୍ ପଡି ରହୁଥିବାରୁ ଲୋକଙ୍କ ଯାତାୟାତରେ ବାଧକ ସାଜିଛି । ଜଗନ୍ନାଥ ନଗର ମୁଖ୍ୟରାସ୍ତା ଉପରେ ଏବେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଦୁର୍ଘଟଣା ଘଟୁଛି। ସତର୍କ ସୂଚନା ପାଇଁ ଲୋକେ ଉକ୍ତ ରାସ୍ତା ଉପରେ କଣ୍ଟା ବିଛାଇ ଦେଇଛନ୍ତି । ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ଦରଖଁଡ଼ିଆ ହେଇ ପଡ଼ିଛେ ଅଙ୍ଗନୱାଡି କେନ୍ଦ୍ର

ଜହ୍ନାପଙ୍କ, ୧୧।୮(ଡି.ଏନ୍.ଏ.)

ବୌଦ୍ଧ ଜିଲା ସଦର ବ୍ଲକ ଲକ୍ଷ୍ମୀପ୍ରସାଦ ପଁଚେତ୍ ଅଧୀନ ନାରାୟଣ ନଗର। ଇ ଗାଁରେ ତିଆର ହେଉଥିବାର ଅଙ୍ଗନୱାଡି କେନ୍ଦ-୨ ଅନେକ ଦିନ୍ ହେଲା ଦରଖଁଡ଼ିଆ ଅବସ୍ତାରେ ପଡ଼ିରହିଛେ। କେନ୍ଦ୍ରର ନିଜର ଘର ନାଇଁଥିଲାବେଳେ କରମୀ ଝନ୍‌କ ଗାଁର ମାଉସୀ ଗୁଡ଼ିନେ ଛୁଆକୁ ପାଠ୍ ପଢ଼ଉଥିଲେ। ଇ ବାବ୍‌ଦେ ଭିନେ ଭିନେ ଗଣମାଧ୍ୟମରେ ଖବର ବାହାରଲାରୁ ବ୍ଲକ ପରଶାସନ ଅଙ୍ଗନୱାଡି କେନ୍ଦ୍ର ତିଆରି ଲାଗି ୫ ଲାଖ୍ ଟଁକା ଅନୁଦାନ ଦେଇଥିଲା। କାମ୍‌ଟା ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କର ନାଁରେ ଥିଲାବେଲେ ପେଟି ଠିକାଦାର ଜରିଆରେ କାମ୍ କରାଯାଉଛେ। ଯେନ୍‌ଥିରଲାଗି କାମ୍‌ଟା ବହୁତ୍ ହଲ୍‌କା ହେଉଥିବାର ସାଧାରନରେ ଅଭିଯୋଗ ହେଉଛେ। ଇଆଡ଼େ ସରକାର ୩ରୁ ୬ ବଛର୍‌ର ଛୁଆକାର ପ୍ରାକ୍ ଶିକ୍ଷା ସଂଗେ ପୁଷ୍ଟିକର ଖାଏଦ୍, ଗରଭବତୀ, ପ୍ରସୂତୀ ମହିଲାମାନକୁ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ସେବା ଯୁଗେଇ ଦେଉଛନ୍। ଇଥିରଲାଗି ଫିବଛର ସରକାର କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ଅନେକ ଜାଗାରେ କେନ୍ଦ୍ର ଅଭାବୁ ଛୁଆମାନେ କେନ୍‌ଠାନେ ଗଛ୍‌ତଲେ ପଢୁଛନ୍ ତ ଆରକେନ୍‌ନେ ଭଂଗା ଦଦ୍‌ରା ଘରେ ପଢୁଛନ୍। ସେନ୍‌ତା ଅନେକ ଜାଗାରେ ବିଭାଗୀୟ ଅଧିକାରୀମାନକର ଖାମଖିଆଲି ମନଭାବ ଲାଗି ସରକାରକଁର ଇ ମହତ୍ ଉଦେଶ ଫସର ଫାଟୁଛେ। ନାରାୟଣ ନଗରରେ ତିଆର ହେଉଥିବାର ଅଙ୍ଗନୱାଡି କେନ୍ଦ୍ର-୨ ଏନ୍‌ତା ଘଟନାର ଗୁଟେ ଉଦାହରନ୍ ଆଏ। ଯେନ୍‌ଥିରଲାଗି ଇ କେନ୍ଦ୍ର ଅଧୀନ୍‌ରେ ଥିବାର ଛାତ୍ରୀଛାତ୍ର ଆଏଜ୍ ବି ବିପଦ୍ ଅବସ୍ତାରେ ପାଠ୍‌ପଢୁଛନ୍। ଯେତେ ଜଲ୍‌ଦି ହେବା ଇ କେନ୍ଦ୍ରର ତିଆରି କାମ୍ ସାରବାକେ ଗାଁବାସୀ ଦାବି କରିଛନ୍।



ନାରାୟଣ ନଗରରେ ତିଆର ହେଉଥିବାର ଅଙ୍ଗନୱାଡି କେନ୍ଦ୍ର।

### ୧୯୮୫ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

# କିଡ୍‌ନୀ ରୋଗାକ୍ରାନ୍ତଙ୍କ ପାଇଁ ଜଳଶାୟୀ

ବୌଦ୍ଧ,୧୧।୮(ସ୍ୱ.ପ୍ର)

ବୌଦ୍ଧ ସହରର ଯୋଗୀନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟର ୧୯୮୫ ମାଟ୍ରିକ ବ୍ୟାଚ ଛାତ୍ରମାନଙ୍କ ଏକ ବନ୍ଧୁ ମିଳନ ଉତ୍ସବ ରବିବାର ବନ୍ଧାପଥର ଶିବ ମନ୍ଦିରଠାରେ ଆୟୋଜିତ ହୋଇଛି । ଜିଲାରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ନେଇ ଜିଲା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ଜିଲାରେ ଶତାଧିକ ସଂଖ୍ୟାରେ ରହିଥିବା କିଡ୍‌ନୀ ରୋଗାକ୍ରାନ୍ତଙ୍କ ଆରୋଗ୍ୟ କାମନା କରି ଜଳଶାୟୀ ଓ ଶୈବ ପୂଜା ସହ ବୃକ୍ଷରୋପଣ କରାଯାଇଥିଲା । ସୁବାସ ଅଗ୍ରୱାଲା, ପ୍ରବୀର ଦାସ, ଶାନ୍ତନୁ ଦେଓ, ଚନ୍ଦ୍ରଜୀତ ଦେଓ, ରିତ ଧଳ, ବସନ୍ତ ସ୍ୱାଇଁ, ହର୍ଷ ମିଶ୍ର, ସମ୍ପଦ କୁମାର ଅଗ୍ରୱାଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଫୁଟବଲ: ଡୁଙ୍ଗୁରିପାଲି ଚାମ୍ପିୟନ

ଭେଡ଼େନ,୧୧।୮(ଡ଼ି.ଏନ.ଏ)

ଭେଡ଼େନ ରଣଜିତା ଷ୍ଟାଡ଼ିୟମ ଖେଳ ପଡ଼ିଆରେ ରବିବାର ଅନୁଷ୍ଠିତ ଅର୍ଦ୍ଧଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଡୁଙ୍ଗୁରିପାଲି ଦଳ ଚାମ୍ପିୟନ ହୋଇଛି। ରଣଜିତା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ହୋଇଥିବା ଏହି ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ବିଜୟୀ ଦଳ ଅତାବିରା ଦଳକୁ ଟାଇବ୍ରେକର ଯୋଗେ ୪-୨ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ପୂର୍ବରୁ ହୋଇଥିବା ସେମିଫାଇନାଲ ଖେଳରେ ଡୁଙ୍ଗୁରିପାଲି ଦଳ ଖଲିଆପାଲିକୁ ଏବଂ ଅତାବିରା ଦଳ ବୁଗବୁଗାକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ । ମହେନ୍ଦ୍ର ସେଠଙ୍କ ପରିଚାଳନାରେ ହୋଇଥିବା ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଭେଡ଼େନ ବ୍ଲକ ଅଧକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟଅତିଥି, ଶଙ୍କର ଦାଶ, କୃଷ୍ଣଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରେଫରୀ ସୁଶାନ୍ତ ସାହୁ , ଏମଡ଼ି ରାଜୁ, ମହାଦେବ ଛତ୍ରିଆ ଏବଂ ଭୈରବ ମେହେର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରଦୀପ ସୁନା, ପ୍ରଶାନ୍ତ ମହାପାତ୍ର, ମାନ ମଡ଼ପାଚି, ଲିପୁନ ବେହେରା, ସାନୁ ପୋଡ଼ଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ ।



ଭେଡ଼େନ ଫୁଟବଲ ପ୍ରତିଯୋଗିତାରେ ଖେଳାଳି ଏବଂ ଅତିଥିମାନେ ।

## ଫଟୋରେ ଖବର







ରବିବାର ସମ୍ବଲପୁର ରୋଟାରି କ୍ଲବ ବୀର୧ଭୂମି ଓ ବନ ବିଭାଗ ପକ୍ଷରୁ ଆୟୋଜିତ ସ୍କୁଲସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା (ବାମ ଓ ମଝି। ରବିବାର ସମ୍ବଲପୁର ବୁଢ଼ାରଜା ପାହାଡ଼ ଶୀର୍ଷସ୍ଥ ମହାଦେବ ମନ୍ଦିର ପରିସରରେ ତେଜଶ ଆୟୋଜିତ ସଫେଇ କାର୍ଯ୍ୟକ୍ରମ।



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ



## ସଂକ୍ଷେପରେ



### ବୁଢ଼ାରଜା ପାହାଡ଼ରେ ଜବରଦଖଲ ଅଭିଯୋଗ

ସମ୍ବଲପୁର,୧୧।୮(ବ୍ୟୁରୋ) ସମ୍ବଲପୁର ସହର ବୁଢ଼ାରଜା ପାହାଡ଼କୁ ଧ୍ୱଂସ କରିବାକୁ କିଛି ଲୋକ ଚକ୍ରାନ୍ତ କରୁଥିବା ଅଭିଯୋଗ ହୋଇଛି। ପାହାଡ଼ରେ ଥିବା ମନ୍ଦିର ନିକଟରେ ନିର୍ମାଣ କାମ ଚାଲିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବୁଢ଼ାରଜା ପାହାଡ଼ର ସବୁଜିମା ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି। ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରି ରହିଛି। ହେଲେ ପାହାଡ଼ ଏବେ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଇଛି। ଏ ଦିଗରେ ବନ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଟାଉନ ରେଞ୍ଜର ଗୌରୀ ଦାସଙ୍କୁ ପଚାରିବାରୁ ସେ କହିଲେ, ଜବରଦଖଲକାରୀଙ୍କୁ ହଟାଇବାକୁ ନୋଟିସ ଜାରି ହୋଇଛି। ପ୍ରକ୍ରିୟା ଜାରି ରହିଛି। ମନ୍ଦିର ନିକଟରେ ଚାଲିଥିବା ନିର୍ମାଣ କାମର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

### ସମ୍ପର୍କୀୟ ଭଉଣୀଙ୍କୁ ବଳାତ୍କାର, ଯୁବକ ଗିରଫ

ସମ୍ବଲପୁର/ରେଙ୍ଗାଲି,୧୧।୮ (ବ୍ୟୁରୋ/ଡି.ଏନ୍.ଏ.):ସମ୍ପର୍କୀୟ ଉଉଣୀଙ୍କୁ ବଳାତ୍କାର ଅଭିଯୋଗରେ ସମ୍ବଲପୁର ଜିଲା କତରବଗା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଏ ନେଇ ଏକ ମାମଲା (ନଂ.-୧୧୪/୧୯) ରୁଜୁ କରାଯାଇଛି। ଜିଲା ସଦର ଡାକ୍ତରଖାନରେ ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ଶନିବାର ପୂର୍ବାହ୍ନ ୧୦ଟାରେ ଅଭିଯୁକ୍ତ ପୀଡ଼ିତାଙ୍କ ଘରକୁ ଆସିଥିଲେ। ଏହି ସମୟରେ ପୀଡ଼ିତା ଏକାକୀ ଥିବାର ସୁଯୋଗ ନେଇ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ପୀଡ଼ିତା ଏ ନେଇ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଥାନରେ ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ନିକଟସ୍ଥ ଏକ କାରଖାନାରେ କାମ କରନ୍ତି ବୋଲି ପୋଲିସ କହିଛି।

### ଆଇଏଚ୍‌ଆର୍‌ସି ରାଜ୍ୟ ସାଧାରଣ ସମ୍ପାଦକ ହେଲେ ମନୋରଞ୍ଜନ

ଚିପିଲିମା,୧୧।୮(ଡି.ଏନ୍.ଏ.) ଅନ୍ତର୍ଜାତୀୟ ମାନବାଧିକାର ଆୟୋଗ (ଆଇଏଚ୍‌ଆର୍‌ସି)ର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ବୁର୍ଲାର ମନୋରଞ୍ଜନ ପଟ୍ଟନାୟକ ନିଯୁକ୍ତି ପାଇଛନ୍ତି। ପଟ୍ଟନାୟକ ଏହା ପୂର୍ବରୁ ଅନ୍ତର୍ଜାତୀୟ ମାନବାଧିକାର ସମିତିର ରାଜ୍ୟ କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ତୁଲାଇଛନ୍ତି। ପ୍ରଥମଥର ପାଇଁ ବୁର୍ଲାର ଜଣେ ବ୍ୟକ୍ତି ଏହି ପଦବୀରେ ନିଯୁକ୍ତି ପାଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ଗଙ୍ଗାଧର କବିତା ଆବୃତ୍ତି

ସମ୍ବଲପୁର,୧୧।୮(ବ୍ୟୁରୋ) ସ୍କୁଲସ୍ତରୀୟ ବକ୍ତୃତା ଓ ଗଙ୍ଗାଧର କବିତା ଆବୃତ୍ତି ପ୍ରତିଯୋଗିତା ରବିବାର ବୁଢ଼ାରଜା ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସପ୍ତର୍ଷି ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଏମ୍‌ଭି, ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ, ପୋଲିସ ଲାଇନ ହାଇସ୍କୁଲ, ବୁଢ଼ାରଜା ଶ୍ରୀଗଣେଶ ହାଇସ୍କୁଲ, ନୃସିଂହଗୁରୁ ଟାଉନ ହାଇସ୍କୁଲ, ଶ୍ରୀଅରବିନ୍ଦ ସ୍କୁଲ, ସେଣ୍ଟ ଯୋଶେଫ୍ କନଭେଣ୍ଟ ସ୍କୁଲ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବକ୍ତୃତାରେ ପ୍ରତ୍ୟାଶା ରଥ, ଶ୍ରୀୟା ନନ୍ଦ, ରୋହନ ବନଛୋର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କବିତା ଆବୃତ୍ତିରେ ନିଶାନ୍ତ ତ୍ରିପାଠୀ ପ୍ରଥମ, ଗୋଡି ବିଶ୍ରା ଦ୍ୱିତୀୟ ଓ ଶ୍ରେୟଶୀ ରଥ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଆସନ୍ତା ୧୬ ତାରିଖ ଜ୍ୟୋତିବିହାର ପରିସରରେ ହେବାକୁ ଥିବା ଗଙ୍ଗାଧର ଜୟନ୍ତୀ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ।

# ଯୁବକଙ୍କୁ ଛୁରାମାଡ଼, ଅଭିଯୁକ୍ତ ଫେରାର

**ସମ୍ବଲପୁର,୧୧।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଧନୁପାଲି ଥାନା କାଳୀବାଡ଼ି ନିକଟରେ ରବିବାର ଅପରାହ୍ନରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ସେ ହେଲେ କୁମ୍ଭାରପଡ଼ାର ମହମ୍ମଦ କାଦୀମ (୩୦)। ସେହି ପଡ଼ାର ମହମ୍ମଦ ମୁସ୍ତିକଅକ୍ତର (୨୮) କାଦୀମଙ୍କୁ ଆକ୍ରମଣ କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। କିଛିଦିନ ଶାନ୍ତ ପଡ଼ିବା ପରେ ସମ୍ବଲପୁରରେ ପୁଣି ଏକ ଅପରାଧିକ ଘଟଣା ଘଟିଛି। ଏହାକୁ ନେଇ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଆକ୍ରମଣ କରାଯାଇଥିବା ପୋଲିସ କହିଛି। ଅନ୍ୟପଟେ ଅଭିଯୁକ୍ତ ମହମ୍ମଦ ମୁସ୍ତିକ ସୁପାରି ନେଇ କାଦୀମଙ୍କୁ ହତ୍ୟା ଉଦ୍ୟମ କରିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଅଭିଯୁକ୍ତଙ୍କ ବିରୋଧରେ ଡକାୟତି, ମାରପିଟ,



ଆହତ ମହମ୍ମଦ କାଦୀମ୍।

ଲୁଟ୍, ଗଞ୍ଜେଇ ଚୋରାଚାଲାଣ ଭଳି ଅନେକ ଅପରାଧିକ ମାମଲା ରହିଥିବା ପୋଲିସ କହିଛି। କାଦୀମଙ୍କ ବିରୋଧରେ ମଧ୍ୟ ଧନୁପାଲି ଓ ଅନ୍ୟ ଥାନାଗୁଡ଼ିକରେ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, କାଦୀମ କାଳୀବାଡ଼ି ନିକଟରେ ସାଙ୍ଗମାନଙ୍କ ସହ ଠିଆ ହୋଇଥିଲେ। ଏହି ସମୟରେ ଅଭିଯୁକ୍ତ ମହମ୍ମଦ ମୁସ୍ତିକ ଅନ୍ୟ ଦୁଇ ସହଯୋଗୀଙ୍କ ସହ ବାଇକ୍‌ରେ ଆସି କିଛି ଦୂରରେ ଓହ୍ଲାଇଥିଲେ। ଅତର୍କିତ ଭାବେ କାଦୀମଙ୍କ ଶରୀରର ବିଭିନ୍ନ ସ୍ଥାନରେ ଏକ ଛୁରିରେ ସେମାନେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସାଙ୍ଗମାନେ କାଦୀମଙ୍କୁ ଜିଲା ସଦର ଡାକ୍ତରଖାନା ନେଇଥିଲେ। ଏହି ଘଟଣା ପରେ ସେଠାରେ କିଛି ସମୟ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଏକ ମାମଲା (ନଂ-୩୦୬/୧୯) ରୁଜୁ କରି ତଦନ୍ତ କରୁଛି।

# ବ୍ରଜବାବୁ ଶତପଥୀ ସ୍ମାରକୀ ବକ୍ତୃତା ସଭା



ବିଜୟିନୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ସମ୍ବଲପୁର,୧୧।୮(ବ୍ୟୁରୋ)**

ସଭ୍ୟ ସମାଜକୁ ମାନବିକ ସମ୍ବେଦନଶୀଳତା, ସହିଷ୍ଣୁ, ସ୍ନେହୀ ଏବଂ ସମାନତାର ପକ୍ଷଧର ହେବାକୁ ପଡ଼ିବ। ଅନ୍ୟ କାହାକୁ ବଞ୍ଚିତ କରି ସମ୍ବଳର ଉପଭୋଗ କରିବା ମନୋବୃତ୍ତିକୁ ପରିହାର କରିବାକୁ ହେବ। ଓଡ଼ିଶା ସାଂସ୍କୃତିକ ସମାଜ ଭବନରେ ବ୍ରଜବାବୁ ସ୍ମୃତି କମିଟି ଆନୁକୂଲ୍ୟରେ ଚତୁର୍ଦ୍ଦଶ ବକ୍ରବାବୁ ସ୍ମାରକୀ ବକ୍ତୃତା ସଭାରେ ସମଦୃଷ୍ଟି ଖବରକାଗଜ ସମ୍ପାଦକ ସୁଧୀର ପଟ୍ଟନାୟକ ଏହା କହିଥିଲେ। ନିରାଶା ଓ ସଭ୍ୟ ସମାଜ ଶୀର୍ଷକ ଏହି ଆଲୋଚନା ସଭାରେ ସେ ଆହୁରି କହିଥିଲେ ଯେ ବର୍ତ୍ତମାନ ସମୟରେ ସମାଜରେ ନିରାଶା ଛାଇ ରହିଛି। ସମାଜରେ ଦେଖା ଦେଇଥିବା ସଙ୍କଟକୁ ଆମେ ଠିକ୍ ଜାଣି ନ ପାରି ରାୟ ରଖିପାରୁ ନ ଥିବା କାରଣରୁ ଏଭଳି ସ୍ଥିତି ହୋଇଛି। ସାରା ପୃଥିବୀରେ ଏଭଳି ପରିସ୍ଥିତି ଦେଖାଦେଇଛି। ଆମେରିକା, ଚାଇନା, ଭୁଟାନ ଭଳି ଦେଶଗୁଡ଼ିକରେ ଆତ୍ମହତ୍ୟା କରୁଥିବା ଘଟଣା ଏହାର ଉଦାହରଣ। ମନରେ ନିରାଶା ଭାବ ରହିବା ଏହାର କାରଣ। ଏହାର ପ୍ରତିକାର ପାଇଁ ସଭ୍ୟ ସମାଜର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ହେଲେ ସଭ୍ୟ ସମାଜ ଦାୟିତ୍ୱ ନିର୍ବାହ କରୁନାହିଁ। ତେଣୁ ଅର୍ଥନୀତି ଓ ବିକାଶ ଧାରାରେ ମାନ୍ଦାବସ୍ଥା ସୃଷ୍ଟି ହୋଇଛି। ସଭ୍ୟ ସମାଜର ପ୍ରତିନିଧିତ୍ୱ କରୁଥିବା

**ବିଜୟିନୀ ମିଶ୍ରଙ୍କୁ ସମ୍ବର୍ଦ୍ଧନା**

ବିଶାରଦମାନଙ୍କ ପରାମର୍ଶ ଲୋକଙ୍କ ଭିତରେ ନିରାଶା ବୋଧ ଦୂର କରି ସେମାନଙ୍କ ମୁହଁରେ ହସ ଫୁଟାଇ ପାରୁନାହିଁ। ଦେଶରେ ଚାଷୀ ଆତ୍ମହତ୍ୟା ଓ ଚାଷରେ ସଙ୍କଟ, ପ୍ରାକୃତିକ ସମ୍ବଳର ବିନିଯୋଗ ଆଳରେ ଜଙ୍ଗଲ ଓ ପରିବେଶକୁ ଧ୍ୱଂସ କରାଯାଉଛି। ବୁଣାକାର ତଥା ଅନ୍ୟ କାରିଗରମାନେ ସମସ୍ୟାରେ ଭରି ରହିଛନ୍ତି। ତେଣୁ ଏବେ ସମାଜକୁ ଖୋଲପାମୁକ୍ତ ହୋଇ ବିକଳ୍ପ ବିଚାର ପ୍ରସ୍ତୁତ କରିବା ସହ ରାଷ୍ଟ୍ରକୁ ସେହି ମାର୍ଗରେ ପରିଚାଳିତ କରିବା ପାଇଁ ଜନମତ ସଂଗଠିତ କରିବାକୁ ହେବ ବୋଲି ପଟ୍ଟନାୟକ କହିଥିଲେ। କବି ଡ. ପ୍ରଦୀପ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କୃଷକ ନେତା ଲିଙ୍ଗରାଜ ବ୍ରଜବାବୁଙ୍କ ବେସାଲିସ୍ ଜୀବନ ଦର୍ଶନ ଉପରେ ଆଲୋକପାତ କରଥିଲେ। ପରେ ମାଆ ଜୟଶ୍ରୀ ମିଶ୍ରଙ୍କୁ ନ୍ୟାୟ ଦେବା ପାଇଁ ଦୀର୍ଘ ୮ ବର୍ଷ ସଂଘର୍ଷ କରିଥିବା ବିଜୟିନୀଙ୍କୁ ସିପିଆଇ ଜିଲା ସମ୍ପାଦକ ଏନ୍. ଗୋପାଳ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାରେ ବିଚାର ପତ୍ରିକା ଅନ୍ୱେଷାର ନୂତନ ସଂଖ୍ୟା ଉନ୍ମୋଚନ କରାଯାଇଥିଲା। ସ୍ମୃତି କମିଟି ପକ୍ଷରୁ ଅନ୍ୱେଷା ସମ୍ପାଦକ ସରୋଜ ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଅରୁଣ ଖିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବହୁ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

# ଜିଲାସ୍ତରୀୟ ଜୁଡୋ ଚାମ୍ପିୟନଶିପ୍



ରବିବାର ସମ୍ବଲପୁର ଜିଲାସ୍ତରୀୟ ଜୁଡୋ ଚାମ୍ପିୟନଶିପ୍‌ରେ ଭାଗ ନେଇଥିବା ପ୍ରତିଯୋଗୀ।

**ସମ୍ବଲପୁର,୧୧।୮(ବ୍ୟୁରୋ)**

ସାଓଲିନ୍ କୁଙ୍ଗ୍ ଉଷୁ ଆସୋସିଏଶନ୍ ପକ୍ଷରୁ ଜିଲାସ୍ତରୀୟ ଜୁଡୋ ଚାମ୍ପିୟନଶିପ୍ ରବିବାର କୁଲଥକାନୀସ୍ଥିତ ଭୁବନେଶ୍ୱରୀ ମଣ୍ଡପରେ ଅନୁଷ୍ଠିତ ହୋଇଛି। ଜିଲା କ୍ରୀଡ଼ା ଅଧିକାରୀ ଉପେନ୍ଦ୍ର ଶତପଥୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଜିଲା ଜୁଡୋ ସମ୍ପାଦକ ସୁବାସ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ ୪ଟି ବର୍ଗରେ ୫୪ ଇଭେଣ୍ଟ ହୋଇଥିଲା। ଏଥିରେ ୧୪୪ ପ୍ରତିଯୋଗୀ ଭାଗ ନେଇଥିଲେ। ଫାଲଗୁନ ଅଗ୍ରୱାଲ, ଆୟୁଷ୍ମାନ ଉଜ୍ୱଳ ଦାସ, ଦିବେଶ ଦାଶ, ଅନିମେଶ ପଣ୍ଡା, ଅର୍ମାନ ମିଶ୍ର, ଇସାନ ପ୍ରଧାନ, କ୍ଷୀତିଶମୋହନ ବେଉରିଆ, ନାନୁ କେବଟ, ଚଞ୍ଚଳ ଜେନା, ଜାଫ୍ରିନ୍ ଚୌଧୁରୀ, ଆରିୟନ୍ ଦେବସାହା, ସେହେନାଜ ଖାତୁନ, ଦିବ୍ୟକରିଶ୍ମା ପୃଷ୍ଟି, କ୍ଷୀରସାଗର ମାଝି, ପ୍ରତ୍ୟୁଷ୍ମାନ ଗୁରୁ, ଆଂଶିକା ଝୁନଝୁନୱାଲା, ବିନୟ ସରାଫ, ପ୍ରିୟଙ୍କା ମିତ୍ତଲ, ଉତ୍କର୍ଷିନୀ ପ୍ରସାଦ, କୋମଲ ଅଗ୍ରୱାଲ, ରତନ ଦାସ, ଶିବପ୍ରସାଦ ରାୟ, ରୋଶନୀ ସିଂ, ଅଂଶୁମାନ ପଟ୍ଟନାୟକ, ଅର୍ପଣ ଜେନାମଣି, ଆଶିଷ ସାହୁ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଆସନ୍ତା ୨୪ ଓ ୨୫ ତାରିଖ ପାରଦୀପଠାରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଜିଲା ଜୁଡୋ ଦଳ ଭାଗ ନେବା କାର୍ଯ୍ୟକ୍ରମ ରହିଛି। ସଂଘ ପ୍ରକଳ୍ପ ନିର୍ଦ୍ଦେଶକ ଲକ୍ଷ୍ମଣ କୁମାର ମେହେର ସୂଚନା ପ୍ରଦାନ କରିଥିଲେ। ଦିଲୀପ ପୃଷ୍ଟି ଧନ୍ୟବାଦ ଓ ଜିତେନ୍ଦ୍ର ପ୍ରଧାନ ଅତିଥିଙ୍କୁ ସ୍ୱାଗତ କରିଥିଲେ। ବିଜୟ ଗୁରୁଙ୍ଗ, ଜଗନ୍ନାଥ ଦାଶ, ଆଶିଷ ସାହୁ, ସୋନୁ ପ୍ରସାଦ ସୋନାର, ଅରୁଣ ଅଜିତିୱାଲ, ସ୍ନିଗ୍ଧାରାଣୀ ଭାଜି ଇଭେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ଜୟଦୁର୍ଗା କଲେଜ ଚୋରି ଘଟଣାର ପର୍ଦ୍ଦାଫାଶ

### ୨ ଛାତ୍ର, ଜଣେ ନାବାଳକ ଧରାପଡ଼ିଲେ

**ସମ୍ବଲପୁର,୧୧।୮(ବ୍ୟୁରୋ)**

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ପଡ଼ିଆବାହାଲ ଜୟଦୁର୍ଗା କଲେଜରେ ହୋଇଥିବା ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ଘଟଣାରେ ପୋଲିସ କଲେଜର ୨ ଜଣ ଛାତ୍ର ସହ ଜଣେ ନାବାଳକଙ୍କୁ ଧରିଛି। ଛାତ୍ର ଦ୍ୱୟ ମଧ୍ୟ ନାବାଳକ ବୋଲି ପୋଲିସ କହିଛି। ଏମାନଙ୍କ ପାଖରୁ ଚୋରି ହୋଇଥିବା ଗୋଟିଏ ଇନଭର୍ଟର, ଷ୍ଟାବିଲାଇଜର୍, ସ୍କାନିଂ ମେଶିନ, କୁଲର, ସାଉଣ୍ଡ ସିଷ୍ଟମ ଓ ୩ଟି ସିସି କ୍ୟାମେରା ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ-୧୪୧/୧୯) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଗତ ଜୁଲାଇ ୨୨ ରାତିରେ କଲେଜରୁ ଚୋରି ହୋଇଥିଲା। ଏ ସମ୍ପର୍କରେ କଲେଜ ଅଧ୍ୟକ୍ଷ ସତ୍ୟବାଦୀ ପଟେଲ ଥାନାରେ ଅଭିଯୋଗ କରିଥିଲେ।

# ଭିସୁଟ୍ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଶିକ୍ଷକ ସଂଘର ନିନ୍ଦା

**ଚିପିଲିମା,୧୧।୮(ଡି.ଏନ୍.ଏ.)**

ଅନ୍ୟାୟକୁ ବିରୋଧ ଓ ଦାବି ପୂରଣ ପାଇଁ ଭିସୁଟ୍ ଅଧ୍ୟାପକ ସଂଘ ଗତ ଜୁଲାଇ ୧୭ ତାରିଖରୁ ଶାନ୍ତିପୂର୍ଣ୍ଣ ଧାରଣା ଦେଇ ଆସୁଥିବା ଶିକ୍ଷକ ସଂଘ ପକ୍ଷରୁ କୁହାଯାଇଛି। ତେବେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ନ କରି ଶନିବାର ହଠାତ୍ ଜଣେ ଅଧ୍ୟାପକଙ୍କୁ ବହିଷ୍କାର, ୨ ଜଣଙ୍କୁ ନିଲମ୍ବନ ଓ ୧୫ ଜଣଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଏହି ଘଟଣାକୁ ଶିକ୍ଷକ ସଂଘ ଦୃଢ଼ ନିନ୍ଦା କରିଛି।

# ଚୋରି ସାମଗ୍ରୀ ଉଦ୍ଧାର, ଅଭିଯୁକ୍ତ ଗିରଫ

ସମ୍ବଲପୁର, ୧୧।୮ (ବ୍ୟୁରୋ)

ସମ୍ବଲପୁର ଜିଲା ଅଇଁଠାପାଲି ପୋଲିସ ଚୋରି ସମାଗ୍ରୀ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋପାଲମାଳର ବିକାଶ ବାଗ (୩୨) ଓ ସଞ୍ଜୀବ ସିଂ (୩୧)। ଏ ନେଇ ଏକ ମାମଲା (ନଂ-୩୨୨/୧୯) ରୁଜୁ କରାଯାଇଛି। ସୂଚନାଯୋଗ୍ୟ, ଶନିବାର କ୍ଷେତରାଜପୁରର ସୁନୀଲ ଅଗ୍ରୱାଲ ବରେଇପାଲି ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟରେ ଏକ ଅନୁଷ୍ଠାନର ଟ୍ରାନ୍ସଫର୍ମର କାମ କରୁଥିଲେ। ଏଥିରେ ବ୍ୟବହାର ପାଇଁ ରଖାଯାଇଥିବା ୧୦୫ କେଜି ଆଲୁମିନିୟମ ତାର ଚୋରି ହୋଇଥିଲା।



ସମ୍ବଲପୁର ଅଇଁଠାପାଲି ପୋଲିସ ଜବତ କରିଥିବା ତାର ସହ ଗିରଫ ଅଭିଯୁକ୍ତ।

# ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରରେ ଚିତ୍ର କର୍ମଶାଳା

**ସମ୍ବଲପୁର,୧୧।୮(ବ୍ୟୁରୋ)**

ପ୍ରତିମା ପୁରୋହିତ ସ୍ମାରକୀ ଚିତ୍ର କର୍ମଶାଳା ରବିବାର ସ୍ଥାନୀୟ ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏଥିରେ ସହରର ବିଭିନ୍ନ ଅଞ୍ଚଳରୁ ଚିତ୍ରଶିଳ୍ପୀମାନେ ଯୋଗଦେଇ ବରିଷ୍ଠ ଚିତ୍ରଶିଳ୍ପୀ ସ୍ୱର୍ଗତ ପ୍ରତିମା ପୁରୋହିତଙ୍କ ପ୍ରତିଛବି ତିଆରି କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଚିତ୍ରଶିଳ୍ପୀ ମନୋଜ କୁମାର ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଧାରମଣ ମୁଦୁଲି, ଡା. ଉପେନ୍ଦ୍ର ନାଥ ପୁରୋହିତ, ଗୋପାଳ ସାହୁ, ବନ ଅଧିକାରୀ ଗୌରୀଶଙ୍କର ଦାସ, ପୃଥ୍ୱୀରାଜ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସୂର୍ଯ୍ୟପ୍ରକାଶ ଗୁରୁ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଚାରା ଦେଇ ସମ୍ମାନିତ କରାଯାଇଥିଲା। ଚିତ୍ରଶିଳ୍ପୀ ଅମିତ ନାଥ, ଯତୀନ ପାଢ଼ୀ, ବୃନ୍ଦାବନ ମହାରଣା, ନମ୍ରତା ପାଢ଼ୀ ପ୍ରମୁଖ କର୍ମଶାଳାରେ ଯୋଗଦେଇଥିଲେ। ଜୟଶ୍ରୀ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।



ରବିବାର ସମ୍ବଲପୁର ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରରେ ଚିତ୍ର କର୍ମଶାଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# କାରୋକେ କ୍ଲବର ସଙ୍ଗୀତ ସନ୍ଧ୍ୟା













ରବିବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଅତିଥିମାନେ ସଙ୍ଗୀତ ସନ୍ଧ୍ୟାକୁ ଉଦ୍‌ଘାଟନ କରୁଛନ୍ତି (୧)। ଏମ୍. ଶାନ୍ତି ସୁଦ୍ଧା ସଙ୍ଗୀତ ପରିବେଷଣ କରୁଛନ୍ତି (୨)। ଶୁଭ ଓ ମୃଦୁଳା ସଙ୍ଗୀତ ପରିବେଷଣ କରୁଛନ୍ତି (୩)। କସ୍ତୁରୀ ଓ ତ୍ରିଲୋଚନ ସଙ୍ଗୀତ ପରିବେଷଣ କରୁଛନ୍ତି (୪)।

**ସମ୍ବଲପୁର,୧୧।୮(ବ୍ୟୁରୋ)**

ସମ୍ବଲପୁର କାରୋକେ କ୍ଲବ ପକ୍ଷରୁ ସଙ୍ଗୀତ ସନ୍ଧ୍ୟା ରବିବାର ରାତିରେ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ହିନ୍ଦୀ ଚଳଚ୍ଚିତ୍ର ଜଗତର କଣ୍ଠଶିଳ୍ପୀ ମହମ୍ମଦ ରଫିଙ୍କ ଫଟୋଚିତ୍ରରେ ଅତିଥିମାନେ ପୁଷ୍ପ ଅର୍ପଣ କରିଥିଲେ। ପରେ ସାମ-ଏ-ରଫି ସଙ୍ଗୀତ କାର୍ଯ୍ୟକ୍ରମ ହୋଇଥିଲା। ସଙ୍ଗୀତଜ୍ଞ ବ୍ରଜେନ୍ଦ୍ର ପଣ୍ଡା ଓ ଡା. ରାଜେନ୍ଦ୍ର ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏମ୍.ଆର୍.କେ. ରାଓ, ଅନୁତୋଷ ମଜୁମଦାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏମ୍. ଶାନ୍ତି ସୁଦ୍ଧା, ତ୍ରିଲୋଚନ ତ୍ରିପାଠୀ, ସପନ ଡାଲି, ପ୍ରମୋଦ ପଣ୍ଡା, କସ୍ତୁରୀ ଦାଶ, ଶୁଭ ପଟ୍ଟନାୟକ, ଯୁଗଳ ମିଶ୍ର, ଅଭିଜିତ ରାୟ, ମୃଦୁଳା ସଙ୍ଗୀତ ପରିବେଷଣ କରିଥିଲେ। ଝିଲ୍‌ମିଲ ସିତାରୋଁ କା ସାୱନ୍..., ନାଯା କହାଁ ଅବ୍ ନାଯା..., ଏ ଦିଲ୍ ତୁମ ବିନ୍ କହାଁ..., ପ୍ରଭୃତି ଗୀତରେ ପ୍ରେକ୍ଷାଳୟ ଝୁମି ଉଠିଥିଲା। କମଳ ଚନ୍ଦ୍ର ଷଡ଼ଙ୍ଗୀ ସହଯୋଗ କରିଥିଲେ।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ
ବିପଦରୂପକ ଶସ୍ୟ କାଟିବାକୁ ହୁଏ ।
- ଯୀଶୁଖ୍ରୀଷ୍ଟ

## ସଂକ୍ଷେପରେ

### ନୃସିଂହନାଥରେ କାଉଡିଆଙ୍କ ଭିଡ

ପାଇକମାଳ, ୧୧।୮ (ଡି.ଏନ.ଏ)

ପାଇକମାଳର ନୃସିଂହନାଥ ପୀଠରେ ରବିବାର କାଉଡିଆମାନଙ୍କ ଭିଡ ପରିଲକ୍ଷିତ ହୋଇଛି । ଶ୍ରାବଣ ମାସର ଶେଷ ସୋମବାର ମହାଦେବଙ୍କ ପୀଠରେ ଜଳାଭିଷେକ କରିବା ପାଇଁ ଭକ୍ତମାନେ ନୃସିଂହନାଥ ପାପନାଶିନୀ ଗଙ୍ଗାରୁ ପାଣି ଉଠାଇ ବାହାରିଥିଲେ । ଅନ୍ୟ ବର୍ଷ ଅପେକ୍ଷା ଚଳିତ ବର୍ଷ ବେଶୀ ଭିଡ ହୋଇ ନ ଥିବା ବ୍ୟବସାୟୀମାନେ କହିଛନ୍ତି । ଭକ୍ତମାନଙ୍କ ସୁବିଧା ପାଇଁ ଧର୍ମଶାଳା ମାନଙ୍କରେ ବ୍ୟବସ୍ଥା କରାଯାଇଥିଲା । ଭକ୍ତମାନଙ୍କୁ ଅମଠି ନଦୀ ପାଖରେ ଅନ୍ନପ୍ରସାଦ ବଣ୍ଟନ କରାଯାଇଥିଲା । ସୁମିତ ଅଗ୍ରୱାଲ, ହୁକୁମ ଅଗ୍ରୱାଲ, ନନ୍ଦ କୁମାର ଶ୍ରୀବାସ୍ତବ, ଗୋବର୍ଦ୍ଧନ ଅଗ୍ରୱାଲ, ଚିତ୍ତ ପ୍ରଧାନ, ସୁକାନ୍ତ ପତି ପ୍ରମୁଖ ସହଯୋଗ କରିଥିଲେ । ନୃସିଂହନାଥଠାରେ ପଦ୍ମପୁର ସାହୁପଡାର ଯୁବକମାନେ ଅନ୍ନପ୍ରସାଦ ବଣ୍ଟନ କରିଥିବା ବେଳେ ପାଇକମାଳଠାରେ ମାରୱାଡି ମହିଳା ମଞ୍ଚ ତରଫରୁ ମହିଳାମାନେ ଅନ୍ନପ୍ରସାଦ ବଣ୍ଟନ କରିଥିଲେ ।



### ମୁକ୍ଲା ହେଇ ପଡ଼ିଛେ ଟ୍ରାନ୍ସଫର୍ମର

ଜାମଟିକ୍ରା, ୧୧।୮ (ଡି.ଏନ୍.ଏ.):

ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଁଚେତ୍ ଜାମଟିକ୍ରା ଗାଁର ମୁଖିଆ ଛକ୍‌ରେ ମୁକଲା ହେଇ ବିପଦ୍ ଅବସ୍ତାରେ ଗୁଟେ ଟ୍ରାନ୍ସଫର୍ମର ପଡ଼ି ରହିଛେ। ଇ ରାସ୍‌ତାରେ ସବୁବେଲେ ଜନସାଧାରନ ସମେତ ଛୋଟ ଛୋଟ ଛୁଆମାନେ ସ୍କୁଲ ଯିବାର ଆଏବାର କରୁଛନ୍। ସେନ୍‌ତା ଅନେକ ସମିଆରେ ଗାଇଗୋରୁ, ଛେଲ୍‌ମେଢ଼ି ଚରବାର ସୁରେ ଇ ଟ୍ରାନ୍ସଫର୍ମର ପାସ୍‌କେ ପଲଉଛନ୍। ଟ୍ରାନ୍ସଫର୍ମର ଚାରହିଁକୁତି ବାଡ଼ା ନାଇଁଥିଲାବେଲେ ଇ ଜାଗାରେ ରାସ୍‌ତାଟା ସାଁକୁର ଅଛେ। ଯେନ୍‌ଥିରଲାଗି ବିପଦ୍‌ଟା ଦୁଇଗୁନା ବଢ଼ି ଯାଉଛେ। ଇ ରାସ୍‌ତାରେ ଲୋକ୍ ଗଲା ଆଏଲାବେଲେ ସବୁବେଲେ ଡରି ଡରି ଯାଆସ କରୁଛନ୍। ବିଭାଗୀୟ କର୍ତ୍ତୃପକ୍ଷ ଇ ଦିଗେ ଦୁରୁଷ୍ଟି ଦେଇ ଯେତେ ଜଲଦି ହେବା ଟ୍ରାନ୍ସଫର୍ମରର ଚାର୍‌ହିଁକୁତି ବାଡ଼ା ଦେବାକେ ଗାଁବାସୀ ଦାବି କରିଛନ୍।

# ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ବରଗଡ଼ ଅଫିସ,୧୧।୮



ଗିରଫ ଅଭିଯୁକ୍ତ ଅନ୍ତର୍ଯାମୀ ସୁନା ।

ବରଗଡ଼ ସଦର ଥାନା ଅଞ୍ଚଳର ଜଣେ ନାବାଳିକା(୧୭)ଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ପୋଲିସ ଅପହୃତ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଲେ ପଦ୍ମପୁର ଥାନା ଦେଉଳି ଗ୍ରାମର ଅନ୍ତର୍ଯାମୀ ସୁନା । ତାଙ୍କ ବିରୋଧରେ ଏକ ମାମଲା (ନଂ.୧୧୪/୧୯) ରୁଜୁ ହୋଇଛି । ଏହାସହିତ ଉଦ୍ଧାର ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପ୍ରକାଶ ଯେ, ଗତ ଜୁଲାଇ ୧୯ତାରିଖରେ ଉକ୍ତ ନାବାଳିକା ନିଖୋଜ ଥିବା ନେଇ ତାଙ୍କ ବାପା ବରଗଡ଼ ସଦର ଥାନାରେ ଏତଲା ଦେଇଥିଲେ। ଏହାପରେ ଏସପି ମୁକେଶ କୁମାର ଭାମୁଙ୍କ ନିର୍ଦ୍ଦେଶକ୍ରମେ ଥାନା ଅଧିକାରୀ ଦିଲୀପ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଏହାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରୁ ନାବାଳିକା ଜଣକ କେନ୍ଦୁଝରରେ ଥିବା ପୋଲିସ ଜାଣିବାକୁ ପାଇଥିଲା । ଏହାପରେ ଏସଆଇ ମୋହନ କହଁରଙ୍କ ନେତୃତ୍ୱରେ ଏକ ଟିମ୍ ସେଠାକୁ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ଅନ୍ତର୍ଯାମୀଙ୍କୁ ଧରିଥିଲା । ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଉଭୟଙ୍କ ଡାକ୍ତରୀ ମାଇନା ହୋଇଥିଲା

## ଶିବ ମନ୍ଦିରରେ ନାଗଚମ୍ପା ବୃକ୍ଷରୋପଣ

ବରଗଡ଼ ଅଫିସ,୧୧।୮

ବରଗଡ଼ ସହର ଉପକଣ୍ଠ ଝାଡ଼େଶ୍ୱର ମନ୍ଦିରରେ ଶନିବାର ନାଗଚମ୍ପା ବୃକ୍ଷଚାରା ରୋପଣ କରାଯାଇଛି । ମନ୍ଦିରରେ ଜଳାଶୟୀ କରିବା ଅବସରରେ ବରଗଡ଼ର ଜଣେ ଶ୍ରଦ୍ଧାଳୁ ଶିବାନନ୍ଦ ମଟାରୀ ସେହି ବୃକ୍ଷଚାରା ରୋପଣ କରିଥିଲେ । ବୃକ୍ଷଚାରା ରୋପଣ ସମୟରେ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ । ଝାଡ଼େଶ୍ୱର ମନ୍ଦିରରେ ନାଗଚମ୍ପା ବୃକ୍ଷଚାରା ରୋପଣ କରିବା ପାଇଁ ଦୀର୍ଘଦିନରୁ ତାଙ୍କ ମାନସିକ ଥିଲା ଏବଂ ଶନିବାର ସେହି ବୃକ୍ଷଚାରା ରୋପଣ କରିବାର ସୌଭାଗ୍ୟ ପାଇଥିଲେ ବୋଲି ମଟାରୀ କହିଛନ୍ତି ।

## ଜୁଆ ଆଡ଼ାରେ ଚଢ଼ାଉ: ୨ ଅଟକ

ପଦ୍ମପୁର, ୧୧।୮ (ଡି.ଏନ.ଏ)

ପଦ୍ମପୁର ଉପଖଣ୍ଡ ଜଗଦଳପୁର ଥାନା ଅଧୀନ ପୁଟୁକାଢ଼ିପାଠାରେ ଜୁଆ ଖେଳ ଉପରେ ପୋଲିସ ଚଢ଼ାଉ କରି ୨ଜଣଙ୍କୁ ଧରିଛି । ତାଙ୍କଠାରୁ ୧୦୩୦ ଟଙ୍କା ଜବତ କରି ଏକ ମାମଲା ରୁଜୁ ହୋଇଛି । ଉଭୟଙ୍କୁ ଅଟକ ରଖି ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଲିଲିମା ଲଳିତା ବାର୍ଲା କହିଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରଣୀଟାଏ,**
**ଦାଣ୍ଡରେ ବୋଲାଏ ଘରଣୀଟାଏ ।**

ଅନେକେ ନିଜର ମନ୍ଦ ପ୍ରକୃତିକୁ ଲୁଚାଇବାକୁ ଯାଇ ବାହାରେ ନିଜକୁ ଭଲେଇ ବୋଲି ଦେଖେଇ ହୋଇଥାନ୍ତି । ତାଙ୍କର ବାହାରକୁ ଜଣାପଡୁଥିବା ଗୁଣ ସହିତ ଭିତର ଗୁଣର କୌଣସି ସମ୍ବନ୍ଧ ନ ଥାଏ । ଚୋରଣୀ ନାରୀ ଭିତରେ ଭିତରେ ଚୋରି କରି ବାହାରକୁ ନିଜର ସଚ୍ଚୋଟ ପଣିଆ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଚମ ଧନ ନିଧନ ଧନ,**
**କଂସା ପିତଳ ଅଧା ଧନ,**
**ସୁନାରୁପା ପୂରା ଧନ ।**

ଚମ ଧନ ନିଧନ ଭାବେ ଗଣାହୋଇଥାଏ । କଂସା ବା ପିତଳ ଭାଙ୍ଗିଗଲେ ତା'ର ଦାମ୍ ଅଧା ହୋଇଥାଏ । ସେହିପରି ସୁନା, ରୁପା ମୂଲ୍ୟବାନ ଧାତୁ ଭାବେ ପରିଗଣିତ ହେଉଥିବା ସ୍ଥଳେ ତାକୁ ବିକିଲେ କି ଭାଙ୍ଗିଲେ ବହୁ ଧନ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରେମଣ୍ଡାରେ ପଲିଥିନ ବର୍ଜନ ଶୋଭାଯାତ୍ରା

ଭେଡ଼େନ,୧୧।୮(ଡ଼ି.ଏନ.ଏ)



ରେମଣ୍ଡାରେ ପଲିଥିନ ବର୍ଜନ ଶୋଭାଯାତ୍ରା ଚାଲିଛି ।

ଭେଡ଼େନ ବ୍ଲକ ଅନ୍ତର୍ଗତ ରେମଣ୍ଡା ଠାରେ କ୍ୟାନସର ରୋଗର ଭୟାବୟତା ତଥା ପଲିଥିନର ବ୍ୟାପକ ଏବଂ ଅନିୟନ୍ତ୍ରିତ ବ୍ୟବହାର ସମ୍ପର୍କରେ ଜନଜାଗରଣ ପାଇଁ ଏକ ସଚେତନତତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । କୋଶଲ ଟାଇମ ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ରେମଣ୍ଡା ହାଇସ୍କୁଲ, ରେମଣ୍ଡା ସରସ୍ୱତୀ ଶିଶୁମନ୍ଦିରର ଛାତ୍ରୀଛାତ୍ର ଅଂଶଗ୍ରହଣ କରି କଦଳୀପତ୍ର, ପତ୍ର ତିଆରି ଖଲି, କଂସା ବାସନ, ମାଟିପାତ୍ର ଆଦି ପ୍ରଦର୍ଶନ କରିବା ସହ ଏସବୁକୁ ବ୍ୟବହାର କରିବାକୁ ଆହ୍ୱାନ ଦେଇଥିଲେ । ହାଇସ୍କୁଲର ପ୍ରଧାନଶିକ୍ଷକ ବିଜୟ କୁମାର ଜୈସ୍ୱାଲ, କୋଶଲ ଟାଇମର ସମ୍ପାଦକ ସଞ୍ଜୀବ ମହାପାତ୍ର, ହାସ୍ୟବ୍ୟଙ୍ଗ କବି ଜଟାଧାରୀ ପଧାନଙ୍କ ସମେତ ସ୍କୁଲର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା ।

## ସଫା ହେଉନି ଡ୍ରେନ, ରାସ୍ତାରେ ନର୍ଦ୍ଦମା ପାଣି

ବୌଦ୍ଧ/ବାଉଁଶୁଣୀ, ୧୧।୮ (ସ୍ୱ.ପ୍ର/ଡି.ଏନ.ଏ)

ବୌଦ୍ଧ ଜିଲା ବାଉଁଶୁଣୀ ପଞ୍ଚାୟତର ଡ୍ରେନଗୁଡିକ ସଫେଇ କରାଯାଉନାହିଁ। ଫଳରେ ଡ୍ରେନ ପୋତିହୋଇ ନର୍ଦ୍ଦମା ପାଣି ରାସ୍ତାରେ ବହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି । ରାସ୍ତାରେ ଗାଡିମୋଟର ଯାତାୟାତ କଲେ ପାଣି ଦୋକାନ ଭିତରକୁ ଛିଟିକି ପଡୁଛି । ଏ ନେଇ ପଞ୍ଚାୟତ ଅଫିସରେ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ । ଡ୍ରେନ ସଫେଇ, ଆଲୋକ ବ୍ୟବସ୍ଥା, ପାନୀୟଜଳ ଯୋଗାଣ ପାଇଁ ଏଫଏଫସି ଯୋଜନାରେ ପାଣ୍ଠି ଯୋଗାଇ ଦିଆଯାଇଥିଲେ ମଧ୍ୟ ପଞ୍ଚାୟତ କର୍ତ୍ତୃପକ୍ଷ ସମସ୍ୟା ସମାଧାନ ପାଇଁ କୌଣସି ପଦକ୍ଷେପ ନେଉନାହିଁ । ସାମାନ୍ୟ ବର୍ଷାରେ ବାଉଁଶୁଣୀ ଗୁହ୍ଲିଆ ରାସ୍ତାରେ ପାଣି ଜମି ରହୁଥିବା ବେଳେ ଜାତୀୟ ରାଜପଥ କଡରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ବର୍ଷା ପାଣି ଦୋକାନ ଭିତରକୁ ପଶୁଥିବା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି । ବିଶେଷ କରି ବାଉଁଶୁଣୀ ଗୁହ୍ଲିଆ ରାସ୍ତାରେ କ୍ରଶର ଗୁଡିକରୁ ଦୈନିକ ଶହ ଶହ ସଂଖ୍ୟାରେ ଭାରିଯାନ ମାଲ ପରିବହନ କରୁଥିବାରୁ ରାସ୍ତାର ବାଉଁଶୁଣୀ ଛକ ନିକଟରେ ବଡ ବଡ ଗର୍ତ୍ତ ସୃଷ୍ଟି ହୋଇ ବର୍ଷା ଜଳ ଜମି ରହୁଛି । ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣବନ୍ଧୁ ପ୍ରଧାନଙ୍କୁ ପଚାରିବାରୁ ବଜେଟ ଆସିଲେ କାମ କରାଯିବ ବୋଲି ପ୍ରକାଶ କରିଥିଲେ ।

# ଗଙ୍ଗାନଦୀ ବରଣ ମହୋତ୍ସବ

ମନମୁଣ୍ଡା, ୧୧।୮ (ଡି.ଏନ.ଏ)

ଶ୍ରାବଣ ଶେଷ ସୋମବାର ମନମୁଣ୍ଡାର ସୁବର୍ଣ୍ଣମେରୁ ବାବାଙ୍କଠାରେ ମହାଗଙ୍ଗା ଜଳାଭିଷେକ କରାଯିବା ବ୍ୟବସ୍ଥା କରାଯାଇଛି । ସ୍ଥାନୀୟ ବୋଲବମ କମିଟି ଆନୁକୂଲ୍ୟ ହେବାକୁ ଥିବା ଏହି ଉତ୍ସବ ସକାଶେ ୧୨୦୦୦ ଲିଟର ପରିମିତ ଏକ ଟ୍ୟାଙ୍କରରେ ପ୍ରୟାଗତୀର୍ଥ ଆହ୍ଲାବାଦରୁ ଗଙ୍ଗାଜଳ ଆସି ମନମୁଣ୍ଡାରେ ପହଞ୍ଚିଛି । ସ୍ଥାନୀୟ ଡାକ ବଙ୍ଗଳାରେ ଉକ୍ତ ଗଙ୍ଗାଜଳ ଆଣିଥିବା ଗାଡିକୁ ପୂଜାର୍ଚ୍ଚନା କରାଯାଇଥିଲା । ପଣ୍ଡିତ ଜ୍ୟୋତି ପଣ୍ଡା ପୂଜାର୍ଚ୍ଚନା କରିଥିବା ବେଳେ କର୍ତ୍ତା ଭାବେ କୃଷ୍ଣଚନ୍ଦ୍ର ସାହୁ ମାଁ ଗଙ୍ଗାଙ୍କୁ ବରଣ କରିଥିଲେ । ଶତାଧିକ ଭକ୍ତମାନଙ୍କ ସମାଗମରେ ମାଁ ଗଙ୍ଗା (ଜଳ)ଙ୍କୁ ବିରାଟ ଶୋଭାଯାତ୍ରା କରି ମନ୍ଦିର ପ୍ରାଙ୍ଗଣକୁ ଅଣାଯାଇଥିଲା । ମହାଗଙ୍ଗା ଜଳାଭିଷେକରେ ସୋମବାର ପ୍ରାୟ ୨୦ ହଜାର ଭକ୍ତଙ୍କ ସମାଗମର ବ୍ୟାପକ କରାଯାଇଛି । ଏହା ଭୋର୍‌ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଚାଲିବ ଓ ଏହି ଉପଲକ୍ଷେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି ।


**OFFICE OF THE MUNICIPAL COUNCIL, MALKANGIRI**
Odisha, PIN: 764045, Ph: 06861-230244, e-Mail: malkangiri@ulborissa.gov.in

Lt. No. 1595/Mpl./2019 **TENDER CALL NOTICE** Date: 09.08.2019

Sealed tenders are hereby invited from the intending Manufacturers/ Suppliers / Dealers having Manufacturing License/ Authorized distributor for supply of the following sanitary equipments specifying name of Manufacturing Brand as per specification given below:

| S. N. | Item Description | Specification | Qty. | EMD | Paper Cost |
|---|---|---|---|---|---|
| 1. | Wheel Barrow | i.) Capacity: 6Cu. Ft, ii) Size: 36" L×24"W ×12" Ht, iii) Structure: Will be Made from 75×40mm. M.S. 'C' Channel with 35×35×5 Mm. M.S. Angle, 30×5Mm. M.S. Flat, 1" Dia. M.S. Pipe & 16 Swg M.S. Sheet, iv) Wheels: 2 Nos. 20" Dia. M.S. 'T' Section Wheels with Bearings | 30 Nos. | 10000/- | 4000/- |
| 2. | 4.5 Garbage Container | i) Size: 4.50 Cubic meter, ii) Material: Mild Steel, iii) Use: To collect Garbage, iv) Transportation: By Hydraulic dumper placer | 10 Nos. | | |
| 3. | Tricycle | • Rear Body size: Outer length- 4 feet, Breadth- 3 feet, Height- 2 feet • Rear axle dia: 28 mm • Chassis: Chassis made out of 32×32×6mm angles, 32×6, 25×6mm flat • Frame/Bar: The main Frame/ Bar made out of 5 bar thick rickshaw frame hardened with factory finish • Wheel: Front rickshaw heavy duty 10 gauge wheel, with heavy duty branded tyre and tube size- 28"×1.5" (The wheels fitted with heavy duty spokes) and the wheel covered with heavy duty mudguard and bumper safety rods. • Rear two wheels with 2.50"×16" Heavy duty branded tyre and tube • Seat: Heavy duty seat, with cover • Body: Body made out of 32×32×3mm bottom angles, 25×25×3mm top supported with suitable flats and angles and with additional reinforcements so that the body is sturdy. • All the 3 sides and rear 2 doors of rear body covered with 18 gauge G.I. Sheet | 20 Nos. | | |
| 4 | Three wheeler Hydraulic Auto Tipper with segregated compart-ment (Blue and Green) | Engine Specification: • Single cylinder, naturally aspirated air cooled. • Max power 8.04 HP (6kw) @ 3600 rpm • Max torque 21 NM @ 2400-2200 rpm • Fuel Type: diesel • Fuel Tank Capacity: 10 to 13 lts • Avg Mileage: 32 to 35 kmpl • Gear Box: Four no's forward and one no's reverse Garbage Container Specification: • Garbage Container having Separate Compartment with Doors • Bottom Panel, Side Panel and Door having 1mm G.I. Sheets • Volume Capacity- 1.5 Cum • Tripping Angle- 83 degree | 04 Nos. | 20000/- | 6000/- |

The tender paper must be accompanied with EMD and paper cost as mentioned above in shape of DD/Bankers Cheque drawn in favour of Executive Officer, Malkangiri Municipality. The tender is also required to furnish the self attested photocopy of valid Regd. Certificate/dealer certificate/ manufacturing certificate, GST registration certificate & PAN card along with the tender paper. The tender papers should reach the undersigned by 26.08.2019 by Regd. Post / Speed Post upto 5.00PM and will be opened on 27.08.2019 in the office chamber of Executive Officer in the presence of tenderers or their authorized representatives. The sealed cover should be superscribed with "Tender for supply of sanitary equipments". The successful tenderer should supply all the materials within 10 days from the receipt of the supply order. If the successful tenderer fails to supply the materials in the approved rate and time, then EMD amount will be forfeited. The tender is also required to submit the tender paper in the following format:

| S.N. | Item Description | Specification | Company Name | Unit | Rate including all taxes & other charges |
|---|---|---|---|---|---|
| | | | | | |

Seal and signature of the Firm

The undersigned reserves the right to reject any or all tenders without any reason therein.

*Sd/- Executive Officer, Malkangiri Municipality*



# CLASSIFIED DISPLAY

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*for Booking Contact:*
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ର୍ୟୁମାଟଏଡ୍ ଆର୍ଥ୍ରାଇଟିସ୍, ଓଷ୍ଟିଓ ଆର୍ଥ୍ରାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି | ଆଧାରକାର୍ଡ | ପର୍ସନାଲ | ପଶୁପାଳନ | ଗୃହ ଋଣ | ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

ଇଣ୍ଡସ୍ ଫାଇନାନ୍ସ ଲି:
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭଟକିବାରୁ ବଞ୍ଚନ୍ତୁ
କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

See Color Display Classified on every Tuesday & Friday

## ସେଲ୍ଫି କର୍ଣ୍ଣର



@ ଲକ୍ଷ୍ମୀକାନ୍ତ



@ ବବ୍ରୁବାହାନ



@ ବିଶ୍ୱଜିତ୍



@ ମନଜିତ୍



@ ମାନସ



@ ଦିବାସ

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍ଫି ପ୍ରକାଶ ପାଇବ)

# ଧାନ ଫସଲ ନଷ୍ଟକଲେ ହାତୀପଲ

- ବୀରମହାରାଜପୁର ରେଞ୍ଜ ହାତିଲିମୁଣ୍ଡା ସେକ୍ସନ
- ପଲରେ ୨୫ରୁ ଊର୍ଦ୍ଧ୍ୱ ହାତୀ
- ବନ ବିଭାଗ ନୀରବଦ୍ରଷ୍ଟା
- କ୍ଷତିପୂରଣ ଦାବି କଲେ ଚାଷୀ

ଅମରପାଲି, ୧୧।୮ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ରେଞ୍ଜ ଅନ୍ତର୍ଗତ ହାତିଲିମୁଣ୍ଡା ସେକ୍ସନର ବିଶାଲପାଲି, ଭାଲୁଡୁଙ୍ଗୁରୀ ଓ କଲନିପଡା ଗାଁର ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଏକର ଧାନ ଫସଲ ନଷ୍ଟ କରିଛନ୍ତି ହାତୀପଲ। ଶନିବାର ରାତିରେ ପ୍ରାୟ ୨୫ଟି ହାତୀ ଥିବା ଏକ ହାତୀପଲ କ୍ଷେତରେ ପଶି ଫସଲକୁ ଦଳିଚକଟି ନଷ୍ଟ କରି ଦେଇଛନ୍ତି। ପ୍ରଥମେ ଉଲୁଣ୍ଡା ବ୍ଲକର କୋଟସମଲାଇ ଗ୍ରାମରେ ବ୍ୟାପକ ଧାନ ପହ୍ଲା ନଷ୍ଟ କରୁଥିବା ବେଳେ ଶୁକ୍ରବାର ରାତିରେ ବହଳପଦର ଗ୍ରାମର ୫ଜଣ ଚାଷୀଙ୍କ ପ୍ରାୟ ୨୦ଏକରରୁ ଊର୍ଦ୍ଧ୍ୱ ରୁଆ ଓ ବିହୁଡା ହୋଇଥିବା ଧାନ ଚାଷ ନଷ୍ଟ କରିଥିଲେ। ଗତରାତିରେ ପୁଣି ଉକ୍ତ ହାତୀପଲ ପ୍ରଥମେ କଲନିପଡା ଆସି ଅର୍ଜୁନ ମୁଣ୍ଡା, ରମେଶ ମୁଣ୍ଡା, ରାଧାକାନ୍ତ ମୁଣ୍ଡା, ପୁରନ୍ଦର ମୁଣ୍ଡା, ଯଜ୍ଞ ମୁଣ୍ଡା, ଦେଉଳି ମୁଣ୍ଡା, ବୈଦାର ମୁଣ୍ଡା, ଦୁଃଶାସନ ମୁଣ୍ଡା, ରତିଲାଲ ମୁଣ୍ଡା, ବିଭୀଷଣ ମୁଣ୍ଡା, ପରମା ମୁଣ୍ଡା, ମହେଶ୍ୱର ମୁଣ୍ଡା, ଘାସି ମୁଣ୍ଡାଙ୍କ ପ୍ରାୟ ୧୩ ଏକର ଜମିରେ ହୋଇଥିବା ଧାନକୁ ଦଳିଚକଟି ନଷ୍ଟ କରିଛନ୍ତି। ଏହାପରେ ଉକ୍ତ ହାତୀପଲ ଭାଲୁଡୁଙ୍ଗୁରୀ ଗ୍ରାମର ଶେଷଦେବ ମାଝୀ, ରବୀନ୍ଦ୍ର ମାଝୀ, ଗଣପତି ସାହୁ, ବସନ୍ତ ସାହୁ, ପ୍ରତାପ ମଲ୍ଲିକ, ସହଦେବ ଧନ, ଅନନ୍ତ ମାଝୀ, ଜୟଦେବ ସିଂଙ୍କ ସମେତ ପ୍ରାୟ ୩୦ ପରିବାରର ପ୍ରାୟ ୩୦ଏକର ଧାନଚାଷ ନଷ୍ଟ କରିଛନ୍ତି। ଶେଷରେ ଉକ୍ତ ହାତୀପଲ ବିଶାଳପାଲି ଗ୍ରାମକୁ ଯାଇ ସୁରେଶ ପଧାନ, ଅର୍ଜୁନ ପଧାନ, ହରିଶ୍ଚନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ପଧାନ, ପଦ୍ମନାଭ ପ୍ରଧାନ, ବାନା ସାହୁ, ନବୀନ ସାହୁ, ବୈଷ୍ଣବ ପଧାନ, ଶ୍ୟାମ ପଧାନଙ୍କ ସମେତ ୧୭ ଜଣ ଚାଷୀଙ୍କ ୨୦ଏକରରୁ ଉର୍ଦ୍ଧ୍ୱ ଧାନ ଚାଷ ନଷ୍ଟ କରିଛନ୍ତି । ଚଳିତବର୍ଷ ବିଳମ୍ବରେ ବର୍ଷା ଓ କମ୍ ବର୍ଷା ଯୋଗୁଁ ଚାଷ କାମ ମଧ ବିଳମ୍ବ ହୋଇଛି। ଜଳସେଚନର ବ୍ୟବସ୍ଥା ନଥିବା ଉକ୍ତ ଅଞ୍ଚଳର ଚାଷୀ କେବେ ଅନାବୃଷ୍ଟି ତ କେବେ ରୋଗପୋକ ଯୋଗୁଁ ଚାଷରେ ଅନେକ କ୍ଷତି ସହିଥାଏ । ଚଳିତବର୍ଷ ମଧ ପରିଶ୍ରମ କରି କିଛି ଦିନ ପୂର୍ବରୁ କିଛି ଜମିକୁ ରୁଆ ବିହୁଡା କରିଥିଲେ। ଆଉ କିଛି ଜମି ଏବେ ମଧ ରୁଆ ବିହୁଡା ବାକି ରହିଛି । ପୁଣି ଏବେ ହାତୀ ଧାନ ଚାଷ ନଷ୍ଟ କରିବାରୁ ଚାଷୀ ହତାଶ ହୋଇପଡିଛି। ପ୍ରତିବର୍ଷ ଉକ୍ତ ଅଞ୍ଚଳର ଧାନ ଚାଷ କରୁଥିଲେ ମଧ ସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ଫଳରେ ଚାଷୀଙ୍କ ମଧରେ ଅସନ୍ତୋଷ ଦେଖାଯାଉଛି। ରବିବାର ସକାଳୁ ଖବର ପାଇ ବନ ବିଭାଗ କର୍ମଚାରୀମାନେ ଆସି କ୍ଷୟକ୍ଷତି ଆକଳନ କରିଛନ୍ତି। ଏନେଇ ସୋନପୁର ଡିଏଫଓ ସୁଶାନ୍ତ ସାମନ୍ତରାୟଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ଗ୍ରାମବାସୀଙ୍କ ସାହାଯ୍ୟ ନେଇ ହାତୀ ଘଉଡାଯିବ। ଯେଉଁ ଚାଷୀମାନଙ୍କର କ୍ଷୟକ୍ଷତି ହୋଇଛି ସେମାନଙ୍କୁ କ୍ଷତିପୂରଣ ଦିଆଯିବାର ବ୍ୟବସ୍ଥା କରାଯିବ। ମାତ୍ର ଚାଷୀମାନେ ବନ ବିଭାଗର ନିଷ୍କ୍ରିୟତାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଥାଶୀଘ୍ର ହାତୀ ଘଉଡାଇବା ସହିତ ସେମାନେ କ୍ଷତିପୂରଣ ଦାବି କରିଛନ୍ତି ।



ହାତୀପଲ ବିହୁଡା ହୋଇଥିବା ଧାନ ଫସଲ ନଷ୍ଟ କରିଛନ୍ତି ।

# ରାହାସ ହତ୍ୟା ମାମଲା, ୨ ଭାଇ ଗିରଫ

ଅତାବିରା,୧୧।୮(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ଥାନା ଗୋଡ଼ଭଗା ଫାଣ୍ଡି ଅନ୍ତର୍ଗତ ପୋଡ଼ବାଡ଼ି (ବାବାଟିକ୍ରା)ର ଅବସରପ୍ରାପ୍ତ ଫରେଷ୍ଟ ଗାର୍ଡ଼ ରାହାସ ବିହାରୀ ଭୋଇ(୭୦)ଙ୍କ ହତ୍ୟା ମାମଲାରେ ପୋଲିସ ୨ ଭାଇଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଉମାଶଙ୍କର ନାଗ(୩୭) ଓ ତାଙ୍କ ଭାଇ ଶିବଶଙ୍କର ନାଗ(୩୫)। ପୋଲିସ ସେମାନଙ୍କ ବିରୋଧରେ ଏକ ହତ୍ୟା ମାମଲା ରୁଜୁ କରିବା ସହିତ ରବିବାର କୋର୍ଟଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବଜେଲ ହାଜତକୁ ପଠାଇ ଦେଇଛି । ଜମି ବିବାଦକୁ ନେଇ ସେମାନେ ରାହାସଙ୍କୁ ପିଟିଥିଲେ ଏବଂ ଏହାପରେ ତାଙ୍କ ମୃତ୍ୟୁ ହୋଇଥିଲା ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଥିବା ଅତାବିରା ଥାନା ଆଇଆଇସି ପୁରୁଷୋତ୍ତମ ଭୋଇ କହିଛନ୍ତି ।

ପୋଲିସ ସୂଚନା ଅନୁସାରେ, ରାହାସ କୁଚିଣ୍ଡା ଭୋଜପୁର ଫରେଷ୍ଟ ରେଞ୍ଜରେ ପୂର୍ବରୁ ଫରେଷ୍ଟ ଗାର୍ଡ଼ ଭାବେ କାର୍ଯ୍ୟରତ ଥିଲେ । ଅବସର ନେବା ପରେ ସେ ପୋଡ଼ବାଡ଼ି ବାବାଟିକ୍ରାକୁ ଆସି ସ୍ତ୍ରୀ ଗୋଲାପୀଙ୍କ ସହିତ ରହୁଥିଲେ। ଦୁଇ ପୁଅ ସୁରେନ୍ଦ୍ର, ଟୁନା ବାହାରେ ରହି କାମ କରୁଥିଲେ। ପ୍ରତିଦିନ ଭଳି ରାହାସ ସକାଳୁ ଉଠି ଶୌଚ ପାଇଁ ଘରୁ ବାହାରିଥିଲେ। ପରେ ବାବାଟିକ୍ରାରୁ ଝାଇଁଜୋର ପଟକୁ ଯାଇଥିବା ଏକ ଛୋଟ କେନାଲ ମଧ୍ୟରେ ଉଲଗ୍ନ ଓ ଅଚେତ ଅବସ୍ଥାରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ସେତେବେଳେ ତାଙ୍କ ଗଳା ସମେତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଏବଂ ରକ୍ତ ବାହାରୁଥିବା ଦେଖିବାକୁ ମିଳିଥିଲା । ଘଟଣାସ୍ଥଳକୁ ପହଞ୍ଚି ପୋଲିସ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲା । ସେତେବେଳକୁ ତାଙ୍କ ମୃତ୍ୟୁ ହୋଇଥିବା ଭାବି ରାହାସଙ୍କୁ ଶବ ବ୍ୟବଚ୍ଛେଦ ଗୃହକୁ ନିଆଯାଇଥିଲା। ମାତ୍ର ପାଖରେ ଥିବା କିଛି ସମ୍ପର୍କୀୟ ରାହାସ ଜୀବିତ ଥିବା କହିବାରୁ ଡାକ୍ତରଖାନା ଜରୁରୀକାଳୀନ ୱାର୍ଡ଼କୁ ଅଣାଯାଇ ପୁଣି ତାଙ୍କ ଚିକିତ୍ସା କରାଯାଇଥିଲା ଏବଂ ଚିକିତ୍ସାଧୀନ ଅବସ୍ଥାରେ ରାହାସଙ୍କ ମୃତ୍ୟୁ ହୋଇଥିଲା ।

## ଅବତରଣ କରି ନ ପାରି ଫେରିଲା ବିମାନ

**ପ୍ରତିକୂଳ ପାଗ**

ଝାରସୁଗୁଡ଼ା ଅଫିସ / ଲଖନପୁର, ୧୧।୮ (ଡି.ଏନ୍.ଏ.)

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରୁ ରବିବାର ଉଡ଼ାଣ କରି ସକାଳ ୧୧ଟାରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ (ଭିଏସ୍ଏସ୍) ବିମାନବନ୍ଦରକୁ ଆସିଥିବା ଆଲାଏନ୍ସ ଏୟାର ବିମାନ ପ୍ରତିକୂଳ ପାଗ ଯୋଗୁ ଏଠାରେ ଅବତରଣ କରି ନ ପାରି ଫେରିଯାଇଛି। ଫଳରେ ଯାତ୍ରୀମାନେ ବିମାନରୁ ଓହ୍ଲାଇ ପାରି ନ ଥିଲେ କି ଚଢ଼ିପାରି ନ ଥିଲେ। ଏ ନେଇ ଯାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଭିଏସ୍ଏସ୍ ବିମାନବନ୍ଦର ଉପରୁ ଯାତ୍ରୀଙ୍କ ଭରସା ତୁଟିବାରେ ଲାଗିଛି। ବିମାନବନ୍ଦର ଉଦ୍‌ଘାଟନକୁ ଇତିମଧ୍ୟରେ ୧୦ ମାସ ବିତିଯାଇଥିଲେ ମଧ୍ୟ ବିଭିନ୍ନ ସମସ୍ୟା ସମାଧାନ ହୋଇପାରୁ ନାହିଁ। ପ୍ରତିକୂଳ ପାଗ ଯୋଗୁ ଅନେକ ସମୟରେ ବିମାନ ଚଳାଚଳରେ ସମସ୍ୟା ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଗତ ୫ ତାରିଖରେ ବିମାନ ବନ୍ଦରରେ ଡିଭିଓଆର୍ ମେଶିନ ଲଗାଯାଇ କାର୍ଯ୍ୟକ୍ଷମ କରାଗଲା। ଏଣିକି ଆଉ ବିମାନ ଅବତରଣ ସମସ୍ୟା ରହିବ ନାହିଁ ବୋଲି କୁହାଯାଇଥିଲା। କିନ୍ତୁ ଡିଭିଓଆର୍ ମେଶିନ ଲାଗିବା ସତ୍ତ୍ୱେ ରବିବାର ପୁଣି ଅବତରଣରେ ସମସ୍ୟା ଦେଖାଦେଇଛି। ଏ ନେଇ ବିମାନବନ୍ଦର ନିର୍ଦ୍ଦେଶକ ସୁଦେଶ କୁମାର ଚୌହାନ କହିଛନ୍ତି ସେ ବାହାରେ ଅଛନ୍ତି। ଘଟଣା ସମ୍ପର୍କରେ ସେ ଜାଣିନାହାନ୍ତି। କ'ଣ ହୋଇଛି ପଚାରି ବୁଝିଲେ ଜଣାପଡ଼ିବ ବୋଲି ସେ କହିଛନ୍ତି।

### ■ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ

# ୫ ଦିନ ପରେ ଗଳିତ ମୃତଦେହ ଉଦ୍ଧାର

ନିମାପଡ଼ା,୧୧।୮(ଡି.ଏନ୍.ଏ.)

ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ରେଞ୍ଚ ମହାନ୍ତିସାହି ଗ୍ରାମରୁ ରବିବାର ଅପରାହ୍ନରେ ଏକ ଦମ୍ପତିଙ୍କ ଗଳିତ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ଏହି ଘଟଣା ପାରିପାର୍ଶ୍ୱିକ ଅବସ୍ଥାରୁ ୪ରୁ ୫ଦିନ ମଧ୍ୟରେ ଘଟିଥିବା ଜଣାପଡିଛି। ମୃତ ଦମ୍ପତି ହେଲେ ଉକ୍ତ ଗ୍ରାମର ବିଶ୍ୱଜିତ ମହାନ୍ତି(୨୯) ଓ ତାଙ୍କ ସ୍ତ୍ରୀ ଲିଲି(୨୭)। ଖବରପାଇ ନିମାପଡ଼ା ଥାନା ଆଇଆଇସି ଜନାର୍ଦ୍ଦନ ପାଢ଼ୀ ଓ ଏସ୍ଆଇ ସନ୍ଧ୍ୟାରାଣୀ ବିଶ୍ୱାଳ ସଦଳବଳେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୋମବାର ପୁରୀର ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମୃତଦେହ ଦୁଇଟିକୁ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ଆଇଆଇସି ପାଢ଼ୀ କହିଛନ୍ତି। ଅପରପକ୍ଷେ ବିଶ୍ୱଜିତ ଓ ତାଙ୍କ ସ୍ତ୍ରୀ ଗତ ୫ଦିନ ହେବ ଘରୁ ବାହାରି ନ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତେଣୁ ଏହି ସମୟ ମଧ୍ୟରେ ଉଭୟେ ଆତ୍ମହତ୍ୟା କରିଥିବା କୁହାଯାଇଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

ପୋଲିସ ସୂଚନା ମୁତାବକ, ରେଞ୍ଚ ମହାନ୍ତିସାହି ଗ୍ରାମରେ ବିଶ୍ୱଜିତ ମା'ବାପାଙ୍କ ସହ ସପରିବାର ରହୁଥିଲେ। ତେବେ ବିଶ୍ୱଜିତଙ୍କ ମାଆଙ୍କ ଦେହ ଖରାପ ଥିବାରୁ ଚିକିତ୍ସା ପାଇଁ ମା'ବାପା ୧୦ଦିନ ତଳେ କଟକ ଯାଇଥିଲେ। ଚିକିତ୍ସା ସାରି ରବିବାର ଫେରି ଘର କବାଟ ଖୋଲିବା ବେଳେ କିଛି ପଚାଗନ୍ଧ ହେଉଥିବା ଜାଣିପାରିଥିଲେ। ପରେ ଘର ଭିତରକୁ ଯିବାବେଳେ ପୁଅ ବୋହୂ ଦୁଇଜଣ ଘର ବାରଣ୍ଡାରେ ଥିବା ଫ୍ୟାନରେ ଏକ ପ୍ଲାଷ୍ଟିକ ରଶିରେ ବାନ୍ଧି ହୋଇ ଝୁଲୁଥିବାର ଦେଖିଥିଲେ। ପରେ ସ୍ଥାନୀୟଲୋକ ଜାଣି ପୋଲିସକୁ ଜଣାଇଥିଲେ। ତେବେ ଘରେ କେହି ନ ଥିବାର ସୁଯୋଗ ନେଇ ଘର ଗେଟ ଭିତର ପଟୁ ତାଲା ପକାଇ କୌଣସି କାରଣରୁ ସ୍ୱାମୀ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଗ୍ରାମରେ ଚର୍ଚ୍ଚା ହୋଇଛି। ଏହି ଘଟଣା ନେଇ ନାନା ସନ୍ଦେହ ସୃଷ୍ଟି ହେଉଥିବାବେଳେ ଝୁଲନ୍ତା ଶବକୁ ଦେଖିବା ପାଇଁ ଗ୍ରାମରେ ଲୋକଙ୍କ ଭିଡ଼ ଲାଗି ରହିଛି। ଉଭୟଙ୍କ ବିବାହ ଗତବର୍ଷ ହୋଇଥିଲା।

## ବନ୍ୟା କ୍ଷୟକ୍ଷତି ରିପୋର୍ଟ ମାଗିଲେ ଏସ୍ଆର୍ସି

■ ୧୭ ସୁଦ୍ଧା ରିପୋର୍ଟ ଦେବାକୁ ୯ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୧।୮(ବ୍ୟୁରୋ)

ରାଜ୍ୟରେ ବର୍ଷା ଓ ବନ୍ୟା ଜନିତ କ୍ଷୟକ୍ଷତି ନେଇ ୯ ଜିଲାର ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆର୍ସି) ବିଷ୍ଣୁପଦ ସେଠୀ ରିପୋର୍ଟ ମାଗିଛନ୍ତି। ଆସନ୍ତା ୧୭ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ଗଜପତି, କଳାହାଣ୍ଡି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର ଓ ବଲାଙ୍ଗୀର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଜୁଲାଇ ଶେଷ ସପ୍ତାହ ଓ ଅଗଷ୍ଟ ପ୍ରଥମ ସପ୍ତାହରେ ରାଜ୍ୟରେ ପ୍ରବଳ ବର୍ଷା ହୋଇଥିବାବେଳେ ଉପରୋକ୍ତ ୯ ଜିଲାରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ବର୍ଷା ଓ ବନ୍ୟାରେ ଚାଷଜନିତ କ୍ଷୟକ୍ଷତି ସହିତ ଜାତୀୟ ସମ୍ପତ୍ତି ନଷ୍ଟ ହୋଇଛି। ଘର, ଚାଷ ଜମି, ମାଛଚାଷ, ପଶୁପାଳନ, ଡଙ୍ଗା, ଜାଲ, ମାଛଚାଷ ପୋଖରୀ, ଫସଲହାନି, ହସ୍ତତନ୍ତ ଶିଳ୍ପଜନିତ କ୍ଷତିର ରିପୋର୍ଟ ଏସ୍ଆର୍ସି ମାଗିଛନ୍ତି। ସେହିପରି ଜାତୀୟ ସମ୍ପତ୍ତି ମଧ୍ୟରେ ପ୍ରାଥମିକ ବିଦ୍ୟାଳୟ ଘର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ରାସ୍ତା, ପୋଲ, କଲଭର୍ଟ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ଘର, ଅଙ୍ଗନୱାଡ଼ି ଘର, ମହିଳା ମଣ୍ଡଳ, ଯୁବ କେନ୍ଦ୍ର, କମ୍ୟୁନିଟି ହଲ୍, ବିଦ୍ୟୁତ୍ ଖୁଣ୍ଟ ଓ ବିଦ୍ୟୁତ୍ ଷ୍ଟେଶନରେ କ'ଣ କ୍ଷତି ହୋଇଛି ଏସ୍ଆର୍ସି ଜାଣିବାକୁ ଚାହିଁଛନ୍ତି। କ୍ଷୟକ୍ଷତି ହୋଇଥିବା ସ୍ଥାନର ଆବଶ୍ୟକ ଫଟୋ ପ୍ରମାଣପତ୍ର ସହ ରିପୋର୍ଟ ଦେବାକୁ ପଡ଼ିବ। କ୍ଷତିଗ୍ରସ୍ତ ବ୍ୟକ୍ତିବିଶେଷଙ୍କୁ ସମସ୍ତ ସହାୟତା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତା ଜରିଆରେ ଦିଆଯିବ ବୋଲି ସରକାର କହିଛନ୍ତି।

### ■ ସେବାଶ୍ରମ ବିରୋଧରେ ମାମଲାର ଭିନ୍ନ ମୋଡ଼

# ନାବାଳିକାଙ୍କୁ ରଖିବାକୁ ମନାକଲେ ପରିବାର ଲୋକେ

ବରଗଡ଼ ଅଫିସ/ପାଇକମାଳ,୧୧।୮(ଡି.ଏନ.ଏ)

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ଏକ ଆଶ୍ରମ ମାତୃଛାୟା ବିରୋଧରେ ଅଭିଯୋଗ ଆଣିଥିବା ନାବାଳିକାଙ୍କୁ ନେଇ ବିଭାଗୀୟ କର୍ତ୍ତୃପକ୍ଷ ଅଡୁଆରେ ପଡ଼ିଛନ୍ତି । ସମ୍ପୃକ୍ତ ନାବାଳିକାଙ୍କୁ ପାଇକମାଳର କସ୍ତୁରବା ଗାନ୍ଧୀ ମାତୃ ନିକେତନ (କେଜିଏମଏନ)ରେ ଆଶ୍ରୟ ଦିଆଯାଇଥିବାବେଳେ ସେ ବାରମ୍ବାର ସେଠାରୁ ଖସି ପଳାଉଛନ୍ତି । ଏଥିପାଇଁ ରବିବାର ତାଙ୍କୁ ଭେଡ଼େନ ଅଞ୍ଚଳରେ ଥିବା ତାଙ୍କ ଘରେ ଛାଡ଼ିଦେବା ପାଇଁ ନିଆଯାଇଥିଲା । ମାତ୍ର ପରିବାର ଲୋକେ ସେ ତାଙ୍କ ଝିଅ ନୁହେଁ ବୋଲି କହିବା ସହିତ ନାବାଳିକାଙ୍କୁ ରଖିବାକୁ ରୋକ୍‌ଠୋକ୍ ମନା କରିଦେବା ପରେ କେଜିଏମଏନ କର୍ତ୍ତୃପକ୍ଷଙ୍କୁ ନିରାଶରେ ଫେରିବାକୁ ପଡ଼ିଛି । ଏହାପରେ ମାତୃଛାୟା ବିରୋଧରେ ସମ୍ପୃକ୍ତ ନାବାଳିକା ଆଣିଥିବା ମାମଲା ଭିନ୍ନ ମୋଡ଼ ନେଇପାରେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

ପ୍ରକାଶଥାଉକି, ଗତ ଜୁଲାଇ ପ୍ରଥମ ସପ୍ତାହରେ ସମ୍ପୃକ୍ତ ନାବାଳିକା ବରଗଡ଼ ଭଟଲି ଛକରେ ଅସହାୟ ଅବସ୍ଥାରେ ବୁଲୁଥିବାବେଳେ କିଛି ଲୋକ ତାଙ୍କୁ ଉଦ୍ଧାର କରି ଜିଲା ଶିଶୁ ମଙ୍ଗଳ ସମିତି(ସିଡବ୍ଲ୍ୟୁସି)କୁ ଦେଇଥିଲେ । ନାବାଳିକା ଜଣକ ସିଡବ୍ଲ୍ୟୁସିକୁ ମାତୃଛାୟା ବିରୋଧରେ ବିସ୍ଫୋରକ ବୟାନ ଦେବା ସହିତ ସେ ନେଇ ସ୍ଥାନୀୟ ସଦର ଥାନାରେ ଏତଲା ଦେଇଥିଲେ । ଏପରିକି କୋର୍ଟରେ ତାଙ୍କ ବୟାନ ରେକର୍ଡ଼ କରାଯାଇଥିଲା । ନାବାଳିକାଙ୍କ ସେହି ଅଭିଯୋଗକୁ ମାତୃଛାୟା କର୍ତ୍ତୃପକ୍ଷ ଆରମ୍ଭରୁ ଖଣ୍ଡନ କରି ଆସିଥିବାବେଳେ ସେ ନେଇ ଅନ୍ତେବାସିନୀମାନେ ଜିଲାପାଳ, ଏସପିଙ୍କୁ ମଧ୍ୟ ଫେରାଦ ହୋଇଥିଲେ । ଅନ୍ୟପଟେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ ଯୁଗ୍ମ କମିଟି ଗଠନ ହୋଇଥିଲା ଏବଂ ଏହି କମିଟି ମଧ୍ୟ ଇତିମଧ୍ୟରେ ଜିଲାପାଳଙ୍କୁ ବନ୍ଦ ଲଫାପାରେ ତଦନ୍ତ ରିପୋର୍ଟ ପ୍ରଦାନ କରିସାରିଥିବା ସୂଚନା ମିଳିଛି ।

ଘଟଣାଟି ତଦନ୍ତାଧୀନ ଥିବାବେଳେ ପାଇକମାଳ କେଜିଏମଏନରେ ଆଶ୍ରୟ ନେଇଥିବା ନାବାଳିକା ଜଣକ ବାରମ୍ବାର ଖସି ପଳାଇବା ଏବଂ ଶେଷରେ ପରିବାର ଲୋକେ ତାଙ୍କୁ ଗ୍ରହଣ କରିବା ପାଇଁ ମନା କରିଦେବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। କେଜିଏମଏନରେ ଆଶ୍ରୟ ନେବାର କିଛିଦିନ ପରେ ସେ ଅନ୍ୟ ୨ଜଣ ଅନ୍ତେବାସିନୀଙ୍କୁ ସାଙ୍ଗରେ ନେଇ ଖସି ପଳାଥିବା ବେଳେ ବରଗଡ଼ ଘରୋଇ ବସଷ୍ଟାଣ୍ଡରେ ତାଙ୍କୁ ଉଦ୍ଧାର କରାଯାଇଥିଲା ଏବଂ ପୁଣି ତାଙ୍କୁ କେଜିଏମଏନରେ ରଖାଯାଇଥିଲା। ମାତ୍ର ଏହାର କିଛିଦିନ ପରେ ପୁଣି ସେଠାରୁ ସେ ଖସି ପଳାଇଥିଲେ ଏବଂ ଏ ନେଇ ପୋଲିସରେ ମଧ୍ୟ ରିପୋର୍ଟ ହୋଇଥିଲା। ଖୋଜାଖୋଜି କରି ପୋଲିସ ତାଙ୍କୁ ଉଦ୍ଧାର କରିଥିଲା ଏବଂ ନାବାଳିକା ଜଣକ ଏକ ଯାତ୍ରାପାର୍ଟି ସହିତ ଥିଲେ ବୋଲି ସେତେବେଳେ ଜଣାପଡ଼ିଥିଲା । ନାବାଳିକା ଜଣକ ବାରମ୍ବାର ଖସି ପଳାଉଥିବାରୁ ରବିବାର କେଜିଏମଏନର ହାଉସ ମଦର ଶୁଭ୍ରା ନାୟକ, ସୁଚରିତା ପଣ୍ଡା ପ୍ରମୁଖ ପୋଲିସ ସୁରକ୍ଷାରେ ସମ୍ପୃକ୍ତ ନାବାଳିକାଙ୍କୁ ତାଙ୍କ ଭେଡ଼େନ ସ୍ଥିତ ଘରେ ଛାଡ଼ିବାକୁ ନେଇଥିଲେ। ମାତ୍ର ଘରେ ଥିବା ଅଜା ନାବାଳିକା ତାଙ୍କ ଝିଅ ନୁହେଁ ବୋଲି କହିବା ସହିତ ରଖିବାକୁ ମନା କରି ଦେଇଥିଲେ । ଏହାପରେ ନାବାଳିକାଙ୍କ ବାପା ଗ୍ରାମ ନିକଟ ବିନ୍ଧ୍ୟବାସିନୀ ମନ୍ଦିର ପାଖରେ ରହୁଥିବା ଜାଣି କେଜିଏମଏନର ଏହି ଟିମ୍ ସେଠାକୁ ମଧ୍ୟ ଯାଇଥିଲେ । କିନ୍ତୁ ସେଠାରେ ତାଙ୍କ ବାପା ମଧ୍ୟ ଝିଅକୁ ରଖି ନ ଥିଲେ । ଏହାପରେ ନାବାଳିକାଙ୍କୁ କେଉଁଠି ରଖାଯିବ, ତାହା କେଜିଏମଏନ କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ସାଜିଛି।

ଧରିତ୍ରୀ
DHARITRI
ସୋମବାର, ୧୨ ଅଗଷ୍ଟ, ୨୦୧୯



## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ଶିଢ଼ି ଚଢ଼ିବା



ଶିଢ଼ି ଚଢ଼ିବାକୁ ଅନେକ କୁଣ୍ଠାବୋଧ କରିଥାଆନ୍ତି। ଆଜିକାଲିର ହାଇଟେକ୍ ଯୁଗରେ ଉପର ମହଲାକୁ ଯିବା ଆସିବା ପାଇଁ ଏବେ ତ ଲିଫ୍ଟର ବ୍ୟବସ୍ଥା ରହିଛି, ଯାହାକୁ ଅନେକେ ଆପଣେଇଥାଆନ୍ତି। କିନ୍ତୁ ଶିଢ଼ି ଚଢ଼ିବା ଦ୍ୱାରା ଆମର ଅନେକ ଉପକାର ହୋଇଥାଏ। ଏହାଦ୍ୱାରା ରକ୍ତ ସଞ୍ଚାଳନ ପ୍ରକ୍ରିୟା ଆହୁରି ସକ୍ରିୟ ହୋଇଥାଏ। ଖାସ୍ କଥା ହେଲା ପ୍ରତିଦିନ ଶିଢ଼ି ଚଢ଼ିଲେ ଆମ ଶରୀରକୁ ପ୍ରଚୁର ପରିମାଣରେ ଅମ୍ଳଜାନ ମିଳେ। ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ନିୟମିତ ଶିଢ଼ି ଚଢ଼ିଲେ ତାହା ହୃତ୍‌ପିଣ୍ଡକୁ ସୁସ୍ଥ ରଖିଥାଏ। ଶିଢ଼ି ଚଢ଼ିବା ଫଳରେ ଆମ ଶରୀର ମାଂସପେଶୀ ଉପରେ ସୁପ୍ରଭାବ ପଡେ। କାରଣ ଏହାଦ୍ୱାରା ମାଂସପେଶୀଗୁଡିକ ଆହୁରି ସଚଳ ହୋଇଥାଆନ୍ତି। ଓଜନ କମେଇବାର ଏହା ଏକ ସହଜ ଉପାୟ। ଅଜୀର୍ଣ୍ଣ ସମସ୍ୟାକୁ ଦୂର କରିବାରେ ଏହା କେତେକାଂଶରେ ସାହାଯ୍ୟ କରିଥାଏ। କିନ୍ତୁ ଗୋଟିଏ କଥା–ଯଦି ଆପଣଙ୍କର ଆଣ୍ଠୁଗଣ୍ଠି ସମସ୍ୟା ରହିଛି ତେବେ ଅଧିକାଂଶ ସମୟ ଶିଢ଼ିରେ ଯିବା ଆସିବା କରନ୍ତୁ ନାହିଁ।

## ଆଙ୍ଗୁଠି ଫୁଟାଇବା ଓ ଆର୍ଥ୍ରାଇଟିସ୍ ସମସ୍ୟା



ଆଙ୍ଗୁଠି ଫୁଟାଇବା ଅନେକଙ୍କର ଏକ ଅଭ୍ୟାସ। ଯଦି ଏହି ଅଭ୍ୟାସ ଦୀର୍ଘ ବର୍ଷ ଧରି ଲାଗି ରହେ ତେବେ ଭବିଷ୍ୟତରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏପରି ତଥ୍ୟ ବିଷୟରେ କାନାଡା ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏଥିରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ଅଧିକ ସମୟ ଆଙ୍ଗୁଠି ଫୁଟାନ୍ତି ତେବେ ସେ ଆର୍ଥ୍ରାଇଟିସ୍ ପରି ସମସ୍ୟାର ସମ୍ମୁଖୀନ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଉପରୋକ୍ତ ବିଷୟରେ ଏକ ସର୍ଭେ କରିବା ସମୟରେ ଉକ୍ତ ବିଶ୍ୱବିଦ୍ୟାଳୟର ସ୍ନାୟୁଶଲ୍ୟ ବିଶେଷଜ୍ଞମାନେ ଏପରି କଥା ଜାଣିପାରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତି (ଯେଉଁମାନେ ଅଧିକାଂଶ ସମୟ ଆଙ୍ଗୁଠି ଫୁଟାଉଥିଲେ)ମାନଙ୍କ ମଧ୍ୟରୁ ପାଖାପାଖି ୪୦ ପ୍ରତିଶତଙ୍କଠାରେ ଆର୍ଥ୍ରାଇଟିସ୍‌ର ପ୍ରାରମ୍ଭିକ ଲକ୍ଷଣ ଦେଖିବାକୁ ମିଳିଥିଲା। ତେଣୁ ଏଭଳି ଅଭ୍ୟାସରୁ ବିରତ ରହିବାକୁ ସେମାନେ ପରାମର୍ଶ ଦେଇଛନ୍ତି।



# ମଦ ନିଶାର ଚିକିତ୍ସା



–ଡ. ସତ୍ୟକାମ ମହାପାତ୍ର

ମଦ ନିଶା ଯୋଗୁ ବ୍ୟକ୍ତିର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିବା ସହିତ ପାରିବାରିକ, ସାମାଜିକ ଜୀବନ ଉପରେ ମଧ୍ୟ କୁପ୍ରଭାବ ପଡ଼ିଥାଏ। ଧୀରେ ଧୀରେ ମଦ ନିଶାର ପ୍ରକୋପ କମିବା ପରିବର୍ତ୍ତେ ବଢ଼ିବାରେ ଲାଗୁଛି। ଏହାର ଅନେକ କାରଣ ଅଛି। ପ୍ରଥମତଃ ମଦ ନିଶା ସେବନ ଶରୀର ଓ ମନ ପ୍ରତି କେତେ ହାନିକାରକ ସେ ସମ୍ବନ୍ଧରେ ଲୋକଙ୍କ ମଧ୍ୟରେ ଠିକ୍ ଠିକ୍ ସୂଚନାର ଅଭାବ ରହିଛି। ଏହାଛଡ଼ା ମଦ ନିଶା ଛାଡ଼ିବା ପାଇଁ ଦରକାର ପଡୁଥିବା ଉଚିତ ଚିକିତ୍ସା ରୋଗୀମାନେ ସହଜରେ ପାଇ ପାରୁନାହାନ୍ତି। ଅନେକ ଲୋକ ମଦ ନିଶା କରିବାକୁ ଏକ ବ୍ୟବହାରିକ ସମସ୍ୟା ବୋଲି ଭାବିଥାନ୍ତି।



> “ବାରମ୍ବାର ମଦ ନିଶା ସେବନ ଦ୍ୱାରା ରୋଗୀର ଶାରୀରିକ ଓ ମାନସିକ ସ୍ତରରେ ମଦ ପ୍ରତି ନିର୍ଭରତା ଆସିଯାଏ। ଯଦି କୌଣସି କାରଣରୁ ନିଶା ଦ୍ରବ୍ୟ ସେବନ ବନ୍ଦ ହୋଇଯାଏ, ତେବେ ବ୍ୟକ୍ତିଠାରେ ଅନେକ ଶାରୀରିକ ଓ ମାନସିକ ପ୍ରଭାବ ପଡ଼ିଥାଏ। ଏଗୁଡ଼ିକ ହେଲା ମଦ ପିଇବା ପାଇଁ ମନରେ ଆସକ୍ତି ଭାବ ସୃଷ୍ଟି ହୁଏ, ନିଦ ହୁଏ ନାହିଁ, ହାତ ଗୋଡ଼ ଥରେ, ବ୍ୟସ୍ତ, ବିବ୍ରତ, ଛାନିଆ ଲାଗେ, ଛାତି ଜୋରରେ ଧଡ଼ ଧଡ଼ ହୁଏ, ଅତ୍ୟଧିକ ଝାଳ ବୁହେ ଓ ବାନ୍ତି ହୁଏ।”

ମାତ୍ର ବୈଜ୍ଞାନିକମାନଙ୍କ ମତରେ ଏହା ଏକା ରୋଗ । ତେଣୁ ଏହାର ଠିକ୍ ଚିକିତ୍ସା କରିବା ଜରୁରୀ। ବିଗତ କିଛିବର୍ଷ ମଧ୍ୟରେ ମଦ ନିଶାର ଚିକିତ୍ସା ନିମନ୍ତେ ଆଧୁନିକ ଓ ଉନ୍ନତ ପଦ୍ଧତି ମାନ ବ୍ୟବହାର କରାଗଲାଣି, ଯାହାଫଳରେ ଅନେକ ରୋଗୀ ମଦ ନିଶାର ଜାଲରୁ ମୁକ୍ତି ପାଇପାରୁଛନ୍ତି।

ଆମ ଦେଶରେ ହାରାହାରି ୨୦ ପ୍ରତିଶତ ଲୋକ ମଦ ନିଶା ଉପରେ ନିର୍ଭରଶୀଳ। ଯୁବଗୋଷ୍ଠୀମାନେ ବୟସ୍କ ବ୍ୟକ୍ତିଙ୍କ ଅପେକ୍ଷା ଅଧିକ ସଂଖ୍ୟାରେ ମଦ ସେବନ କରିଥାନ୍ତି। ମଦ ନିଶା ସାଧାରଣତଃ ଅଳ୍ପ ମାତ୍ରାରୁ ଆରମ୍ଭ ହୋଇଥାଏ। ଧୀରେ ଧୀରେ ମଦର ମାତ୍ରା ବଢ଼ିବାରେ ଲାଗିଥାଏ ଏବଂ ଖୁବ୍ କମ୍ ଦିନ ମଧ୍ୟରେ ଏହା ଅଭ୍ୟାସରେ ପରିଣତ ହୋଇଯାଏ। ପରେ ନିଶା ଛାଡ଼ିବାରୁ ବ୍ୟକ୍ତି ପାଇଁ କଷ୍ଟକର ହୋଇଥାଏ। ଯେଉଁମାନେ ଜୀବନର ସାମାନ୍ୟ ଅସୁବିଧାରେ ନିରାଶ ହୋଇଯାଆନ୍ତି ଓ ଭାଙ୍ଗିପଡ଼ନ୍ତି ସେମାନେ ମଦ ନିଶା କରିବାର ଅଧିକ ସମ୍ଭାବନା ଥାଏ। ଅନେକ ଲୋକ କୁସଙ୍ଗରେ ମଧ୍ୟ ପଡ଼ି ନିଶା ସେବନ ଆରମ୍ଭ କରିଥାନ୍ତି। ଗବେଷଣାରୁ ଜଣାପଡ଼ିଛି ଯେଉଁ ମାତାପିତାମାନେ ମଦ ନିଶା ସେବନ କରିଥାନ୍ତି ସେମାନଙ୍କର ପିଲାମାନେ ମଧ୍ୟ ମଦ ସେବନ କରିବାର ଅଧିକ ସମ୍ଭାବନା ଥାଏ। ଏଥିନିମନ୍ତେ ଜିନ୍‌ଗତ ଓ ପାରିପାର୍ଶ୍ୱିକ କାରଣ ଉଭୟ ଦାୟୀ ।

**ସ୍ୱାସ୍ଥ୍ୟ ଉପରେ ମଦ ନିଶାର କୁପ୍ରଭାବ**

ବାରମ୍ବାର ମଦ ନିଶା ସେବନ ଦ୍ୱାରା ରୋଗୀର ଶାରୀରିକ ଓ ମାନସିକ ସ୍ତରରେ ମଦ ପ୍ରତି ନିର୍ଭରତା ଆସିଯାଏ। ଯଦି କୌଣସି କାରଣରୁ ନିଶାଦ୍ରବ୍ୟ ସେବନ ବନ୍ଦ ହୋଇଯାଏ, ତେବେ ବ୍ୟକ୍ତିଠାରେ ଅନେକ ଶାରୀରିକ ଓ ମାନସିକ ପ୍ରଭାବ ପଡ଼ିଥାଏ। ଏଗୁଡ଼ିକ ହେଲା ମଦ ପିଇବା ପାଇଁ ମନରେ ଆସକ୍ତି ଭାବ ସୃଷ୍ଟି ହୁଏ, ନିଦ ହୁଏ ନାହିଁ, ହାତ ଗୋଡ଼ ଥରେ, ବ୍ୟସ୍ତ, ବିବ୍ରତ, ଛାନିଆ ଲାଗେ, ଛାତି ଜୋରରେ ଧଡ଼ ଧଡ଼ ହୁଏ, ଅତ୍ୟଧିକ ଝାଳ ବୁହେ ଓ ବାନ୍ତି ହୁଏ। ଏହି ଲକ୍ଷଣଗୁଡ଼ିକ ସାଧାରଣତଃ ୩–୪ ଦିନ ପର୍ଯ୍ୟନ୍ତ ଲାଗି ରହେ। ଯେଉଁ ବ୍ୟକ୍ତିମାନେ ଅଧିକ ଦିନ ପର୍ଯ୍ୟନ୍ତ ଓ ଅଧିକ ମାତ୍ରାରେ ମଦ ସେବନ କରୁଥିବେ ଏବଂ ବିନା ଚିକିତ୍ସାରେ ହଠାତ ମଦ ପିଇବା ବନ୍ଦ କରିଦିଅନ୍ତି, ସେମାନଙ୍କଠାରେ କେତେକ ଗମ୍ଭୀର ଲକ୍ଷଣମାନ ଦେଖାଯାଇଥାଏ। ଏଗୁଡ଼ିକ ହେଲା ବାତ ମାରିବା, ଦେହ ଜୋରରେ ଥରିବା, କାନରେ ଶୂନ୍ୟବାଣୀ ହେବା, ନ ଥିବା ବସ୍ତୁ ଦେଖାଯିବା, ସ୍ଥାନ, କାଳ ଓ ପାତ୍ରର ଜ୍ଞାନ ନ ରହିବା ଆଦି। ବେଳେବେଳେ ଏଥିରେ ବ୍ୟକ୍ତିର ମୃତ୍ୟୁ ହେବାର ଆଶଙ୍କା ମଧ୍ୟ ଥାଏ।

ଅଧିକ ଦିନ ପର୍ଯ୍ୟନ୍ତ ମଦ ସେବନ କଲେ ବିଭିନ୍ନ ଶାରୀରିକ ସମସ୍ୟା ଦେଖାଯାଇଥାଏ। ଏଗୁଡ଼ିକ ହେଲା ଯକୃତ ଜନିତ ରୋଗ (ଜଣ୍ଡିସ, ସିରୋସିସ), ପାନକ୍ରିୟାଜ ଜନିତ ରୋଗ, ବିଭିନ୍ନ କ୍ୟାନସର (ଯକୃତ୍, ପାକସ୍ଥଳୀ କ୍ୟାନସର), ବିଭିନ୍ନ ସ୍ନାୟୁ ଜନିତ ସମସ୍ୟା ଯଥା ଗୋଡ଼ ହାତ ଦୁର୍ବଳ ହୋଇଯିବା ଓ ଛୁଞ୍ଚି ଫୋଡ଼ି ହୋଇଗଲା ଭଳି ଲାଗିବା ଓ ମାଂସପେଶୀ ଦୁର୍ବଳ ହୋଇଯିବା ଆଦି। ମଦ ସେବନ ଯୋଗୁ ବିଭିନ୍ନ ମାନସିକ ସମସ୍ୟା ଯଥା ଅନିଦ୍ରା ରୋଗ, ଡିପ୍ରେସନ, ମାନସିକ ଉନ୍ମାଦ ରୋଗ, ସାଇକୋସିସ ଓ ଏଙ୍ଗଜାଇଟି ଆରମ୍ଭ ହୋଇପାରେ। କେତେକ ଲୋକଙ୍କଠାରେ ମଦ ନିଶା ସେବନ ଯୋଗୁ ଯୌନ ସମସ୍ୟାମାନ ଦେଖାଦେଇଥାଏ। ଦୀର୍ଘ ଦିନ ପର୍ଯ୍ୟନ୍ତ ମଦ ସେବନ ଯୋଗୁ ଶରୀରରେ ‘ଥାୟାମିନ’ ନାମକ ଭିଟାମିନର ଅଭାବ ପରିଲକ୍ଷିତ ହୋଇଥାଏ। ଯାହାଦ୍ୱାରା ରୋଗୀର ମସ୍ତିଷ୍କ ଉପରେ ଦୀର୍ଘସ୍ଥାୟୀ କୁପ୍ରଭାବ ପଡ଼ିଥାଏ। ଏଥିଯୋଗୁ ରୋଗୀର ସ୍ମରଣଶକ୍ତି ହ୍ରାସ ପାଇଥାଏ। ସେ ସ୍ପଷ୍ଟ ଭାବରେ କଥା ହୋଇପାରେ ନାହିଁ ଓ ସେ ଢଳି ଢଳି କରି ଚାଲିଥାଏ। ଏସବୁ ଲକ୍ଷଣ ଆରମ୍ଭ ହେଲେ ଚିକିତ୍ସା ଦ୍ୱାରା ସୁଫଳ ମିଳିବାର ସମ୍ଭାବନା କମ୍ ଥାଏ।

ମଦ ନିଶା କରିବା ଯୋଗୁ ବ୍ୟକ୍ତିର ପାରିବାରିକ ଓ ସାମାଜିକ ଜୀବନ ଉପରେ କୁପ୍ରଭାବ ପଡ଼ିଥାଏ। ପାରିବାରିକ ଅଶାନ୍ତି, କଳହ, ଘରୋଇ ହିଂସା, ଆର୍ଥିକ ଅନଟନ, ପିଲାମାନଙ୍କ ମାନସିକତା ଉପରେ କୁପ୍ରଭାବ ପଡ଼ିବା ଆଦି ସମସ୍ୟାମାନ ଦେଖାଯାଇଥାଏ।

**ଚିକିତ୍ସା:** ମଦ ନିଶାର ଚିକିତ୍ସା ନିମନ୍ତେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଉଚିତ। ମଦ ନିଶା କରୁଥିବା ବ୍ୟକ୍ତିଙ୍କର ମାନସିକତା ଅନେକ ପ୍ରକାର ହୋଇଥାଏ। ଏକ ପ୍ରକାରର ଲୋକ ହେଲେ ଯେଉଁମାନେ ମଦର ଦେହ ଉପରେ କୁପ୍ରଭାବ ଜାଣି ମଧ୍ୟ ମଦ ଛାଡ଼ିବାକୁ ଚାହାନ୍ତି ନାହିଁ, ଅନ୍ୟ କିଛି ଲୋକ ଅଛନ୍ତି ଯେଉଁମାନେ ମଦ ଛାଡ଼ିବାକୁ ଚାହାନ୍ତି ମାତ୍ର ମଦ ଛାଡ଼ିଲେ ଯେଉଁ ଯନ୍ତ୍ରଣା ହୁଏ ତାକୁ ସହ୍ୟ କରି ନ ପାରି ନିଶା ସେବନ ଅବ୍ୟାହତ ରଖିଥାନ୍ତି। ଏହାଛଡ଼ା ଅନ୍ୟ କେତେକ ଲୋକ ଅଛନ୍ତି ସେମାନେ କୁସଙ୍ଗରେ ପଡ଼ି ମଦ ସେବନ କରିଥାନ୍ତି ଏବଂ ମଦ ଛାଡ଼ିବାକୁ ଇଚ୍ଛା ଥିଲେ ମଧ୍ୟ ସାଙ୍ଗମାନଙ୍କ ଚାପ ଯୋଗୁ ନିଶା ଛାଡ଼ିପାରନ୍ତି ନାହିଁ। ତେଣୁ କେଉଁ ବ୍ୟକ୍ତିକୁ କି ପ୍ରକାର ଚିକିତ୍ସା ଦିଆଯିବ ତାହା ବ୍ୟକ୍ତି ଉପରେ ନିର୍ଭର କରିଥାଏ।

ଚିକିତ୍ସା ପାଇଁ ପ୍ରଥମତଃ ରୋଗୀର ନିଶା ଛାଡ଼ିବାର ଦୃଢ଼ ଇଚ୍ଛାଶକ୍ତି ଜରୁରୀ । ରୋଗୀର ବିନା ଇଚ୍ଛାଶକ୍ତିରେ ଯେତେ ଚିକିତ୍ସା କରାଇଲେ ମଧ୍ୟ ଏହା ସଫଳ ହୋଇ ନ ଥାଏ। ମଦ ନିଶା ଛାଡ଼ିବା ପାଇଁ ଔଷଧ, ମନସ୍ତାତ୍ତ୍ୱିକ ଚିକିତ୍ସା ଓ ବ୍ୟବହାରିକ ଚିକିତ୍ସା ଦରକାର ପଡ଼ିଥାଏ। ମଦ ଛାଡ଼ିଲେ ଯେଉଁ କଷ୍ଟକର ଲକ୍ଷଣମାନ ଦେଖାଦେଇଥାଏ, ସେଗୁଡ଼ିକୁ ରୋକିବା ପାଇଁ କେତେକ ନିର୍ଦ୍ଦିଷ୍ଟ ଔଷଧ ବ୍ୟବହାର କରାଯାଇଥାଏ। ଏହାସହିତ ମଦ ପିଇବାକୁ ଇଚ୍ଛା ନ ହେବା ପାଇଁ ଅନ୍ୟକେତେକ ଔଷଧ ରହିଛି ଯାହା ଅତ୍ୟନ୍ତ ଆବଶ୍ୟକ । କେତେକ ଔଷଧ ଅଛି ଯାହାର ବ୍ୟବହାର କଲେ ଯଦି ବ୍ୟକ୍ତି ମଦ ସେବନ କରେ ତେବେ ବ୍ୟକ୍ତିଠାରେ ଅନେକ ପ୍ରତିକ୍ରିୟା ଦେଖାଯାଏ। ଯାହାଫଳରେ ରୋଗୀ ଆଉ ମଦ ସେବନ କରେନାହିଁ। ତେଣୁ ମଦ ସେବନ ବନ୍ଦ ପାଇଁ କେଉଁ ପ୍ରକାରର ଔଷଧ ବ୍ୟବହାର କରିବାର ଅଛି ତାହା ରୋଗୀର ଅବସ୍ଥା ଉପରେ ନିର୍ଭର କରିଥାଏ। ବେଳେ ବେଳେ ଦରକାର ପଡ଼ିଲେ ରୋଗୀକୁ ଡାକ୍ତରଖାନାରେ ଭର୍ତ୍ତି କରିବାକୁ ପଡ଼ିଥାଏ।

ଔଷଧ ସହିତ ରୋଗୀକୁ କାଉନ୍ସଲିଙ୍ଗ ଦରକାର ପଡ଼ିଥାଏ। ଚିକିତ୍ସା ପରେ ପୁଣି ମଦ ପିଇବାକୁ ଇଚ୍ଛା ହେଲେ ରୋଗୀ କିପରି ନିଜ ମନକୁ ନିୟନ୍ତ୍ରଣ କରିବ ସେ ନେଇ ରୋଗୀକୁ କାଉନ୍ସଲିଙ୍ଗ କରାଯାଏ। ଏହାସହ ରୋଗୀକୁ ସୁସ୍ଥ ଜୀବନ ଶୈଳୀ ଅବଲମ୍ବନ କରିବାକୁ ପଡ଼ିଥାଏ। ଉପଯୁକ୍ତ ନିଦ୍ରା, ସୁଷମ ଖାଦ୍ୟ, ମାନସିକ ଚାପରୁ ଦୂରେଇ ରହିବା, ନିଜ ମନକୁ ଦୃଢ଼ ଓ ଶାନ୍ତ ରଖିବା, ଶାରୀରିକ ବ୍ୟାୟାମ ଓ ଯୋଗ ଅଭ୍ୟାସ ଆଦି ମଦ ନିଶାଠାରୁ ଦୂରେଇ ରହିବାରେ ସହାୟକ ହୋଇଥାଏ।

*–ମାନସିକ ରୋଗ ବିଶେଷଜ୍ଞ, କଟକ*
*ମୋ : ୮୮୯୫୨୯୩୯୯୭*

## ଭାରତ: ବିଶ୍ୱର ସାପ କାମୁଡ଼ା ରାଜଧାନୀ

(ଶେଷ ଭାଗ)

**ପ୍ରାଥମିକ ଚିକିତ୍ସା:** ବିଷଧର ସାପ କାମୁଡିଥାଉ କି ବିଷହୀନ ସାପ କାମୁଡିଥାଉ ପ୍ରତ୍ୟେକ ସାପକାମୁଡ଼ା ରୋଗୀକୁ ବିଷଧର ସାପ କାମୁଡିଛି ବୋଲି ବିଚାରି ପ୍ରାଥମିକ ଚିକିତ୍ସା କରିବା ଉଚିତ। ପ୍ରାଥମିକ ଚିକିତ୍ସା କରୁଥିବା ବ୍ୟକ୍ତି ନିଜେ ଆଦୌ ଛାନିଆ ନ ହୋଇ ବରଂ ଛାନିଆ ହୋଇ ପଡିଥିବା ରୋଗୀକୁ ନିଶ୍ଚିତ ଆରୋଗ୍ୟ ହୋଇଯିବାର ଆଶ୍ୱାସନା ତଥା ଦୃଢ ଭରସା ଦେବା ଜରୁରୀ। ରୋଗୀ ଉପରେ ଆଶ୍ୱାସନା ଓ ଭରସାର ଅନୁକୂଳ ପ୍ରଭାବ ସୁଦୂରପ୍ରସାରୀ। କାଳ ବିଳମ୍ବ ନ କରି ନିକଟସ୍ଥ ଡାକ୍ତରଙ୍କୁ ଖବର ଦେବା ଓ ରୋଗୀକୁ ଡାକ୍ତରଖାନା ପଠେଇବାର ବ୍ୟବସ୍ଥା କରିବା ଦରକାର। ରୋଗୀକୁ ହଲଚଲ ହେବା ପାଇଁ ନ ଦେଇ ଓ ଧୀରସ୍ଥିର ଭାବରେ ଶୁଆଇ ରଖି କାମୁଡା ଜାଗାର ଦୁଇ ତିନି ଇଞ୍ଚ ଉପରକୁ ଅନ୍ତତଃ ୨ରୁ ୪ ସେଣ୍ଟିମିଟର ଓସାର ଥିବା ପଟି ବାନ୍ଧିଦେବା ଆବଶ୍ୟକ। ପଟିକୁ ଭିଡିକରି ବାନ୍ଧିବା ଉଚିତ ନୁହେଁ। ଏପରି ଭାବରେ ପଟି ବାନ୍ଧିବା ଉଚିତ ଯେପରିକି ପଟିତଳେ ନିଜର ଦୁଇଟି ଆଙ୍ଗୁଠି ଗଳି ଯାଇପାରିବ। ପଟି ବାନ୍ଧିବା ପାଇଁ ଓସାରିଆ ରିବନ, ଶାଢିର ଧଡି, ଓସାରିଆ ଫିତା କିମ୍ବା ଭେଲକ୍ରୋ ପଟି ଇତ୍ୟାଦି ଭଲ। ପ୍ରତି କୋଡିଏ ମିନିଟ୍‌ରେ ପଟିଟିକୁ ଏକ ମିନିଟ୍ ପାଇଁ ଖୋଲିଦେଇ ପୁନର୍ବାର ପଟି ଭିଡିଦେବା ଆବଶ୍ୟକ। ଅଧଘଣ୍ଟାଏ ଭିତରେ ରୋଗୀକୁ ଡାକ୍ତରଖାନାରେ ପହଞ୍ଚେଇ ହେଉଥିଲେ ପଟିକୁ ହୁଗୁଳା କରିବାର ଆବଶ୍ୟକତା ନାହିଁ। କ୍ଷତ ସ୍ଥାନକୁ ସାବୁନ୍ ଜଳରେ ଭଲ ଭାବରେ ଧୋଇ ଦେଇ ସଫାକନା କି ସଫା ରୁମାଲ ଦ୍ୱାରା ଘୋଡେଇ ରଖିବା ଭଲ। ରୋଗୀ ଅଚେତ ହୋଇ ପଡି ନ ଥିଲେ ତାକୁ ଚା କଫି କି କ୍ଷୀର ପିଇବା ପାଇଁ ଦିଆଯାଇପାରେ। ତା'ର ବାନ୍ତି ହେଉଥିଲେ ତା'ର ମୁଣ୍ଡକୁ କଡ଼ପଟିଆ କରି ରଖିବା ଉଚିତ। ନିଃଶ୍ୱାସ ବନ୍ଦ ହୋଇଯାଇଥିଲେ କୃତ୍ରିମ ଶ୍ୱାସକ୍ରିୟା କରେଇବା ଏବଂ ହୃତ୍‌କ୍ରିୟା ବନ୍ଦ ହୋଇଗଲେ ରୋଗୀର ଛାତି ମଝିରେ ପାପୁଲି ରଖି ବାରମ୍ବାର ଚାପ ପ୍ରୟୋଗ (ବାହ୍ୟବକ୍ଷ ସଞ୍ଚାପନ) କରିବା ଦରକାର। ଉଷ୍ମ ରଖିବା ନିମନ୍ତେ ତାକୁ କମ୍ବଳରେ ଘୋଡେଇ ରଖିବା ଆବଶ୍ୟକ।

**ମନେ ରଖିବା ଉଚିତ:** ସାପ କାମୁଡ଼ିବା ପରେ ରୋଗୀ ଚଲାବୁଲା କରିବନି। ଆଣ୍ଟକରି ପଟି ବନ୍ଧାଯିବନି। କ୍ଷତ ସ୍ଥାନ ବା କାମୁଡା ଜାଗାରେ ବରଫ ଲଦା ହେବନି। କ୍ଷତ ସ୍ଥାନକୁ ଛୁରି କି ବ୍ଲେଡରେ କଟାଯିବନି। ନିଜର ପାଟି ଲଗେଇ କ୍ଷତ ସ୍ଥାନରୁ ବିଷ ଶୋଷିବା ମନା।

**ଡାକ୍ତରଖାନାରେ ଚିକିତ୍ସା ପଦ୍ଧତି**

ସାପ ବିଷରୁ ତିଆରି ପ୍ରତିବିଷ ବା ଆଣ୍ଟିସ୍ନେକ୍‌ଭେନମ୍ ଇଞ୍ଜେକ୍‌ସନ ଦେଇ ଡାକ୍ତରଖାନାରେ ରୋଗୀର ଚିକିତ୍ସା କରାଯାଇଥାଏ। ତାହାଛଡ଼ା ଦିଆଯାଇଥାଏ ଆଣ୍ଟିବାୟୋଟିକ୍ ଔଷଧ। ଦରକାର ପଡ଼ିଲେ ଅମ୍ଳଜାନ ଦେବା ସଙ୍ଗେସେଙ୍ଗେ କେତେକ କ୍ଷେତ୍ରରେ ଡାୟାଲିସିସ୍ କରିବା ଆବଶ୍ୟକ ପଡ଼ିପାରେ।

**ବର୍ଷାଦିନେ ସାପକାମୁଡ଼ା ପ୍ରତି ସାବଧାନତା:** ବର୍ଷା ଯୋଗୁ ସାପ ମାନଙ୍କ ଗାତରେ ପାଣି ପଶିଯାଏ। ତେଣୁ ସେମାନେ ବାହାରେ ବୁଲିବା ପାଇଁ ବାଧ ହୋଇଥାନ୍ତି। ତାହାଛଡ଼ା ବର୍ଷାଋତୁରେ ବେଙ୍ଗମାନଙ୍କ ସଂଖ୍ୟା ବଢ଼ିଯିବାରୁ ବେଙ୍ଗ ଖାଇବା ଉଦ୍ଦେଶ୍ୟରେ ବି ଏଣେତେଣେ ବୁଲିଥାନ୍ତି ସାପମାନେ। ଚାରିଆଡ଼େ ବଣବୁଦା ଓ ଘାସ ବଢ଼ିଯାଇଥିବାରୁ ସେମାନଙ୍କ ଉପସ୍ଥିତି ସହଜରେ ବାରିହୁଏନି। ଏହିସବୁ କାରଣରୁ ବର୍ଷାଦିନେ ସାପକାମୁଡ଼ାର ହାର ବଢ଼ିଯାଏ। ରାତିରେ ଲଣ୍ଠନ ଜଳେଇ କି ଟର୍ଚ୍ଚଜଳେଇ ଯିବାଆସିବା କରିବା ନିରାପଦ। ରାତିରେ ଯିବାଆସିବା କଲାବେଳେ ହାତରେ ମୋଟା ବାଡ଼ି କି ଠେଙ୍ଗା ଧରି ଓ ତାକୁ ଭୂଇଁ ଉପରେ ଠକ୍ ଠକ୍ କରି ବାଡ଼େଇ ବାଡ଼େଇ ଯାତାୟାତ କରିବା ଉଚିତ। ଏପରି କଲେ ସାପମାନେ ରାସ୍ତାରୁ ପଳେଇଯାଆନ୍ତି। ମୋଟା କନାର ଫୁଲ୍‌ପ୍ୟାଣ୍ଟ ଏବଂ ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥିବା ବର୍ଷାଦିନିଆ ବୁଟ୍‌ଜୋତା ପିନ୍ଧି ରାତିରେ ବାହାରକୁ ଗଲେ ସାପ କାମୁଡ଼ିଲେ ମଧ୍ୟ ତା'ର ତୀବ୍ରତା ଊଣା ହୋଇଯାଏ। ମଶାରି ଟାଙ୍ଗି ଓ ମଶାରିର ଚାରିକଡ଼କୁ ବିଛଣାତଳେ ଖୋସି ଶୋଇବା ଉଚିତ। ବିଶେଷକରି ଗ୍ରାମାଞ୍ଚଳରେ ଭୂଇଁରେ ଶୋଉଥିବା ଲୋକେ ମଶାରି ଟାଙ୍ଗି ଶୋଇବା ନିହାତି ଆବଶ୍ୟକ।



–‘ଅଭୀପ୍‌ସା’, ସେକ୍ଟର–୬,
ପ୍ଲଟ୍ ନଂ.–୧୧୩୧
ଅଭିନବ ବିଡ଼ାନାସୀ, କଟକ

## ସ୍ୱାସ୍ଥ୍ୟୋପକାରୀ ଅମୃତଭଣ୍ଡା

ଅମୃତଭଣ୍ଡାରେ ଅନେକ ଉପକାରୀ ଗୁଣ ଭରି ରହିଛି। ଏହାକୁ ଖାଦ୍ୟ ତାଲିକାରେ ସାମିଲ କଲେ ତାହା ଶରୀର ପାଇଁ ବରଦାନ ସଦୃଶ ହୋଇଥାଏ। ଜାଣନ୍ତୁ ସେ ସମ୍ପର୍କରେ...



– ଭିଟାମିନ୍ ‘ଏ’ର ପ୍ରମୁଖ ଉତ୍ସ ହେଲା ଅମୃତଭଣ୍ଡା। ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟି ଶକ୍ତିକୁ ଆହୁରି ପ୍ରଖର କରିଥାଏ।

–ଆପଣ କୋଲେଷ୍ଟରଲ ସମସ୍ୟା ସହ ଜଡିତ କି ? ଯଦି ହଁ, ତେବେ ଏହାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ। କାରଣ ଏହାକୁ ଖାଇବା ଦ୍ୱାରା କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ।

–ଅମୃତଭଣ୍ଡା ଖାଇଲେ ତାହା ଶରୀର ଭିତରେ ଥିବା ଅତିରିକ୍ତ ଚର୍ବିକୁ ନଷ୍ଟ କରିବାରେ ସହାୟକ ହୋଇଥାଏ।

–ଅମୃତଭଣ୍ଡାରେ ‘ପାପାଇନ୍’ ନାମକ ଏକ ପୋଷକତତ୍ତ୍ୱ ରହିଛି ଯାହା ହଜମ ଶକ୍ତିକୁ ବୃଦ୍ଧି କରିଥାଏ।

–ଏହାକୁ ନିୟମିତ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ।

–ଅମୃତଭଣ୍ଡା ଶରୀରକୁ ଅନେକ ଉପକାରୀ ପୋଷକତତ୍ତ୍ୱ ଯୋଗାଇଥାଏ।

## ଅସନ୍ତୁଳିତ ଜୀବନଶୈଳୀ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ

ଆଜିକାଲିର ବ୍ୟସ୍ତମୟ ଜୀବନରେ ଏକ ସୁବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରିବା ପ୍ରାୟ କଷ୍ଟକର। କାରଣ ନିଜ କାର୍ଯ୍ୟକୁ ନେଇ ଅନେକେ ଏତେ ବ୍ୟସ୍ତ ଯେ ସେମାନେ ନିଜର ଶରୀର ପ୍ରତି ଠିକ୍ ନଜର ଦେଇପାରି ନ ଥାନ୍ତି। ଫଳରେ ସେମାନେ ଏଥିପାଇଁ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ପ୍ରଥମେ ନିଜ ଖାଦ୍ୟପେୟକୁ ସନ୍ତୁଳିତ ରଖନ୍ତୁ। ଫାଷ୍ଟଫୁଡ୍ ଏବଂ ତେଲଜାତୀୟ ଖାଦ୍ୟଠାରୁ ନିଜକୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ପ୍ରତିଦିନ ସକାଳର କିଛି ସମୟ ବ୍ୟାୟାମ ପାଇଁ ରଖିଲେ ତାହାର ସୁପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ। ଏହାସହ ଜୀବନ ତାଲିକାରେ ଯୋଗ, ପ୍ରାଣାୟାମକୁ ସାମିଲ କରନ୍ତୁ। ପ୍ରତିଦିନ ଅତିକମ୍‌ରେ ୬–୭ ଘଣ୍ଟା ଶୁଅନ୍ତୁ। ଦୈନନ୍ଦିନ ଖାଦ୍ୟରେ ସବୁଜ ପନିପରିବା, ତଟକା ଫଳମୂଳ ସାମିଲ କରନ୍ତୁ। ସବୁଠାରୁ ଖାସ୍ କଥା ହେଲା ବ୍ୟସ୍ତତା ସତ୍ତ୍ୱେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇନିଅନ୍ତୁ।



## ସଂକ୍ଷେପରେ

### ରିଅଲ ଇଷ୍ଟେଟ ପ୍ରତିନିଧିଙ୍କୁ ଭେଟିଲେ ସୀତାରାମନ୍

ନୂଆଦିଲ୍ଲୀ,୧୧-୮: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ରିଅଲ ଇଷ୍ଟେଟ ଏବଂ ଘର କ୍ରେତା ପ୍ରତିନିଧିଙ୍କୁ ଭେଟିଛନ୍ତି। ଏହି ବୈଠକରେ ନଗଦ ସଙ୍କଟ, ଚାହିଦା ହ୍ରାସ ଏବଂ ରୋକି ହୋଇଥିବା ପ୍ରକଳ୍ପକୁ ନେଇ ଚିନ୍ତାବ୍ୟକ୍ତ କରାଯାଇଛି। ରିଅଲ ଇଷ୍ଟେଟରେ ଦେଖାଦେଇଥିବା ଅସୁବିଧାକୁ ଖୁବଶୀଘ୍ର ଦୂର କରାଯିବ ବୋଲି ସୀତାରାମନ୍ ପ୍ରତିଶ୍ରୁତି ଦେଇଛନ୍ତି। ଅର୍ଥମନ୍ତ୍ରୀ ପ୍ରଥମେ ରିଏଲ ଇଷ୍ଟେଟ କ୍ଷେତ୍ରର ଦୁଇ ଶୀର୍ଷ ସଂଗଠନ କ୍ରେଡାଇ ଓ ନାରେଡକୋ ପ୍ରତିନିଧିଙ୍କୁ ଭେଟିଥିଲେ। ଏହି ବୈଠକରେ ଆବାସ, ସହର ବ୍ୟାପାର ମନ୍ତ୍ରୀ ହରଦୀପ ସିଂ ପୁରୀ, ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଓ ଆର୍ଥିକ ବ୍ୟାପାର, ରାଜସ୍ୱ, ଆବାସ, ସିବିଡିଟି, କର୍ପୋରେଟ ବ୍ୟାପାର ଏବଂ ରେରାର ଶୀର୍ଷ ଅଧିକାରୀମାନେ ଯୋଗ ଦେଇଥିଲେ।

### ନକଲି ସାମଗ୍ରୀ ବିକ୍ରିରୁ ବାର୍ଷିକ କ୍ଷତି ୧ ଲକ୍ଷ କୋଟି

ନୂଆଦିଲ୍ଲୀ,୧୧-୮: ବିଭିନ୍ନ କ୍ଷେତ୍ରରେ ନକଲି ସାମଗ୍ରୀ ବିକ୍ରି ଯୋଗୁ ଦେଶକୁ ପ୍ରତିବର୍ଷ ପ୍ରାୟ ୧.୦୫ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡୁଛି। ଏହାକୁ ରୋକିବା ଲାଗି ଜନସଚେତନତା ସୃଷ୍ଟି, ନଜର ରଖିବାକୁ କଡାକଡି କରିବା ତଥା ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ସୁଦୃଢ଼ କରିବାର ଆବଶ୍ୟକତା ଦେଖାଦେଇଛି ବୋଲି ୬୦ ସଦସ୍ୟଙ୍କୁ ନେଇ ଗଠିତ ଅଥେଣ୍ଟିକେଶନ ସଲ୍ୟୁଶନ ପ୍ରୋଭାଇଡର୍ସ ଆସୋସିଏଶନ(ଏଏସ୍‌ପିଏ) ପକ୍ଷରୁ କୁହାଯାଇଛି। ସଂଘ ପକ୍ଷରୁ ବ୍ରାଣ୍ଡ, ଆୟ ଓ ଦସ୍ତାବିଜର ସୁରକ୍ଷା ଲାଗି ପ୍ରମାଣନ ପ୍ରଯୁକ୍ତି ଓ ସମାଧାନ ଆପଣାଇବା ଉପରେ ଜୋର ଦିଆଯାଇଛି। ଏଏସ୍‌ପିଏ ପ୍ରେସିଡେଣ୍ଟ ନକୁଳ ପସରିଚା କହିଛନ୍ତି ଯେ, ଠିକ୍ ପ୍ରମାଣନ ପ୍ରକ୍ରିୟା ଆପଣାଇବା, କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଜନସଚେତନତା ସୃଷ୍ଟି ଓ ତୀକ୍ଷ୍ଣ ଦୃଷ୍ଟି ଦ୍ୱାରା ନକଲି ସାମଗ୍ରୀ ବିକ୍ରିକୁ ଅତିକମ୍‌ରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ରୋକାଯାଇପାରିବ। ଏହାଦ୍ୱାରା ପ୍ରାୟ ୫୦ ହଜାର କୋଟି ଟଙ୍କା ବାର୍ଷିକ ଆୟକୁ ସଞ୍ଚୟ କରାଯାଇପାରିବ ବୋଲି ସେ ମତପ୍ରକାଶ କରିଛନ୍ତି।

### ୩ହଜାର କୋଟି ବକେୟା ଆଦାୟ କରିବ ବିଏସ୍‌ଏନ୍‌ଏଲ୍

ନୂଆଦିଲ୍ଲୀ,୧୧-୮: ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ରାଷ୍ଟ୍ରାୟତ୍ତ ଟେଲିକମ କମ୍ପାନୀ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ୍) ବକେୟା ପ୍ରାୟ ୩ ହଜାର କୋଟି ଟଙ୍କା ଆଦାୟ କରିବାକୁ ଅଣ୍ଟାଭିଡିଛି। ଆର୍ଥିକ ସଙ୍କଟ କାରଣରୁ କମ୍ପାନୀ ଦ୍ୱିତୀୟଥର କର୍ମଚାରୀଙ୍କୁ ଠିକ୍ ସମୟରେ ଦରମା ଦେଇପାରି ନ ଥିଲା। କର୍ମଚାରୀଙ୍କୁ ଜୁଲାଇର ବେତନ ଅଗଷ୍ଟ ୫ରେ ମିଳିଛି। ବିଏସ୍‌ଏନ୍‌ଏଲ୍ ସିଏମ୍‌ଡି ପି.କେ.ପୁରୱାର କହିଛନ୍ତି ଯେ, କମ୍ପାନୀ ଗ୍ରାହକଙ୍କ ଉପରେ ପ୍ରାୟ ୩ ହଜାର କୋଟି ଟଙ୍କା ବକେୟା ରହିଛି। ଏହାକୁ ଆଦାୟ କରିବା ଲାଗି କମ୍ପାନୀ ଆକ୍ରମଣାତ୍ମକ ପଦକ୍ଷେପ ଗ୍ରହଣ କରିଛି। ଏ ଦିଗରେ ସଫଳତା ମଧ୍ୟ ମିଳୁଛି। ତେବେ ସମ୍ପୂର୍ଣ୍ଣ ବକେୟା ଆଦାୟ କରିବା ଲାଗି ସମୟସୀମା ଧାର୍ଯ୍ୟ କରିବା ସମ୍ଭବ ନୁହେଁ। ତେବେ ବିଏସ୍‌ଏନ୍‌ଏଲ୍ ଆସନ୍ତା ୨-୩ ମାସ ମଧ୍ୟରେ ସମସ୍ତ ବକେୟା ଆଦାୟ କରିନେବ ଆଶା କରାଯାଉଛି ବୋଲି ପୁରୱାର ସ୍ପଷ୍ଟ କରିଛନ୍ତି।

> ଟିଭି ଉଦ୍ୟୋଗ ଅଭିବୃଦ୍ଧି ଗତ କିଛି ତ୍ରୈମାସରେ ସ୍ଥିର ରହିବା ପରେ ଏହା ହ୍ରାସ ପାଇବାରେ ଲାଗିଛି। ସରକାର ଜିଏସ୍‌ଟି ହ୍ରାସ କରିବା ସହ ଅନ୍ୟାନ୍ୟ ସହାୟତା ଦେବା ଉଚିତ୍।
> **– ମନୀଷ ଶର୍ମା, ପାନାସୋନିକ ଇଣ୍ଡିଆ ପ୍ରେସିଡେଣ୍ଟ ତଥା ସିଇଓ**



> କଗ୍ନିଜାଣ୍ଟ କଡା ଖର୍ଚ୍ଚ କାଟ ମାଧ୍ୟମରେ ଶ୍ରେଷ୍ଠ କର୍ମଚାରୀ ଟାଲେଣ୍ଟ ଖୋଜିବା ଆରମ୍ଭ କରିଛି। ଉଭୟ ଜୁନିୟର ଓ ସିନିୟର ସ୍ତରରେ ଏଥିଲାଗି ଉଦ୍ୟମ ଆରମ୍ଭ ହୋଇଛି।
> **– କାରେନ ମ୍ୟାକ୍‌ଲଘଲିନ୍, କଗ୍ନିଜାଣ୍ଟ ସିଏଫଓ**



# ‘ଏମ୍‌ଏସ୍‌ଏମ୍‌ଇ ପ୍ରତି ନରମ ହୁଅନ୍ତୁ ବ୍ୟାଙ୍କ’

ଭୁବନେଶ୍ୱର,୧୧-୮(ବ୍ୟୁରୋ)




- ଫନୀ ପ୍ରଭାବିତ କ୍ଷୁଦ୍ରଶିଳ୍ପ ଲାଗି ସ୍ୱତନ୍ତ୍ର ପ୍ୟାକେଜ ନେଇ ରାଜ୍ୟର ଦାବି
- ମାନୁଫ୍ୟାକଚରିଂକୁ ଏମ୍‌ଏସ୍‌ଏମ୍‌ଇ ଅବଦାନ ୪୫%
- ଦ୍ୱିତୀୟ ସର୍ବବୃହତ୍ ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ର
- କେସିଙ୍ଗାରେ ହେବ ଏମ୍‌ଏସ୍‌ଏମ୍‌ଇ କ୍ଲଷ୍ଟର
- ଶୀଘ୍ର କାର୍ଯ୍ୟକାରୀ ହେବ ୨ କ୍ଲଷ୍ଟର ଯୋଜନା
- ଏସ୍‌ଏଚ୍‌ଜି ଠାରୁ ସିଧାସଳଖ ପ୍ରଡକ୍ଟ ସଂଗ୍ରହ
- ରାଜ୍ୟ ସ୍ତରରେ ଜେଇଏମ୍ ପୋର୍ଟାଲ ଆସୁ:ଓସ୍‌ମେ

ନିଯୁକ୍ତି ସୃଷ୍ଟିରେ ସରକାରଙ୍କୁ ସହାୟତା କରିଥାଏ ଏମ୍‌ଏସ୍‌ଏମ୍‌ଇ ଜଗତ। ଏହି ସେକ୍ଟର ଲୋକଙ୍କୁ ଜୀବିକା ପ୍ରଦାନ ଦିଗରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସୁଛି। ସବୁ ବ୍ୟବସାୟୀ ବିଜୟ ମାଲ୍ୟା କିମ୍ବା ନୀରବ ମୋଦି ନୁହନ୍ତି। ସମସ୍ତେ ବ୍ୟାଙ୍କ ଅର୍ଥକୁ ଠକି ବିଦେଶ ପଳାୟନ କରିବେ ନାହିଁ। ସେହିଭଳି ଋଣ ପରିଶୋଧ କରିବା ଲାଗି ସମୟ ଦରକାର। ବଡ ଭାଗ ଋଣ ପରିଶୋଧ କରିଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ପ୍ରତି ବ୍ୟାଙ୍କଗୁଡିକ ନରମ ମନୋଭାବ ପୋଷଣ କରିବାକୁ କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ କହିଛନ୍ତି।

ସ୍ଥାନୀୟ ଇଡ୍‌କଲ ଅଡିଟୋରିୟମଠାରେ ଓସ୍‌ମେ ପକ୍ଷରୁ ଅନୁଷ୍ଠିତ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ମିଟ୍ ଅବସରରେ ଷଡଙ୍ଗୀ କହିଛନ୍ତି ଯେ, ବ୍ୟବସାୟୀ ମାନଙ୍କୁ ବକେୟା ଋଣ ପରିଶୋଧ ଲାଗି ସମୟ ଦେବା ଉଚିତ। ଦେଶର ମାନୁଫାକଚରିଂ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇର ଅବଦାନ ୪୫% ରହିଛି। ଏହାବାଦ ମୋଟ୍ ରପ୍ତାନିକୁ ୨୦ ଏବଂ ଦେଶର ଜିଡିପିକୁ ଏହି କ୍ଷେତ୍ରର ଅବଦାନ ୨୮%। ନିଯୁକ୍ତି ସୃଷ୍ଟିରେ କୃଷି ପରେ ଏହା ଦ୍ୱିତୀୟ ବଡ କ୍ଷେତ୍ର। ଉକ୍ତ କ୍ଷେତ୍ର ରୁଗ୍‌ଣ ହେଲେ ଏହା ଦେଶର ଅର୍ଥନୀତିକୁ କ୍ଷତିଗ୍ରସ୍ତ କରିବ। ଗ୍ରାମାଞ୍ଚଳରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଯୁବତୀଯୁବକଙ୍କ ଉଦ୍ୟୋଗୀ ହେବା ସ୍ୱପ୍ନକୁ ପୂରଣ କରିବା ଦିଗରେ ଓସ୍‌ମେ କାର୍ଯ୍ୟ କରୁ ବୋଲି ସେ ଆହ୍ୱାନ ଦେଇଛନ୍ତି।

ମିଟ୍‌ରେ ଯୋଗ ଦେଇ ରାଜ୍ୟପାଳ ଗଣେଶୀ ଲାଲ୍ ଶିଳ୍ପାୟନ ଯୋଗୁ ହେଉଥିବା ପରିବେଶ କ୍ଷତି ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିଳ୍ପ ଜଗତରେ ଉଭୟ ପରିବେଶ ଏବଂ ମଣିଷ ବଞ୍ଚି ରହିବା ଆବଶ୍ୟକ। ପୃଥିବୀକୁ ପରିବେଶ ଜନିତ ବିପଦ ଏବଂ ଜୈବ ଅସମାନତାଠାରୁ ବଞ୍ଚାଇବାର ସମୟ ଆସିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି, ଏମ୍‌ଏସ୍‌ଏମ୍‌ଇର ବିକାଶ ଲାଗି ପଶ୍ଚିମ ଓଡ଼ିଶାର କେସିଙ୍ଗାରେ ଏକ କ୍ଲଷ୍ଟର ନିର୍ମାଣ କରାଯିବ। ରାଜ୍ୟରେ ଏଭଳି ୨ କ୍ଲଷ୍ଟର ସ୍ଥାପନ ଯୋଜନା ରହିଥିବା ବେଳେ ଏହାକୁ ଶୀଘ୍ର କାର୍ଯ୍ୟକାରୀ କରାଯିବ। ରାଜ୍ୟର ଏମ୍‌ଏସ୍‌ଏମ୍‌ଇ ସେକ୍ଟର ଫନୀ ଦ୍ୱାରା ପ୍ରଭାବିତ ହୋଇଥିବାରୁ ସେମାନଙ୍କ ଲାଗି କେନ୍ଦ୍ର ସରକାର ତୁରନ୍ତ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରନ୍ତୁ ବୋଲି ସେ ଦାବି କରିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ଓସ୍‌ମେ ଅଧ୍ୟକ୍ଷ ଗୌରୀଶଙ୍କର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏସ୍‌ଏସ୍‌ଜି ଉତ୍ପାଦଗୁଡିକୁ ରାଜ୍ୟ ସରକାର ସିଧାସଳଖ କିଣିବା ଏବଂ କେନ୍ଦ୍ର ସରକାରଙ୍କ ଢାଞ୍ଚାରେ ଏକ ଜେଇଏମ୍ ପୋର୍ଟାଲ ବିକଶିତ କରିବାକୁ ଓସ୍‌ମେ ମହାସଚିବ ସାତ୍ତ୍ୱିକ ସ୍ୱାଇଁ ଦାବି କରିଛନ୍ତି। ଏଥିରେ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ସଚିବ ଅରୁଣ ପଣ୍ଡା, ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦଙ୍କ ସମେତ ଶିଳ୍ପଜଗତର ପ୍ରତିନିଧିମାନେ ଯୋଗ ଦେଇଥିଲେ।

## ଟାଟା ଟିଗୋରର ଫ୍ରିଡମ୍ ର୍‌ୟାଲି




ଭୁବନେଶ୍ୱର,୧୧-୮(ବ୍ୟୁରୋ)

ଟାଟା ମୋଟର୍ସ ପକ୍ଷରୁ ଏହାର ଲୋକପ୍ରିୟ ମଡେଲ ଟିଗୋର ଗ୍ରାହକଙ୍କ ଲାଗି ଏକ ଫ୍ରିଡମ ର୍‌ୟାଲି ଭୁବନେଶ୍ୱରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ତୃପ୍ତି ଗ୍ରୁପ ନିର୍ଦ୍ଦେଶକ ଶୁଭେନ୍ଦୁ ମହାନ୍ତି ଏହି ର୍‌ୟାଲିକୁ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ସ୍ୟାଣ୍ଡି ଟାୱାରଠାରୁ ଏହି ର୍‌ୟାଲି ବାହାରି ଜୟଦେବ ବିହାର, ବାଣୀବିହାର, ଫରେଷ୍ଟ ପାର୍କ ଏବଂ ବରମୁଣ୍ଡା ଦେଇ ପୁଣି ଥରେ ସ୍ୟାଣ୍ଡି ଟାୱାର ପ୍ରତ୍ୟାବର୍ତ୍ତନ କରିଥିଲା। ଏହି ର୍‌ୟାଲିରେ ପ୍ରାୟ ୫୦ ଟିଗୋର ଓନର ଯୋଗ ଦେଇଥିଲେ। ଗ୍ରାହକ ସମ୍ପର୍କକୁ ମଜଭୁତ କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ପୂର୍ବାଞ୍ଚଳର ବିଭିନ୍ନ ରାଜ୍ୟ ମଧ୍ୟରେ ପାଟଣା, ରାଞ୍ଚି ଭଳି ୫ ସହରରେ ଏହି ର୍‌ୟାଲିକୁ ଆୟୋଜନ କରାଯାଉଛି। ସେହିଭଳି ଏହି ଅବସରରେ ଗ୍ରାହକଙ୍କ ଲାଗି ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ଗୁଣବତ୍ତା ପ୍ରଡକ୍ଟ ଏବଂ ସେବା ଯୋଗାଣ ସହ ଗ୍ରାହକ ସମ୍ପର୍କ ଅଭିଯାନ ଅନ୍ତର୍ଗତ ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରାଯାଉଥିବା ଟାଟା ମୋଟର୍ସ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମ ଅବସରରେ ତୃପ୍ତି ଗ୍ରୁପ ସିଇଓ ଶ୍ରୀକାନ୍ତ ମିଶ୍ର, ଟାଟା ମୋଟର୍ସ ସିନିୟର ମ୍ୟାନେଜର ରୁପେନ୍ଦ୍ର କୁମାର ଏବଂ ସିନିୟର ମ୍ୟାନେଜର ଏ. ଶ୍ରୀମାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିକାଶ ବୃଦ୍ଧିରେ ବାଧା ହଟିବ

**ଖୁବ୍‌ଶୀଘ୍ର ଘୋଷଣା**

ନୂଆଦିଲ୍ଲୀ,୧୧-୮

କେନ୍ଦ୍ର ସରକାର ବିକାଶ ଅଭିବୃଦ୍ଧି ଲାଗି ବିଭିନ୍ନ ଉପାୟ ଚିନ୍ତା କରୁଛନ୍ତି। ଆର୍ଥିକ ବିକାଶ ଆଗେଇବାରେ ଥିବା ସମସ୍ତ ବାଧାକୁ ଚିହ୍ନଟ କରି ଦୂର କରିବା ଲାଗି ଯୋଜନା ପ୍ରସ୍ତୁତ ହେଉଛି। ଏଥିଲାଗି ମାନୁଫାକ୍‌ଚରିଂ ସେକ୍ଟରକୁ ପାଣ୍ଠି ଯୋଗାଣ ସୁନିଶ୍ଚିତ କରାଯିବା ସହ ଜିଡିପି ବୃଦ୍ଧି ଲାଗି ଉତ୍ସାହିତ ।

ପ୍ରାପ୍ତ ସୂତ୍ର ଅନୁଯାୟୀ ବିକାଶ ବୃଦ୍ଧି ଲାଗି ସରକାର ଯେଉଁ ରଣନୀତି ଆପଣାଇବାକୁ ଯାଉଛନ୍ତି, ସେଥିରେ ଜିଏସ୍‌ଟି ହ୍ରାସର ପ୍ରସ୍ତାବକୁ ସାମିଲ କରାଯାଇନାହିଁ। କାରଣ ଦେଶରେ ଟିକସ ହାର ପୂର୍ବରୁ କମ୍ ରହିଛି ବୋଲି ସରକାର ମନେକରୁଛନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିକଟରେ ଶିଳ୍ପ ଜଗତ, ବ୍ୟାଙ୍କ, ବିଦେଶୀ ଓ ଘରୋଇ ନିବେଶକ ସମେତ ବିଭିନ୍ନ ପକ୍ଷ ସହ ଆଲୋଚନା କରିସାରିଛନ୍ତି। ସେମାନଙ୍କଠାରୁ ମିଳିଥିବା ପ୍ରତିକ୍ରିୟା ଆଧାରରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ଯୋଜନା ପ୍ରସ୍ତୁତ କରାଯାଉଛି, ଯାହାକୁ ଖୁବଶୀଘ୍ର ଘୋଷଣା କରାଯିବ। ବ୍ୟାଙ୍କ, ଏମ୍‌ଏସ୍‌ଏମ୍‌ଇ ଓ ଅଟୋ ଶିଳ୍ପ ପ୍ରତିନିଧିଙ୍କ ସହ ଅର୍ଥମନ୍ତ୍ରୀଙ୍କ ଆଲୋଚନାକାଳରେ ସମସ୍ୟା ସୃଷ୍ଟି କରୁଥିବା କେତେକ ବିନ୍ଦୁକୁ ସାମ୍ନାରେ ରଖାଯାଇଥିଲା। ଅର୍ଥ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଆର୍ଥିକ ବିକାଶ ବୃଦ୍ଧି କରିବା ଲାଗି ଦେଖାଦେଇଥିବା ସମସ୍ତ ବାଧାକୁ ଦୂର କରାଯିବ। ଏହାଦ୍ୱାରା ଶିଳ୍ପ ଜଗତର ସମସ୍ତ ଚିନ୍ତା ଦୂର ହୋଇଯିବ। ସେମାନଙ୍କୁ ଋଣ ଉପଲବ୍ଧ କରାଇବାକୁ ସୁନିଶ୍ଚିତ କରାଯିବ ଏବଂ ନିବେଶ ଖର୍ଚ୍ଚ କମାଇବା ଲାଗି କେତେକ ନୀତିକୁ ଆହୁରି ସରଳ କରାଯିବ। ସରକାର ଚଳିତ ଆର୍ଥିକ ବର୍ଷ ଲାଗି ଜିଡିପି ଅଭିବୃଦ୍ଧି ହାର ୭% ଧାର୍ଯ୍ୟ କରିଛନ୍ତି ଏବଂ ପ୍ରଥମ ତ୍ରୈମାସରେ ଏହି ଦିଗରେ ଜିଡିପି ବୃଦ୍ଧି ହେଉଛି ବୋଲି ସେ କହିଛନ୍ତି। ଜିଏସ୍‌ଟି ଅଧୀନରେ ପ୍ରଥମ ତ୍ରୈମାସରେ ଆଦାୟ ୯ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ପ୍ରତ୍ୟକ୍ଷ ଟିକସ ୧୨.୯ ପ୍ରତିଶତ ବଢ଼ିଛି। ସେହିପରି କର୍ପୋରେଟ ଟିକସ ଆଦାୟ ଆଲୋଚ୍ୟ ମାସରେ ୧୩.୩% ସହ ସ୍ଥିର ରହିଛି।

## ସୋସିଆଲ ମିଡିଆ ଯୋଗୁ ଡାକଟିକେଟ ବିକ୍ରି ହ୍ରାସ

ନୂଆଦିଲ୍ଲୀ,୧୧-୮

ଏକଦା ଭାବର ଆଦାନପ୍ରଦାନ ଏବଂ କୁଶଳତା ଜାଣିବାର ମୁଖ୍ୟ ମାଧ୍ୟମ ଥିଲା ଚିଠି। କିନ୍ତୁ ଏକବିଂଶ ଶତାବ୍ଦୀରେ ପ୍ରଯୁକ୍ତିର ବିକାଶ ସାଧନ ହେବା କାରଣରୁ ଚିଠି ପଠାଇବାର ଚଳନ କମିବାରେ ଲାଗିଲା। ଏବେ ହ୍ୱାଟ୍ସଆପ୍, ଫେସ୍‌ବୁକ୍ ଓ ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆର ପ୍ରଚଳନ ପରେ ଲୋକେ ଚିଠି ପଠାଇବା ଭୁଲିବାକୁ ବସିଲେଣି। ଭାବର ଆଦାନପ୍ରଦାନ ଏବେ ସୋସିଆଲ ମିଡିଆ ଜରିଆରେ ସହଜରେ ଓ ତତ୍‌କ୍ଷଣାତ ହୋଇପାରୁଛି। ଏଣୁ ଏବେ ଚିଠି ପଠାଇବା କମିବାରେ ଲାଗିଛି। ଅବସ୍ଥା ଏପରି ହେଲାଣି ଯେ, ଏବେ ଡାକଟିକେଟ ବିକ୍ରି ବହୁ ପରିମାଣରେ କମିଯାଇଛି। ଡାକ ବିଭାଗରୁ ଆର୍‌ଟିଆଇ ଜରିଆରେ ମିଳିଥିବା ସୂଚନା ମୁତାବକ ଡାକ ଟିକେଟ ବିକ୍ରି ପ୍ରତିବର୍ଷ ହ୍ରାସ ପାଇଚାଲିଛି। ମଧ୍ୟପ୍ରଦେଶର ନିମଚ ନିବାସୀ ଆର୍‌ଟିଆଇ କର୍ମୀଙ୍କ ଦ୍ୱାରା ହାସଲ କରାଯାଇଥିବା ତଥ୍ୟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୧୮-୧୯ରେ ଡାକ ବିଭାଗ ଟିକେଟ ବିକ୍ରିରୁ ଯେଉଁ ରାଜସ୍ୱ ପାଇଛନ୍ତି, ତାହା ତହିଁ ପୂର୍ବବର୍ଷ ଅପେକ୍ଷା ୭୮.୬୬ ପ୍ରତିଶତ କମି ୭୮.୨୫ କୋଟି ଟଙ୍କାରେ ପହଞ୍ଚିଯାଇଛି।

## ରିଲାଏନ୍ସର ଡିଜିଟାଲ ଇଣ୍ଡିଆ ସେଲ୍

ମୁମ୍ବାଇ,୧୧-୮

ସ୍ୱାଧୀନତା ଦିବସ ଅବସରରେ ରିଲାଏନ୍ସ ଡିଜିଟାଲ ପକ୍ଷରୁ ବ୍ଲକ ବଷ୍ଟର ଡିଜିଟାଲ ଇଣ୍ଡିଆ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ବାର୍ଷିକ ସେଲ୍ ଦ୍ୱାରା ଗ୍ରାହକ ଟେକ୍ନୋଲୋଜି ସାମଗ୍ରୀ କ୍ରୟରେ ବେଷ୍ଟ ଡିଲ୍ ଏବଂ ସର୍ବୋତ୍ତମ ଅଫର ଲାଭ କରିପାରିବେ। ବିସ୍ତୃତ ରେଞ୍ଜର ଇଲେକଟ୍ରୋନିକ୍ସ ୧୫% କ୍ୟାଶବ୍ୟାକ ସୁବିଧା କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସେହିଭଳି ଏଚ୍‌ଡିଏଫ୍‌ସିରେ ୧୦% କ୍ୟାଶବ୍ୟାକ ଏବଂ ରିଲାଏନ୍ସ ଡିଜିଟାଲର ୫% କ୍ୟାଶବ୍ୟାକ ରହିଛି। ୧୦ରୁ ୧୫ ଅଗଷ୍ଟ ଯାଏ ଏହି ଅଫରର ଲାଭ ମିଳିବ। ଏସି କ୍ରୟ ଉପରେ ମାଗଣା ରେଫ୍ରିଜରେଟର, ଲାପଟପ ଉପରେ ଅଫର, ନିର୍ଦ୍ଦିଷ୍ଟ ରେଞ୍ଜର ଲାପଟପ କ୍ରୟରେ ୧୩ ହଜାର ଟଙ୍କାର ସୁବିଧା ବାଦ କ୍ୟାଶବ୍ୟାକ, ନିଶ୍ଚିତ ଉପହାର, ବେଷ୍ଟ ଏଭର ଏକ୍ସଚେଞ୍ଜ ଅଫର, ମାଗଣା ଶପିଂ ଭାଉଚର ସ୍ମାର୍ଟ ଫୋନ ଉପରେ ରିହାତି, ଅପଗ୍ରେଡ ସୁବିଧା ସହ ଉନ୍ନତ ଫାଇନାନ୍ସ ବିକଳ୍ପ ଗ୍ରାହକ ଲାଭ କରିପାରିବେ।

## ରୟାଲ ଏନ୍‌ଫିଲ୍ଡର ନୂଆ ମଡେଲ



ଭୁବନେଶ୍ୱର,୧୧-୮

ରୟାଲ ଏନ୍‌ଫିଲ୍ଡ ପକ୍ଷରୁ ନୂଆ ମଡେଲ ଯାନ ଓଡ଼ିଶା ବଜାରକୁ ଆସିଛି। ଏହା ମଧ୍ୟରେ ବୁଲେଟ୍ ୩୫୦ ଏବଂ ବୁଲେଟ୍ ୩୫୦ ଇଏସ୍‌ର ୬ଟି ନୂଆ ଭାରିଆଣ୍ଟ ରହିଛି। ନୂଆ ମଡେଲଗୁଡିକୁ କଟକ ଲିଙ୍କରୋଡସ୍ଥିତ ଅନ୍‌ମୋଲ ମୋଟର୍ସଠାରେ ଉନ୍ମୋଚନ କରାଯାଇଛି। ଶୋ’ରୁମର ଏମ୍‌ଡି ଯଶବୀର ସିଂ, ଜିଏମ୍ ଆଦର୍ଶଦୀପ ସିଂ ଏହାକୁ ବଜାର ପ୍ରବେଶ କରାଇଥିଲେ। ବୁଲେଟର ନୂତନ ମଡେଲ ଏକ୍ସଶୋ’ରୁମ ମୂଲ୍ୟ ୧.୧୨ ଲକ୍ଷ ଟଙ୍କା ରହିଛି। ଏହାର ବୁକିଂ ଅଗଷ୍ଟ୯ରୁ ଆରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। କମ୍ପାନୀ ସାରା ଦେଶରେ ୯୩୦ ଶୋ’ରୁମ ଏବଂ ୮,୮୦୦ରୁ ଊର୍ଦ୍ଧ୍ୱ ସର୍ଭିସ ପଏଣ୍ଟ ଏବଂ ୯୦୦ରୁ ଊର୍ଦ୍ଧ୍ୱ ଅଧିକୃତ ୱାର୍କଶପ ସହ ସେବା ଯୋଗାଇ ଦେଉଛି। କମ୍ପାନୀର ଷ୍ଟୁଡିଓଗୁଡିକରେ ସର୍ଭିସ, ସ୍ପେୟାର ପାର୍ଟସ ସହ ଅନ୍ୟାନ୍ୟ ସୁବିଧା ଗ୍ରାହକ ଲାଭ କରିପାରିବେ। ଛୋଟଛୋଟ ସହରରେ ଯାନ କ୍ରୟ ନେଇ ଚାହିଦା ବଢିବାକୁ ଗ୍ରାହକଙ୍କ ସୁବିଧା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛୁ ବୋଲି ରୟାଲ ଏନ୍‌ଫିଲ୍ଡ ସିଇଓ ବିନୋଦ କେ ଦସାରୀ କହିଛନ୍ତି। କମ୍ପାନୀ ନିକଟରେ ୨୫୦ ତମ ରିଟେଲ ଷ୍ଟୁଡିଓ ସ୍ଥାପନା କରିଛି। ଆଗାମୀ ୩ ମାସରେ ଆଉ ୨୫୦ ଶୋ’ରୁମ ନେଟୱର୍କରେ ଯୋଡିବା ଲାଗି ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ଲୁଇଫିଲିପର ନୂଆ ଷ୍ଟୋର ଶୁଭାରମ୍ଭ



ଭୁବନେଶ୍ୱର,୧୧-୮ (ବ୍ୟୁରୋ)

ସ୍ଥାନୀୟ ପାତ୍ରପଡା ଡିଏନ୍ ରେଗାଲିଆ ମଲ୍‌ର ଗ୍ରାଉଣ୍ଡ ଫ୍ଲୋରରେ ଲୁଇଫିଲିପ୍‌ର ନୂଆ ଏକ୍ସକ୍ଲୁସିଭ୍ ଷ୍ଟୋର ରବିବାର ଶୁଭାରମ୍ଭ ହୋଇଛି। ନୂଆ ଷ୍ଟୋର ୧୬୪୨ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। କମ୍ପାନୀର ଏରିଆ ମୁଖ୍ୟ ଶିବ ନରେନ୍ଦ୍ରନ ନୂଆ ଷ୍ଟୋରକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଫ୍ରାଞ୍ଚାଇଜ ପାର୍ଟନର ବିକାଶ ସେହଗଲ, ଧୀରେନ୍ଦ୍ର ପାଣିଗ୍ରାହୀ ଉପସ୍ଥିତ ଥିଲେ। ଏଠାରେ ଲୁଇଫିଲିପ ବ୍ରାଣ୍ଡର ଟିଶାର୍ଟ, ଶାର୍ଟ, ଟ୍ରାଉଜର ଡେନିମ, ବ୍ଲେଜର, ସୁ ଏବଂ ଆସେସୋରିଜ ଉପଲବ୍ଧ ହେବ। ପୁରୁଷଙ୍କ ବର୍ଗରେ କମ୍ପାନୀ ସ୍ୱତନ୍ତ୍ର ଫ୍ୟାଶନ ପ୍ରଡକ୍ଟ ପ୍ରସ୍ତୁତ କରୁଛି। ଷ୍ଟାଇଲ ପ୍ରତି ସଚେତନ ଯୁବ ଗ୍ରାହକଙ୍କ ଚାହିଦା ମୁତାବକ ନୂଆ ଷ୍ଟୋର ଆରମ୍ଭ କରାଯାଇଛି। ଏହି ଅବସରରେ ଗ୍ରାହକଙ୍କ ଲାଗି ଇନାଗୁରାଲ ଅଫର ପ୍ରଦାନ କରାଯାଉଛି। ୫୦୦୦ ଟଙ୍କାର କ୍ରୟ ଉପରେ ୧୦୦୦ ଟଙ୍କାର ରିହାତି ରହିଛି। ନୂଆ ଷ୍ଟୋର ଦ୍ୱାରା ଗ୍ରାହକଙ୍କ ଲାଗି ସ୍ୱତନ୍ତ୍ର କଲେକ୍ସନକୁ ସାମିଲ କରାଯାଉଛି। କ୍ରେଡିଟ କାର୍ଡ ଗ୍ରହଣ ସୁବିଧା ମଧ୍ୟ ରହିଛି। ଏହି ଷ୍ଟୋର ଦ୍ୱାରା ବାର୍ଷିକ ୧.୫ କୋଟି ରୁ ୨ କୋଟି ବ୍ୟବସାୟ ଲକ୍ଷ୍ୟ ରହିଥିବା ଷ୍ଟୋର ପକ୍ଷରୁ ସୂଚନା ରହିଛି।

# ଦୁବାଇ ରାସ୍ତା ଦେଇ ପାକିସ୍ତାନ ପହଞ୍ଚିବ ଭାରତୀୟ ମାଲ୍

ଇସଲାମାବାଦ୍,୧୧-୮




ଜମ୍ମୁ-କଶ୍ମୀରର ସ୍ୱତନ୍ତ୍ର ମାନ୍ୟତା ଭାରତ ପ୍ରତ୍ୟାହାର କରିବା ପରେ ପାକିସ୍ତାନ ମୁଣ୍ଡ ବିଗିଡି ଯାଇଛି। ଫଳରେ ଏହା ଭାରତ ସହିତ ବାଣିଜ୍ୟିକ ଓ ରାଜନୈତିକ ସମ୍ପର୍କ ଛିନ୍ନ କରିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମରାନ ଖାନଙ୍କ ଏହି ନିଷ୍ପତ୍ତି ଯୋଗୁ ଦେଶବାସୀ ନାହିଁ ନ ଥିବା ସଙ୍କଟର ସାମ୍ନା କରୁଛନ୍ତି। ଜିନିଷପତ୍ର ଦର ଆକାଶଛୁଆଁ ହୋଇଥିବା ବେଳେ ଚାରିଆଡେ ହାହାକାର ଶୁଭିଲାଣି। ପନିପରିବାଠାରୁ ଆରମ୍ଭ କରି ପ୍ରାୟ ସମସ୍ତ ଜିନିଷ ଦାମ୍ ଦେଶରେ ହୁ ହୁ ହୋଇ ବଢୁଥିବାରୁ ପାକିସ୍ତାନବାସୀ ଏବେ ମହଙ୍ଗାମାଡର ସାମ୍ନା କରୁଛନ୍ତି। ତେବେ ବ୍ୟବସାୟୀଙ୍କ କହିବାନୁଯାୟୀ ଏଭଳି ବେଶିଦିନ ଚାଲିଲେ ସେମାନେ କାଙ୍ଗାଳ ହୋଇଯିବେ। ଏଥିରୁ ବର୍ତ୍ତିବା ପାଇଁ ସେମାନେ ଏବେ ଦୁବାଇ ବାଟେ ଭାରତୀୟ ସାମଗ୍ରୀ ଆମଦାନୀ କରିବାକୁ ଚିନ୍ତା କରୁଛନ୍ତି ବୋଲି କହିଛନ୍ତି।

ପାକିସ୍ତାନର ହୋସିଆରୀ ମାନୁଫାକ୍‌ଚରର୍ସ ଆଣ୍ଡ ଏକ୍ସପୋର୍ଟ୍ସ ଆସୋସିଏଶନ ଅଧ୍ୟକ୍ଷ ଜାଭେଦ ବିଲ୍ୱାନୀ କହିଛନ୍ତି ଯେ, ପାକିସ୍ତାନର ଟେକ୍ସଟାଇଲ ସେକ୍ଟର ଅନେକାଂଶରେ ଭାରତର କେମିକାଲ ଓ ଡାଇ ଉପରେ ନିର୍ଭରଶୀଳ। ଭାରତ ସହିତ କାରବାର ରଦ୍ଦ ପରେ ସେମାନେ ଆଗାମୀ ଦିନରେ ଦୁବାଇ ବାଟ ଦେଇ ଭାରତରୁ ସାମଗ୍ରୀ ଆମଦାନୀ କରିବାକୁ ବାଧ୍ୟ ହେବେ। କାରଣ ଚାଇନା ଓ କୋରିଆ ତୁଳନାରେ ଭାରତୀୟ ସାମଗ୍ରୀ ଦର ୧୫ରୁ ୨୦ ପ୍ରତିଶତ ଶସ୍ତା। ସେହିପରି ଅଲ୍ ପାକିସ୍ତାନ ଟେକ୍ସଟାଇଲ ପ୍ରୋସେସିଂ ମିଲ୍ସ ଆସୋସିଏଶନର ପୂର୍ବତନ ଅଧ୍ୟକ୍ଷ ସଲିମ ପାରେଖ କହିଛନ୍ତି ଯେ, ଭାରତୀୟ ଟେକ୍ସଟାଇଲ ସାମଗ୍ରୀ ଚାଇନା ଓ କୋରିଆ ଅପେକ୍ଷା ୩୦ରୁ ୩୫ ପ୍ରତିଶତ ଶସ୍ତା। ଏହାଛଡ଼ା ଅନ୍ୟ ଦେଶ ମୁକାବିଲାରେ ମାଲ୍ ଆସିବା ଲାଗି କମ୍ ସମୟ ଲାଗିଥାଏ। ଏତିକି ନୁହେଁ ମାଲ୍ ପରିବହନ ଖର୍ଚ୍ଚ ମଧ୍ୟ ଅନେକାଂଶରେ କମ୍। ଏଫବି ଏରିଆ ଆସୋସିଏଶନ ଅଫ୍ ଟ୍ରେଡ ଆଣ୍ଡ ଇଣ୍ଡଷ୍ଟ୍ରି ଅଧ୍ୟକ୍ଷ ଖୁର୍ସିଦ ଅହମ୍ମଦ କହିଛନ୍ତି ଯେ, ଭାରତରୁ ଟେକ୍ସଟାଇଲ ସାମଗ୍ରୀ ଆମଦାନୀ ବନ୍ଦ ହେବା ପରେ ଏବେ ଚାଇନା ଓ କୋରିଆରୁ ଏହାକୁ ଆମଦାନୀ କରିବାକୁ ହେବ। ତେବେ ଏହା ବ୍ୟୟସାପେକ୍ଷ। ଏଣୁ ବିକଳ୍ପ ଖୋଜିବାକୁ ହେବ। ଅନ୍ୟ ଚ୍ୟାନେଲ ମାଧ୍ୟମରେ ଭାରତରୁ ସାମଗ୍ରୀ ଆଣିବାକୁ ହେବ। ଉଲ୍ଲେଖଥାଉ କି, ପୁଲୱାମା ଆକ୍ରମଣ ପରେ ପାକିସ୍ତାନ ବ୍ୟବସାୟୀମାନେ ଭାରତକୁ ସାମଗ୍ରୀ ବିକ୍ରିକୁ ବଏକଟ କରିଥିଲେ। ତଥାପି ପାକିସ୍ତାନ ବଜାରରେ ଭାରତୀୟ ସାମଗ୍ରୀ ଠୁଳ ହୋଇଥିବାର ଦେଖାଯାଇଥିଲା। ପାକିସ୍ତାନ ବ୍ୟବସାୟୀ ଦୁବାଇ ଚ୍ୟାନେଲକୁ କାମରେ ଲଗାଉଥିଲେ। ନିଜକୁ ବଞ୍ଚାଇବା ପାଇଁ ସେମାନେ ଶସ୍ତା ହେଉଥିବା ଭାରତୀୟ ମାଲ୍ ନେବାକୁ ପଛାଇବେ ନାହିଁ।

### ମହଙ୍ଗା ମାଡରେ ଇଦ୍ ପ୍ରଭାବିତ

ଭାରତ ସହ ବାଣିଜ୍ୟ ସମ୍ପର୍କ ଛିନ୍ନ ହେବା ପରେ ପାକିସ୍ତାନବାସୀ ଏବେ ମହଙ୍ଗା ମାଡରେ ତ୍ରାହି ତ୍ରାହି ଡାକ ଛାଡିଲେଣି। ସେମାନଙ୍କର ଇଦ୍ ପାଳନ ଫିକା ପଡିଗଲାଣି। ସ୍ଥାନୀୟ ଖବରକାଗଜ ‘ଡନ୍’ ରିପୋର୍ଟ ଅନୁଯାୟୀ, ଏବେ ପାକିସ୍ତାନରେ ଅଦା ୪୦୦, ରସୁଣ ୩୨୦, କଞ୍ଚା ଲଙ୍କା ୧୦୦, ଟମାଟୋ ୩୦୦ ଟଙ୍କା କେଜିରେ ବିକ୍ରି ହେଉଛି। ଦେଶ ଏବେ ମହଙ୍ଗା ମାଡର ସମ୍ମୁଖୀନ ହୋଇଥିବା ବକ୍‌ରୀ ଅର୍ଥାତ୍ ଛେଳିର ଦାମ୍ ଦୁଇଗୁଣା ହୋଇଗଲାଣି। ଏଭଳି ସ୍ଥିତିରେ ସୋମବାର କିପରି ବକ୍‌ରିଦ୍ ପାଳନ ହେବ ସେନେଇ ସେଠାରେ ଆଶଙ୍କା ପ୍ରକାଶ ପାଇଲାଣି। ଗତବର୍ଷ ତୁଳନାରେ ଛେଳି ମୂଲ୍ୟ ୫୦ରୁ ୮୦ ପ୍ରତିଶତ ବଢ଼ିଛି ବୋଲି ପାକିସ୍ତାନର ସବୁଠାରୁ ବଡ଼ ପଶୁ ମଣ୍ଡି ଶାହପୁର କାଞ୍ଚରାନରେ ବ୍ୟବସାୟୀ କହୁଛନ୍ତି। ଗୋଟିଏ ଛେଳିର ମୂଲ୍ୟ ୩୦ ହଜାରରୁ ୫୦ ହଜାର ଟଙ୍କା ହୋଇଛି। ଛେଳି ମୂଲ୍ୟ ଏପରି ହୋଇଛି ଯେ, ଚଳିତବର୍ଷ ବହୁ ପାକିସ୍ତାନୀ କୁର୍ବାନୀ ଦେଇପାରିବେ ନାହିଁ।

> ଭାରତ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିସ୍ ଗେଲ୍‌ଙ୍କ ୩୦୦ତମ ମ୍ୟାଚ ହୋଇଥିବାରୁ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି।–ଜାସନ ହୋଲ୍ଡର, ୱେଷ୍ଟଇଣ୍ଡିଜ କ୍ରିକେଟ ଅଧିନାୟକ



> ଭାରତୀୟ ଦଳରେ ଚତୁର୍ଥ ସ୍ଥାନ ପାଇଁ ମୋର ଦାବି ନାହିଁ, ଯେ କୌଣସି ପୋଜିଶନରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ଅଛି।
> –ଶ୍ରେୟାସ ଆୟାର, କ୍ରିକେଟର



## ସଂକ୍ଷେପରେ

### ରୋଜର୍ସ କପ୍ ଫାଇନାଲରେ ନାଡାଲ

ମଣ୍ଟ୍ରିଲ,୧୧।୮(ଏଏଫ୍‌ପି): ସ୍ପେନ୍ ତାରକା ଟେନିସ୍ ଖେଳାଳି ରାଫାଲ ନାଡାଲ ଏଠାରେ ଚାଲିଥିବା ମଣ୍ଟ୍ରିଲ ମାଷ୍ଟର୍ସ ଟେନିସ୍ ବା ରୋଜର୍ସ କପ୍ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ଗୋଟିଏ ହେଲେ ବି ଶଟ୍ ନ ଖେଳି ସେ ଫାଇନାଲକୁ ଉଠିଛନ୍ତି। ବିଶ୍ୱର ୨ ନମ୍ବର ଖେଳାଳି ନାଡାଲ ଏଥିସହିତ କ୍ରମାଗତ ଦ୍ୱିତୀୟଥର ପାଇଁ କାନାଡିଆନ ଓପନ୍ ଟାଇଟଲ ହାସଲ ଲକ୍ଷ୍ୟରେ ରହିଛନ୍ତି। ଫାଇନାଲରେ ନାଡାଲ ରବିବାର ରୁଷିଆର ଡାନିଲ ମେଡ୍‌ଭେଡେଭଙ୍କୁ ଭେଟିବେ। ଅନ୍ୟ ଏକ ସେମିଫାଇନାଲରେ ମେଡ୍‌ଭେଡେଭ ନିଜ ଦେଶର କାରେନ ଖାଚାନୋଭଙ୍କୁ ୬-୧, ୭-୬ ସେଟ୍‌ରେ ହରାଇ ଫାଇନାଲରେ ପ୍ରବେଶ କରିଛନ୍ତି।

**■ ୨୩ ବର୍ଷରୁ କମ୍ ଏସିଆନ ଭଲିବଲ୍**

### ଭାରତ ରନର୍ସଅପ୍

ନେ ପାଇ ତାଓ (ମ୍ୟାନମାର୍), ୧୧।୮ (ପି.ଟି.): ଏଠାରେ ଚାଲିଥିବା ୨୩ ବର୍ଷରୁ କମ୍ ପୁରୁଷ ଏସିଆନ ଭଲିବଲ୍ ଚାମ୍ପିୟନଶିପ୍‌ରେ ଭାରତ ରନର୍ସ ଅପ୍ ହୋଇଛି। ମ୍ୟାଚ ପରେ ଭାରତୀୟ କୋଚ୍ ପ୍ରୀତମ ସିଂ ଚୌହାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ରବିବାର ଆମ ପାଇଁ ଭଲ ଦିନ ନ ଥିଲା। ଚାଇନିଜ ତାଇପେ ଫାଇନାଲ ମ୍ୟାଚକୁ ୨୫-୨୧, ୨୫-୨୦, ୧୯-୨୫, ୨୫-୨୩ରେ ଜିତିନେଇଥିଲା। ତେବେ ଫଳାଫଳ ନେଇ ମୁଁ ଗର୍ବିତ। ଆମେ ହୁଏତ ସ୍ୱର୍ଣ୍ଣ ସହ ଘରବାହୁଡ଼ା କରିପାରିଥାନ୍ତୁ କିନ୍ତୁ ରୌପ୍ୟ ମିଳିଲା। ଏଥିରେ ମଧ୍ୟ ମୁଁ ବହୁତ ଖୁସି। କାରଣ ଏହି ସ୍ଥାନରେ ପହଞ୍ଚିବା ଲାଗି ଆମ ପିଲାମାନେ କଠିନ ପରିଶ୍ରମ କରିଛନ୍ତି।





ଜାପାନ ଗସ୍ତ ପୂର୍ବରୁ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ଖେଳାଳିମାନେ।

### ଟୋକିଓ ଅଲିମ୍ପିକ ଟେଷ୍ଟ ଇଭେଣ୍ଟ ହକି

# ଭାରତୀୟ ଦଳର ଅଭିଯାନ ୧୭ରୁ

**ବେଙ୍ଗାଲୁରୁ,୧୧।୮(ପି.ଟି.)**

ଟୋକିଓରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ ଟେଷ୍ଟ ଇଭେଣ୍ଟରେ ଅଂଶଗ୍ରହଣ କରିବାରକୁ ଭାରତୀୟ ପୁରୁଷ ଓ ମହିଳା ହକି ଦଳ ଜାପାନ ଯାତ୍ରା କରିଛନ୍ତି। ଏହି ଇଭେଣ୍ଟ ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ଆଗକୁ ନଭେମ୍ବରରେ ଅଲିମ୍ପିକ କ୍ୱାଲିଫାୟର ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଫଳରେ ପ୍ରସ୍ତୁତି ପାଇଁ ଏହି ଇଭେଣ୍ଟ ଭାରତୀୟ ପୁରୁଷ ଓ ମହିଳା ଦଳ ଲାଗି ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି। ଭାରତୀୟ ପୁରୁଷ ଦଳ ଆୟୋଜକ ଜାପାନ, ନ୍ୟୁଜିଲାଣ୍ଡ ଓ ମାଲେସିଆ ବିପକ୍ଷରେ ଏହି ଟୁର୍ନାମେଣ୍ଟରେ ମ୍ୟାଚ୍ ଖେଳିବ। ସେହିପରି ମହିଳା ଦଳ ଅଷ୍ଟ୍ରେଲିଆ, ଚାଇନା ଓ ଜାପାନ ବିପକ୍ଷରେ ମ୍ୟାଚ୍ ଖେଳିବ। ଏହି ଟୁର୍ନାମେଣ୍ଟ ଯୁବ ଖେଳାଳିମାନଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରୁଛି। ଖେଳାଳିମାନେ ଅଭ୍ୟାସ କରିବାର ସୁଯୋଗ ପାଇବେ ଏବଂ ଅଲିମ୍ପିକ୍ କ୍ୱାଲିଫାୟର୍ସ ପାଇଁ ଦଳ ଚୟନ ପୂର୍ବରୁ ନିଜର ଦକ୍ଷତା ଓ ପ୍ରତିଭା ପ୍ରତିପାଦନ କରିବାର ସୁଯୋଗ ପାଇବେ ବୋଲି ଭାରତୀୟ ଅଧିନାୟକ ହରମନପ୍ରୀତ ସିଂ କହିଛନ୍ତି। କେବଳ ସେତିକି ନୁହଁ, ଖେଳାଳିମାନେ ଟୋକିଓରେ ଖେଳିବାର ଅଭିଜ୍ଞତା ହାସଲ କରିବେ ଓ ସେଠାକାର ପ୍ଲେଇଂ କଣ୍ଡିଶନ ସହ ଖାପ ଖୁଆଇବାର ସୁଯୋଗ ପାଇବେ। ଅଲିମ୍ପିକ୍ କ୍ୱାଲିଫିକେଶନ ପାଇଁ ଆମେ ସକାରାତ୍ମକ ଭାବେ କାର୍ଯ୍ୟ ଆରମ୍ଭ କରିଛୁ ବୋଲି ସେ କହିଛନ୍ତି।

ଅନ୍ୟପଟେ ଏହି ଟୁର୍ନାମେଣ୍ଟରେ ଉଚ୍ଚ ର୍‍ୟାଙ୍କ୍‌ର ଦଳ ଅଷ୍ଟ୍ରେଲିଆକୁ ହରାଇବା ଲକ୍ଷ୍ୟରେ ରହିଛୁ ବୋଲି ଭାରତୀୟ ମହିଳା ଦଳ ଅଧିନାୟିକା ରାନୀ କହିଛନ୍ତି। ପୂର୍ବରୁ ଆମେ ଜାପାନ ଓ ଚାଇନା ବିପକ୍ଷରେ ଭଲ ପ୍ରଦର୍ଶନ କରିଛୁ। ତେବେ ଏଥର ଅଷ୍ଟ୍ରେଲିଆ ବିପକ୍ଷରେ ଭଲ ପ୍ରଦର୍ଶନ କରିବା ଲକ୍ଷ୍ୟରେ ରହିଛୁ। ଅଷ୍ଟ୍ରେଲିଆକୁ ହରାଇଲେ ଆମ ଦଳ ଓ ଖେଳାଳିଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଏବଂ ଅଲିମ୍ପିକ୍ କ୍ୱାଲିଫିକେଶନ ପାଇଁ ପ୍ରସ୍ତୁତି ଜୋର୍‌ଦାର କରିବୁ ବୋଲି ସେ କହିଛନ୍ତି। ପୁରୁଷ ଦଳ ପ୍ରଥମ ମ୍ୟାଚ୍‌ରେ ମାଲେସିଆ ଓ ମହିଳା ଦଳ ତା'ର ପ୍ରଥମ ମ୍ୟାଚ୍‌ରେ ଆୟୋଜକ ଜାପାନକୁ ଭେଟିବ। ୧୭ ତାରିଖରେ ପ୍ରଥମ ମ୍ୟାଚ୍ ଖେଳି ପୁରୁଷ ଓ ମହିଳା ଦଳ ଅଭିଯାନ ଆରମ୍ଭ କରିବେ।

## ସେମିରେ ହାରିଲେ ବୋପାନ୍ନା

**ମଣ୍ଟ୍ରିଲ,୧୧।୮(ପି.ଟି.)**

ଏଠାରେ ଚାଲିଥିବା ଏଟିପି ମଣ୍ଟ୍ରିଲ ମାଷ୍ଟର୍ସ ଟେନିସ୍ ଟୁର୍ନାମେଣ୍ଟରେ ଭାରତର ରୋହନ ବୋପାନ୍ନା ଓ ତାଙ୍କ କାନାଡ଼ା ପାର୍ଟନର ଡେନିସ ଶାପୋଭାଲୋଭ ପୁରୁଷ ଡବଲ୍ସ ଇଭେଣ୍ଟର ସେମିଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅଣସିଡ୍ ଏହି ଯୋଡ଼ି ୬-୭, ୬-୭ ସେଟ୍‌ରେ ଡଚ୍ ଯୋଡ଼ି ରବିନ ହାସ ଓ ୱେସ୍‌ଲି କୁଲହୋଫ୍‌ଙ୍କଠାରୁ ସେମିରେ ପରାସ୍ତ ହୋଇଥିଲେ। ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏବେ ଫାଇନାଲ ମୁକାବିଲାରେ ହାସ୍ ଓ କୁଲହୋଫ୍ ପ୍ରତିପକ୍ଷ ସ୍ପେନ୍-ଆର୍ଜେଣ୍ଟିନା ଯୋଡ଼ି ମାର୍ସେଲ ଗ୍ରାନୋଲେର୍ସ ଓ ହୋରାସିଓ ଜେବାଲୋସଙ୍କୁ ଟାଇଟଲ ପାଇଁ ଭେଟିବେ।

ବୋପାନ୍ନା ଓ ଶାପୋଭାଲୋଭ ପୂର୍ବରୁ ଫ୍ରାନ୍ସର ବେନୋଇଟ୍ ପାଇରେ ଓ ସୁଇଜରଲାଣ୍ଡର ଷ୍ଟାନିସ୍‌ଲାସ ୱାରିଙ୍କାଙ୍କ ବିପକ୍ଷ କ୍ୱାର୍ଟର ଫାଇନାଲରେ ୱାକ୍‌ଓଭର ପାଇଥିଲେ। ପାଇରେ ଓ ୱାରିଙ୍କା ଏହି ମ୍ୟାଚ୍‌ରୁ ଓହରି ଯାଇଥିଲେ। ସେହିପରି ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ବୋପାନ୍ନା-ଶାପୋଭାଲୋଭ ପ୍ରତିପକ୍ଷ କାଏଲ ଏଡ୍‌ମଣ୍ଡ ଓ ଟେଲର ଫ୍ରିଜ୍‌ଙ୍କୁ ୬-୩, ୬-୪ ସିଧାସଳଖ ସେଟ୍‌ରେ ପରାସ୍ତ କରିଥିଲେ। ତେବେ ଏହା ପୂର୍ବରୁ ରାଉଣ୍ଡ ଅଫ୍ ୩୨ରେ ଏହି ଇଣ୍ଡୋ-କାନାଡ଼ା ଯୋଡ଼ି ଚତୁର୍ଥ ସିଡ୍ ଫ୍ରେଞ୍ଚ୍ ଯୋଡ଼ି ନିକୋଲା ମାହୁତ ଓ ଏଡୁଆର୍ଡୋ ରୋଜର- ଭାସେଲିନ୍‌ଙ୍କୁ ୪-୬, ୬-୧, ୧୦-୬ ସେଟ୍‌ରେ ପରାସ୍ତ କରି ଅଗ୍ରଗତି କରିଥିଲେ।

# ବିରାଟ କୋହଲିଙ୍କ ଶତକ

**ପୋର୍ଟ-ଅଫ୍-ସ୍ପେନ, ୧୧।୮**

ସ୍ଥାନୀୟ କୁଇନ୍ସପାର୍କ ଓଭାଲ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଶତକ ହାସଲ କରିଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। କୋହଲିଙ୍କ ଶତକ ଏବଂ ଶ୍ରେୟାସ ଆୟାରଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୭୯ରନ ସଂଗ୍ରହ କରିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଭାରତ। ତେବେ ଶିଖର ଧାୱନଙ୍କ କ୍ରମାଗତ ବିଫଳତା ଯୋଗୁ ଦଳ ୨ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ରୋହିତ ଶର୍ମା ଓ ଅଧିନାୟକ ବିରାଟ କୋହଲି ଦ୍ୱିତୀୟ ଉଇକେଟ ଯୋଡ଼ିରେ ୭୪ ରନ ଯୋଗକରି ଇନିଂସ ସମ୍ଭାଳିଥିଲେ। ଧିମା ଇନିଂସ ଖେଳିଥିବା ରୋହିତ ୩୪ ବଲ୍‌ରୁ ୨ ଚୌକା ସହାୟତାରେ ୧୮ ରନ କରି ଆଉଟ ହେବାରୁ ୧୫.୩ ଓଭର ବେଳକୁ ଭାରତ ସ୍କୋର ୭୬/୨ ହୋଇ ଯାଇଥିଲା। ୪ ନମ୍ବର ସ୍ଥାନରେ ରିଷଭ ପନ୍ତ ପୁଣି ବିଫଳ ହୋଇଥିଲେ। ସେ ୩୫ ବଲ୍‌ରୁ ୨ ଚୌକା ସହାୟତାରେ ୨୦ ରନ କରି ଆଉଟ ହୋଇଥିଲେ। କୋହଲି କିନ୍ତୁ ଘରୋଇ ବୋଲରଙ୍କୁ ସଫଳ ମୁକାବିଲା କରି ଖେଳିଥିଲେ ଅନ୍ୟତମ ଶ୍ରେଷ୍ଠ ଇନିଂସ। ୧୧୨ ବଲ୍‌ରୁ ଶତକ ପୂରଣ କରିଥିବା ବିରାଟ ମୋଟ ୧୨୫ଟି ବଲ୍ ଖେଳି ୧୪ ଚୌକା ଓ ୧ ଛକା ସହାୟତାରେ ୧୨୦ ରନ କରି ଆଉଟ ହୋଇଥିଲେ। ଶତକୀୟ ଇନିଂସ ଅବସରରେ ସେ ୪ର୍ଥ ଉଇକେଟ ଯୋଡ଼ିରେ ଶ୍ରେୟାସ ଆୟାରଙ୍କ ସହ ୧୨୫ ରନର ଭାଗୀଦାରି ଗଢ଼ି ଦଳକୁ ଏକ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ଦିନିକିଆ କ୍ରିକେଟରେ ଏହାଥିଲା ତାଙ୍କର ୪୨ତମ ଶତକ। ସେହିପରି ଏଠାରେ ନିଜର ୮ମ ଦିନିକିଆ ଖେଳିଥିବା ଆୟାର ୱେଷ୍ଟଇଣ୍ଡିଜ ବୋଲରଙ୍କୁ ସଫଳ ମୁକାବିଲା କରି କ୍ୟାରିୟରର ୩ୟ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୬୮ ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୭୧ ରନର ଇନିଂସ ଖେଳିଥିଲେ। ଶେଷ ଭାଗରେ କେଦାର ଯାଦବ(୧୬) ଓ ଭୁବନେଶ୍ୱର କୁମାର (୧) ବିଫଳ ହୋଇଥିବାବେଳେ ରବୀନ୍ଦ୍ର ଜାଡେଜା ୧୬ ଓ ମହମ୍ମଦ ସାମି ୩ ରନରେ ଅପରାଜିତ ରହିବାରୁ ଭାରତ ୫୦ ଓଭରରେ ୭ ଉଇକେଟ ହରାଇ ୨୭୯ ରନ କରିବାକୁ ସକ୍ଷମ ହୋଇଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ କାର୍ଲୋସ ବ୍ରାଥ୍‌ୱେଟ ୩ଟି ଏବଂ ଶେଲଡନ କୋଟ୍ରେଲ, ଅଧିନାୟକ ଜାସନ ହୋଲ୍ଡର ଓ ରଷ୍ଟନ ଚେଜ୍ ଓ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶତକୀୟ ଇନିଂସ ଅବସରରେ ଶଟ୍ ଖେଳୁଛନ୍ତି ବିରାଟ କୋହଲି।

**ସଂକ୍ଷିପ୍ତ ସ୍କୋର**

ଭାରତ ୫୦ ଓଭରରେ ୨୭୯/୭(କୋହଲି-୧୨୦, ଆୟାର-୭୧, ବ୍ରାଥ୍‌ୱେଟ-୩/୫୩, କୋଟ୍ରେଲ-୧/୪୯, ହୋଲ୍ଡର-୧/୫୩, ଚେଜ୍-୧/୩୭)।

### ମିଆଁଦାଦ୍‌ଙ୍କ ରେକର୍ଡ ଭାଙ୍ଗିଲେ

ପୋର୍ଟ-ଅଫ୍-ସ୍ପେନ୍, ୧୧।୮ (ପି.ଟି.)- ୱେଷ୍ଟଇଣ୍ଡିଜ ବିପକ୍ଷରେ ଜଣେ ବ୍ୟାଟ୍ସମ୍ୟାନ ଭାବେ ସର୍ବାଧିକ ରନ ସଂଗ୍ରହ କରିବାରେ ପାକିସ୍ତାନର ଜାଭେଦ ମିଆଁଦାଦ୍ କରିଥିବା ରେକର୍ଡକୁ ଭାରତ ଅଧିନାୟକ ବିରାଟ କୋହଲି ଭଙ୍ଗ କରିଦେଇଛନ୍ତି। ରବିବାର ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ତାଙ୍କର ବ୍ୟକ୍ତିଗତ ସ୍କୋର ୧୯ରେ ପହଞ୍ଚିବା ବେଳେ ସେ ଏହି ସଫଳତା ହାସଲ କରିଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ମିଆଁଦାଦ ମୋଟ ୧୯୩୦ ରନ ସଂଗ୍ରହ କରିଛନ୍ତି। କୋହଲି ୫ମ ଓଭରରେ ଜାସନ ହୋଲ୍‌ଡରଙ୍କ ବୋଲିଂରେ ଏକ ସିଙ୍ଗଲ୍ ନେଇ ମିଆଁଦାଦ୍‌ଙ୍କ ୨୬ ବର୍ଷ ତଳର ରେକର୍ଡକୁ ଭଙ୍ଗ କରି ଦେଇଥିଲେ।

## କ୍ରିସ୍ ଗେଲ୍‌ଙ୍କ ୩୦୦ତମ ମ୍ୟାଚ




ଭାରତ ବିପକ୍ଷ ଦ୍ୱିତୀୟ ଦିନିକିଆରେ ଗୁରୁବାର ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ କ୍ୟାରିୟରର ୩୦୦ତମ ମ୍ୟାଚ ଖେଳିଛନ୍ତି। ମୁଁ କ୍ରିକେଟର ଏହି ଫର୍ମାଟକୁ ଖୁବ୍ ଭଲପାଏ। ସେଥିରେ ୩୦୦ ମ୍ୟାଚ ଖେଳିଥିବାରୁ ବହୁତ ଖୁସି। ମୁଁ କାନାଡ଼ାରେ ଗ୍ଲୋବାଲ ଟି୨୦ ଖେଳିବା ପରେ ଏହି ସିରିଜ ଖେଳୁଛି। ତେଣୁ ଟି୨୦ରୁ ଦିନିକିଆ ଫର୍ମାଟ ସହିତ ଯଥା ଶୀଘ୍ର ଖାପଖୁଆଇବାକୁ ଚେଷ୍ଟା କରୁଛି। ଶାଇ ହୋପ୍, ଶିମରନ ହେଟମେର ଓ ନିକୋଲାସ ପୁରନଙ୍କ ପରି ଖେଳାଳି ୱେଷ୍ଟଇଣ୍ଡିଜର ଭବିଷ୍ୟତ। ମୁଁ ସେମାନଙ୍କୁ ଗାଇଡ୍ କରିବି ଏବଂ ୱେଷ୍ଟଇଣ୍ଡିଜ କ୍ରିକେଟର ଉନ୍ନତିପାଇଁ ପ୍ରୟାସ ଜାରି ରଖିବି ବୋଲି ନିଜ ପ୍ରତିକ୍ରୀୟାରେ ଗେଲ୍ ପ୍ରକାଶ କରିଛନ୍ତି। ୧୯୯୯ରେ ଟରଣ୍ଟୋଠାରେ ଗେଲ୍ ଭାରତ ବିପକ୍ଷରେ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ଆରମ୍ଭ କରିଥିଲେ। ସଂଯୋଗବଶତଃ ସେହି ଭାରତ ବିପକ୍ଷରେ ହିଁ ସେ ୩୦୦ତମ ଦିନିକିଆ ଖେଳିବାକୁ ଯାଉଛନ୍ତି। ଏ କ୍ଷେତ୍ରରେ ୩୯ ବର୍ଷୀୟ ଗେଲ୍ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ବ୍ରାଏନ ଲାରାଙ୍କୁ ପଛରେ ପକାଇ ଦେଇଛନ୍ତି। ୱେଷ୍ଟଇଣ୍ଡିଜ ପକ୍ଷରୁ ଲାରା ୧୯୯୦ରୁ ୨୦୦୭ ମଧ୍ୟରେ ୨୯୯ଟି ଦିନିକିଆ ଖେଳିଥିଲେ।

**ସର୍ବାଧିକ ଦିନିକିଆ ଖେଳିଥିବା ୱେଷ୍ଟଇଣ୍ଡିଜ ଖେଳାଳି**

| ବ୍ୟାଟ୍ସମ୍ୟାନ୍ | ମ୍ୟାଚ୍ | ରନ୍ |
|---|---|---|
| କ୍ରିସ୍ ଗେଲ୍ | ୩୦୦ | ୧୦,୩୯୭ |
| ବ୍ରାଏନ ଲାରା | ୨୯୯ | ୧୦,୪୦୫ |
| ଶିବନାରିନ୍ ଚନ୍ଦ୍ରପଲ | ୨୬୮ | ୮୭୭୮ |
| ଡେଶମଣ୍ଡ ହେନ୍ସ | ୨୩୮ | ୮୬୪୮ |
| କାର୍ଲ ହୁପର୍ | ୨୨୭ | ୫୭୬୧ |

## ଥାଇଲାଣ୍ଡ ମହିଳା କ୍ରିକେଟ ଦଳର ବିଶ୍ୱରେକର୍ଡ

**ଦୁବାଇ, ୧୧।୮(ପି.ଟି.)**

ଅନ୍ତର୍ଜାତୀୟ କ୍ରିକେଟରେ ବିଶେଷ ଜଣାଶୁଣା ନ ଥିବା ଥାଇଲାଣ୍ଡ ମହିଳା କ୍ରିକେଟ ଦଳ ଏକ ବିଶ୍ୱରେକର୍ଡର ଅଧିକାରୀ ହୋଇଛି। କ୍ରମାଗତ ୧୭ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଜିତି ଥାଇଲାଣ୍ଡ ଦଳ ଏହି ସଫଳତା ଅର୍ଜନ କରିଛି। ନେଦରଲାଣ୍ଡ୍ସରେ ଚାଲିଥିବା ୪ ରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଥାଇଲାଣ୍ଡ ଶନିବାର ୮ ଉଇକେଟରେ ଘରୋଇ ଦଳକୁ ପରାସ୍ତ କରିଛି। ନେଦରଲାଣ୍ଡ୍ସ ଇନିଂସକୁ ୫୪ ରନରେ ସୀମିତ ରଖିଥିବା ଥାଇଲାଣ୍ଡ ୮ ଓଭରରେ ମାତ୍ର ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଚତୁଃରାଷ୍ଟ୍ରୀୟ ଟୁର୍ନାମେଣ୍ଟର ଅନ୍ୟ ଦୁଇ ଦଳ ହେଲେ ଆୟର୍ଲାଣ୍ଡ ଓ ସ୍କଟଲାଣ୍ଡ। ପୂର୍ବରୁ ଟି୨୦ ଅନ୍ତର୍ଜାତୀୟରେ କ୍ରମାଗତ ସର୍ବାଧିକ ମ୍ୟାଚ ଜିତିବା ରେକର୍ଡ ଅଷ୍ଟ୍ରେଲିଆ ନାମରେ ଥିଲା। ୨୦୧୪ ମାର୍ଚ୍ଚରୁ ୨୦୧୫ ଅଗଷ୍ଟ ମଧ୍ୟରେ ଏହି ଦଳ ସର୍ବାଧିକ ୧୬ଟି ମ୍ୟାଚ ଜିତି ପାରିଥିଲା। ଅନ୍ୟ ୩ଟି ଦଳ କ୍ରମାଗତ ୧୦ରୁ ଊର୍ଦ୍ଧ୍ୱ ମ୍ୟାଚ ଲଗାତର ଜିତିଛନ୍ତି। ଇଂଲଣ୍ଡ ଓ ଜିମ୍ବାୱେ ୧୪ଟି ଲେଖାଏ ଏବଂ ନ୍ୟୁଜିଲାଣ୍ଡ ୧୨ଟି ମ୍ୟାଚ ଜିତିଛି। ୨୦୧୮ରୁ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ମଧ୍ୟ କ୍ରମାଗତ ୧୨ଟି ମ୍ୟାଚ ଜିତି ସାରିଛି। ଆଇସିସି ବିଶ୍ୱ ଟି୨୦ ବିଶ୍ୱକପ ଅବସରରେ ଏହି ଦଳର ବିଜୟଧାରା ଆଗକୁ ବଢ଼ିବା ସମ୍ଭାବନା ରହିଛି। ସେହିପରି କ୍ରମାଗତ ୧୪ ମ୍ୟାଚ ଜିତିସାରିଥିବାରୁ ଜିମ୍ବାୱେ ନିକଟରେ ମଧ୍ୟ ଥାଇଲାଣ୍ଡ ରେକର୍ଡ ଭାଙ୍ଗିବା ସୁଯୋଗ ରହିଛି। ୨୦୧୮ ଜୁଲାଇରୁ ଥାଇଲାଣ୍ଡର ବିଜୟ ଧାରା ଆରମ୍ଭ ହୋଇଛି। ସେତେବେଳେ ଏହି ଦଳ ୟୁନାଇଟେଡ ଆରବ ଏମିରେଟ୍ସକୁ ୭ ଉଇକେଟରେ ପରାସ୍ତ କରିଥିଲା। କ୍ରମାଗତ ବିଜୟରେ ବିଶ୍ୱରେକର୍ଡ ପଥରେ ଥାଇଲାଣ୍ଡ ସର୍ବାଧିକ ୟୁଏଇକୁ ୩ ଥର ପରାସ୍ତ କରିଛି।



ଥାଇଲାଣ୍ଡ ମହିଳା କ୍ରିକେଟ୍ ଦଳର ଖେଳାଳିମାନେ।

"ଆଣ୍ଠୁରେ ଦ୍ୱିତୀୟ ଥର ଅସ୍ତ୍ରୋପଚାର ନିଷ୍ପତ୍ତି କଷ୍ଟକର ଥିଲା, କାରଣ ମୋତେ କିଛି ମାସ ଖେଳରୁ ଅବ୍ୟାହତି ନେବାକୁ ପଡ଼ିବ।
–ସୁରେଶ ରାଇନା, ଭାରତୀୟ ବ୍ୟାଟ୍ସମ୍ୟାନ



"ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଏବଂ ମୋତେ ନେଇ ଭାରତର ନୂଆ ଡବଲ୍ସ ଯୋଡ଼ି କରିବାରେ କୋଚ୍ ତାନ୍ କିମ୍ ହର୍‌ଙ୍କ ଭୂମିକା ରହିଛି।
–ଚିରାଗ୍ ଶେଟ୍ଟି, ବ୍ୟାଡ୍‌ମିଣ୍ଟନ ଖେଳାଳି



## ସଂକ୍ଷେପରେ

### ଓଡ଼ିଶାରେ ହୋଇପାରେ ଏସିଆନ କୁସ୍ତି ଚାମ୍ପିୟନ୍‌ଶିପ୍

କଟକ ଅଫିସ, ୧୧।୮: ଆସନ୍ତା ଫେବ୍ରୁୟାରୀ ମାସରେ ଓଡ଼ିଶାରେ ଏସିଆନ୍ କୁସ୍ତି ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି। ଭାରତୀୟ କୁସ୍ତି ମହାସଂଘ ପକ୍ଷରୁ ଏ ନେଇ କୌଣସି ବିଧିବଦ୍ଧ ଘୋଷଣା କରାଯାଇନାହିଁ। ମାତ୍ର ଏସିଆନ କୁସ୍ତି ଚାମ୍ପିୟନଶିପ୍ ଆୟୋଜନ କରିବା ନେଇ ଓଡ଼ିଶାର କେଉଁ ସ୍ଥାନରେ ଭେନ୍ୟୁ କରାଯିବ ସେ ଦିଗରେ ରାଜ୍ୟ କୁସ୍ତି ସଂଘର ପରାମର୍ଶ ଲୋଡ଼ିଛି ମହାସଂଘ। ଯଦି କଟକରେ ଟୁର୍ନାମେଣ୍ଟର ଭେନ୍ୟୁ କରାଯାଏ ତେବେ ଖେଳାଳି ଓ ମ୍ୟାଚ୍ ଅଫିସିଆଲଙ୍କ ରହଣି ଓ ଯାତାୟତ ସମେତ ଅଭ୍ୟାସ କେଉଁଠାରେ କରାଯିବ ସେ ଦିଗରେ ରାଜ୍ୟ କୁସ୍ତି ସଂଘକୁ ପଚରା ଉଚରା କରାଯାଇଛି। ଏଣୁ କଟକରେ ଏସିଆନ କୁସ୍ତି ଚାମ୍ପିୟନଶିପ ଆୟୋଜନ ହେବ ବୋଲି ପରୋକ୍ଷରେ ଆଶା କରାଯାଉଛି। ଏହି ଚାମ୍ପିୟନଶିପ୍ କେଉଁ ବୟସ ବର୍ଗରେ ହେବ ତାହା ମଧ ସ୍ପଷ୍ଟ ହୋଇନି। କିନ୍ତୁ ସିନିୟର ବର୍ଗରେ ଏସିଆନ କୁସ୍ତି ଚାମ୍ପିୟନଶିପ୍ ହେବାର ଯୋଜନା ଚାଲିଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଯଦି ଏହିଭଳି ସମ୍ମାନଜନକ ଚାମ୍ପିୟନଶିପ୍ ଆୟୋଜିତ ହୁଏ ତେବେ ଓଡ଼ିଶାରେ ପ୍ରଥମଥର ନିମନ୍ତେ କୁସ୍ତି କ୍ରୀଡ଼ାକ୍ଷେତ୍ରରେ ଏକ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍ ହେବ।

### ହାଇଦ୍ରାବାଦ ଓପନ୍ ଟାଇଟଲ ଜିତିଲେ ସୌରଭ



ହାଇଦ୍ରାବାଦ,୧୧।୮(ପି.ଟି.): ଜାତୀୟ ଚାମ୍ପିୟନ ସୌରଭ ବର୍ମା ଏଠାରେ ଅନୁଷ୍ଠିତ ହୋଇଥିବା ହାଇଦ୍ରାବାଦ ଓପନ ସୁପର ୧୦୦ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ପୁରୁଷ ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ୨୬ ବର୍ଷୀୟ ସୌରଭ ସିଙ୍ଗାପୁରର ଲୋହ କିଏନ ୟେଙ୍କୁ ହରାଇ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛନ୍ତି। ଗତ ମେ'ରେ ସ୍ଲୋଭେନିଆରେ ଟାଇଟଲ ଜିତିଥିବା ମଧ୍ୟପ୍ରଦେଶର ସୌରଭ ଟାଇଟଲ ମୁକାବିଲାରେ ଦମ୍‌ଦାର ପ୍ରଦର୍ଶନ କରି ବିଶ୍ୱର ୪୪ ନମ୍ବର ଖେଳାଳି କିଏନ ୟେଙ୍କୁ ମାତ୍ର ୫୨ ମିନିଟ୍‌ରେ ୨୧-୧୩, ୧୪- ୨୧, ୨୧-୧୬ରେ ପରାସ୍ତ କରିଥିଲେ। ସ୍ଥାନୀୟ ଗାଚିବୋଲି ଇନ୍‌ଡୋର ଷ୍ଟାଡିୟମରେ ଖେଳାଯାଇଥିବା ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ପ୍ରଥମ ଗେମ୍‌ରେ ବିଜୟୀ ହୋଇଥିଲେ ମଧ ସୌରଭ ଦ୍ୱିତୀୟ ଗେମ୍‌ରେ ପରାସ୍ତ ହୋଇଥିଲେ। ତେବେ ତୃତୀୟରେ ସୌରଭ ତ୍ରୁଟି ସୁଧାରି ମ୍ୟାଚ୍ ହାତେଇ ନେଇଥିଲେ। ସୌରଭ ଗତ ବର୍ଷ ଡଚ୍ ଓପନ୍ ଓ ରୁଷିଆନ ଓପନ୍‌ରେ ବାଜି ମାରି ଦୁଇଟି ସୁପର ୧୦୦ ଟାଇଟଲ ଜିତିଥିଲେ।

### ହରିୟାଣା ଷ୍ଟିଲର୍ସ ବିଜୟୀ

ଅହମ୍ମଦାବାଦ, ୧୧।୮: ପ୍ରୋ କବାଡ଼ି ଲିଗ୍ (ପିକେଏଲ୍) ୭ମ ସଂସ୍କରଣରେ ରବିବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ହରିୟାଣା ଷ୍ଟିଲର୍ସ ୩ ପଏଣ୍ଟ ବ୍ୟବଧାନରେ ବେଙ୍ଗାଲୁରୁ ବୁଲ୍ସକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଷ୍ଟିଲର୍ସ ୩୩ ପଏଣ୍ଟ ଓ ବେଙ୍ଗାଲୁରୁ ୩୦ ପଏଣ୍ଟ କରିଥିଲା। ବିଜୟୀ ଦଳ ପକ୍ଷରୁ ବିକାଶ କାଣ୍ଡୋଲା ସର୍ବାଧିକ ୧୧ ରାଇଡ୍ ପଏଣ୍ଟ ସଂଗ୍ରହ କରିଥିଲେ। ବେଙ୍ଗାଲୁରୁର ପବନ ସେରାୱତ୍ ସମାନ ସଂଖ୍ୟକ ପଏଣ୍ଟ କରିଥିଲେ ମଧ ଦଳକୁ ଜିତାଇବାରେ ସମର୍ଥ ହୋଇପାରି ନ ଥିଲେ।

# ପ୍ରିୟଙ୍କା, ରାଜେଶ 'କ୍ରିକେଟର ଅଫ୍ ଦି ଇୟର'

ଭୁବନେଶ୍ୱର, ୧୧।୮(କ୍ରୀଡ଼ା ପ୍ରତିନିଧି)

ଜଣାଶୁଣା କ୍ରିକେଟ କ୍ଲବ ସହିଦ ସ୍ପୋର୍ଟିଂ ଆନୁକୂଲ୍ୟରେ ରବିବାର ବାର୍ଷିକ କ୍ରୀଡ଼ା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଛି। ରାଜ୍ୟର ଦୁଇ ସଫଳ କ୍ରିକେଟର ରାଜେଶ ମହାନ୍ତି ଓ ପ୍ରିୟଙ୍କା ପ୍ରିୟଦର୍ଶନୀ ସାହୁଙ୍କୁ ସହିଦ ସ୍ପୋର୍ଟିଂ- ମାରୁତି ଇଷ୍ଟେଟ ଇଣ୍ଡିଆ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ୨୦୧୮-୧୯ ସିଜନରେ ରଣଜୀ ଟ୍ରଫିରେ ସଫଳ ପ୍ରଦର୍ଶନ କରିଥିବା ରାଜେଶଙ୍କୁ ୨୭ତମ କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ରାଜେଶ ଦୁଲୀପ ଟ୍ରଫି ଖେଳିବାକୁ ଯାଇଥିବାରୁ ଉତ୍ସବରେ ଅନୁପସ୍ଥିତ ରହିଥିଲେ। ତାଙ୍କ କୋଚ୍ ତଥା ରାମେଶ୍ୱର ସ୍ପୋର୍ଟିଂ ସମ୍ପାଦକ ଦୀପକ ମଙ୍ଗରାଜ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଗତ ସିଜନରେ ସଫଳ ପ୍ରଦର୍ଶନ ପାଇଁ ପ୍ରିୟଙ୍କାଙ୍କୁ ଷଷ୍ଠ ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବାବଦରେ ଉଭୟଙ୍କୁ ସ୍ୱତନ୍ତ୍ର ଟ୍ରଫି ସହ ବ୍ଲେଜର ଓ ୩୧ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। କ୍ରୀଡ଼ା ପୁରସ୍କାର ପ୍ରାୟୋଜକ ମାରୁତି ଇଷ୍ଟେଟ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଜିତେନ୍ଦ୍ର ପ୍ରସାଦ ସିଂ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଏହି ସମାରୋହକୁ ସସ୍ମିତ ମହାପାତ୍ର ସଂଯୋଜନା କରିଥିଲେ।

ରାଜ୍ୟର କ୍ରିକେଟ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପ୍ରଦାନ କରାଯାଇ ଆସୁଥିବା ଏହି ପୁରସ୍କାର ୧୯୯୨-୯୩ ସିଜନରୁ ଆରମ୍ଭ ହୋଇଥିଲା। ରଞ୍ଜୀବ ବିଶ୍ୱାଳ, ପି. ଜୟଚନ୍ଦ୍ର, ରଶ୍ମିରଞ୍ଜନ ପରିଡ଼ା, ପ୍ରଶାନ୍ତ ମହାପାତ୍ର, ଦେବାଶିଷ ମହାନ୍ତି, ପ୍ରଭଞ୍ଜନ ମଲିକ, ଶିବସୁନ୍ଦର ଦାସ, ସଞ୍ଜୟ ଶତପଥୀ, ବି.ବି.ସି.ସି. ମହାପାତ୍ର, ଦୀପକ ମଙ୍ଗରାଜ, ବସନ୍ତ ମହାନ୍ତି, ଧୀରଜ ସିଂ, ବିପ୍ଳବ ସାମନ୍ତରାୟ, ନଟରାଜ ବେହେରା, ଦୀପକ ବେହେରା, ଗୋବିନ୍ଦ ପୋଦ୍ଦାର, ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପରଙ୍କୁ ପୂର୍ବରୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ କେତେକ କ୍ରିକେଟର ଏହି ପୁରସ୍କାର ଏକାଧିକ ଥର ହାସଲ କରିଛନ୍ତି। ସେହିପରି ୨୦୧୩-୧୪ରେ ପ୍ରଥମ କରି ମହିଳା କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯିବା ଧାରା ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ମାଧୁରୀ ମେହେଟ୍ଟା, ସ୍ୱାଗତିକା ରଥ, ମଧୁସ୍ମିତା ବେହେରା, କାଦମ୍ବିନୀ ମହାକୁଡ଼ ଓ ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ରଧାନ ଏହି ପୁରସ୍କାର ପାଇ ସାରିଛନ୍ତି। କ୍ରୀଡ଼ା ଖବରଦାତା ସନାତନ ପାଣି, ସୁଶାନ୍ତ ମହାନ୍ତି, ସୁରେଶ ସ୍ୱାଇଁ, ସସ୍ମିତ ମହାପାତ୍ର, ସମୀକ୍ଷା ପଟ୍ଟନାୟକ, ସଞ୍ଜୀବ ବିଶ୍ୱାଳ, ତପନ ସ୍ୱାଇଁ, ନିରଞ୍ଜନ ରେଡ୍ଡୀ, ଉମାକାନ୍ତ ମିଶ୍ର ଓ ସମୀର ରାଉତ୍, ପ୍ରାୟୋଜକ ଜିତେନ୍ଦ୍ର ପ୍ରସାଦ ସିଂ ଓ କ୍ଲବ ସମ୍ପାଦକ ପଙ୍କଜ ପଟ୍ଟନାୟକଙ୍କୁ ନେଇ ଗଠିତ ଜୁରି କମିଟି ପୁରସ୍କାର ପାଇଁ ରାଜେଶ ଓ ପ୍ରିୟଙ୍କାଙ୍କ ନାମ ଚୟନ କରିଥିଲା।



କ୍ରିକେଟର ଅଫ୍ ଦି ଇୟର ପୁରସ୍କାର ବିଜେତାଙ୍କ ସହ ଅତିଥିମାନେ ।

## 'କ୍ରମାଗତ ଭଲ ପ୍ରଦର୍ଶନର ଫଳ'

"ଏହି ପୁରସ୍କାର ପାଇଁ ଚୟନ କରାଯାଇଥିବାରୁ ମୁଁ ବହୁତ ଖୁସି। ମୁଁ ସିନିୟର ସ୍ତରରେ ଖେଳିବା ଆରମ୍ଭ କରିବା ଦିନଠାରୁ ବିଶେଷ କରି ଗତ ୩-୪ ବର୍ଷ ଧରି ଲଗାତର ଭଲ ପ୍ରଦର୍ଶନ କରି ଆସୁଥିବାରୁ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇପାରିବି ବୋଲି ଆଶାବାଦୀ ଥିଲି। ଏ ବର୍ଷ ଏହି ପୁରସ୍କାର ପାଇଥିବାରୁ ମୁଁ ଆୟୋଜକଙ୍କୁ ଧନ୍ୟବାଦ ଜଣାଉଛି। ୨୦୧୮-୧୯ ସିଜନରେ ମୁଁ ଟି୨୦ ଫର୍ମାଟରେ ସର୍ବଭାରତୀୟ ସ୍ତରରେ ସର୍ବାଧିକ ଉଇକେଟ ହାସଲ କରିଥିଲି। ଏକଦିବସୀୟରେ ଓଡ଼ିଶା ବୋଲରଙ୍କ ମଧ୍ୟରୁ ମୁଁ ସର୍ବାଧିକ ଉଇକେଟ ନେଇଥିଲି। ଏହିସବୁ ପ୍ରଦର୍ଶନ ଯୋଗୁ ମୋତେ ଜୁରି କମିଟି ଚୟନ କରିଥିବା ଅନୁଭବ କରୁଛି'' ବୋଲି ସହିଦ ସ୍ପୋର୍ଟିଂ- ମାରୁତି ଇଷ୍ଟେଟ ଇଣ୍ଡିଆ ମହିଳା କ୍ରିକେଟର ଅଫ ଦି ଇୟର ପୁରସ୍କାର ଗ୍ରହଣ କରିବା ଅବସରରେ ପ୍ରକାଶ କରିଛନ୍ତି ପ୍ରିୟଙ୍କା ପ୍ରିୟଦର୍ଶନୀ ସାହୁ। । ମୁଁ ଜାଗୃତି କ୍ରିକେଟ ଏକାଡେମୀରେ କୋଚ୍ କ୍ଷୀରୋଦ ବେହେରାଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ ଜାରି ରଖିଛି। ଆଗାମୀ ଅକ୍ଟୋବରରୁ କ୍ରିକେଟ ସିଜନ ଆରମ୍ଭ ହୋଇଯିବ। ତେଣୁ ତା ପୂର୍ବରୁ ଆମେ ନିଜକୁ ଫିଟ୍ ରଖିବା ସହିତ ନିଜ କୋଚ୍‌ଙ୍କ ଅଧୀନରେ ଅଭ୍ୟାସ ଆରମ୍ଭ କରି ଦେଇଛୁ। ବର୍ଷା ଯୋଗୁ ଯଦିଓ ଏହା ସାମାନ୍ୟ ବାଧାପ୍ରାପ୍ତ ହେଉଛି, ତେବେ ଯଥାସମ୍ଭବ ଆମେ ଅଭ୍ୟାସ ଜାରି ରଖିଛୁ ବୋଲି ୨୦୦୮ ଓଡ଼ିଶା ପାଇଁ ସିନିୟର ସ୍ତରରେ ଖେଳି ଆସିଥିବା ପ୍ରିୟଙ୍କା ପ୍ରକାଶ କରିଛନ୍ତି। ଗଞ୍ଜାମ ହିଞ୍ଜିଳିକାଟୁ ଅଞ୍ଚଳର ବାସିନ୍ଦା ପ୍ରିୟଙ୍କା କୋଚ୍ କ୍ଷୀରୋଦ ବେହେରା ଏବଂ ମା' ଗୌରୀ ସାହୁ ଓ ପିତା କିଶୋର ଚନ୍ଦ୍ର ସାହୁଙ୍କୁ ନିଜ ସଫଳତାର ଶ୍ରେୟ ଦେଇଛନ୍ତି।

■ ବୁଲ୍‌ଗେରିଆନ ଓପନ୍ ବ୍ୟାଡ୍‌ମିଣ୍ଟନ

# ଭାରତକୁ ୩ ସ୍ୱର୍ଣ୍ଣ ସହ ୬ ପଦକ

ପାଜାର୍ଡଝିକ୍ (ବୁଲ୍‌ଗେରିଆ ), ୧୧।୮ (ପି.ଟି.)

ବୁଲ୍‌ଗେରିଆନ ଜୁନିୟର ଇଣ୍ଟରନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଭାରତୀୟ ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ ସହ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୨ ବ୍ରୋଞ୍ଜ ସହ ମୋଟ ୬ଟି ପଦକ ଜିତିଛନ୍ତି। ମହିଳା ସିଙ୍ଗଲ୍ସ କାଟେଗୋରିରେ ସାମିୟା ଇମାଦ୍ ଫାରୁକି ରୁଷିଆର ଆନାସ୍ତାସିଆ ଶାପୋଭାଲୋଭାଙ୍କୁ ୯-୨୧, ୨୧-୧୨, ୨୨-୨୦ରେ ହରାଇ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି ମିକ୍ସଡ ଡବଲ୍ସ ଫାଇନାଲରେ ଏଡ୍‌ଭିନ ଜୟ ଓ ଶ୍ରୁତି ମିଶ୍ର ଯୋଡ଼ି ଦ୍ୱିତୀୟ ସିଡ୍ ବ୍ରିଟିଶ ଯୋଡ଼ି ବ୍ରାଣ୍ଡନ ଝି ହାଓ ଓ ଆବିଗେଲ୍ ହାରିସଙ୍କୁ ୨୧-୧୪, ୨୧-୧୭ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ମହିଳା ଡବଲ୍ସରେ ଭାରତୀୟ ଯୋଡ଼ି ତନିଶା କ୍ରାଷ୍ଟୋ ଏବଂ ଅଦିତି ଭଟ୍ଟ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଯୋଡ଼ି ଫାଇନାଲରେ ଟପ୍ ସିଡ୍ ବେଙ୍ଗିସୁ ଏର୍ସେଟିନ୍ ଓ ଜେହରା ଏର୍ଡେମିଙ୍କୁ ୨୧-୧୫, ୧୮-୨୧ ୨୧-୧୮ରେ ହରାଇ ଦେଇଛନ୍ତି। ପୁରୁଷ ଡବଲ୍ସ ଯୋଡ଼ି ଈଶାନ୍ତ ଭଟ୍ଟନାଗର ଏବଂ ବିଷ୍ଣୁବର୍ଦ୍ଧନ ଫାଇନାଲରେ ବ୍ରିଟିଶ ଯୋଡ଼ ୱିଲିୟମ ଜୋନ୍ସ ଏବଂ ବ୍ରାଣ୍ଡନ ଝି ହାଓଙ୍କଠାରୁ ୧୯-୨୧, ୧୮-୨୧ରେ ପରାସ୍ତ ହେବା ଦ୍ୱାରା ରୌପ୍ୟ ପାଇଥିଲେ। ଅନ୍ୟ ସିଙ୍ଗଲ୍ସ ଇଭେଣ୍ଟଗୁଡ଼ିକରେ ମାଳବିକା ବନ୍‌ସୋଡ୍ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଆନାସ୍ତାସିଆ ଶାପୋଭାଲୋଭାଙ୍କଠାରୁ ୧୩-୨୧, ୧୫-୨୧ରେ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ପାଇଛନ୍ତି। ସେହିପରି ମିରାବା ଲୁୱାଙ୍ଗ ରୁଷିଆର ଗେଓର୍ଗି କାପରୋଭଙ୍କଠାରୁ ୧୯-୨୧, ୨୧-୧୨, ୧୮-୨୧ରେ ପରାଜିତ ହୋଇ ବ୍ରୋଞ୍ଜରେ ସନ୍ତୁଷ୍ଟ ହୋଇଛନ୍ତି।



ଟରଣ୍ଟୋ ଡବ୍ଲ୍ୟୁଟିଏ ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ଏକ ରିଟର୍ନ ଶଟ୍ ଖେଳିବା ଅବସରରେ ସେରେନା ୱିଲିୟମ୍ସ ।

# ଭେନ୍ୟୁ ସ୍ଥାନାନ୍ତର ପାଇଁ ରାଜି ହେଉନି ପାକିସ୍ତାନ

**ଡେଭିସ କପ୍**

କରାଚୀ, ୧୧।୮ (ପି.ଟି.)

ପାକିସ୍ତାନ ବିପକ୍ଷରେ ଖେଳାଯିବାକୁଥିବା ଡେଭିସ୍ କପ୍ ଏସିଆ/ଓସେନିଆ ଗ୍ରୁପ୍-୧ ମ୍ୟାଚ୍ ଏକ ନିରପେକ୍ଷ ଭେନ୍ୟୁରେ କରିବା ଲାଗି ଭାରତ କରିଥିବା ଅନୁରୋଧକୁ ପାକିସ୍ତାନ ଟେନିସ ଫେଡେରେଶନ (ପିଟିଏଫ୍) ପ୍ରତ୍ୟାଖ୍ୟାନ କରିଛି। ଏହି ମ୍ୟାଚ ସେପ୍ଟେମ୍ବର ୧୪ ଓ ୧୫ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପିଟିଏଫ୍ ମୁଖ୍ୟ ସଲିମ ସଇଫୁଲ୍ଲା କହିଛନ୍ତି, ମ୍ୟାଚ ଖେଳାଯିବା ଲାଗି ଇସ୍‌ଲାମାବାଦ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସମସ୍ତ ପ୍ରକାର ଆୟୋଜନ ହୋଇଛି। ଭାରତୀୟ ଖେଳାଳିମାନେ ଅସୁରକ୍ଷିତ ଅନୁଭବ କରିବେ ବୋଲି ମୋର ଆଦୌ ମନେ ହେଉନାହିଁ। ଭାରତ ସରକାର ସମ୍ବିଧାନର ଧାରା ୩୭୦ ଉଚ୍ଛେଦ କରିଛନ୍ତି, ଯଦ୍ୱାରା ଜମ୍ମୁ-କଶ୍ମୀର ସ୍ୱତନ୍ତ୍ର ମାନ୍ୟତା ହରାଇଛି। ଏହି କାରଣରୁ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ଫଳରେ ଏହି ମ୍ୟାଚ ଖେଳାଯିବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଡେଭିସ କପ୍‌କୁ ଏକ ନିରପେକ୍ଷ ଭେନ୍ୟୁରେ କରାଇବା ଲାଗି, ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଏଟିଏଫ୍)କୁ ଅନୁରୋଧ କରିବ ବୋଲି ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) କହିଛି। କିନ୍ତୁ ସଇଫୁଲ୍ଲା କହିଛନ୍ତି, ଇସ୍‌ଲାମାବାଦ ଏକ ସୁରକ୍ଷିତ ସହର। ତେଣୁ ଭାରତୀୟ ଟେନିସ ଖେଳାଳି ଲାଗି କୌଣସି ଅସୁବିଧା ରହିବ ନାହିଁ। ଟିମ୍ ରହିବାକୁ ଥିବା ହୋଟେଲଠାରୁ ଆରମ୍ଭ କରି ଭେନ୍ୟୁ ପର୍ଯ୍ୟନ୍ତ ଉଚ୍ଚସ୍ତରୀୟ ନିରାପତ୍ତା ବ୍ୟବସ୍ଥା କରାଯାଇଛି। ସେମାନେ ଯଦି ଚାହିଁବେ ତେବେ ମ୍ୟାଚ ବେଳେ ଦର୍ଶକମାନଙ୍କୁ ମଧ ଅନୁମତି ଦିଆଯିବ ନାହିଁ। ସଇଫୁଲ୍ଲା ପୁଣି ଦର୍ଶାଇଛନ୍ତି, ଆମେ ବହୁ ବର୍ଷ ବ୍ୟବଧାନରେ ଡେଭିସ୍ କପ୍ ଆୟୋଜନ କରିବାକୁ ଯାଉଛୁ। ଦେଶରେ ଟେନିସ୍ ଖେଳର ପ୍ରସାର ଏବଂ ରାଜସ୍ୱ ଆୟ ପାକିସ୍ତାନ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଅପରପକ୍ଷରେ ପାକିସ୍ତାନ ବିପକ୍ଷ ଡେଭିସ୍ କପ୍ ଏକ ନିରପେକ୍ଷ ଭେନ୍ୟୁରେ କରାଇବା ବ୍ୟବସ୍ଥା ପାଇଁ ଭାରତୀୟ ଟେନିସ ଫେଡେରେଶନ ଖେଳର ବିଶ୍ୱ ପରିଚାଳନା ପରିଷଦକୁ ଅନୁରୋଧ କରିବ ବୋଲି ଶନିବାର ସ୍ପଷ୍ଟ କରିଛି। ଦୁଇ ପଡୋଶୀ ଦେଶ ମଧ୍ୟରେ ବର୍ତ୍ତମାନ ଯେଉଁ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଛି, ମ୍ୟାଚକୁ ନିରପେକ୍ଷ ଭେନ୍ୟୁରେ ଖେଳାଯିବା ଯଥାର୍ଥ ବୋଲି ଭାରତ କହିଛି। ପାକିସ୍ତାନରେ ମ୍ୟାଚ ଖେଳାଯିବା ଲାଗି ଅନୁକୂଳ ପରିବେଶ ନାହିଁ ବୋଲି ଆମର ହୃଦ୍‌ବୋଧ ହୋଇଛି। ଆମ ପାଇଁ ଏକ ନିରପେକ୍ଷ ଭେନ୍ୟୁର ବ୍ୟବସ୍ଥା ପାଇଁ ଆମେ ସୋମବାର ଆଇଟିଏଫ୍‌କୁ ଏକ ଚିଠି ଲେଖିବୁ ବୋଲି ଏଆଇଟିଏ ସାଧାରଣ ସମ୍ପାଦକ ହିରଣ୍ମୟ ଚାଟାର୍ଜୀ ସୂଚନା ଦେଇଛନ୍ତି।

# ଫାଇନାଲରେ ସେରେନା

ଟରଣ୍ଟୋ,୧୧।୮(ଏଏଫ୍‌ପି)

ଆମେରିକାର ଅଭିଜ୍ଞ ମହିଳା ଖେଳାଳି ସେରେନା ୱିଲିୟମ୍ସ ଏଠାରେ ଚାଲିଥିବା ଟରଣ୍ଟୋ ଡବ୍ଲ୍ୟୁଟିଏ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ସେମିଫାଇନାଲରେ ଅଷ୍ଟମ ସିଡ୍ ସେରେନା ଚେକ୍ ଗଣରାଜ୍ୟର ମେରି ବୋଉଜକୋଭାଙ୍କୁ ୧-୬, ୬-୩, ୬-୩ ସେଟ୍‌ରେ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ପ୍ରଥମ ସେଟ୍‌ରେ ପରାସ୍ତ ହୋଇ ପଛରେ ପଡ଼ିଥିଲେ ମଧ ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି ସେ ବାକି ଦୁଇଟି ସେଟ୍ ହାତେଇବା ସହ ବାଜି ମାରିଥିଲେ। ବିଜୟୀ ହେବା ପାଇଁ ସେରେନାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ପୂର୍ବରୁ ସେରେନା ଏହି ଟୁର୍ନାମେଣ୍ଟରେ ୩ଥର ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଥିଲେ। ସେରେନା ଫାଇନାଲରେ କାନାଡ଼ାର ବାଇଆନକା ଆଣ୍ଡ୍ରିସ୍କୁଙ୍କୁ ରବିବାର ଫାଇନାଲରେ ଭେଟିବେ। ୨୦୧୭ ପରେ ସେରେନା ତାଙ୍କ ପ୍ରଥମ ଟାଇଟଲ ଜିତିବା ଲକ୍ଷ୍ୟରେ ରହିଛନ୍ତି। ପୂର୍ବରୁ ସେ ୨୦୧୭ରେ ଶେଷଥର ପାଇଁ ଅଷ୍ଟ୍ରେଲିଆନ୍ ଓପନ୍ ଟାଇଟଲ ହାସଲ କରିଥିଲେ ଓ କ୍ୟାରିୟରର ୨୩ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। ଅନ୍ୟପଟେ ଫାଇନାଲରେ ବିଜୟୀ ହେଲେ ୧୯ ବର୍ଷୀୟା ଆଣ୍ଡ୍ରିସ୍କୁ ଗତ ୫୦ ବର୍ଷ ମଧ୍ୟରେ ପ୍ରଥମ କାନାଡ଼ା ଖେଳାଳି ଭାବେ ଏହି ଟୁର୍ନାମେଣ୍ଟରେ ଟାଇଟଲ ହାସଲ କରିବେ। ବୋଉଜକୋଭା ଫାଇନାଲରେ ପ୍ରବେଶ କରିବା ପୂର୍ବରୁ ୩ଜଣ ଗ୍ରାଣ୍ଡସ୍ଲାମ ବିଜେତା ଯଥା ସ୍ଲୋଆନ ଷ୍ଟିଫେନ୍ସ, ଜେଲେନା ଓଷ୍ଟାପେଙ୍କୋ ଓ ସିମୋନ ହାଲେପଙ୍କୁ ପରାସ୍ତ କରିଥିଲେ।

# ପ୍ରମୋଦଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର



ପୁରସ୍କୃତ କ୍ରୀଡ଼ାବିତ୍‌ମାନେ ଅତିଥିଙ୍କ ସହ ।

ଭୁବନେଶ୍ୱର, ୧୧।୮(କ୍ରୀଡ଼ା ପ୍ରତିନିଧି)

ବିଶ୍ୱ ଚାମ୍ପିୟନ ପାରା ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଚଳିତ ବର୍ଷର ସ୍ପୋର୍ଟ୍ସଲଗ୍‌ଅନ୍ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ହାସଲ କରିଛନ୍ତି। ରବିବାର ସୂଚନା ଭବନଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରମୋଦଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ପ୍ରମୋଦ ଅନୁପସ୍ଥିତ ଥିବାରୁ ତାଙ୍କପାଇଁ ଅନ୍ୟତମ ପାରାବ୍ୟାଡ୍‌ମିଣ୍ଟନ ଖେଳାଳି ଦିଲେଶ୍ୱର ରାଓ ଏହି ପୁରସ୍କାର ଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସ ଶ୍ରେଷ୍ଠ କୋଚ୍, ଭାରୋତ୍ତୋଳନ ଓ ଶକ୍ତିଉତ୍ତୋଳନକାରୀ ସୌଭାଗିନୀ ପ୍ରଧାନ (ରାଉତରାୟ) ପ୍ଲେୟର ଅଫ୍ ଦି ବାଏଗନ୍ ଏରା ପୁରସ୍କାର ଲାଭ କରିଛନ୍ତି। ଅନ୍ତର୍ଜାତୀୟ ଫୁଟବଲ ଖେଳାଳି ଶୁଭମ୍ ଷଡ଼ଙ୍ଗୀ ଇମର୍ଜିଂ ପ୍ଲେୟର ଅଫ୍ ଦି ଇୟର ଏବଂ କରାଟେକା ଜସ୍ମିନ ପାର୍ଥସାରଥୀ ମିଶ୍ରଙ୍କୁ କୁମୁଦିନୀ ମିଶ୍ର କ୍ରୀଡ଼ା ପ୍ରତିଭା ପୁରସ୍କାରରେ ସମ୍ମାନିତ କରାଯାଇଛି।। ପୁରସ୍କାର ଆକାରରେ ଏହି ୫ ବିଜେତାଙ୍କୁ ଟ୍ରଫି, ଉତ୍ତରୀୟ ସହ ୨୫ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ସାମାଜିକ କର୍ମୀ କୁମୁଦିନୀ ମିଶ୍ର, ଅନୁଗୋଳ ସୁକିନ୍ଦା ରେଲୱେ ପ୍ରକଳ୍ପର ସିଏମ୍‌ଡି ଦିଲୀପ ସାମନ୍ତରାୟ, ଦି ନ୍ୟୁ ଇଣ୍ଡିଆନ ଏକ୍ସପ୍ରେସର ଡେପୁଟି ରେସିଡେଣ୍ଟ ଏଡିଟର ଶିବ ମହାନ୍ତି, ଏସଏନଏମ ଗ୍ରୁପ୍ ଅଫ୍ କମ୍ପାନୀର ସିଏମଡି ପ୍ରବୋଧ ମହାନ୍ତି, କ୍ରୀଡ଼ା ସଙ୍ଗଠକ ନବରଞ୍ଜନ ପଟ୍ଟନାୟକ, ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଗୁଡ୍ ସାମାରିଟାନ ଟ୍ରଷ୍ଟର ସମ୍ପାଦକ ତନ୍ମୟ ଦାସ ଓ ଟ୍ରଷ୍ଟି ନନ୍ଦକିଶୋର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ସୋମବାର, ଅଗଷ୍ଟ ୧୨/୨୦୧୯ Sambalpur, Monday, August 12 / 2019


ନିଜ ତ୍ୱଚା ଉପରେ ପ୍ରୟୋଗ କରିବା ବନ୍ଦ କରନ୍ତୁ, ଆପଣାନ୍ତୁ ଭରସାଯୋଗ୍ୟ

Roop Mantra



ଆପଣଙ୍କ ପସନ୍ଦ କ'ଣ ? ପ୍ରୟୋଗ ତନ୍ତ୍ର କିମ୍ବା ଆୟୁର୍ବେଦିକ ରୂପ ମନ୍ତ୍ରା

**ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ କ୍ରିମ୍**

ରୂପ ମନ୍ତ୍ରା ଆୟୁର୍ବେଦିକ ଫେୟାରନେସ୍ କ୍ରିମ୍‌ର ରହିଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଆୟୁର୍ବେଦିକ ଜଡ଼ିବୁଟି ଚେହେରାର ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟ୍‌ମେଣ୍ଟ ରୂପେ କାମ କରିଥାଏ। ଏହାର ଅଦ୍ଭୁତ ପୋଷକ ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଚେହେରାର ତ୍ୱଚାକୁ ଯୁବ ରଖିବାରେ ସହାୟତା କରିଥାଏ। ଏଲୋଭେରାରେ ରହିଥିବା Auxin ଓ Gibberellins ଚେହେରାର ମୃତ କୋଷିକାଗୁଡ଼ିକୁ ହଟାଇ ସ୍ୱାଭାବିକ ତ୍ୱଚା ଗଠନ କରିବାରେ ସହାୟକ ହୋଇଥାଏ। ଏହା ତ୍ୱଚାର ଶ୍ୟାମଳପଣ, ବଢ଼ୁଥିବା ବୟସର କୁଞ୍ଚନ, ଆଖି ତଳ କଳାଦାଗ, ପ୍ରସାରଣ ଦାଗ ଇତ୍ୟାଦିର ପ୍ରବନ୍ଧନରେ ସହାୟକ ହୋଇଥାଏ।

**ରୂପ ମନ୍ତ୍ରା ଆୟୁର୍ବେଦିକ କ୍ୟାପ୍‌ସୁଲ**

ରୂପ ମନ୍ତ୍ରା ଆୟୁର୍ବେଦିକ କ୍ୟାପ୍‌ସୁଲର ରହିଥିବା ବ୍ରାହ୍ମୀ, ପୁଷ୍କର ମୂଳ, ନାରଙ୍ଗୀ, ପିପ୍ପଳି, ଦ୍ରାକ୍ଷା ଏବଂ ସବୁଜ ଚା ଇତ୍ୟାଦିର ସମଯୋଗ ତ୍ୱଚାର ଲୋମଛିଦ୍ରରେ ଭରି ରହିଥିବା ବ୍ୟାକ୍ଟେରିଆ ଓ ମଇଳାକୁ ଦୂରକରି କାଠବ୍ରଣ ଉପରେ ନିୟନ୍ତ୍ରଣ କରିଥାଏ । ଏହି ଔଷଧିଗୁଡ଼ିକ ରକ୍ତର ଶୁଦ୍ଧୀକରଣ ପାଇଁ ପ୍ରସିଦ୍ଧ ଏବଂ ବର୍ଣ୍ଣିତ। ଶରୀରର ଆଭ୍ୟନ୍ତରୀଣ ସଫେଇ ଓ ସ୍ୱାସ୍ଥ୍ୟର ଉଚିତ ଧ୍ୟାନ ଦିଆଯାଇଥିଲେ ହିଁ ତ୍ୱଚାର ସୁଧାର ସମ୍ବନ୍ଧୀୟ ଯେକୌଣସି ଔଷଧି ଯଥୋଚିତ କାର୍ଯ୍ୟ କରିଥାଏ । ଏହି କ୍ରମରେ ରୂପ ମନ୍ତ୍ରା କ୍ୟାପ୍‌ସୁଲ୍ ତ୍ୱଚାର ଅନ୍ୟ bacterial, fungal infectionsରୁ ସୁରକ୍ଷା ଦେଇ ତ୍ୱଚା ତଳେ blood ଏବଂ lymphର ପରିସଞ୍ଚାଳନ ଏବଂ ପ୍ରବନ୍ଧନରେ ସହାୟତା କରିଥାଏ । ଏହାଦ୍ୱାରା ତ୍ୱଚା ଯୁବା ଏବଂ ଜୀବନ୍ତ ରହିଥାଏ।

**ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ ୱାଶ୍**

ରୂପ ମନ୍ତ୍ରା ଆୟୁର୍ବେଦିକ ଫେସ୍ ୱାଶ୍‌ରେ ରହିଥିବା କାକୁଡ଼ି ତ୍ୱଚାକୁ ଶୀତଳତା ଏବଂ ସତେଜତା ଦେଇଥାଏ। କାକୁଡ଼ିରେ ରହିଥିବା ଏସ୍କୋରବିକ ଏସିଡ୍ ଓ କୈଫିକ୍ ଏସିଡ୍ ତ୍ୱଚାର ଆର୍ଦ୍ରତା ବଜାୟ ରଖିବାରେ ସହାୟକ । ଧ୍ୟାନ ଦେବା ଯୋଗ୍ୟ କଥା ହେଉଛି ଆଜିକାଲି କସ୍‌ମେଟିକ୍ସ ସାବୁନ ଏବଂ ପ୍ରସାଧନରେ ଅଧିକ ଫେଣ ପାଇଁ କେତେକ କେମିକାଲ୍ ମିଶ୍ରଣ କରାଯାଏ, ଯାହାର ଦୂରଗାମୀ କୁପ୍ରଭାବ ରହିଥାଏ। ରୂପ ମନ୍ତ୍ରା ଫେସ୍ ୱାଶ୍‌କୁ ଏହା ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି ଯେ ଏହାର ନିୟମିତ ବ୍ୟବହାର ଦ୍ୱାରା ତ୍ୱଚାକୁ ଉଚିତ ଲାଭ ମିଳିବ । ଏହା ଡାର୍କ ସର୍କଲ ଏବଂ ଚେହେରାର ଦାଗକୁ କମ୍ କରି ରଙ୍ଗକୁ ସଫା କରିବାରେ ସହାୟକ ଏବଂ ଚେହେରାରେ କାଠବ୍ରଣକୁ ପ୍ରତିରୋଧ କରିବା/ପୁନର୍ବାର ଆସିବାରୁ ନିୟନ୍ତ୍ରିତ କରିଥାଏ।

New Dr. Juneja's Roop Mantra®
Ayurvedic Cream, Capsules, Soap & Face Wash
24x7 Helpline : 0171-3055111 • www.roopmantra.com


# ଭିମସାରରେ ହେବ ଅତ୍ୟାଧୁନିକ କ୍ୟାନ୍‌ସର ଚିକିତ୍ସା କେନ୍ଦ୍ର

- ଟାଟା ମେମୋରିଆଲ ଟ୍ରଷ୍ଟ କରିବ ସହାୟତା
- ଅଧିକାରୀଙ୍କ ପରିଦର୍ଶନ, ଭିତ୍ତିଭୂମି ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ
- କୋରାପୁଟରେ ବି ହେବ ଆଉ ଏକ କ୍ୟାନ୍‌ସର ହସ୍ପିଟାଲ

**ସମ୍ବଲପୁର,୧୧।୮(ବ୍ୟୁରୋ)**

ସମ୍ବଲପୁର ଭିମସାର ହେବ ଅତ୍ୟାଧୁନିକ କ୍ୟାନ୍‌ସର ଚିକିତ୍ସା କେନ୍ଦ୍ର। ଏଥିପାଇଁ ଟାଟା ମେମୋରିଆଲ ଟ୍ରଷ୍ଟ ସହାୟତା ଯୋଗାଇଦେବ। ଶନିବାର କଟକ ଆଚାର୍ଯ୍ୟ ହରିହର କ୍ୟାନସର ଚିକିତ୍ସାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡା. ଲଲାଟେନ୍ଦୁ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ଏକ ୩ ଜଣିଆ ଟିମ୍ ଭିମସାର ପରିଦର୍ଶନ କରି ଭିତ୍ତିଭୂମି ନିର୍ମାଣ ପାଇଁ ସ୍ଥାନ ଚିହ୍ନଟ କରିଛନ୍ତି। ଭିମସାର ଅଧୀକ୍ଷକ ଡା. ଜୟଶ୍ରୀ ଦୋରାଙ୍କ ସହ ସେମାନେ ଆଲୋଚନା କରିଛନ୍ତି। ଅଧିକାରୀମାନେ ଭିମସାର ପରିସରରେ ପୂର୍ବରୁ ଥିବା କ୍ୟାନ୍‌ସର ବିଭାଗ ଓ ଚିହ୍ନଟ ହୋଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ଏଥିପାଇଁ ୩ ଏକର ଜମି ଆବଶ୍ୟକ। ପ୍ରକଳ୍ପର ବ୍ୟୟ ଅଟକଳ ଓ ଡିଜାଇନ ସ୍ୱୀକୃତି ପରେ କାମ ଆରମ୍ଭ କରାଯିବ। ଖୁବ୍‌ଶୀଘ୍ର କାମ ସମ୍ପୂର୍ଣ୍ଣ କରାଯାଇ ରୋଗୀ ସେବା ଆରମ୍ଭ ହେବ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ସେହିପରି କୋରାପୁଟ ଜିଲାରେ ମଧ୍ୟ ଟାଟା ମେମୋରିଆଲ ସହାୟତାରେ ଏକ ଅତ୍ୟାଧୁନିକ କ୍ୟାନ୍‌ସର ଚିକିତ୍ସା କେନ୍ଦ୍ର ନିର୍ମାଣ କରାଯିବ ବୋଲି ସେମାନେ କହିଛନ୍ତି। ଭିମସାରରେ ଅତ୍ୟାଧୁନିକ କ୍ୟାନ୍‌ସର ବିଭାଗ ନିର୍ମାଣ ପାଇଁ ସାଧାରଣରେ ଦାବି ହୋଇ ଆସୁଥିଲା। ଏହା ନିର୍ମାଣ ହେଲେ ପଶ୍ଚିମ ଓଡ଼ିଶା ସମେତ ରାଜ୍ୟବାସୀ ଉପକୃତ ହେବେ। ବିଶେଷକରି ବରଗଡ଼ ଜିଲାରେ ଅଧିକ କ୍ୟାନ୍‌ସର ରୋଗୀ ରହିଛନ୍ତି। ପ୍ରତିମାସରେ ୫ରୁ ୭ ଜଣ ରୋଗୀ ମୃତ୍ୟୁବରଣ କରୁଥିବା ଅଭିଯୋଗ ହୋଇ ଆସୁଛି। ଏବେ ଏହି କ୍ୟାନ୍‌ସର ଚିକିତ୍ସା କେନ୍ଦ୍ର ନିର୍ମାଣ ହେଲେ ସେମାନେ ସହଜରେ ସେବା ପାଇପାରିବେ ବୋଲି କୁହାଯାଉଛି।

# ଟୁଇଟ୍ ପରେ ଅସହାୟ ପରିବାରକୁ ସହାୟତାର ହାତ ବଢ଼ିଲା

**ବରଗଡ଼ ଅଫିସ୍,୧୧।୮**

ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ମୃତ୍ୟୁବରଣ କରିଥିବା ବରଗଡ଼ ଗଙ୍ଗାଧରନଗର ଚମାରପଡ଼ାର ବୁଧ ମେହେରଙ୍କ ପରିବାର ଲୋକଙ୍କୁ ସହାୟତା ପାଇଁ ହାତ ବଢ଼ିଛି । ମୃତ ବୁଧଙ୍କ ଅସହାୟ ପରିବାକୁ ନେଇ ରବିବାର ଧରିତ୍ରୀରେ ପ୍ରକାଶିତ ଏକ ଖବରକୁ ଜିଲାର ଜଣେ ସାମାଜିକ କର୍ମୀ ଦିବସ କୁମାର ସାହୁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ବରଗଡ଼ ବିଧାୟକ, ପୌର ପରିଷଦ କର୍ତ୍ତୃପକ୍ଷ ପ୍ରମୁଖଙ୍କୁ ଟୁଇଟ୍ କରିବା ସହିତ ମୃତକଙ୍କ ପରିବାର ଲୋକଙ୍କୁ ଦୁର୍ଘଟଣାଜନିତ ମୃତ୍ୟୁକାଳୀନ ସହାୟତା ପାଇଁ ନିବେଦନ କରିଥିଲେ । ଏହି ଟୁଇଟ୍‌କୁ ଆଧାର କରି ବରଗଡ଼ ବିଧାୟକ ଆଚାର୍ଯ୍ୟ ସେ ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଟୁଇଟର୍ ମାଧ୍ୟମରେ ଜଣାଇଛନ୍ତି । ଉଲ୍ଲେଖନୀୟ, ମୃତ ବୁଧ ନିହାତି ଗରିବ ଶ୍ରେଣୀର ଏବଂ ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲେ । ପରିବାରରେ ତାଙ୍କୁ ମିଶାଇ ୧୦ଜଣ ସଦସ୍ୟ ଥିଲେ । ସେ ଜୋତା ପଲିସ୍ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ । ତେବେ ଗତ ୭ତାରିଖରେ ବୁଧ ସ୍ଥାନୀୟ ଘରୋଇ ବସଷ୍ଟାଣ୍ଡରୁ ଜୋତା ପଲିସ କାମ ସାରି ଘରକୁ ଫେରୁଥିବାବେଳେ ଏକ ଗାଡ଼ି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସ୍ଥାନୀୟ ତଥା ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ନେଇଥିଲେ । ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା । ବୁଧଙ୍କୁ ହରାଇବା ପରେ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି ।

# ପଶୁପକ୍ଷୀଙ୍କ ସେବାରୁ ମିଳେ ଆତ୍ମତୃପ୍ତି



ଦୋକାନ ଆଗରେ ପାରାମାନଙ୍କୁ ଖାଇବାକୁ ଦେଉଛନ୍ତି ।

**ଦିନକର କାହାଣୀ**

ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧ ଭିଏସଏସ ନଗର ବାସିନ୍ଦା ନିରଞ୍ଜନ ବେହେରା। ବୟସ ୬୧। ସେ ସ୍ଥାନୀୟ ଗାନ୍ଧୀଛକରେ ୧୯୮୦ ମସିହାରୁ ଏକ ଘରଭଡ଼ା ନେଇ ତେଜରାତି ଦୋକାନ ଖୋଲିଛନ୍ତି। ବେପାର ତାଙ୍କ ଜୀବିକା ଓ ପେଷା। ହେଲେ ଗୋରୁ, କୁକୁର, ପାରା ଭଳି ପଶୁପକ୍ଷୀଙ୍କୁ ଖାଇବାକୁ ଦେବା ତାଙ୍କ ନିଶା ପାଲଟିଛି। ସକାଳୁ ଉଠି ନିତ୍ୟକର୍ମ ସାରି ପୂଜାର୍ଚ୍ଚନା କରିବା ପରେ ଏଭଳି ପଶୁପକ୍ଷୀଙ୍କ ସେବାରୁ ଆରମ୍ଭ ହୁଏ ନିରଞ୍ଜନଙ୍କ କର୍ମମୟ ଜୀବନ। ତାଙ୍କ ଭଡ଼ାଘରେ ପାରାଭାଡ଼ି ରହିଛି। ସେଠାରେ ପ୍ରାୟ ଶହେ ପାରା ରହୁଛନ୍ତି। ପୂଜାର୍ଚ୍ଚନା ସରିବା ପରେ ସେ ପ୍ରଥମେ ସେହି ଭାଡ଼ିରେ ରହିଥିବା ପାରାମାନଙ୍କୁ ଗହମ ଖାଇବାକୁ ଦେଇଥାନ୍ତି। ନିୟମିତ ରୁଟି ଦେଉଥିବା ଯୋଗୁ ସକାଳ ପ୍ରାୟ ୫ଟା ୧୫ବେଳକୁ ପ୍ରତିଦିନ ୩/୪ଟି କୁକୁର ତାଙ୍କ ଘର ସମ୍ମୁଖକୁ ଆସି ବୁଲାବୁଲି କରିଥାନ୍ତି। ଫଳରେ ସେମାନଙ୍କୁ ରୁଟି ଖାଇବାକୁ ଦେବା ପରେ ନିରଞ୍ଜନ ଗାନ୍ଧୀଛକର ନିଜ ଦୋକାନକୁ ବାହାରିଥାନ୍ତି। ସକାଳ ପ୍ରାୟ ସାଢ଼େ ୫ଟାବେଳକୁ ଦୋକାନ ଖୋଲି ପୂଜାର୍ଚ୍ଚନା କରିଥାନ୍ତି। ତାଙ୍କ ଦୋକାନ ଖୋଲିବା ଜାଣିପାରି ଦୋକାନ ଆଗକୁ ଶହ ଶହ ପାରା, ଗାଈଗୋରୁ, କୁକୁର ଆସିଥାନ୍ତି। ଏହାପରେ ନିରଞ୍ଜନ ପାରା, ଗୋରୁଙ୍କୁ ବିଭିନ୍ନ ଦ୍ରବ୍ୟ ଖାଇବାକୁ ଦେଉଥିବା ସେ କହିଛନ୍ତି। କେବଳ ସକାଳ ବେଳା ନୁହେଁ, ସନ୍ଧ୍ୟା ସମୟରେ ମଧ୍ୟ ଦୋକାନ ଆଗକୁ ଆସୁଥିବା ପାରା, କୁକୁର, ଗୋରୁଙ୍କୁ ସେ ସେଭଳି ଖାଇବାକୁ ଦିଅନ୍ତି। ଏଥିପାଇଁ ଅତିକମ୍‌ରେ ଦୈନିକ ୫୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି। ମାତ୍ର ସେମାନଙ୍କୁ ଖାଇବାକୁ ଦେଇ ମନରେ ଯେଉଁ ଆତ୍ମତୃପ୍ତି ମିଳୁଛି, ତାହା ଅବର୍ଣ୍ଣନୀୟ ବୋଲି ନିରଞ୍ଜନ କୁହନ୍ତି। ଏହାଦ୍ୱାରା ବାହାରରେ ବୁଲାବୁଲି କରୁଥିବା ପଶୁପକ୍ଷୀ ଖାଇବାକୁ ପାଉଛନ୍ତି ସତ, ମାତ୍ର ତାଙ୍କର ମଧ୍ୟ ବହୁତ ଭଲ କାମ ହେଉଛି ବୋଲି ସେ କହିଛନ୍ତି। ଗତ ୩୦ବର୍ଷ ହେଲା ସେ ଘରେ ଏଭଳି ପଶୁପକ୍ଷୀଙ୍କୁ ଖାଇବା ପାଇଁ ଦେଉଛନ୍ତି। ପ୍ରାୟ ବର୍ଷେ ହେବ ତାଙ୍କୁ ଦୋକାନ ଆଗକୁ ପାରା, କୁକୁର, ଗୋରୁ ଆସୁଥିବା ଯୋଗୁ ସେମାନଙ୍କୁ ମଧ୍ୟ ସେଭଳି ଖାଇବାକୁ ଦେଉଛନ୍ତି। ଏହାଦ୍ୱାରା ତାଙ୍କୁ ବହୁତ ଶାନ୍ତି ମିଳୁଛି । ସେ ବଞ୍ଚିଥିବା ପର୍ଯ୍ୟନ୍ତ ଏଭଳି ସେବା ଜାରି ରଖିଥିବେ ବୋଲି କୁହନ୍ତି ନିରଞ୍ଜନ।

*-ପ୍ରେମାନନ୍ଦ ଖମାରୀ, ବରଗଡ଼ ଅଫିସ୍*





85 crore+ HEROES
ଅଗଣିତ ସମ୍ପର୍କ
World leading brands from the House of Hero
Splendor+ | Super Splendor | iSmart+ | Passion Pro | Glamour | HF Deluxe | Xtreme 200R | Maestro Edge | Pleasure | Destini 125
HeroFinCorp.
HeroMotoCorpIndia @HeroMotoCorp HeroMotoCorpLimited
TheHeroMotoCorp heromotocorp.com
India's First 5 Year Warranty *Conditions apply

Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com. This benefit is available in the states of Tamil Nadu, Kerala, Karnataka, and Andra Pradesh - Telangana only. Both exchange and loyalty benefit cannot be availed on a single purchase. *Low down payment is by the preferred financiers at their sole discretion and subject to their respective terms and conditions. This benefit is available on all Hero Two-Wheelers under 150cc. ^As per cumulative dispatch numbers till September 2018. This benefit is available for a limited period only. Taxes as applicable will be levied.

For Institutional and Bulk Sales please write to Kolkata@heromotocorp.com


Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।

- ବ୍ୟାସଦେବ

## ସଂକ୍ଷେପରେ

### ଟ୍ରେନ ଧକ୍କାରେ ମହିଳା ମୃତ, ଶିଶୁକନ୍ୟା ଗୁରୁତର

ଡୁଙ୍ଗୁରିପାଲି, ୧୧।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରେଲୱେ ଫାଟକ ପାଖରେ ରବିବାର ସକାଳେ ଟ୍ରେନ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡୁଙ୍ଗୁରିପାଲି ଥାନା ଅଧୀନ ଅନ୍ଧାରିବାଞ୍ଜି ଗ୍ରାମର ଲଳିତା ନାଏକ(୩୦)। ଏଥିରେ ମହିଳାଙ୍କ ସହ ଯାଉଥିବା ଶିଶୁକନ୍ୟା ଗୁରୁତର ହୋଇଛନ୍ତି। ପୂର୍ବାହ୍ନ ପ୍ରାୟ ୧୦ଟାରେ ଲଳିତା ତାଙ୍କ ଅଢେଇ ବର୍ଷର ଝିଅକୁ ଧରି ରାମପୁରସ୍ଥିତ ରେଳ ଫାଟକରୁ ସହଲା ଫାଟକ ଆଡକୁ ରେଳ ଲାଇନ ଉପରେ ଯାଉଥିଲେ। ଏହି ସମୟରେ ବରଗଡ ପଟରୁ ଆସୁଥିବା ଏକ ମାଲଗାଡି ଆସି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଏଥିରେ ମହିଳାଙ୍କ ଗୋଡ କଟି ଯାଇଥିବାବେଳେ ଶିଶୁକନ୍ୟା ଆହତ ହୋଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ମହିଳାଙ୍କ ମୃତ୍ୟୁ ହୋଇଯାଇଥିଲା।

### କେନାଲ ଡିଭିଜନ ଠିକା ଶ୍ରମିକଙ୍କ ବୈଠକ

ବିନିକା/ଡୁଙ୍ଗୁରିପାଲି, ୧୧।୮(ଡି.ଏନ୍.ଏ.): ସୁବର୍ଣ୍ଣପୁର ଜିଲା ସାରସମାଲ ସାପ୍ତାହିକ ବଜାର ପ୍ରାଙ୍ଗଣରେ ରବିବାର ହୀରାକୁଦ ବନ୍ଧ କର୍ମଚାରୀ ସଂଘ ଅଧୀନ ବରଗଡ ଏବଂ ବରପାଲି କେନାଲ ଡିଭିଜନରେ କାମ କରୁଥିବା ଠିକା ଶ୍ରମିକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଆଲୋଚନାରେ ହୀରାକୁଦ ବନ୍ଧ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ସନତ କୁମାର ପଟ୍ଟନାୟକ, ଉପସଭାପତି ଭୁବନ ଚନ୍ଦ୍ର ଧଳ ଓ ବରଗଡ ଶାଖା ସମ୍ପାଦକ କିଶୋର ଚନ୍ଦ୍ର ଦାଶ ଯୋଗ ଦେଇଥିଲେ । ଠିକା ଶ୍ରମିକମାନେ ଦର୍ଶାଇଥିଲେ ଯେ, ସେମାନେ ଦୀର୍ଘ ୨୫ବର୍ଷ ହେଲା ବରଗଡ ଓ ବରପାଲି କେନାଲ ଡିଭିଜନରେ କରିଥିବା ଚୁକ୍ତି ଅନୁସାରେ ସୁଚାରୁ ରୂପେ ଦାୟିତ୍ୱ ତୁଲାଇ ଆସୁଛନ୍ତି। ଏପରିକି ଏହି ଦୁଇ ଡିଭିଜନ୍ ଅନ୍ତର୍ଗତ ୧୬ଟିସେକ୍ସନରେ ବିଭିନ୍ନ ସମୟରେ କେନାଲ ପାଣି ପରିଚାଳନା ସମୟରେ ସେମାନେ ଚାଷୀଙ୍କ ଆକ୍ରୋଶର ବି ଶିକାର ହେଉଛନ୍ତି। ମାତ୍ର ପରିତାପର ବିଷୟ ଏତେସବୁ ସତ୍ତ୍ୱେ ସେମାନଙ୍କୁ ନିୟମିତ କାମ ମିଳୁନି। କାମ ଅନୁସାରେ ପ୍ରତିମାସରେ ବେତନ ମିଳୁନି। ଇପିଏଫ୍, ଇଏସ୍ଆଇ ଲାଗୁ ହେଉନି। ଯହାଫଳରେ ଉଭୟ କେନାଲ ଡିଭିଜନ ଅନ୍ତର୍ଗତ ୧୬ଟି ସେକ୍ସନରେ ଦୀର୍ଘବର୍ଷ ହେଲା କାର୍ଯ୍ୟ କରିଆସୁଥିବା ୧୧୦ଜଣ ଠିକା ଶ୍ରମିକ ଏବେ ବହୁବିଧ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଉପରୋକ୍ତ ବିଷୟଗୁଡିକ ଉପରେ ସରକାର ଓ ବିଭାଗୀୟ ପ୍ରସାଶନ ଦୃଷ୍ଟି ଦେଉ ନ ଥିବା ହେତୁ ଆଗାମୀ ଦିନରେ ସେମାନେ ଚରମପନ୍ଥା ଆପଣାଇବେ ବୋଲି କହିଥିଲେ। ଶ୍ରମିକମାନଙ୍କ ଦାବିକୁ ପୂରଣ କରିବା ଦିଗରେ ସହଯୋଗ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ, ଉପସଭାପତି ଏବଂ ବରଗଡ ଶାଖା ସମ୍ପାଦକ ପ୍ରତିଶ୍ରୁତି ଦେଇଥିଲେ।

## ■ ମହାନଦୀ ବ୍ରିଜ୍‌ରୁ କୁଞ୍ଜ ଛକ ୪ଥାକିଆ ରାସ୍ତା

# ସମ୍ପୂର୍ଣ୍ଣ ହୋଇଥାନ୍ତା, ଆରମ୍ଭ ହୋଇନି

ସୋନପୁର,୧୧।୮(ନି.ପ୍ର.)

ପ୍ରଶାସନିକ ସ୍ଥାଣୁତା ଯୋଗୁଁ ସୁବର୍ଣ୍ଣପୁର ଜିଲାର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନି। ନିର୍ଦ୍ଧାରିତ ସମୟରେ କୌଣସି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନି। ବର୍ଷବର୍ଷ ଧରି ପ୍ରକଳ୍ପଗୁଡିକ ଅଧାପନ୍ତରିଆ ଅବସ୍ଥାରେ ପଡି ରହୁଛି। କେଉଁଠି ଜମି ସମସ୍ୟା ପାଇଁ କାର୍ଯ୍ୟ ଆରମ୍ଭ ହୋଇପାରୁନି ତ ଆଉ କେଉଁଠି ଠିକାଦାରଙ୍କ ଯୋଗୁଁ କାମ ବିଳମ୍ବ ହେଉଛି। ମାତ୍ର ଏହାର ସମୀକ୍ଷା ହେଉନି। ଜିଲା ସଦର ମହକୁମାର ମହାନଦୀ ବ୍ରିଜ୍‌ରୁ କୁଞ୍ଜ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ରାସ୍ତା କାମ ସମ୍ପୂର୍ଣ୍ଣ ହେବା କଥା। ମାତ୍ର ସରକାରୀ ଅନୁଦାନ ଥାଇ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନି। ୬ କୋଟି ୭୯ ଲକ୍ଷ ଟଙ୍କା ବ୍ୟୟରେ ଏହି ୩.୨୬୦ କିମି ରାସ୍ତା ପ୍ରଶସ୍ତୀକରଣ ହେବ। ଡିଭାଇଡର ସହିତ ୪ଥାକିଆ ରାସ୍ତା ନିର୍ମାଣ ପାଇଁ ଯୋଜନା ରହିଛି। ପୂର୍ତ୍ତ ବିଭାଗ ସହିତ ଟେଣ୍ଡର ପାଇଥିବା ଠିକାଦାରଙ୍କ ଚୁକ୍ତିନାମା ହୋଇଛି । ତଦନୁଯାୟୀ ୨୦୧୯ ଅଗଷ୍ଟ ୧୨ ତାରିଖ ସୁଦ୍ଧା ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବା କଥା। ଫେବୃୟାରୀ ମାସରେ ରାସ୍ତାର ଶିଳାନ୍ୟାସ ହୋଇଥିଲା। କିନ୍ତୁ ଖୁଡିଏ ବି ମାଟି ପଡିନି। ଜମି କ୍ଲିୟରାନ୍ସ ନଥିବାରୁ ଠିକାଦାର କାମ କରୁନାହାନ୍ତି। ବେସରକାରୀ ଜମି ଅଧିଗ୍ରହଣ ହୋଇ ନଥିବା ବେଳେ, କିଛି ସରକାରୀ ଜମି ଜବରଦଖଲରେ ରହିଛି। ବିଦ୍ୟୁତ୍ ଖୁଣ୍ଟ ଓ ମ୍ୟୁନିସିପାଲିଟି ପକ୍ଷରୁ ରାସ୍ତାପାର୍ଶ୍ୱରେ ଲାଗିଥିବା ଉଜ୍ଜ୍ୱଳ ଆଲୋକ ଖୁଣ୍ଟଗୁଡିକୁ ସ୍ଥାନାନ୍ତର କରାଯାଇନି। ରାସ୍ତାପାର୍ଶ୍ୱରେ ଥିବା ୧୧୦୦ଟି ଗଛ କଟାଯିବାକୁ ଥିବା ବେଳେ ତାହା ସମ୍ଭବ ହୋଇନି। ପୂର୍ତ୍ତ, ରାଜସ୍ୱ, ବନ ବିଭାଗ ଓ ଜିଇଡି ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁନି। ସେହିପରି ଜେଲ ଛକରୁ ୫୭ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଭାୟା ଜନମୁରା ରାସ୍ତା କାର୍ଯ୍ୟ ଧିମେଇ ଚାଲିଛି। ୭ମିଟର ଓସାର ବିଶିଷ୍ଟ ଏହି ୬କିଲୋମିଟର ରାସ୍ତା ସାଢେ ୯କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ। ଏହି ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରଣ ହୋଇପାରିନି। ଜନମୁରା ଓ ଧୋବାବାହାଲିଠାରେ ଜମି ଅଧିଗ୍ରହଣ ହୋଇନି। ପ୍ରସ୍ତାବିତ ରେଲୱେ ଷ୍ଟେଶନକୁ ସଂଯୋଗ କରୁଥିବା ଏହି ରାସ୍ତା ଜିଲାବାସୀଙ୍କ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ । ରିଂ ରୋଡ କାର୍ଯ୍ୟ ମଧ୍ୟ ବହୁ ମନ୍ଥର ଗତିରେ ଚାଲିଛି। ଠିକାଦାରଙ୍କ ଅବହେଳା ଯୋଗୁଁ ନିର୍ଦ୍ଧାରିତ ସମୟରେ କାମ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ନୂତନ ଜିଲାପାଳ ମୋନିଷା ବାନାର୍ଜୀ କାର୍ଯ୍ୟରେ ଯୋଗଦେବା ପରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଜିଲାବାସୀ ଆଶା ରଖିଛନ୍ତି ।

**ପ୍ରଶାସନିକ ସ୍ଥାଣୁତା : ଉନ୍ନୟନ କାର୍ଯ୍ୟରେ ବାଧା**






ବ୍ଲକ ଛକରୁ କୁଞ୍ଜ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛଗୁଡିକୁ କଟାଯାଇନି(ବାମ) । ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିବା ସୂଚନା ଫଳକ ।

## ■ ପରିଦର୍ଶନ ବେଳେ ପରିବହନ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

# ପାତାଳି ଶ୍ରୀକ୍ଷେତ୍ରରୁ ପୁରୀକୁ ବସ୍ ଚଳାଚଳ କରିବ

ଅମରପାଲି, ୧୧।୮ (ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା କୋଟସମଲାଇସ୍ଥିତ ପାତାଳି ଶ୍ରୀକ୍ଷେତ୍ର ପରିଦର୍ଶନ କରିଛନ୍ତି ପରିବହନ ଏବଂ ଯୋଜନା ସଂଯୋଜନା ମନ୍ତ୍ରୀ ପଦ୍ମନାଭ ବେହେରା। ରବିବାର ପୂର୍ବାହ୍ନ ୧୦ଟାରେ ପାତାଳି ଶ୍ରୀକ୍ଷେତ୍ରରେ ପହଞ୍ଚି ଶ୍ରୀବିଗ୍ରହଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ତାଙ୍କ ସହିତ ବରିଷ୍ଠ ଅଧିକାରୀ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଓ ଶିଳ୍ପୋଦ୍ୟୋଗୀ କରୁଣାକର ମହାନ୍ତି, ଉମେଶ ଚନ୍ଦ୍ର ପାଣିଗ୍ରାହୀ, ଶେଷଦେବ ମେହେର, କିଶୋର ଚନ୍ଦ୍ର କର, ବିଜୟ କୁମାର ବେହେରା, ବାସୁଦେବ ବାହିନିପତି, ବିଶ୍ୱନାଥ ମଲ୍ଲିକ, ଚକ୍ରାୟୁଧ ହୋତା, କମଳଲୋଚନ ପାତ୍ର, ପ୍ରକାଶ ଚନ୍ଦ୍ର ନାଏକ, ଗୋବିନ୍ଦ ଚନ୍ଦ୍ର ଦାଶ, ଦିଲୀପ କୁମାର ସାହୁ, ଦେବେନ୍ଦ୍ର ଦାଶ ପ୍ରମୁଖ ମଧ୍ୟ ଯାଇଥିଲେ । ପାତାଳି ଶ୍ରୀକ୍ଷେତ୍ର ଟ୍ରଷ୍ଟ ପକ୍ଷରୁ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଟ୍ରଷ୍ଟ ପକ୍ଷରୁ ଛଳିଆ ପାହାଡିର ଘାଟି ରାସ୍ତା ନିର୍ମାଣ, ପର୍ଯ୍ୟଟନ ଭିତ୍ତିଭୂମି ବିକାଶ, ମନ୍ଦିର ନିର୍ମାଣ, ପାତାଳି ଶ୍ରୀକ୍ଷେତ୍ରରୁ ପୁରୀ ଶ୍ରୀକ୍ଷେତ୍ରକୁ ବସ ଚଳାଚଳ ପାଇଁ ଅନୁରୋଧ କରାଯାଇଥିଲା। ଏନେଇ ମନ୍ତ୍ରୀ ଦୁଇ ମାସ ମଧ୍ୟରେ ଏଠାରୁ ପୁରୀକୁ ବସ୍ ଚଳାଚଳ କରାଯିବ ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତା ମଧ୍ୟ ଉପସ୍ଥିତ ଥିଲେ ।



ପାତାଳି ଶ୍ରୀକ୍ଷେତ୍ରରେ ମନ୍ତ୍ରୀ ପଦ୍ମନାଭ ବେହେରା ।

# ବିଶିପାଲିରେ ଫେଲ ମାରିଛି ଡ୍ରେନେଜ୍ ବ୍ୟବସ୍ଥା

ବିନିକା, ୧୧।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାଉଁଶୁଣୀ ଓ ବିଶିପାଲି ଗ୍ରାମ ୭ଟି ୱାର୍ଡକୁ ନେଇ ଗଠିତ । ବାଉଁଶୁଣୀ ପଞ୍ଚାୟତ ପକ୍ଷରୁ ବାଉଁଶୁଣୀ ଓ ବିଶିପାଲିର ଜନସାଧାରଣଙ୍କ ଘରୁ ନିର୍ଗତ ମଇଳା ପାଣିକୁ ନିଷ୍କାସନ କରିବା ପାଇଁ ଡ୍ରେନେଜ୍ ବ୍ୟବସ୍ଥା ଅଛି। ମାତ୍ର ପରିତାପର ବିଷୟ ସଫେଇ ନ ହେବାରୁ ଗତ ୬ମାସ ହେଲା ଏହି ଡ୍ରେନ ଅଳିଆ ଆବର୍ଜନାରେ ପୋତି ହୋଇଯାଇଛି । ବର୍ଷାରତୁ ଆରମ୍ଭ ହୋଇଯାଇଥିବାରୁ ପାଣି ଡ୍ରେନଦେଇ ନିଷ୍କାସିତ ହୋଇ ନ ପାରି ଲୋକଙ୍କ ଘରେ ପଶିବା ସହ ରାସ୍ତା ଉପରକୁ ଉଠି ଆସୁଛି। ଏ ଦିଗରେ ପଞ୍ଚାୟତ କର୍ତ୍ତୃପକ୍ଷ ଓ ଗାଁ କଲ୍ୟାଣ ସମିତି ଦୃଷ୍ଟି ଦେଇ ତୁରନ୍ତ ଡ୍ରେନକୁ ସଫେଇ କରି ଅଳିଆ ଆବର୍ଜନା ହଟାଇବାକୁ ଦାବି ହେଉଛି।



ପୋତି ହୋଇ ପଡିଥିବା ଡ୍ରେନ।

### ବାଇକ୍ ଚାଳକଙ୍କୁ ମାଡ଼ମାରି ୪ହଜାର ଲୁଟ୍

ବିନିକା,୧୧।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଥାନା ଗନିଆ ଫାଣ୍ଡି ଅନ୍ତର୍ଗତ ନନ୍ଦନମାଳ ଗ୍ରାମର ଜଣେ ବାଇକ ଚାଳକଙ୍କୁ ମାଡ ମାରି ୨ଜଣ ବ୍ୟକ୍ତି ୪ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଲୁଟ୍‌ର ଶିକାର ହୋଇଥିବା ରମେଶ ବନଛୋର ଥାନାରେ ଅଭିଯୋଗ କରିଛନ୍ତି। ପ୍ରତିଦିନ ଭଳି ଭୂଏପାଲି ରାଇସ୍ ମିଲ୍‌ରେ କାମ ସାରି ସନ୍ଧ୍ୟା ପ୍ରାୟ ୭ଟାରେ ସେ ଘରକୁ ଫେରୁଥିଲେ। ଫେରିବା ବାଟରେ କାକାଙ୍କ ପୁଅ ରଞ୍ଜନ ବନଛୋରଙ୍କୁ ନିଜ ନମ୍ବର ବିହୀନ ବାଇକ୍‌ରେ ବସାଇ ସେ ନନ୍ଦନମାଳ-ଚୁଲିମାଳ ରାସ୍ତାରେ ଥିବା ଏକ ଦୋକାନକୁ କୁକୁଡା ମାଂସ କିଣିବାକୁ ଯାଇଥିଲେ। ନନ୍ଦନମାଳ-ଚୂଲିମାଳ ବ୍ରିଜ୍ ସମ୍ମୁଖରେ ଗନିଆଁ ଗ୍ରାମର ଶୁକଦେବ କୁଅଁର ଓ ଅର୍ଜୁନ କୁଅଁର ସେମାନଙ୍କୁ ଅଟକାଇଥିଲେ। ମାଡ ମାରି ଭୟଭୀତ କରି ବାଇକ ଚାବି ଛଡାଇ ନେଇଥିଲେ। ପରେ ସେମାନେ ରମେଶଙ୍କ ପଛପଟ ପ୍ୟାଣ୍ଟ ପକେଟ୍‌ରେ ଥିବା ମନିପର୍ସକୁ ଛଡାଇ ନେଇଥିଲେ। ପର୍ସ ନେଇଯିବା ପରେ ଗାଡି ଚାବି ସେଠାରେ ଫିଙ୍ଗିଦେଇ ପଳାଇ ଯାଇଥିଲେ ବୋଲି ରମେଶ ଅଭିଯୋଗ କରିଛନ୍ତି। ରମେଶଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୧୨୮/୧୯)ରୁଜୁ କରି ପୋଲିସ ତନଘନା ଚଳାଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଗନିଆଁ ଫାଣ୍ଡି ଅଧିକାରୀ ପରକ୍ଷିତ ମାଝୀ କହିଛନ୍ତି।

# ଜୀବନକୌଶଳ ଶିକ୍ଷାରେ ଭାଗନେଲେ ୨୫୦ପ୍ରତିଯୋଗୀ



ଲଛିପୁରରେ ତାଲିମ ଗ୍ରହଣ କରିଥିବା ଶିଶୁମାନେ ।

ସୋନପୁର,୧୧।୮(ନି.ପ୍ର.)

ସୋନପୁର ବ୍ଲକର ଖଲିଆପାଲି, ଲଛିପୁର, ମୟୂରଉଡାନ ଓ ମଲ୍ଲିକମୁଣ୍ଡା ପଞ୍ଚାୟତ ଶିଶୁ ସଂଘର ସଦସ୍ୟା ସଦସ୍ୟମାନଙ୍କୁ ନେଇ ଜୀବନ କୌଶଳ ଶିକ୍ଷା ତାଲିମ ପ୍ରଦାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସମାଜର ପ୍ରତ୍ୟେକସ୍ତରର ବ୍ୟକ୍ତିଙ୍କ ସହ ସୁସମ୍ପର୍କ ରଖିବା ସହ ଅନୁକୂଳ ଓ ପ୍ରତିକୂଳ ବାତାବରଣରେ ଶିଶୁମାନେ ଉତ୍ତମ ଜୀବନ ଯାପନ କରିବାର ମାଧ୍ୟମ ବିଷୟରେ ଶିଶୁ ସଂଘ ସଦସ୍ୟାସଦସ୍ୟଙ୍କୁ ତାଲିମ ଦିଆଯାଇଥିଲା। ବୈଷୟିକ ପର୍ଯ୍ୟାୟରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ରହିଥିବା ୧୦ଟି ପ୍ରମୁଖ ଜୀବନ କୌଶଳ ଶିକ୍ଷା ତଥା ଆତ୍ମ ସଚେତନତା, ସୃଜନାତ୍ମକ ଚିନ୍ତନ, ଫଳପ୍ରଦ ଭାବ ବିନିମୟ, ପାରସ୍ପରିକ ସମ୍ପର୍କ ଓ ମାନସିକ ଚାପର ନିୟନ୍ତ୍ରଣ ସମ୍ପର୍କରେ ଆଲୋଚନା ଖେଳ ଓ ଅଭିନୟ ମାଧ୍ୟମରେ ଉପସ୍ଥାପନ କାଯାଇଥିଲା । ଜୀବନ କୌଶଳ କିପରି ସ୍ୱାସ୍ଥ୍ୟଶିକ୍ଷା ସହ ଜଡିତ ଶିଶୁ ଅଧିକାରକୁ ସୁନିଶ୍ଚିତ କରିବା ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଓ ସ୍ୱାସ୍ଥ୍ୟପାଇଁ କିଶୋର ବୟସରେ ପୁଷ୍ଟିସାରର ଆବଶ୍ୟକ ହେଉଛି ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସାଧନ କର୍ମୀ ସୁଶାନ୍ତ ଭୋଇ, ସନ୍ତୋଷିନୀ ନନ୍ଦ, ରାଜକୁମାର ଦାଶ, ହୀରାଲାଲ ମିଶ୍ର ଓ ଭାଗିରଥି ସାହୁ ତାଲିମ ଦେଇଥିଲେ। ଜିତେନ୍ଦ୍ରୀୟ ପୂଜାହାରୀ, ଶ୍ୱେତା ରାୟ, ଝସକାନ୍ତି ତନ୍ତୀ, ଅଶୋକ ଝାଙ୍କର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଗାଁରାସ୍ତାରୁ ଜବରଦଖଲ ହଟୁନାହିଁ

ବିନିକା, ୧୧।୮(ଡି.ଏନ୍.ଏ)

ବିନିକା ବ୍ଲକ ଜାମପାଲି ଓଡିଆପଡା ଗ୍ରାମ ରାସ୍ତାକୁ କେତେକ ଲୋକ ଜବରଦଖଲ କରିଛନ୍ତି। ଏଥିଯୋଗୁଁ ଯାତାୟାତ ସମସ୍ୟା ହେଉଛି। ରାସ୍ତାର ମାପଚୁପ୍ ପାଇଁ ଗାଁର କେତେକ ଲୋକ ତହସିଲଦାର ଅଲେଖ ଘୁଟାଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ଗାଁକୁ ଆସି ରାସ୍ତାକୁ ମଡାଇ ବାଡ ଦେଇଥିବା ଲୋକଙ୍କୁ ଏଥିରୁ ନିବୃତ୍ତ ରହିବାକୁ ତାଗିଦ୍ କରିଥିଲେ। ମାତ୍ର ପରିତାପର ବିଷୟ ଆଜକୁ ଦେଢବର୍ଷ ହେଲା ଉକ୍ତ ରାସ୍ତାର ମାପଚୁପ୍ ହୋଇ ପାରିଲା ନାହିଁ। ଫଳରେ ରାସ୍ତାଟି କ୍ରମଶଃ ସଙ୍କୁଚିତ ହୋଇ ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି ବୋଲି ଆନନ୍ଦ ଥାଟୀ, ଭରତ ମହାକୁର, ବୃନ୍ଦାବନ ମହାକୁର, ମହେଶ୍ୱର ସେଠ୍ ପ୍ରମୁଖ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାଜସ୍ୱ ପ୍ରଶାସନ ଏ ଦିଗରେ ଅବିଳମ୍ବେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଅମରପାଲି ୟୁପି ସ୍କୁଲରେ କ୍ୟାବିନେଟ ଗଠନ

ଅମରପାଲି, ୧୧।୮(ଡି.ଏନ.ଏ.)

**ଗଣତାନ୍ତ୍ରିକ ପଦ୍ଧତିରେ ମତଦାନ ଦେଲେ ଛାତ୍ରୀଛାତ୍ର**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ସରକାରୀ ୟୁପି ସ୍କୁଲରେ ଗଠିତ ହୋଇଯାଇଛି ସ୍କୁଲ କ୍ୟାବିନେଟ। ସମ୍ପୂର୍ଣ୍ଣ ଗଣତାନ୍ତ୍ରିକ ପଦ୍ଧତିରେ ମତଦାନ କରି ଛାତ୍ରୀଛାତ୍ରମାନେ କ୍ୟାବିନେଟ ଗଠନ କରି ମତଦାନ ବିଷୟରେ ଜ୍ଞାନ ଆହରଣ କରିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଦୁଃଖୀଶ୍ୟାମ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଉକ୍ତ କାର୍ଯ୍ୟକ୍ରମରେ ୧୫ଜଣ ଛାତ୍ରୀଛାତ୍ର କ୍ୟାବିନେଟରେ ସାମିଲ ହୋଇଛନ୍ତି। ପରେ ସେମାନଙ୍କୁ ଗୋପନୀୟତାର ଶପଥ ପାଠ କରାଯାଇଛି। ମତଦାନରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀଭାବେ ଅଙ୍କିତା ସାହୁ ଓ ଉପମୁଖ୍ୟମନ୍ତ୍ରୀ ଭାବେ ଦିଲୀପ ପଧାନ ନିର୍ବାଚିତ ହୋଇଥିଲେ। ଶିକ୍ଷାମନ୍ତ୍ରୀ ଓ ଉପଶିକ୍ଷାମନ୍ତ୍ରୀଭାବେ ପ୍ରତ୍ୟାଶା ସାହୁ ଓ ଦେବରାଜ କଲତା, ପରିବେଶ ମନ୍ତ୍ରୀ ଉଷ୍ମିତା ପ୍ରଧାନ ଓ ଉପମନ୍ତ୍ରୀ ହରି ସେଠୀ, କ୍ରୀଡା ମନ୍ତ୍ରୀ ଓ ଉପମନ୍ତ୍ରୀଭାବେ ରାଧାକାନ୍ତ ଦେହୁରୀ ଓ ଲକ୍ଷ୍ମୀପ୍ରିୟା ଦେହୁରୀ, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଓ ଉପମନ୍ତ୍ରୀ ଭାବେ ଗୀତାଞ୍ଜଳି ବିଶ୍ୱାଳ ଓ ଶ୍ରୁତିସ୍ୱାଗତିକା ସାହୁ ନିର୍ବାଚିତ ହୋଇଛନ୍ତି। ସେହିପରି ଖାଦ୍ୟମନ୍ତ୍ରୀ ଓ ଉପମନ୍ତ୍ରୀଭାବେ ପୂଜାରାଣୀ ପଧାନ ଓ ଜିତେନ୍ଦ୍ର ମନହିରା ଏବଂ ମିନା ମଞ୍ଚ ଭାବେ ନିବେଦିତା ପଧାନ ନିର୍ବାଚିତ ହୋଇଛନ୍ତି। ସିଆରସିସି ପ୍ରଦୀପ ଜଗଦଲା ସେକ୍ଟର ଅଫିସର କାର୍ଯ୍ୟ ତୁଲାଇଥିଲେ। ନିଦ୍ରାବତୀ ନାୟକ ପ୍ରିଜାଇଡିଂ ଅଫିସର, ନାରାୟଣ ବେହେରା, ମନୋରଞ୍ଜନ ପୁରୋହିତ ଓ ଯଦୁମଣି ବାଘ ପୋଲିଂ ଅଫିସର ଦାୟିତ୍ୱ ନିର୍ବାହ କରିଥିଲେ। ଶିକ୍ଷକ ତପକିରଣ ସାହୁ, ଅରବିନ୍ଦ ରଣା ଓ ଶୁଭାଶିଷ ମିଶ୍ର, ବସନ୍ତ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ମତଦାନ ପରେ ଛାତ୍ରୀମାନେ କାଳି ଲଗା ଆଙ୍ଗୁଠି ଦେଖାଉଛନ୍ତି ।

# ଉଲୁଣ୍ଡା କପ ଫୁଟବଲ: ମୋରାଲୋଏ ଚାମ୍ପିୟନ

ଉଲୁଣ୍ଡା, ୧୧।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ମଗଧେଶ୍ୱର କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ପଡିଆରେ ୧୨ତମ ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ଖେଳରେ ମୋରାଲୋଏ ଦଳ ଝାରବାହାଲିକୁ ଟାଇବ୍ରେକର ୫-୪ଗୋଲରେ ହରାଇ ଚାମ୍ପିୟନ ହୋଇଛି। ରବିବାର ସକାଳେ ମଗଧେଶ୍ୱର କ୍ଲବ ସ୍ପୋର୍ଟସ ସମ୍ପାଦକ ଉରୁକ୍ରମ ପାଣ୍ଡିଆ ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଖେଳାଯାଇଥିବା ଲିଗ୍ ମ୍ୟାଚରେ ମୋରାଲୋଏ ଦଳ ବିଶାଳପାଲିକୁ ୪-୧ଗୋଲରେ, ଝାରବାହାଲି ଦଳ ସାହାସପୁରକୁ ୫-୪ ଗୋଲରେ, ଖଣ୍ଡହତା ଦଳ ବିଶିପଡାକୁ ୩-୧ ଗୋଲରେ, ଗର୍ଭଣା ଦଳ ଉଲୁଣ୍ଡାକୁ ୬-୫ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ପ୍ରଥମ ସେମିଫାଇନାଲରେ ମୋରାଲୋଏ ଦଳ ଖଣ୍ଡହତାକୁ ଟାଇବ୍ରେକର ଜରିଆରେ ୫-୪ଗୋଲରେ ଓ ଦ୍ୱିତୀୟ ସେମିଫାଇନାଲରେ ଝାରବାହାଲି ଦଳ ଗର୍ଭଣାକୁ ଟାଇବ୍ରେକର ୬-୫ ଗୋଲରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲ ଖେଳ ଗୋଲଶୂନ୍ୟ ଭାବରେ ସମାପ୍ତ ହେବାରୁ ରେଫରି ଟାଇବ୍ରେକରର ସହାୟତା ନେଇଥିଲେ। ଏଥିରେ ମୋରାଲୋଏ ଦଳ ଝାରବାହାଲିକୁ ୫-୪ଗୋଲରେ ପରାସ୍ତ କରିଥିଲା। ଖେଳସବୁକୁ ଅଭି ମହାନନ୍ଦ, ରାଜେଶ ବେହେରା, ନନ୍ଦୁ ନାଏକ ପରିଚାଳନା କରିଥିଲ। ମନଜିତ ଆଚାର୍ଯ୍ୟ ଧାରା ବିବରଣୀ ପ୍ରଦାନ କରିଥିଲେ। ସୁଜିତ ପଣ୍ଡାଙ୍କ ସଂଯୋଜନାରେ ହୋଇଥିବା ପୁରସ୍କାର ବିତରଣୀ ଉତ୍ସବକୁ ବିଜେଡି କୃଷକ ସେଲ ଉପସଭାପତି ରୁଷି କୁମାର ପଟେଲ, କମଳ ରଞ୍ଜନ ପରିଛା ଅତିଥିଭାବେ ଯୋଗଦେଇ ବିଜୟୀ ମୋରାଲୋଏ ଦଳକୁ ଟ୍ରଫିସହ ନଗଦ ୫ହଜାର ଟଙ୍କା ଓ ଉପବିଜେତା ଝାରବାହାଲିକୁ ଟ୍ରଫିସହ ନଗତ ୩ହଜାର ଟଙ୍କା ପ୍ରଦାନ କରିଥିଲେ। ମୋରାଲୋଏ ଦଳର ପଞ୍ଚାନନ ସେଠଙ୍କୁ ଶ୍ରେଷ୍ଠ ଗୋଲ ସ୍କୋରର ଭାବେ ଟ୍ରଫିସହ ଏକ ହଜାର ଟଙ୍କା ଉଲୁଣ୍ଡା ଥାନା ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବେଷ୍ଟ ଗୋଲକିପର ଭାବେ ଆଶୁତୋଷ ପଧାନ, ମ୍ୟାନ ଅଫ ଦ ଟୁର୍ନାମେଣ୍ଟ ମନୋଜ ପାଣ୍ଡେ, ମ୍ୟାନ ଅଫଦ ଫାଇନାଲଭାବେ ଆଶିଷ ବାଗଙ୍କୁ ପୁରସ୍କୃତ କରାଯାଇଥିଲା। ବିମଳେଶ୍ୱର ଗରିଆ, ଗଙ୍ଗାଧର ତରିଆ, ଯୁଧିଷ୍ଠିର ତରିଆ, ସୀତାରାମ ମେହେର, ପ୍ରମୋଦ ପାଲ, ଅଜିତ ସୁନା, ଶ୍ରୀତମ କର୍ଣ୍ଣ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।



ଈଶ୍ୱର ନାମ ଆଗରେ ଜାତି ଧର୍ମର ବିଦ୍ୱେଷ ରହିବା ଉଚିତ ନୁହେଁ।
- ଗୁରୁ ନାନକ



## ସଂକ୍ଷେପରେ

### ନିଖୋଜ ନାବାଳିକା ଆହ୍ଲାବାଦରୁ ଉଦ୍ଧାର

ମନମୁଣ୍ଡା, ୧୧।୮ (ଡି.ଏନ.ଏ)

ମନମୁଣ୍ଡା ଥାନା ଯୋଗୀପଦର ଅଞ୍ଚଳର ଜଣେ ଦଳିତ ନାବାଳିକା ନିଖୋଜ ହେବାର ୨ମାସ ପରେ ଆହ୍ଲାବାଦରୁ ଉଦ୍ଧାର ହୋଇଛନ୍ତି । ଉଦ୍ଧାର ପରେ ଉକ୍ତ ନାବାଳିକାଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପ୍ରକାଶଥାଉକି, ନିଖୋଜ ନାବାଳିକା ଜଣେ ନବମ ଶ୍ରେଣୀ ଛାତ୍ରୀ । ସେ ଗତ ମେ ୩୦ ତାରିଖରେ ନିଖୋଜ ଥିଲେ । ତାଙ୍କ ପରିବାର ବର୍ଗ ତାକୁ ବହୁ ଖୋଜାଖୋଜି ପରେ ନ ପାଇବାରୁ ଜୁନ ୧୧ ତାରିଖରେ ଥାନାରେ ଏକ ଏତଲା ଦେଇଥିଲେ । ନାବାଳିକା ଜଣକ ଆହ୍ଲାବାଦରେ ଥିବା ଜାଣିବାକୁ ପାଇ ପୋଲିସର ଏକ ଟିମ୍ ଗତ ୪ ତାରିଖରେ ସେଠାକୁ ଯାଇ ତାଙ୍କୁ ଉଦ୍ଧାର କରିଥିଲା ।

### ଗୌରାଙ୍ଗ ମଠରେ ଝୁଲଣ ଯାତ୍ରା ଆରମ୍ଭ

ଗଣ୍ଡତୁରୁମ, ୧୧।୮ (ଡି.ଏନ.ଏ)

ଭେଡେନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ କେଶିପାଲି ସ୍ଥିତ ଗୌରାଙ୍ଗ ମଠରେ ରବିବାରଠାରୁ ରାଧାକୃଷ୍ଣଙ୍କ ଝୁଲଣ ଯାତ୍ରା ଆରମ୍ଭ ହୋଇଛି । ପ୍ରତିବର୍ଷ ଶ୍ରାବଣ ଶୁକ୍ଳପକ୍ଷ ଏକାଦଶୀ ତିଥିରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିଥାଏ । ସକାଳୁ ରାଧାକୃଷ୍ଣଙ୍କ ବିଗ୍ରହକୁ ରୀତିନୀତି ଅନୁସାରେ ଝୁଲଣ ମଣ୍ଡପକୁ ନେଇ ପୂଜାର୍ଚ୍ଚନା କରି ସୁସଜ୍ଜିତ ଦୋଳିରେ ବସାଯାଇଥିଲା। ବ୍ୟାସ ଘଡି ଗୋପାଳ ପୁରୋହିତ ଚିତ୍ତବୋଧ ପୁରାଣ ପାରାୟଣ କରୁଛନ୍ତି। ମଠର ମହନ୍ତ ଗଙ୍ଗାଧର ଦାଶ ଏବଂ ତୁଳସୀ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲିଥିବା ଯାତ୍ରାରେ ପ୍ରତ୍ୟହ ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ପୂର୍ଣ୍ଣମୀ ଦିନ ବିଭିନ୍ନ ମଠର ମହନ୍ତ ପହଞ୍ଚି ସହଯୋଗ କରିବେ ବୋଲି ମହନ୍ତ କହିଛନ୍ତି । ଗ୍ରାମର ଦ୍ୱିତୀୟା ସେଟ, ଚନ୍ଦ୍ରଶେଖର ଦାଶ, ଦାଶରଥି ପରିଡା, ମନବୋଧ ସାହୁ, ବିଦେଶ ଦାଶ ଉତ୍ସବ ପରିଚାଳନା କରୁଛନ୍ତି ।

## ■ ପଶ୍ଚିମ ଓଡ଼ିଶାରେ ପ୍ରଥମ

# ୫୦ ହଜାର କଳାକାରଙ୍କ ସମାବେଶ ହେବ

ବରଗଡ଼ ଅଫିସ୍,୧୧।୮

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବଉଳଝୁପା ଆନୁକୂଲ୍ୟରେ ବରଗଡ଼ରେ ହେବାକୁ ଥିବା ପଶ୍ଚିମ ଓଡ଼ିଶା କଳାକାର ମହାସମାବେଶ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ପଶ୍ଚିମ ଓଡ଼ିଶାର ୫୦ହଜାରରୁ ଊର୍ଦ୍ଧ୍ୱ କଳାକାର ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ବଉଳଝୁପା ସାଂସ୍କୃତିକ ଅନୁଷ୍ଠାନର ସଭାପତି ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସଦସ୍ୟ ଚୈତନ୍ୟ ପାଇକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ଶତାଧିକ କଳାକାର ଅଂଶଗ୍ରହଣ କରିଥିଲେ। ଆସନ୍ତା ସେପ୍ଟେମ୍ବର ୨୯ତାରିଖରେ ହେବାକୁ ଥିବା ଏହି ସମାବେଶର ରୂପରେଖ ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ଅବସରରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ରାଜ୍ୟ ସରକାର ପୁନର୍ବାର ଜିଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତ କରିଥିବା ଯୋଗୁ କଳାକାରମାନଙ୍କ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଧାୟକ ଆଚାର୍ଯ୍ୟ ପଶ୍ଚିମଓଡ଼ିଶାର କଳା, ସଂସ୍କୃତିର ଉନ୍ନତି ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ନିର୍ଦ୍ଧାରିତ ସମାବେଶରେ ଯୋଗଦେବା ପାଇଁ ଅନୁରୋଧ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ । ବୈଠକରେ ବରିଷ୍ଠ ଖବରଦାତା ସୁରେନ୍ଦ୍ର ହୋତା ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ସମାବେଶର ସଫଳତା କାମନା କରିଥିଲେ । ସମାବେଶରେ ଏକାସାଥୀରେ ୫୦ହଜାର କଳାକାରଙ୍କ ଦ୍ୱାରା ପାରମ୍ପରିକ କଳା ପ୍ରଦର୍ଶନ ପାଇଁ ବୈଠକରେ ସୁଚିନ୍ତିତ ମତାମତ ଓ ପ୍ରସ୍ତାବ ଗୃହୀତ ହୋଇଥିଲା । ସମ୍ପାଦିକା ପୁଷ୍ପାଞ୍ଜଳି ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସମାବେଶ ସମ୍ପର୍କରେ ଉପସ୍ଥିତ କଳାକାରଙ୍କ ମତାମତ ଗ୍ରହଣ କରିଥିଲେ । ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ଦାଶ, ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ, ସାଂସ୍କୃତିକ ସମ୍ପାଦକ ଅନିରୁଦ୍ଧ ପାଇକ, ନୃତ୍ୟ ନିର୍ଦ୍ଦେଶକ ରାଜେଶ ବାରିକ, ସଭ୍ୟ ଜିତେନ୍ଦ୍ରୀୟ ସାହୁ, ନରେନ୍ଦ୍ର କଲତା ପ୍ରମୁଖ ମଞ୍ଚାସୀନ ଥିଲେ । ପଶ୍ଚିମ ଓଡ଼ିଶାରେ ପ୍ରଥମଥର ପାଇଁ ଗଣପର୍ବ ନୂଆଖାଇ ପୂର୍ବରୁ ଏହି କଳାକାର ମହାସମାବେଶ ଆୟୋଜନ କରାଯିବ ବୋଲି ସଭାପତି ପାଇକ ସୂଚନା ଦେଇଥିଲେ । ବରଗଡ଼ ଜିଲା ମିଳିତ କଳାକାର ମଞ୍ଚର ସହ ସମ୍ପାଦକ ଗୋପବନ୍ଧୁ ପୁରୋହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ବରିଷ୍ଠ କଳାକାର ଖଗେନ୍ଦ୍ର ସାହୁ, ଗଜେନ୍ଦ୍ର ଗଣ୍ଡ, ସନ୍ତୋଷ ଭୋସାଗର, ନୃପରଜ ପ୍ରଧାନ, ପ୍ରସନ୍ନ ଭୋଇ, ନେତ୍ରାନନ୍ଦ ବାରିକ, ଟିକାରାମ ପ୍ରଧାନ, ସୁବଳ ଭୋଇ ପ୍ରମୁଖ ନିଜ ମତ ରଖିଥିଲେ । ବିଭୁଧେନ୍ଦୁ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।



ପ୍ରସ୍ତୁତି ବୈଠକରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ନିଜ ମତ ରଖୁଛନ୍ତି ।

### ବୃଦ୍ଧଙ୍କୁ ମରଣାତ୍ମକ ଆକ୍ରମଣ

ମନମୁଣ୍ଡା, ୧୧।୮ (ଡି.ଏନ.ଏ)

ସାମାନ୍ୟ କଥାକୁ ନେଇ ଜଣେ ବୃଦ୍ଧଙ୍କୁ ତାଙ୍କ ସମ୍ପର୍କୀୟମାନେ ମରଣାନ୍ତକ ଆକ୍ରମଣ କରିଥିବା ରବିବାର ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି । ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଛି ।

ସୂଚନା ମୁତାବକ, ମନମୁଣ୍ଡା ଥାନା ଅଧୀନ ରଷିକନ୍ଦର ମକରଧ୍ୱଜ ମଲିକ (୬୦)ଙ୍କ ନିଜ ପ୍ଳଟରେ ପୋତା ଯାଇଥିବା ଏକ ଖୁଣ୍ଟ ତାଙ୍କ ସମ୍ପର୍କୀୟଙ୍କ ଘର ଆଡକୁ ସାମାନ୍ୟ ନଇଁ ଯାଇଥିଲା। ଏଥିରେ ଅସହିଷ୍ଣୁ ହୋଇ ସେମାନେ ଶନିବାର ମଧ୍ୟାହ୍ନରେ ଗାଁ ଦାଣ୍ଡରେ ମକରଧ୍ୱଜଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ମକରଧ୍ୱଜଙ୍କ ହାତ ପାପୁଲି କଟିଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗାଁ ଲୋକେ ଆସିବା ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ । ଲୋକମାନେ ବୃଦ୍ଧଙ୍କୁ ଉଦ୍ଧାର କରି ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଅଭିଯୁକ୍ତମାନେ ଫେରାର ଅଛନ୍ତି ।

## ୪ ପଞ୍ଚାୟତ ବୁଲି ସମୀକ୍ଷା କଲେ କେନ୍ଦ୍ରୀୟ ଦଳ

ପାଇକମାଳ,୧୧।୮(ଡି.ଏନ.ଏ)

ପାଇକମାଳ ବ୍ଲକ ମାଣ୍ଡିଆଡିପା, କୋଛୋଦାଦର, ଟେମିରି ଓ ଭୁବନେଶ୍ୱରପୁର ଗ୍ରାମ ପଞ୍ଚାୟତକୁ ନ୍ୟାଶନାଲ ମନିଟରିଂ ଟିମ୍ ଯାଇ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ସେମାନେ ଏମଜିଏନଆରଜିଏସ କାମ, ଭତ୍ତା, ଓ ଜବ୍‌କାର୍ଡଧାରୀଙ୍କ ସହ ବିଭିନ୍ନ କାର୍ଯ୍ୟ ପଚାରି ବୁଝିଥିଲେ । ମାଣ୍ଡିଆଡିପା ସମିତି ସଭ୍ୟ କୁମାରୀ ବରିହା ଗ୍ରାମରେ ଖାଲି ପଡିଥିବା ଅଙ୍ଗନୱାଡି ପଦବୀ ପୂରଣ ପାଇଁ ଦାବି କରିଥିଲେ। ଅଙ୍ଗନୱାଡି କେନ୍ଦ୍ରରୁ ପାଣି ଝରୁଥିବାରୁ ନୂତନ କେନ୍ଦ୍ର ପାଇଁ ଦାବି କରିଥିଲେ। ଏହି ଦଳରେ ଖଡଗପୁର ଆଇଆଇଟିର ପ୍ରଫେସର ବିସି ମେକାପ ଓ ପ୍ରଫେସର ଭାଗୀରଥି ବେହେରା, ଏପିଡି ରୁରାଲ ହାଉସିଂ ବରଗଡର ପ୍ରଶାନ୍ତ ପ୍ରିୟଦର୍ଶୀ ପଣ୍ଡା ସାମିଲ ହୋଇଥିଲେ । ପାଇକମାଳ ବିଡିଓ ସଦାଶିବ ନାୟକ, ଏବିଡିଓ ପ୍ରଭାତ ଭୋଇ, ରମେଶ ଚନ୍ଦ୍ର ସେଠୀ, ଭୀଷ୍ମଦେବ ମାଝୀ, ସତ୍ୟବ୍ରତ ମାଝୀ, ନିର୍ବାଚିତ ପ୍ରତିନିଧି ଓ ଏସଏଚଜି ସଭ୍ୟାମାନେ ଯୋଗଦାନ କରିଥିଲେ ।



କେନ୍ଦ୍ରୀୟ ଦଳ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।

### ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ

ଗାଇସିଲେଟ,୧୧।୮(ଡି.ଏନ.ଏ)

ଗାଇସିଲେଟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁ ବାଟିକା ବିଭାଗର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୋଟ ୭୭ ଜଣ ମା' ଯୋଗ ଦେଇଥିଲେ । ଗୁରୁମା ପୁଷ୍ପାବତୀ ଘୋଷ ମଞ୍ଚ ପରିଚାଳନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅଶ୍ୱିନୀ କୁମାର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ବାଟିକା ପ୍ରମୁଖ ଭଗବତୀ ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏଥିରେ ଆରଏସଏସ ପଦ୍ମପୁର ଖଣ୍ଡ ବୌଦ୍ଧିକ ପ୍ରମୁଖ ଭୀଷ୍ମଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ମାର୍ଗଦର୍ଶନ କରିଥିଲେ । ପରିଚାଳନା କମିଟି ସଦସ୍ୟା ସସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ତେଲ ନଦୀରୁ ଅଜଣା ଯୁବକ ଉଦ୍ଧାର

ଘଣ୍ଟାପଡା,୧୧।୮(ଡି.ଏନ.ଏ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ନିକଟ ତେଲ ନଦୀରେ ଭାସିଯାଉଥିବା ବେଳେ ଗ୍ରାମବାସୀ ଜଣେ ଯୁବକଙ୍କୁ ଉଦ୍ଧାର କରିଛନ୍ତି । ତାଙ୍କ ବୟସ ୩୫ ବର୍ଷ ହେବ ଏବଂ ସେ ଜଣେ ଅଣଓଡିଆ ବୋଲି ଜଣାପଡୁଛନ୍ତି । ତେବେ ସେ କିଛି କହି ପାରୁ ନ ଥିବାରୁ ତାର ପରିଚୟ ମିଳି ପାରିନି । ରବିବାର ଅପରାହ୍ନ ୪ଟା ସମୟରେ ଘଣ୍ଟାପଡା ଗ୍ରାମର ନରେନ୍ଦ୍ର ମଲିକ, ଭରତ ମଲିକ ଓ ଦାଶରଥି ମଲିକ ସ୍ଥାନୀୟ ତେଲ ନଦୀରେ ମାଛ ମାରୁଥିବା ସମୟରେ ମଝି ନଈରେ ଜଣେ ଯୁବକ ଡଙ୍ଗାର ଗୋଟିଏ ମଙ୍ଗକୁ ଧରି ଭାସି ଆସୁଥିବା ଦେଖିବାକୁ ପାଇଥିଲେ ଏବଂ ତାଙ୍କୁ ରଥଘାଟରେ ଉଦ୍ଧାର କରିଥିଲେ । ଉଦ୍ଧାର ହୋଇଥିବା ବ୍ୟକ୍ତି ନାଲି ରଙ୍ଗର ଗୋଟିଏ ପ୍ୟାଣ୍ଟ ପିନ୍ଧିଥିଲେ । ଏହାଛଡା ତାଙ୍କ ଦେହରେ କୌଣସି ବସ୍ତ୍ର ନ ଥିଲା । ପରେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ହସ୍ପିଟାଲକୁ ପଠାଯାଇଥିଲା ।



ଗାଁ ଲୋକେ ତେଲନଦୀରୁ ଯୁବକଙ୍କୁ ଉଦ୍ଧାର କରି ଆଣୁଛନ୍ତି ।



ଫଟୋ କ୍ୟାପ୍‌ସନ୍

## ଚକ୍ର ପୁଷ୍କରିଣୀ ସଫେଇ କଲେ ସଂକୀର୍ତ୍ତନ ମଣ୍ଡଳୀ

ଭଟଲି,୧୧।୮(ଡି.ଏନ.ଏ)

ଭଟଲି ଦଧିବାମନ ଧାମ ସ୍ଥିତ ମହାପ୍ରଭୁ ଦଧିବାମନଙ୍କ ଆବିର୍ଭାବସ୍ଥଳୀ ଚକ୍ର ପୁଷ୍କରିଣୀକୁ ରବିବାର ସଫେଇ କରାଯାଇଛି । ଏହି ପୁଷ୍କରିଣୀରେ ମହାପ୍ରଭୁଙ୍କ ଆବିର୍ଭାବ ହୋଇଥିବାର ତାଳପତ୍ର ପୋଥିରେ ବର୍ଣ୍ଣିତ ଥିବାରୁ ପୁଷ୍କରିଣର ପାଣିରେ ମହାପ୍ରଭୁଙ୍କୁ ନୀତି ସ୍ନାନ କରିବାର କିମ୍ବଦନ୍ତୀ ରହିଛି । ତେଣୁ ରବିବାର ପ୍ରତ୍ୟୁଷରୁ ଗ୍ରାମର ପ୍ରଭାତି ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନେ ଶ୍ରୀମନ୍ଦିରରେ କୀର୍ତ୍ତନ୍ୟ ସମାପନ ପରେ ପୁଷ୍କରିଣୀ ସଫେଇରେ ଲାଗି ପଡ଼ିଥିଲେ । ସଂକୀର୍ତ୍ତନ ଗାୟକ କିଶୋର ବେହେରା ଏବଂ ଶ୍ରୀମନ୍ଦିର ଟ୍ରଷ୍ଟି ସଭ୍ୟ ଚତୁର୍ଭୁଜ ସାହୁଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ସଫେଇ କରିଥିଲେ । ଏହାସହିତ ପୁଷ୍କରିଣୀକୁ ଏଣିକି ଆବର୍ଜନାରୁ ମୁକ୍ତ ରଖିବା ପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯିବ । ଏହାସହ ଆଗାମୀ ଦିନରେ ପୁଷ୍କରିଣୀକୁ ସଫା ରଖିବାକୁ ଗ୍ରାମବାସୀଙ୍କୁ ନିବେଦନ କରାଯାଇଥିଲା । ଏହି ପୁଷ୍କରିଣୀରେ ମହାଳୟା ଅବସରରେ ସାମୂହିକ ତିଳତର୍ପଣ କରାଯାଉଥିବାରୁ ପ୍ରଭାତି ସଂକୀର୍ତ୍ତନ ମଣ୍ଡଳୀର ସଦସ୍ୟମାନଙ୍କ ଏଭଳି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଥିଲେ ।

## ଜଗନ୍ନାଥ ନଗର ରାସ୍ତା ପାଲଟିଛି ମରଣଯନ୍ତା

ବରପାଲି, ୧୧।୮ (ଡି.ଏନ.ଏ)

ସୋହେଲାରୁ ବରପାଲି ଜଗନ୍ନାଥନଗର ରାସ୍ତା ପୁରୀ ଜଗନ୍ନାଥ ଧାମକୁ ସଂଯୋଗ କରୁଥିବାରୁ ଏହି ରାସ୍ତାକୁ ଜଗନ୍ନାଥନଗର ଭାବେ ନାମକରଣ କରାଯାଇଛି । ଏହି ରାସ୍ତା ଦେଇ ସୁବର୍ଣ୍ଣପୁର ଜିଲା ରାମପୁର, ବିନିକା ଓ ବରପାଲି ବ୍ଲକର ଅଧାରୁ ଅଧିକ ଅଞ୍ଚଳକୁ ଗମନାଗମନର ସୁବିଧା ଥିବା ବେଳେ ବହୁ ଯାନବାହନ ଓ ଯାତ୍ରୀବାହୀ ବସ୍ ମଧ୍ୟ ଚଳାଚଳ କରୁଛି । ମାତ୍ର ବର୍ଷସାରା ରାସ୍ତା ଅବସ୍ଥା ମରଣଯନ୍ତା ପାଲଟିଛି। ଏପଟେ ବରପାଲି ରେଲୱେ ଓଭରବ୍ରିଜ ରାସ୍ତା ନିର୍ମାଣ ଚାଲିଥିବା ବେଳେ ରାସ୍ତା ଅବସ୍ଥା ବେହାଲ ହୋଇପଡିଛି । ଫଳରେ ଲୋକେ ଯିବା ଆସିବାରେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ସେପଟେ ରେଲୱେ ଫାଟକ ଯୋଗୁ ବହୁ ସମୟ ଧରି ପ୍ରାୟତଃ ଗେଟ୍ ପଡି ରହୁଥିବାରୁ ଲୋକଙ୍କ ଯାତାୟାତରେ ବାଧକ ସାଜିଛି । ଜଗନ୍ନାଥ ନଗର ମୁଖ୍ୟରାସ୍ତା ଉପରେ ଏବେ ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଦୁର୍ଘଟଣା ଘଟୁଛି। ସତର୍କ ସୂଚନା ପାଇଁ ଲୋକେ ଉକ୍ତ ରାସ୍ତା ଉପରେ କଣ୍ଟା ବିଛାଇ ଦେଇଛନ୍ତି । ଏ ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।



ଜଗନ୍ନାଥ ନଗର ରାସ୍ତାର ଖାଲଖମା ସ୍ଥାନରେ କଣ୍ଟା ବିଛାଯାଇଛି ।

## ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

ସୋହେଲା,୧୧।୮(ଡିଏନଏ)

ବରଗଡ ଜିଲା ସୋହେଲାର ମୁଖ୍ୟଛକରେ ଗୋଟିଏ ଗାଡି ଧକ୍କାରେ ଜୟପାଲ ବିଶି (୪୨) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଏ ନେଇ ଥାନାରେ ଏକ ମାମଲା (ନଂ. ୧୩୮/୧୯) ରୁଜୁ ହୋଇଛି । ଗାଡିଟି ଯୁବକଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଛି । ସୂଚନା ଅନୁସାରେ, ଶନିବାର ରାତି ପ୍ରାୟ ୯ଟାରେ ଜୟପାଲ ଏକ ସାଇକେଲରେ ପଦ୍ମପୁର ରୋଡରୁ ଆସି ୬ ନମ୍ବର ଜାତୀୟ ରାଜପଥକୁ ଅତିକ୍ରମ କରୁଥିବାବେଳେ ମୁଖ୍ୟଛକରେ ରାୟପୁର ପଟରୁ କ୍ଷୀପ୍ର ଗତିରେ ଆସୁଥିବା ଏକ ଗାଡି ଧକ୍କା ଦେଇଥିଲା । ଜୟପାଲ ଗାଡି ଧକ୍କାରେ ପ୍ରାୟ ୧୫ଫୁଟ ଆଗକୁ ଛିଟିକି ପଡିଥିଲେ । ତାଙ୍କ ଉପରେ ଗାଡିଟି ଚଢି ଚାଲିଯାଇଥିଲା। ତୁରନ୍ତ ଜୟପାଲଙ୍କୁ ଆମ୍ବୁଲାନ୍ସରେ ବରଗଡ ଡାକ୍ତରଖାନାକୁ ନିଆଯାଇଥିଲା । ଖବର ପାଇ ଯୁବନେତା ସୁବ୍ରତ ସିଂହ ବରଗଡ ଡାକ୍ତରଖାନାକୁ ଯାଇ ଆହତଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ। କିନ୍ତୁ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଖବର ପାଇ ସୋହେଲା ପୋଲିସ ରବିବାର ବରଗଡ଼ ଯାଇ ମୃତଦେହ ମାଇନା କରି ବ୍ୟବଚ୍ଛେଦ କରାଇଛି ।

## ଦରଖଁଡ଼ିଆ ହେଇ ପଡ଼ିଛେ ଅଙ୍ଗନୱାଡି କେନ୍ଦ୍ର

ଜହ୍ନାପଙ୍କ, ୧୧।୮(ଡି.ଏନ୍.ଏ.)

ବୌଦ୍ଧ ଜିଲା ସଦର ବ୍ଲକ ଲକ୍ଷ୍ମୀପ୍ରସାଦ ପଁଚେତ୍ ଅଧୀନ ନାରାୟଣ ନଗର। ଇ ଗାଁରେ ତିଆର ହେଉଥିବାର ଅଙ୍ଗନୱାଡି କେନ୍ଦ–୨ ଅନେକ ଦିନ୍ ହେଲା ଦରଖଁଡ଼ିଆ ଅବସ୍ତାରେ ପଡ଼ିରହିଛେ। କେନ୍ଦ୍ରର ନିଜର ଘର ନାଇଁଥିଲାବେଲେ କରମୀ ଝନ୍‌କ ଗାଁର ମାଉସୀ ଗୁଡ଼ିନେ ଛୁଆକୁ ପାଠ୍ ପଢ଼ଉଥିଲେ। ଇ ବାବ୍‌ଦେ ଭିନେ ଭିନେ ଗଣମାଧ୍ୟମରେ ଖବର ବାହାରଲାରୁ ବ୍ଲକ ପରଶାସନ ଅଙ୍ଗନୱାଡି କେନ୍ଦ୍ର ତିଆରି ଲାଗି ୫ ଲାଖ୍ ଟଁକା ଅନୁଦାନ ଦେଇଥିଲା। କାମ୍‌ଟା ବିଭାଗୀୟ କନିଷ୍ଠ ଯନ୍ତ୍ରୀକଁର ନାଁରେ ଥିଲାବେଲେ ପେଟି ଠିକାଦାର ଜରିଆରେ କାମ୍ କରାଯାଉଛେ। ଯେନ୍‌ଥିରଲାଗି କାମ୍‌ଟା ବହୁତ୍ ହଲ୍‌କା ହେଉଥିବାର ସାଧାରନରେ ଅଭିଯୋଗ ହେଉଛେ। ଇଆଡ଼େ ସରକାର ୩ରୁ ୬ ବଛର୍‌ର ଛୁଆକାର ପ୍ରାକ୍ ଶିକ୍ଷା ସଂଗେ ପୁଷ୍ଟିକର ଖାଏଦ୍, ଗରଭବତୀ, ପ୍ରସୂତୀ ମହିଲାମାନକୁ ଅଙ୍ଗନୱାଡି କେନ୍ଦ୍ର ଜରିଆରେ ସେବା ଯୁଗେଇ ଦେଉଛନ୍। ଇଥିରଲାଗି ଫିବଛର ସରକାର କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ଅନେକ ଜାଗାରେ କେନ୍ଦ୍ର ଅଭାବୁ ଛୁଆମାନେ କେନ୍‌ଠାନେ ଗଛତଲେ ପଢୁଛନ୍ ତ ଆରକେନ୍‌ନେ ଭଂଗା ଦଦ୍‌ରା ଘରେ ପଢୁଛନ୍। ସେନ୍‌ତା ଅନେକ ଜାଗାରେ ବିଭାଗୀୟ ଅଧିକାରୀମାନକର ଖାମଖିଆଲି ମନଭାବ ଲାଗି ସରକାରକଁର ଇ ମହତ୍ ଉଦେଶ ଫସର ଫାଟୁଛେ। ନାରାୟଣ ନଗରରେ ତିଆର ହେଉଥିବାର ଅଙ୍ଗନୱାଡି କେନ୍ଦ୍ର–୨ ଏନ୍‌ତା ଘଟନାର ଗୁଟେ ଉଦାହରନ୍ ଆଏ। ଯେନ୍‌ଥିରଲାଗି ଇ କେନ୍ଦ୍ର ଅଧୀନ୍‌ରେ ଥିବାର ଛାତ୍ରୀଛାତ୍ର ଆଏଜ୍ ବି ବିପଦ୍ ଅବସ୍ତାରେ ପାଠ୍‌ପଢୁଛନ୍। ଯେତେ ଜଲ୍‌ଦି ହେବା ଇ କେନ୍ଦ୍ରର ତିଆରି କାମ୍ ସାରବାକେ ଗାଁବାସୀ ଦାବି କରିଛନ୍।



ନାରାୟଣ ନଗରରେ ତିଆର ହେଉଥିବାର ଅଙ୍ଗନୱାଡି କେନ୍ଦ୍ର।

### ୧୯୮୫ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ

## କିଡ୍‌ନୀ ରୋଗାକ୍ରାନ୍ତଙ୍କ ପାଇଁ ଜଳଶାୟୀ

ବୌଦ୍ଧ,୧୧।୮(ସ୍ୱ.ପ୍ର)

ବୌଦ୍ଧ ସହରର ଯୋଗୀନ୍ଦ୍ର ଦେବ ଉଚ୍ଚବିଦ୍ୟାଳୟର ୧୯୮୫ ମାଟ୍ରିକ ବ୍ୟାଚ ଛାତ୍ରମାନଙ୍କ ଏକ ବନ୍ଧୁ ମିଳନ ଉତ୍ସବ ରବିବାର ବନ୍ଧାପଥର ଶିବ ମନ୍ଦିରଠାରେ ଆୟୋଜିତ ହୋଇଛି । ଜିଲାରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ନେଇ ଜିଲା ପ୍ରଶାସନ ଓ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ଜିଲାରେ ଶତାଧିକ ସଂଖ୍ୟାରେ ରହିଥିବା କିଡ୍‌ନୀ ରୋଗାକ୍ରାନ୍ତଙ୍କ ଆରୋଗ୍ୟ କାମନା କରି ଜଳଶାୟୀ ଓ ଶୈବ ପୂଜା ସହ ବୃକ୍ଷରୋପଣ କରାଯାଇଥିଲା । ସୁବାସ ଅଗ୍ରୱାଲା, ପ୍ରବୀର ଦାସ, ଶାନ୍ତନୁ ଦେଓ, ଚନ୍ଦ୍ରଜୀତ ଦେଓ, ରିତ ଧଳ, ବସନ୍ତ ସ୍ୱାଇଁ, ହର୍ଷ ମିଶ୍ର, ସମ୍ପଦ କୁମାର ଅଗ୍ରୱାଲା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଫୁଟବଲ: ଡୁଙ୍ଗୁରିପାଲି ଚାମ୍ପିୟନ

ଭେଡ଼େନ,୧୧।୮(ଡ଼ି.ଏନ.ଏ)

ଭେଡ଼େନ ରଣଜିତା ଷ୍ଟାଡ଼ିୟମ ଖେଳ ପଡ଼ିଆରେ ରବିବାର ଅନୁଷ୍ଠିତ ଅର୍ଦ୍ଧଦିବସୀୟ ଫୁଟବଲ ଟୁର୍ନାମେଣ୍ଟରେ ଡୁଙ୍ଗୁରିପାଲି ଦଳ ଚାମ୍ପିୟନ ହୋଇଛି। ରଣଜିତା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ହୋଇଥିବା ଏହି ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚ୍‌ରେ ବିଜୟୀ ଦଳ ଅତାବିରା ଦଳକୁ ଟାଇବ୍ରେକର ଯୋଗେ ୪–୨ ଗୋଲ ବ୍ୟବଧାନରେ ପରାସ୍ତ କରିଛି । ପୂର୍ବରୁ ହୋଇଥିବା ସେମିଫାଇନାଲ ଖେଳରେ ଡୁଙ୍ଗୁରିପାଲି ଦଳ ଖଲିଆପାଲିକୁ ଏବଂ ଅତାବିରା ଦଳ ବୁଗବୁଗାକୁ ପରାସ୍ତ କରି ଫାଇନାଲକୁ ପ୍ରବେଶ କରିଥିଲେ । ମହେନ୍ଦ୍ର ସେଠଙ୍କ ପରିଚାଳନାରେ ହୋଇଥିବା ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡ଼ୋଲାମଣି କ୍ଷେତି ମୁଖ୍ୟଅତିଥି, ଶଙ୍କର ଦାଶ, କୃଷ୍ଣଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ରେଫରୀ ସୁଶାନ୍ତ ସାହୁ , ଏମଡ଼ି ରାଜୁ, ମହାଦେବ ଛତ୍ରିଆ ଏବଂ ଭୈରବ ମେହେର ପ୍ରମୁଖ ଖେଳ ପରିଚାଳନା କରିଥିଲେ। ପ୍ରଦୀପ ସୁନା, ପ୍ରଶାନ୍ତ ମହାପାତ୍ର, ମାନ ମଡ଼ପାଚି, ଲିପୁନ ବେହେରା, ସାନୁ ପୋଢ଼ଙ୍କ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ ।



ଭେଡ଼େନ ଫୁଟବଲ ପ୍ରତିଯୋଗିତାରେ ଖେଳାଳି ଏବଂ ଅତିଥିମାନେ ।



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକୃଷ୍ଣନ

**ସଂକ୍ଷେପରେ**




■ ତୁଷୁରା ଡାକ୍ତରଖାନାକୁ ୩୦ଶଯ୍ୟା ବିଶିଷ୍ଟ କରାଯାଉ

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସ୍ଥାନୀୟ ବିଧାୟିକା

**ଗୁଡ଼ଭେଲା,୧୧।୮(ଡି.ଏନ.ଏ.):** ତୁଷୁରା ଡାକ୍ତରଖାନାକୁ ୩୦ଶଯ୍ୟା ବିଶିଷ୍ଟ କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇ ଆସଛି। ଟିଟିଲାଗଡ ବିଧାୟିକା ତଥା ରାଜ୍ୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ମଧ ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାଶଙ୍କୁ ତାଙ୍କ ପତ୍ର ସଂଖ୍ୟା-୧୫୬ରେ ଚିଠି ଲେଖିଛନ୍ତି। ଚିଠିରେ ସେ ଦର୍ଶାଇଛନ୍ତି ଯେ, ତୁଷୁରା ଏନଏସିସ୍ଥିତ ସରକାରୀ ଚିକିତ୍ସାଳୟ ଉପରେ ଆଖପାଖର ବହୁତ ଲୋକ ନିର୍ଭର କରନ୍ତି। ଏଣୁ ଏହାକୁ ୩୦ ଶଯ୍ୟା ବିଶିଷ୍ଟ କରାଗଲେ ଏ ଅଞ୍ଚଳବାସୀ ଉପକୃତ ହେବେ। ସୂଚନାଯୋଗ୍ୟ ଯେ, ଏହି ଡାକ୍ତରଖାନା ଏବେ ଅବହେଳିତ ହୋଇ ପଡ଼ି ରହିଛି। ମାତ୍ର ୬ଟି ଶଯ୍ୟା ରହିଛି। ଜଣେ ମାତ୍ର ଏମ୍‌ବିବିଏସ୍ ଡାକ୍ତର ଅଛନ୍ତି। ଲୋକେ ସ୍ୱାସ୍ଥ୍ୟସେବା ନ ପାଇ ବଲାଙ୍ଗୀର, ବୁର୍ଲା, ରାୟପୁର, ବିଶାଖାପାଟଣା ଯାଇ ଖର୍ଚ୍ଚାନ୍ତ ହୋଉଥିବା ବେଳେ ବାଟରେ ମୃତ୍ୟୁ ମଧ ଘଟୁଥିବା ନଜିର ରହିଛି।

■ ଉଡାନ୍ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

# ‘ଶିକ୍ଷା ଅଭିନ୍ନତା ଶିଖାଏ’

**ବଲାଙ୍ଗୀର ଅଫିସ,୧୧।୮**

ସ୍ଥାନୀୟ ଟାଉନ୍ ବାଳିକା ହାଇସ୍କୁଲରେ ରବିବାର ଅପରାହ୍ନରେ ବଲାଙ୍ଗୀର ରୋଟାରି କ୍ଲବ୍ ଅଫ୍ ଏଲିଟ୍ ପକ୍ଷରୁ ବାଳିକାମାନଙ୍କ ଶିକ୍ଷା ଅଭିଯାନ ଉଡାନ୍ କାର୍ଯ୍ୟକ୍ରମର ସମ୍ବର୍ଦ୍ଧନା ଓ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲବ୍ ସଭାପତି ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି, ଅତିଥି ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନବୀନ ନାୟକ ମଞ୍ଚାସୀନ ଥିଲେ। ଧର୍ମେନ୍ଦ୍ର କୁମାର ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଉଡାନ୍ କାର୍ଯ୍ୟକ୍ରମରେ କୃତୀ ଛାତ୍ରୀ ସୁନୀତାରାଣୀ ଷଡଙ୍ଗୀ, ପ୍ରିୟଙ୍କା ମେହେର ଓ ସୁବିଜିତା ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପ୍ରଫେସର ପତି କହିଥିଲେ ଯେ, ଶିକ୍ଷା ଅଭିନ୍ନତା ଶିଖାଏ। ବ୍ୟକ୍ତି ଜୀବନକୁ ପୂର୍ଣ୍ଣାଙ୍ଗ କରିବା ସହ ସମାଜକୁ ସଶକ୍ତ ଓ ସମୃଦ୍ଧ କରେ। ପ୍ରକୃତ ଶିକ୍ଷା ଆଚରଣ ପ୍ରସୂତ ହୋଇଥାଏ। ରୋଟାରି କ୍ଲବ୍ ଅଫ୍ ଏଲିଟ୍‌ର ଉଡାନ୍ କାର୍ଯ୍ୟକ୍ରମ ଏକ ମହତ୍ତର ଅଭିଯାନ ବୋଲି ସେ କହିଥିଲେ। ଯେଉଁ ଛାତ୍ରୀମାନେ ଏଠାରେ ଶିକ୍ଷା ଲାଭ କରୁଛନ୍ତି ସେମାନେ ନିଜକୁ ଗୌରବାନ୍ୱିତ କରିବା ସହ ଏହି ଅନୁଷ୍ଠାନକୁ ମଧ ଗୌରବାନ୍ୱିତ କରିବେ ବୋଲି ସେ କହିଥିଲେ। ଅତିଥି ଜିଲା ବିଜ୍ଞାନ ନିରୀକ୍ଷକ ପଟେଲ ତାଙ୍କ ବକ୍ତବ୍ୟରେ ଉଡାନ୍ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରି ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରମାନଙ୍କୁ ସମୃଦ୍ଧ, ସଶକ୍ତ କରି ଆମେ ଗଢ଼ିପାରିବା ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାୟକ ତାଙ୍କ ବକ୍ତବ୍ୟରେ ଉଡାନ୍ ଅନୁଭୂତି ବର୍ଣ୍ଣନା କରି ଛାତ୍ରୀମାନଙ୍କ ଭିତରେ କିଭଳି ପ୍ରତିଭା ଭରି ରହିଛି କହିଥିଲେ। ଶିକ୍ଷାର ଘରୋଇକରଣ ଯୁଗରେ ସରକାରୀ ସ୍କୁଲରେ ଶିକ୍ଷାର ମାନକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବାବେଳେ ରୋଟାରି କ୍ଲବ୍ ଅଫ୍ ଏଲିଟ୍ ସରକାରୀ ସ୍କୁଲର ନବମ ଓ ଦଶମ ଶ୍ରେଣୀର ଛାତ୍ରୀମାନଙ୍କୁ ଉଡାନ୍ କାର୍ଯ୍ୟକ୍ରମ ଜରିଆରେ ମାଗଣା କୋଚିଂ ବ୍ୟବସ୍ଥା କରିଛନ୍ତି। ୨୦୧୬ ମସିହାରୁ ଚାଲିଥିବା ଏହି ଉଡାନ୍ କାର୍ଯ୍ୟକ୍ରମରେ ଛାତ୍ରୀମାନେ ଅନେକ ଲାଭାନ୍ୱିତ ହେଉଥିବା ଏବଂ ସେମାନଙ୍କ ଶିକ୍ଷା ସମୃଦ୍ଧି ହେଉଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ ଦଶମ ଶ୍ରେଣୀର ପ୍ରଶିକ୍ଷଣ ପରେ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନବମ ଶ୍ରେଣୀର ନବାଗତ ୨୫ ଜଣ ଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଉଡାନ୍ କାର୍ଯ୍ୟକ୍ରମର ମହତାଦର୍ଶ ସମ୍ପର୍କରେ ସଂଯୋଜକ ନନ୍ଦ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଉଡାନ୍ କାର୍ଯ୍ୟକ୍ରମରେ କିଛି ସରକାରୀ ଓ ବେସରକାରୀ ଶିକ୍ଷକ, ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷାପ୍ରେମୀ ସ୍ୱେଚ୍ଛାକୃତ ଭାବେ ଏହି ଛାତ୍ରୀମାନଙ୍କୁ ପାଠ ପଢ଼ାଇବା ସହ ବିଭିନ୍ନ ଶିକ୍ଷଣୀୟ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏହି କାର୍ଯ୍ୟକ୍ରମରେ କ୍ଲବ୍‌ର ସମସ୍ତ ସଦସ୍ୟ, ସମସ୍ତ ସ୍ୱେଚ୍ଛାସେବୀ ଶିକ୍ଷକ, ଛାତ୍ରୀ ଓ ଅଭିଭାବକ ଏଠାରେ ଉପସ୍ଥିତ ଥିଲେ। ଶେଷରେ ସଭାପତି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।




ଉଡାନ୍ କାର୍ଯ୍ୟକ୍ରମର ଛାତ୍ରୀମାନଙ୍କ ସହ ଅତିଥି ଓ କ୍ଲବ୍ ସଦସ୍ୟ।

**ରୋଟାରି କ୍ଲବ୍ ଅଫ୍ ଏଲିଟ୍ ପକ୍ଷରୁ ବାଳିକା ଶିକ୍ଷା ଅଭିଯାନ**




## ୨୪ଘଣ୍ଟା ଜଳୁଛି ଉଦ୍ୟାନ ଭବନରେ ଲାଇଟ

**ଗୁଡ଼ଭେଲା,୧୧।୮(ଡି.ଏନ.ଏ.)**

ସରକାର ବିଦ୍ୟୁତ ଅପବ୍ୟବହାର ନ କରିବା ପାଇଁ ଲୋକଙ୍କୁ ସଚେତନ କରୁଥିବା ବେଳେ ଗୁଡଭେଲା ବ୍ଲକ ଅନ୍ତର୍ଗତ ତୁଷୁରା ଉଦ୍ୟାନ ଭବନରେ ୨୪ଘଣ୍ଟା ଲାଇଟ ଓ ଫ୍ୟାନ ଚାଲୁଥିବା ଦେଖିବାକୁ ମିଳୁଛି। ଏହି ଉଦ୍ୟାନଟି ପ୍ରାୟ ୨.୭୦ ଡିସିମିଲ୍ ଜମିରେ ଠିଆ ହୋଇଛି। ଏଠାରେ ୩ ଜଣଙ୍କୁ ନିଯୁକ୍ତ ମିଳିଛି। କିନ୍ତୁ ଜଣେ ପିଅନକୁ ଛାଡି ଦେଲେ ଆଉ କେହି ରହୁ ନାହାନ୍ତି। ଏଣୁ ଏପରି ବିଭିନ୍ନ ସମସ୍ୟା ଦେଖା ଦେଇଛି। ଏ ନେଇ ଉକ୍ତ ଭବନର ଅଧିକାରୀ ତୀର୍ଥ ଦାଶ କିଛି ଅଭିଯୋଗକୁ ସ୍ୱୀକାର କରି ଆଉ କିଛି ଅସ୍ୱୀକାର କରିଥିଲେ। ସେହିପରି ତୁଷୁରା ସହରରେ ଥିବା ଷ୍ଟ୍ରିଟଲାଇଟ ଗୁଡିକ ଦିନରେ ଜଳୁଛି କିନ୍ତୁ ରାତିରେ ଅଧିକାଂଶ ବନ୍ଦ ରହୁଛି। ଅନ୍ୟପକ୍ଷରେ ସହରରେ ଘନ ଘନ ବିଦ୍ୟୁତ କାଟ କରାଯାଉଛି। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ କହନ୍ତି ଯେ, ଗୋଟିଏ ପ୍ରାଇଭେଟ ସଂସ୍ଥାକୁ ଷ୍ଟ୍ରିଟ ଲାଇଟ କାମ ଦିଆଯାଇଛି। କିନ୍ତୁ ସେମାନେ ଟାଇମର ଫିଟ୍ ଭଲ ଭାବେ କରିପାରି ନ ଥିବାରୁ ଏପରି ସମସ୍ୟା ହୋଇଛି। ଏହାର ସମାଧାନ ହୋଇଯିବ ବୋଲି କହିଛନ୍ତି।

# ଭଂଗା ଘରେ ୩ ପରାନୀ କୁଟୁମ

**ଲୋଇସିଂହା,୧୧।୮(ଡି.ଏନ୍.ଏ.)**

ଗଲା ଦୁଇଦିନ୍ ଧରି ହେଇଥିବାର ବରଷାରେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡ଼ା ପଁଚେତ୍ ଛେଲବାହାଲ ଗାଁର ସେବକ ବାରିକଙ୍କର ଘର ଭାଂଗି ଯାଇଛେ। ଏନ୍‌ତାଥି ଅଲପ୍‌କେ ପରିବାର ଲୋକ୍ ଗୁଟେ ବଡ଼ ବିପଦ୍‌ରୁ ବରତି ଯାଇଛନ୍। ପରିବାରଟା ଏହେଦେ ଗୁଲଗୁଲା ହେଇ ରହିବାର ଲାଗି ଆଶ୍‌ରେ ଖୁଜୁଛନ୍। ସୂଚନା ଅନ୍‌ସାରେ ଛେଲବାହାଲ ଗାଁର ବୁଢ଼ୁଧି ସେବକ ବାରିକ। ପରିବାର କହେଲେ ମାଏକିନା ଆର ଗୁଟେ ବଲି ଝିଁକେ ନେଇ ତାକର ସଁସାର। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ୨୦୧୧ ଜନଗଣନା ହିସାବେ ସେବକ୍ ସରକାରୀ ଯୋଜନାରେ ଘରଖଁଡ଼େ ପାଏବାର ଲାଗି ହକ୍‌ଦାର ଆଏ। ପଁଚେତ୍‌ରେ ଏସ୍‌ଇସିସି ତାଲିକାରେ ତାକର ନାଁ ରହିଛେ। ହେଲେ ଆଏଜ୍‌ତକ ସେ ସରକାରୀ ଯୋଜନାରେ ଘରଖଁଡ଼େ ପାଏବାରୁ ବଁଚେ୍‌ତ୍ ହେଇ ରହିଛନ୍। ଗଲା ୭ ତାରିଖ୍ ହେଇଥିବାର ବରଷାରେ କୁଟୁମବସିଆ ଖାଇପିଇ ଶୁଇଥିଲାବେଲେ ଘରର ପଛ୍‌ଫାଲର କାଁଥି ମାଡ଼ି ବସିଥିଲା। ହେଲେ ସଉଭାଏଗ୍‌କେ ପରିବାରର କେହି କିଛି ନାଇଁ ହେଇ। କାଁଥି ମାଡ଼ି ବସଲା ଉତାରୁ ଘରେ ଥିବାର ଧାନ, ଚାଉଲ, ଜିନିଷପାତି ସବୁ ବରଷାରେ ଭିଜି ଖରାପ ହେଇଯାଇଛେ। ଆଗ୍‌କେ ବରଷା ଲାଗି ରହିଲେ ଘରଟା ପୁରା ମାଡ଼ିବସ୍‌ବାର ବିପଦ୍ ରହିଛେ। ଏନ୍‌ତା ଅବସ୍‌ତାରେ ଘରେ ରହିବାର ନିରାପଦ୍ ନୁହେ ବଲି ସେବକ କହିଛନ୍। ଇ ଦୁଖି ପରିବାରକେ ପରଶାସନ ତରଫୁ ସାହାଯ୍ ସଂଗେ ଯେତେ ଜଲଦି ହେବା ଅବାସ ଯୋଜନାରେ ଘରଖଁଡ଼େ ଯୁଗେଇ ଦେବାକେ ସମିତି ସଭ୍ୟ ହେମାଳ ମେଶ୍ୱା ସମେତ ଗାଁବାସୀ ଦାବି କରିଛନ୍।



ସେବକ ବାରିକଙ୍କର ଭାଂଗି ଯାଇଥିବାର ଘର।

## ପାଇପ୍ ଫାଟି ପାଣି ଯୋଗାଣ ବାଧାପ୍ରାପ୍ତ

**ଦେଓଗାଁ,୧୧।୮(ଡି.ଏନ.ଏ.)**

ଦେଓଗାଁରେ ୧୦ ଦିନ ହେଲା ପାଇପ୍ ଫାଟିଯିବାରୁ ପାନୀୟ ଜଳ ଯୋଗାଣରେ ବାଧା ଉପୁଜିଛି। ଏଣୁ ଜନ ଅସନ୍ତୋଷ ଦେଖା ଦେଇଛି। ଦେଓଗାଁ ବସଷ୍ଟାଣ୍ଡ ଉପରେ ପାଇପ ଫାଟି ଯାଇଛି। କଲେଜଛକ ନିକଟରେ ପାଇପ ତେରଛା ଭାବେ ଲାଗିଥିବାରୁ ପାଣି ଲିକ୍ ହେଉଛି। ଫଳରେ କଲେଜ ଛକ, ବସଷ୍ଟାଣ୍ଡ, ମାଷ୍ଟରପଡା ଓ ମେନରୋଡ ଅଞ୍ଚଳକୁ ଜଳଯୋଗାଣ ବ୍ୟାହତ ହେଉଛି। ଏନେଇ ବିଭାଗୀୟ ଅଧିକାରୀ ତଥା ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ କେହି କର୍ଣ୍ଣପାତ କରୁ ନାହାନ୍ତି ବୋଲି ପଡାବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ନିନା ଛତ୍ରୀୟାଙ୍କୁ ପଚାରିବାରୁ ଗାଁରେ ନୂଆ ପାଇପ୍ କାମ ଚାଲିଥିବାରୁ ଠିକାଦାର ମରାମତି କରିବେ ବୋଲି ଆଶା ଥିଲା। ଯଦି ପୁରୁଣା ପାଇପ୍ ଫାଟିଛି ତାହା ହେଲେ ମରାମତି ହେବ ବୋଲି କହିଛନ୍ତି।



ପଶ୍ଚିମ ଓଡିଶା ସ୍ୱର୍ଣ୍ଣକାର ବୈଠକରେ ମଞ୍ଚାସୀନ ଅତିଥି।

■ ପଶ୍ଚିମ ଓଡିଶା ସ୍ୱର୍ଣ୍ଣକାର ବୈଠକ

## ରୁପା ତାରକସି କାମକୁ ଜିଆଇ ମାନ୍ୟତା ପ୍ରଦାନ କରିବାକୁ ଦାବି

**ଟିଟିଲାଗଡ, ୧୧।୮ (ଡି.ଏନ.ଏ.)**

ଟିଟିଲାଗଡ ମହାବୀର ଧର୍ମଶାଳାଠାରେ ପଶ୍ଚିମ ଓଡିଶା ସ୍ୱର୍ଣ୍ଣକାର ସମାଜର ୯ମ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାଜର ସଭାପତି ଗୌନ୍ତିଆ କୁମାର ସାହୁ ସଭାପତିତ୍ୱ କରିଥିଲେ। ପଶ୍ଚିମ ଓଡିଶାର ୧୦ଟି ଜିଲାର ସ୍ୱର୍ଣ୍ଣକାରମାନେ ବୈଠକରେ ଯୋଗ ଦେଇଥିଲେ। ରୁପା ତାରକଷି କାମକୁ ଜିଆଇ ମାନ୍ୟତା ପ୍ରଦାନ କରିବାକୁ ଦାବି କରାଯାଇଥିଲା। ସ୍ୱର୍ଣ୍ଣକାର ସମାଜର ସଂଗଠନ, ଶିକ୍ଷା, ସଂସ୍କାର ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷର ସ୍ୱର୍ଣ୍ଣକାର ସମାଜର ପଶ୍ଚିମ ଓଡିଶାର ନୂଆଁଖାଇ ଭେଟଘାଟ ବଲାଙ୍ଗୀର ଜିଲାରେ କରାଯିବାକୁ ସ୍ଥିର କରା ଯାଇଛି। ଆସନ୍ତା ବିଶ୍ୱକର୍ମା ପୂଜା ଉପଲକ୍ଷେ ସମସ୍ତ ଗାଁରେ ସ୍ୱର୍ଣ୍ଣକାର ଉତ୍ସବ ଆୟୋଜନ କରାଯାଇ ସ୍ୱର୍ଣ୍ଣ ଅଳଙ୍କାର ପ୍ରଦର୍ଶନୀ କରାଯିବ। ସାଂଗଠନିକ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଜିଲା ସଭାପତି ପ୍ରହଲ୍ଲାଦ ସରାଫ, ସମ୍ପାଦକ ଉମାକାନ୍ତ ସରାଫ, ଗୋପୀନାଥ ବୈଠାରୁ, ମାୟାଧର ସରାଫ, ବୁଟୁନାଥ ସରାବୁ, ନେପାଳ ସାହୁ, ବିକି ସରାଫ, ନିରୂପମା ସରାଫ, ସ୍ମିଥ ସୋନୀ ଉପସ୍ଥିତ ଥିଲେ। ଆନନ୍ଦ ସରାଫ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଯୁକ୍ତ ୩ରେ ନାଁ ଲେଖାଇ ପାରୁନାହାନ୍ତି ଶିବାନୀ

**ଲାଠୋର,୧୧।୮((ଡି.ଏନ.ଏ.)**

**ସାହାଯ୍ୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍**

ବଲାଙ୍ଗୀର ଜିଲା ଟିଟିଲାଗଡ ସଦର ବ୍ଲକ ଅଧୀନ ସିହିନି ପଞ୍ଚାୟତ ଅନ୍ତର୍ଗତ କୁମୁଡା ଗ୍ରାମର ବଳଦେବ ତାଣ୍ଡିଙ୍କ ଝିଅ ଶିବାନୀ ତାଣ୍ଡି। ତାଙ୍କ ପାଠ ପଢା ପାଇଁ ଟଙ୍କା ଏବେ ବାଟ ଓଗାଳିଛି। ବରଗଡ ଜିଲା ବିଜେପୁର ବ୍ଲକର ସାମାଜିକ କର୍ମୀ ଦିବସ କୁମାର ସାହୁ ଗତ ୭ ତାରିଖ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ ମାଧ୍ୟମରେ ସଂପୃକ୍ତ ଛାତ୍ରୀଙ୍କୁ ସାହାଯ୍ୟ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ବଳଦେବଙ୍କ ସମ୍ପତ୍ତିବାଡି କିଛି ନାହିଁ। କାମଧନ୍ଦା କରି ପରିବାର ଚଳେ। ୫ ଝିଅ ଏବଂ ଜଣେ ପୁଅଙ୍କ ମଧ୍ୟରୁ ୩ ଝିଅ କଷ୍ଟେ ମଷ୍ଟେ ବାହା ହୋଇ ସାରିଛନ୍ତି। ବର୍ତ୍ତମାନ ଝିଅ ବବିତା, ଶିବାନୀ, ପୁଅ ଅମର ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ସଂସାର। ବବିତା ଏକ ଘରୋଇ ଶିକ୍ଷା ଅନୁଷ୍ଠାନରେ କାମ କରନ୍ତି। ଅମର ଏକ ହୋଟେଲରେ କାମ କରୁଛନ୍ତି। ସାନ ଝିଅ ଶିବାନୀ ୨୦୧୮ରେ ଟିଟିଲାଗଡ ଡିଏଭି କଲେଜରୁ ଯୁକ୍ତ ଦୁଇ ବିଜ୍ଞାନରେ ପାସ୍ କରିଛନ୍ତି। ହେଲେ ଟଙ୍କା ପାଇଁ ସେ ଯୁକ୍ତ ତିନି ବିଜ୍ଞାନରେ ନାମ ଲେଖାଇ ପାରି ନ ଥିଲେ। ପାଠ ପଢ଼ିବାର ଦୃଢ଼ ଇଚ୍ଛାଶକ୍ତି ଥିବାରୁ ସେ ଚଳିତ ବର୍ଷ ଯୁକ୍ତ ତିନି ବିଜ୍ଞାନରେ ନାମ ଲେଖାଇବା ପାଇଁ ଆବେଦନ କରିଥିଲେ। ଯୋଗ୍ୟ ବିବେଚିତ ମଧ ହୋଇଥିଲେ। ହେଲେ ନାମ ଲେଖାଇବା ପାଇଁ ଟଙ୍କା ନାହିଁ। ଏଣୁ ଚଳିତ ବର୍ଷ ମଧ ସେ ନାମ ଲେଖାଇବାରୁ ବଞ୍ଚିତ ହୋଇଛନ୍ତି। ସାମାଜିକ କର୍ମୀ ସାହୁ ଏ ନେଇ ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ, ଉଚ୍ଚ ଶିକ୍ଷା ବିଭାଗକୁ ଟୁଇଟ୍ କରି ସଂପୃକ୍ତ ଛାତ୍ରୀଙ୍କୁ ସାହାଯ୍ୟ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ହେଲେ ଅଦ୍ୟାବଧି ଶିବାନୀଙ୍କ ପାଖରେ କୌଣସି ସରକାରୀ ସାହାଯ୍ୟ ପହଞ୍ଚି ପାରିନି।

**ଟଙ୍କା ବାଧକ ସାଜିଛି**




ଶିବାନୀଙ୍କୁ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ହୋଇଥିବା ଟୁଇଟ।

■ ସର୍ଭେରେ ଭୁଲଭଟକା

# ଆବାସ ଯୋଜନାରୁ ବଁଚିତ୍ ୪୦ ପରିବାର

**ଲାଠୋର,୧୧।୮((ଡି.ଏନ୍.ଏ.)**

୨୦୧୧ରେ କେନ୍ଦ୍ର ସରକାର ସାମାଜିକ, ଅର୍ଥନୈତିକ ଆର ଜାତିଗତ ଜନଗଣନା କରିଥିଲେ। ସେ ଜନଗଣନା ଅନ୍‌ସାରେ ବାସହୀନ ଗରିବ ପରିବାରମାନକୁ ସରକାରୀ ଯୋଜନାରେ ଘର ଯୁଗେଇ ଦେବାର ବେବସ୍‌ତା ରହିଛେ। ହେଲେ ଦୁଖର କଥା ଯେନ୍‌ମାନେ ଜନଗଣନା କାୟ୍ ତୁଲଉଥିଲେ ତାକର ଭୁଲଭଟକା ଲାଗି ଅନେକ ଗରିବ୍ ଦୁଖି ବାସହୀନ ପରିବାର ଆଏଜ୍ ବି ନାନା ସମସିଆର ସାମନା କରୁଛନ୍। ଇ ଭୁଲଭଟକା ସରକାରଙ୍କର ନଜରକେ ଆଏଲା ଉତାରୁ ୨୦୧୭ରେ ସେଟାକେ ସୁଧିରା ଯାଇଥିଲା। ହେଲେ ବଡ଼େ ଦୁଖର କଥା ଇଥିରୁ ବି ଅନେକ ଗରିବ୍ ବାସହୀନ ପରିବାର ବାଦ୍ ପଡ଼ିଥିବାର ଅଭିଯୋଗ ହେଉଛେ। ଏନ୍‌ତା ଗୁଟେ ଘଟନା ଦେଖିବାକେ ମିଳିଛେ ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ପଁଚେତ୍ ଖଇରାପଡ଼ାରେ।

ସୂଚନା ଅନ୍‌ସାରେ ଖଇରାପଡ଼ାରେ ଖଇରା ଆଦିବାସୀ ସମାଜର ୫୦ ପରିବାରର ପାଖାପାଖି ୩ଶହରୁ ଅଧିକା ଲୋକ୍ ବାସ୍ କରୁଛନ୍। ଇ ପଡ଼ାଟା ଯାକ ନିହାତି ଗରିବ୍ ହେଇଥିଲାବେଲେ ବଛରକ ୬ ମାସ ଦାଦନ ଖଟିଯାଉଛନ୍। ବାକି ୬ ମାସ ପାସର ଜଂଗଲରୁ ଜାଲନି କାଠ୍, ସରଗି ପତର, କାଠି ଠୁଲେଇ ବିକାଭଂଗା କରି କୁଟୁମ ପୁଷୁଛନ୍। ଇ ପଡ଼ାର ୧୦ଟା ପରିବାରକେ ସରକାରୀ ଯୋଜନାରେ ଘର ଯୁଗେଇ ଦିଆଯାଇଛେ। ହେଲେ ଜନଗଣନାରେ ଭୁଲଭଟକାର ଲାଗି ଆଏଜ୍ ବି ପଡ଼ାର ୪୦ ପରିବାର ସରକାରୀ ଯୋଜନାରେ ଘର ପାଏବାରୁ ବଁଚିତ୍ ହେଇ ରହିଛନ୍। ପଡ଼ାର ଅସାଧୁ ଭୋଇ, ଶିବା ଭୋଇ, ଲଛମନ ଭୋଇ, ମଧୁ ଭୋଇ, କରିମ ଭୋଇ, ରାମ ଭୋଇ, ବିଶ୍ୱାମିତ୍ର ଭୋଇ, ତୁଲା ଭୋଇ, ପ୍ରଫୁଲ୍ଲ ଭୋଇ, ଜଗଦିଶ ଭୋଇ, ଦୁତିଆ ଭୋଇ, ବାବୁଲାଲ ଭୋଇ, ସୁଜନ ଭୋଇ, ରାଜନ ପଧାନ, ଶ୍ରୀପତି ଭୋଇ, ବୁଟୁ ଭୋଇ, ରବି ଭୋଇ, ଭୋଗା ଭୋଇ, ବିଦେଶୀ ଭୋଇ, ସମବାରୁ ଭୋଇ, ଲକ୍ଷ୍ମଣ ଭୋଇ, ଅଏଁଠୁ ଭୋଇ, କାର୍ତ୍ତିକ ଭୋଇ, ରଜନା ଭୋଇ, ପ୍ରେମ ଭୋଇ, ନେଉଲ ଭୋଇ, ସଦାନନ୍ଦ ଭୋଇ, ଜେମା ଭୋଇ, ରାମ ଭୋଇ, ରଘୁ ଭୋଇ, ପାଣ୍ଡବ ଭୋଇ, କୁମର ଭୋଇ, କଙ୍ଗାଲୁ ଭୋଇ, ଗମ୍ଭାରି ଭୋଇ, ଧନୁ ଭୋଇ, ଧନେଶ୍ୱର ଭୋଇ, ପୂର୍ଣ୍ଣମି ଭୋଇ, ମକାରୁ ଭୋଇ, ସୁରେଶ ଭୋଇ ପରମୁଖ ଅବାସ ଯୋଜନାରୁ ବଁଚିତ୍ ହେଇ ରହିଛନ୍। ଆଏଜ୍ ବି ଇମାନେ ମାଏଟ୍ ଖପର କୁରିଆମାନକେ କୁଟୁମବସିଆ ବଡ଼ା ଗୁଲଗୁଲା ହେଇ ଜୀବନ୍ ବିତଉଛନ୍। ଇ ବାବ୍‌ଦେ ଲାଠୋର ସରପଁଚ୍ ପ୍ରବୀଣ କୁମାର ଅଗ୍ରୱାଲଙ୍କୁ ପଚରାଲାରୁ ପଡ଼ାର ଯେନ୍‌ମାନେ ଆବାସ ଯୋଜନାରୁ ବଁଚିତ୍ ହେଇଛନ୍ ତାକର ଗୁଟେ ତାଲିକା କରି ଖପ୍ରାଖୋଲ ବିଡିଓଙ୍କୁଁ ଘର ଯୁଗେଇ ଦେବାକେ ପଁଚେତ୍ ତରଫୁ ଆବେଦନ କରାଯାଇଛେ ବଲି ସେ କହିଥିଲେ।



ଲାଠୋର ଖଇରାପଡ଼ାର ଦୃଶ୍ୟ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ

## ସଂକ୍ଷେପରେ

### ଶିଶୁ ମନ୍ଦିରରେ ଗୁରୁଦକ୍ଷିଣା ଉତ୍ସବ

**ନୂଆପଡ଼ା ଅଫିସ/ବୋଡ଼େନ,୧୧।୮-** ନୂଆପଡ଼ା ଜିଲା ବୋଡେନ ବ୍ଲକ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଗୁରୁଦକ୍ଷିଣା ଉତ୍ସବ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଖଣ୍ଡ ସଂଘ ଚାଳକ କବିରାଜ ମାଝି ମୁଖ୍ୟଅତିଥି, ପ୍ରଣବ କୁମାର ସତପଥୀ ମୁଖ୍ୟବକ୍ତା, ଥବିରାମ ପାଣ୍ଡେ, ସୁଜନେଶ୍ୱର ସିଂ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ତ୍ରିନାଥ ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଗୁରୁଦକ୍ଷିଣା କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା । ଏଥିରେ ସଂଘର ବହୁ ସଦସ୍ୟ, ଶିଶୁ ମନ୍ଦିର ଅଭିଭାବକ, ପରିଚାଳନା କମିଟି ସଦସ୍ୟବୃନ୍ଦ ଯୋଗଦେଇଥିଲେ।




### ସାହିତ୍ୟ କଥାର ସପ୍ତମ ସ୍ୱନକ୍ଷତ୍ର ଉତ୍ସବ

**ଭବାନୀପାଟଣା,୧୧।୮(ଡି.ଏନ.ଏ.)-** ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ଠାରେ ସାହିତ୍ୟ କଥାର ସପ୍ତମ ସ୍ୱନକ୍ଷତ୍ର ଉତ୍ସବ ଆୟୋଜିତ ହୋଇଯାଇଛି। ମୁଖ୍ୟ ସମ୍ପାଦକ ଡ. ସୁରେଶ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ଲେଖକ ଓ ପ୍ରାବନ୍ଧିକ ଡ. ଦୋଳଗୋବିନ୍ଦ ବିଶି ମୁଖ୍ୟଅତିଥି, କବି ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀ, ଜଗଦୀଶ୍ୱର ମୁଣ୍ଡ, ପଞ୍ଚବଟିର ସମ୍ପାଦକ ସୁଶାନ୍ତ ନାୟକ, କଥାକାର ହେମନ୍ତ ଘୋଷାଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଆସନ୍ତା ବର୍ଷଠାରୁ ସାହିତ୍ୟ କଥା ସମ୍ମାନ ଦିଆଯିବ ବୋଲି ଏହି ଅବସରରେ ଘୋଷଣା କରାଯାଇଥିଲା। ଗାଳ୍ପିକ ସୁକାନ୍ତ ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। କବି ବିରଞ୍ଚି ନାରାୟଣ ମୁଣ୍ଡ ସଭା ପରିଚାଳନା କରିଥିଲେ। ସାହିତ୍ୟ କଥାର ଅଗଷ୍ଟ ସଂଖ୍ୟା, କବି ପ୍ରଭାକର ତ୍ରିପାଠୀଙ୍କ ଦୁଇଟି କବିତା ପୁସ୍ତକ ଅସତ୍ୟ ସହର ଓ ଅଦୃଶ୍ୟ ଦୃଶ୍ୟ ତଥା, ଡ. କ୍ଷେତ୍ରବାସୀ ମାନସେଠଙ୍କ ଗବେଷଣାଧର୍ମୀ ପୁସ୍ତକ କନ୍ଧମାଳର ଡମ୍ ଲୋକ ସଂସ୍କୃତିକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ସହ ସମ୍ପାଦକ ସୁଶୀଲ ବାଗ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ତରୁଣ କବିଙ୍କ କାବ୍ୟସ୍ୱର ନବ ଉନ୍ମେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁଜିତ ଶତପଥୀ, ଗଣେଶ ବାରିକ, ନିରଞ୍ଜନ ନାୟକ, ଆଶିଷ ମିଶ୍ର, ଯାଦବେନ୍ଦ୍ର ସାହା, ଅର୍ଜୁନ ଗୋପାଳ, ପ୍ରଶାନ୍ତ ଦାଶ ଓ ପୁଣ୍ୟଦୀପା ଖମାରୀ କବିତା ପାଠ କରିଥିଲେ। ସମ୍ପାଦକ ସକିତ ରତେଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କବି ଗଜାନନ ମିଶ୍ର ମୁଖ୍ୟଅତିଥି, କବି ଓ ଅନୁବାଦକ ଭାଗୀରଥି ମିଶ୍ର, ଲକ୍ଷ୍ମୀକାନ୍ତ ବାଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କବିତା ପାଠୋତ୍ସବରେ ସହସମ୍ପାଦକ ସୁଧୀର ଧଙ୍ଗଡାମାଝି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସଂଯୋଜନା କରିଥିଲେ ଗାଳ୍ପିକ ଡିଲେଶ୍ୱର ରଣା ଓ ବେତାର ଉଦଘୋଷିକା ଦୀପ୍ତିମୟୀ ସିଂ। ପରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରସାର ପରିଚାଳକ ରଜତ ବଂଶଲ ଧନ୍ୟବାଦ ଦେଇଥିଲେ।

### ଜାଲିଆତି କରି ଟଙ୍କା ଆତ୍ମସାତ୍ ଘଟଣା

# ଜିଲା ଶିଶୁ ସୁରକ୍ଷାଧିକାରୀଙ୍କ ନାଁରେ ମାମଲା ରୁଜୁ

**ନୂଆପଡ଼ା ଅଫିସ, ୧୧।୮**

ଶିଶୁ ସୁରକ୍ଷା ନାଁରେ ସରକାରଙ୍କ ବିଭିନ୍ନ ଯୋଜନାରେ ସରକାର ବିଜୁ ଶିଶୁ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ଜାଲ କାଗଜାତ ଦାଖଲ କରି ଟଙ୍କା ଆତ୍ମସାତ କରିଥିବା ଘଟଣାରେ ବୋଡେନ ଥାନାରେ ଦଫା ୫୦୯ରେ ଏକ ମାମଲା (ନଂ.୧୩୦/୧୯) ରୁଜୁ କରାଯାଇଛି। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବଳଦେବ ରଥଙ୍କ ନାଁରେ ଗୋପାଳ ଦାସ ନାମକ ଜଣେ ଶିଶୁ ଅଧିକାର ସାମାଜିକ କର୍ମୀ ଏତଲା ଦେଇଛନ୍ତି । ଏହା ସମଗ୍ର ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି ।

ସୂଚନା ଅନୁଯାୟୀ ନୂଆପଡ଼ା ଜିଲା ବୋଡେନ ଥାନା ଅନ୍ତର୍ଗତ କର୍ଲାକୋଟ ଗାଁର ଶିବ ବେହେରା ନାମକ ଜଣେ ଯୁବକଙ୍କୁ ବିଜୁ ଶିଶୁ ସୁରକ୍ଷା ଯୋଜନାରେ ସହାୟତା ରାଶି ମଞ୍ଜୁର କରି ପ୍ରଦାନ କରାଯାଇଛି । ଏହି ଯୋଜନାରେ ଶିଶୁ ସମୟରେ (୧୮ବର୍ଷ ପୂର୍ବରୁ) ମା'ବାପା ମୃତ୍ୟୁବରଣ କରିଥିଲେ। ତାଙ୍କୁ ବିବାହ ସମୟରେ ଯୁବତୀଙ୍କୁ ୫୦ ହଜାର ଏବଂ ଯୁବକଙ୍କୁ ୪୦ ହଜାର ଟଙ୍କା ବିବାହ ସମୟରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥାଏ । ହେଲେ ଶିବଙ୍କୁ ଯେତେବେଳେ ୨୯ ବର୍ଷ ବୟସ ହୋଇଥିଲା ତାଙ୍କର ମା' ମୃତ୍ୟୁବରଣ କରିଥିଲେ। ଏହିଭଳି ୩୬ ବୟସ ହୋଇଥିବା ସମୟରେ ତାଙ୍କ ବାପା ବାବୁ ରାଓଙ୍କ ମୃତ୍ୟୁ ହୋଇଥିଲା। ହେଲେ ଏହାକୁ ଜାଲିଆତି କରି ଯୋଜନାରୁ ଟଙ୍କା ମଞ୍ଜୁର କରି ପ୍ରଦାନ କରାଯାଇଛି। ଏହାକୁ ନେଇ ଗୋପାଳ ଦାସ ନାମକ ଜଣେ ସାମାଜିକ କର୍ମୀ ଗତ ମାର୍ଚ୍ଚ ମାସରେ ଜିଲାପାଳଙ୍କୁ ଜଣାଇଥିଲେ। ହେଲେ ଏଯାବତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ନେଇ ଧରିତ୍ରୀକୁ ସୂଚନା ଦେଇଥିଲେ। ସେହି ମୁତାବକ ଧରିତ୍ରୀରେ ଗତ ମାସ ୧୮ ତାରିଖରେ ତଥ୍ୟଭିତ୍ତିକ ଖବର ପ୍ରକାଶିତ ହୋଇଥିଲା । ବର୍ତ୍ତମାନ ଏହାକୁ ଭିତ୍ତିକରି ଗୋପାଳ ଦାସ ବୋଡେନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏ ବିଷୟରେ ସବିଶେଷ ତଦନ୍ତ ଜାରି ରହିଛି । ସରକାରୀ ଅର୍ଥତୋଷରପାତକୁ ନେଇ ମାମଲା ରୁଜୁ କରାଯାଇଛି । ଖୁବଶୀଘ୍ର ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଥାନାଧିକାରୀ ସରୋଜ କୁମାର ମଲ୍ଲିକ କହିଛନ୍ତି ।

## ବୋଲବମ୍ ଭକ୍ତଙ୍କୁ ମୁକ୍ତ ସେବା ପ୍ରଦାନ

**ନୂଅପଡା ଅଫିସ,୧୧।୮**

ଶ୍ରାବଣ ମାସର ଶେଷ ସୋମବାର ଆସୁଥିବା ଯୋଗୁ ଅଞ୍ଚଳରେ ବୋଲବମଭକ୍ତଙ୍କ ଭିଡ ଜମିବାକୁ ଲାଗିଛି। ସ୍ଥାନୀୟ ପତୋରାସ୍ଥିତ ଯୋଗେଶ୍ୱର ମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏମାନଙ୍କୁ ପ୍ରତିବର୍ଷ ଭଳି ମୁକ୍ତରେ ଖାଦ୍ୟପେୟ ସହ ବିଭିନ୍ନ ସୁବିଧା ଯୋଗାଇ ଦିଆଯାଉଛି । ନୂଆପଡାରୁ ପତୋରାକୁ ଯାଉଥିବା ସାରାବଙ୍ଗ ମୁଖ୍ୟ ରାସ୍ତାରେ ଜନସାଧାରଣଙ୍କ ତରଫରୁ ଏହାର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ଶତାଧିକ ବୋଲବମଭକ୍ତ ଏଥିରୁ ଅନ୍ନ ଭୋଗ ଗ୍ରହଣ କରୁଛନ୍ତି । ଏଥିରେ ବିଶେଷ କରି ଅଶୋକ ଦିକ୍ଷୀତ, ତାରାଚାନ୍ଦ ୟାଦବ, ଭୂଷଣ ଦଣ୍ଡସେନା, ଲଖି ରାଉତ, ଶ୍ୟାମ ସୁନ୍ଦର ୟାଦବ, ଜଗଦିଶ ଦେୱାଙ୍ଗନ ପ୍ରମୁଖ ସାମିଲ ରହି ପରିଚାଳନା କରୁଛନ୍ତି ।



ବୋଲଭମ ଭକ୍ତମାନେ ଭୋଗ ଗ୍ରହଣ କରୁଛନ୍ତି ।

### କବିତା ପାଠୋତ୍ସବ, ଆଧ୍ୟାତ୍ମିକ ଆଲୋଚନାଚକ୍ର

# ମାନବ ସେବା ହିଁ ମାଧବ ସେବା

**ଖଡିଆଳ,୧୧।୮(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ବ୍ଲକ ଦମାପଲା ଗ୍ରାମରେ କବିତା ପାଠୋତ୍ସବ ଏବଂ ଆଧ୍ୟାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ବଳଭଦ୍ର ମହାଉତିଙ୍କ ଅଧକ୍ଷତାରେ ଖଡିଆଳ ଅଞ୍ଚଳର ଅନେକ କବି ଓ ସାହିତ୍ୟକ ଯୋଗଦାନ କରି ନିଜ କବିତା ପାଠ କରିଥିବା ବେଳେ ଆଧ୍ୟାତ୍ମିକ ବିଚାରଧାରା ଉପରେ ଆଲୋଚନା କରାଯାଇଥିଲା । ସମାରୋହରେ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ବୋଲି ଉପସ୍ଥାପନ କରିଥିବା ବେଳେ ଏହାଦ୍ୱାରା ବିଶ୍ୱଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି ଯୋଗଦେଇଥିବା କବିମାନେ ଉପସ୍ଥାପନ କରିଥିଲେ। ଏହି ଆଲୋଚନାଚକ୍ରରେ ମାନବଧର୍ମକୁ ଗୁରୁତ୍ୱ ଦେଇ କହିଥିଲେ କି ଆଧ୍ୟାତ୍ମିକତାର ଅର୍ଥ ହେଉଛି ମାନବ ଧର୍ମ, ମାନବ ସେବା ହିଁ ମାଧବ ସେବ । ଏହା ଦ୍ୱାରା ମଣିଷ ମଣିଷକୁ ହିଁ ସେବା କଲେ ହିଁ ତା ମଧ୍ୟରେ ମାଧବଙ୍କୁ ସେବା କରିବାର ଲାଭ ପାଇଥାଏ । ଯଦ୍ଦ୍ୱାରା ମଣିଷ ସେବା କରି ନିଜ ଅନ୍ତର ଆତ୍ମାକୁ ଶାନ୍ତି ପ୍ରାପ୍ତ କରିଥାଏ ବୋଲି ସମ୍ମାନିତ କବିବୃନ୍ଦ ତାଙ୍କ କବିତା ମାଧ୍ୟମରେ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରଥମେ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ତଥା ସାହିତ୍ୟିକ ଡ. ସୁଶାନ୍ତ କୁମାର ବିଶି ସ୍ୱାଗତ ସମ୍ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭରେ ସ୍ୱର୍ଗତ ସୌରିଶଙ୍କର ବାରିକ ଏବଂ ପ୍ରବୀଣ ସିଂଦେଓଙ୍କ ଉଦ୍ଦେଶ୍ୟରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ସମାରୋହରେ ଖଡିଆଳର ଓଡିଆ ଅଧାପକ ବିଜୟ କୁମାର ବାରିକ, ସହକାରୀ ବନ ସଂରକ୍ଷକ ଡ. ମିହିର ପଟ୍ଟନାୟକ, ବିଶିଷ୍ଟ କବି ନୀଳଲୋହିତ ସିଂହଦେଓ ଯୋଗଦାନ କରିଥିବା ବେଳେ କବିତା ପାଠୋତ୍ସବରେ କବି ଗୌରାଙ୍ଗ କୁମାର ସାହୁ ସଂଯୋଜନା କରିଥିଲେ । ଆର୍ଯ୍ୟମାନ ବାରିକ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ କବି ସନାତନ ମହାନ୍ତି, ଆଦିତ୍ୟ ନାରାୟଣ ପଣ୍ଡା, ତ୍ରିଲୋଚନ ବିଶି, ବଳଭଦ୍ର ମହାଉତି, ତରଙ୍ଗିଣୀ ମହାପାତ୍ର, ଲବଣେଶ୍ୱର ବାରିକ, ଆକାଶ କୁମାର ସାହୁ, ଶିରୀଶଙ୍କର ବାରିକ, ସୁଶାନ୍ତ କୁମାର ବିଶି ପ୍ରମୁଖ ଉପସ୍ଥିତଥିଲେ ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା କବିବୃନ୍ଦ ।

## ବିଶ୍ୱ ଆଦିବାସୀ ଦିବସ ପାଳନ

**ଖଡିଆଳ,୧୧।୮(ଡି.ଏନ.ଏ.)**

ନୂଆପଡା ଜିଲା ଖଡିଆଳ ଆଦିବାସୀ ଭବନଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । ସଂଘ ସଭାପତି ଭାନୁପ୍ରତାପ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜୟରାମ ଶବକ (ଏସିଏଫ), ଶବର ସମଜର ଜିଲା ସଭାପତି ବିହାରୀଲାଲ ବିଶ୍ୱାଳ, ବିହାରୀଲାଲ ମାଝି, ଅବସରପ୍ରାପ୍ତ କୃଷି ଅଧିକାରୀ ପୀତବାସ ଶବର, ଖଡିଆଳ ବ୍ଲକ ସଭାପତି କାର୍ତ୍ତିକେଶ୍ୱର ମଲ୍ଲିକ, ସମ୍ପାଦକ ଲାଲଧର ଶବର, କୋମନା ସଭାପତି ବିଶେଶ୍ୱର ଧରୁଆ ଏବଂ ପଶ୍ଚିମ ଓଡିଶା ସାଧାରଣ ସମ୍ପାଦକ ବାଳକୃଷ୍ଣ ଶବର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଆଦିବାସୀ ସଂଘ ତରଫରୁ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନା ପରେ ବକ୍ତାମାନେ ଆଦିବାସୀ ସମାଜର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବକ୍ତମାନେ ପ୍ରକାଶ କହିଥିଲେ ଯେ, ଆଦିବାସୀମାନେ ହେଉଛନ୍ତି ସର୍ବ ପ୍ରାଚୀନ ଜନଜାତି । ମାନବ ସଭ୍ୟତାର ଆଦିମ ପୁରୁଷ, ଆଦିବାସୀମାନଙ୍କ ସଂସ୍କୃତି, ଭାଷା, ସାହିତ୍ୟ, ପ୍ରଥା, ପରମ୍ପରା, ସାମାଜିକ ଚଳଣି, ବିଧି ବିଧାନର ମହାନତା ଓ ଶ୍ରେଷ୍ଠତା ରହିଛି । ବିଶ୍ୱର ଆଦିମଙ୍କ ଭୂମିକା ଅତୁଳନୀୟ ଏବଂ ଅବର୍ଣ୍ଣଣୀୟ। ଆଦିବାସୀ କଲ୍ୟାଣ ସଂଘ ସଭାପତି ଧନ୍ୟବାଦ ଅର୍ପଣ କରିଛନ୍ତି ।

## ପ୍ଲାଷ୍ଟିକ ସଚେତନତା କର୍ମଶାଳା

**ଜୁନାଗଡ,୧୧।୮ (ଡି.ଏନ.ଏ.)**

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ନେହେରୁ ଯୁବ କେନ୍ଦ୍ର, କଳାହାଣ୍ଡି ଆନୁକୁଲ୍ୟରେ ଜୁନାଗଡ ବ୍ଲକ ଚିଚୈଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ପ୍ଲାଷ୍ଟିକ ସଚେତନତା କର୍ମଶାଳା ଓ ସଚେତନତା ପକ୍ଷ ପାଳନ ମହାବିଦ୍ୟାଳୟର ଯୁବ ରେଡକ୍ରସ ୟୁନିଟ ସହଯୋଗରେ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟ ଓଡିଆ ଅଧାପକ କାଳୀଚରଣ ଖାଡଙ୍ଗାଙ୍କ ଅଧକ୍ଷତାରେ ଅତିଥି ଭାବେ ରେଡକ୍ରସ କାଉନସିଲର ରାଜେଶ କୁମାର ମୁଣ୍ଡ, ଅଧାପକ ଅଶୋକ କୁମାର ସାହୁ, ସୁଶାନ୍ତ କୁମାର ମୁଣ୍ଡ, ସଞ୍ଜୀବ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ପ୍ଲାଷ୍ଟିକର ବ୍ୟବହାର ଓ ସ୍ୱଚ୍ଛ ଭାରତର ଆବଶ୍ୟକତା ଉପରେ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍.ୱାଇ.ଭି ଚିନ୍ମୟ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଏନ୍.ୱାଇ.ଭି ପଦ୍ମାବତୀ ପଟେଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ସଙ୍ଗଠକ ଅବିନାଶ ମୁଣ୍ଡ ସଚେତନତା ପକ୍ଷ ଓ କର୍ମଶାଳାର ଉଦ୍ଦେଶ୍ୟ, ଆଭିମୁଖ୍ୟ ସମ୍ପର୍କରେ ଉପଥତ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସେହିପରି କାର୍ଯ୍ୟକ୍ରମରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରଶ୍ନମଞ୍ଚର ଆୟୋଜନ, ଶୋଭାଯାତ୍ରା ଓ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।




ଚିଚୈଗୁଡା ମହାବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ହରିପୁର ଆଶ୍ରମରେ ଶ୍ରାବଣୀ ଉତ୍ସବ

**ନୂଆପଡା ଅଫିସ,୧୧।୮**

ବିଶ୍ୱର ଆଦ୍ୟ ଜ୍ଞାନର ଉତ୍ସ ଏବଂ ଋଷିଙ୍କ ଦ୍ୱାରା ସାକ୍ଷାତକୃତ ଈଶ୍ୱରୀୟ ବାଣୀ ଚତୁର୍ବେଦ ପ୍ରଚାର, ପ୍ରସାର ଏବଂ ସ୍ୱାଧ୍ୟାୟର ଆଲୋଚନା, ପର୍ଯ୍ୟାଲୋଚନା ଉଦ୍ଦେଶ୍ୟରେ ସ୍ଥାନୀୟ ହରିପୁରସ୍ଥିତ ଗୁରୁକୁଳ ଆଶ୍ରମରେ ଶ୍ରାବଣୀ ଉତ୍ସବ ପାଳିତ ହୋଇଯାଇଛି। ରବିବାର ପୂର୍ବାହ୍ନ ୯ଟାରେ ଏହି ପରିସରରେ ଯଜ୍ଞାହୂତି ଦିଆଯାଇଥିବାବେଳେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ହୋଇଥିଲା। ସ୍ୱାଧୀନତା ଦିବସରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ପଡୁଥିବାରୁ ଏହାକୁ ଆଗୁଆ ପାଳନ କରାଯାଇଥିବା ପରିଚାଳକଙ୍କ ସୂତ୍ରରୁ ପ୍ରକାଶ। ଏହି କାର୍ଯ୍ୟକ୍ରମରେ ଆଶ୍ରମ ମୁଖ୍ୟ ଡ. ସୁଦର୍ଶନ ଦେବ ଆର୍ଯ୍ୟ ଅଧ୍ୟକ୍ଷତା କରିଥିବାବେଳେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ, ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ସରୋଜ କୁମାର ସାହୁ, ଯଦୁମଣୀ ପାଣିଗ୍ରାହୀଙ୍କ ସମେତ ବହୁ ମନିଷୀଗଣ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଦିଲୀପ ସେନା ଆର୍ଯ୍ୟ ମଞ୍ଚ ପରିଚାଳନା କରିଥିବାବେଳେ ଆଶ୍ରମର ସମସ୍ତ ବ୍ରହ୍ମଚାରୀମାନେ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ବ୍ରହ୍ମଚାରୀମାନେ ସଂସ୍କୃତ ଭାଷାରେ ଏକ ନାଟକ ପରିବେଷଣ କରି ଭାରତୀୟ ସଂସ୍କୃତିର ବାର୍ତ୍ତା ଦେଇଥିଲେ। ଏଥିରେ ଅଞ୍ଚଳ ସମେତ ଆଖପାଖ ଜିଲାର ଶତାଧିକ ଗୁରୁକୁଳ ପ୍ରେମୀ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଏମ୍‌ଡିଏମ୍ ଚାଉଳ ବଣ୍ଟନରେ ଅନିୟମିତତା ଅଭିଯୋଗ

**ସିନାପାଲି,୧୧।୮(ଡି.ଏନ.ଏ.)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ୍‌ରେ ବିଭିନ୍ନ ବିଦ୍ୟାଳୟଗୁଡ଼ିକୁ ଯୋଗାଇ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଚାଉଳ ବଣ୍ଟନରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ମଧ୍ୟାହ୍ନ ଭୋଜନରେ ଯୋଗାଇ ଦିଆଯାଉଥିବା ୫୦ କେଜିଆ ଚାଉଳ ବସ୍ତାରେ ୪ କିଗ୍ରା ପର୍ଯ୍ୟନ୍ତ ଓଜନ କମ୍ ରହୁଥିବା ଅଭିଯୋଗ ହୋଇଛି । ଏହା ସହିତ ଚାଉଳ ଯୋଗାଣରେ ଠିକାଦାର ଏଗ୍ରିମେଣ୍ଟକୁ ଉଲ୍ଲଂଘନ କରି ଚାଉଳ ଯୋଗାଣ କରାଯାଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି । ଟେଣ୍ଡର ଏଗ୍ରିମେଣ୍ଟରେ ମଧ୍ୟାହ୍ନ ଭୋଜନ ଯୋଜନା ଚାଉଳ ବଣ୍ଟନ ପାଇଁ କେଉଁ କେଉଁ ଚାରି ଚକିଆ ଗାଡ଼ି ବ୍ୟବହୃତ ହେବ ତାହା ପଞ୍ଜୀକୃତ ହୋଇଛି ଏବଂ ଏହି ଗାଡିରେ ଜିପିଆର୍‌ଏସ ସିଷ୍ଟମ ରହିବା ନିତାନ୍ତ ଜରୁରୀ ଅଟେ। କିନ୍ତୁ ସିନାପାଲି ବ୍ଲକରେ ଚାଉଳ ବଣ୍ଟନ ପାଇଁ ବ୍ୟବହୃତ ଗାଡ଼ିଗୁଡ଼ିକ ପଞ୍ଜୀକୃତ ହୋଇ ନ ଥିବା ସହିତ ଏଥିରେ ଜିପିଆର୍‌ଏସ ସିଷ୍ଟମକୁ ବ୍ୟବହାର କରାଯାଉ ନ ଥିବା ଅଭିଯୋଗ ହୋଇଛି। ସେହିପରି ଜୁଲାଇ ୨୦ ତାରିଖ ସୁଦ୍ଧା ଏପ୍ରିଲ୍‌ରୁ ଜୁନ୍ ପ୍ରଥମ ତ୍ରୈମାସିକ ଏଲଟମେଣ୍ଟ ଉଠାଣ ହୋଇସାରିଥିବା ବେଳେ ଏହା ଅଗଷ୍ଟରେ ବଣ୍ଟନ ହୋଇଥିବା ଜଣାପଡିଛି। ଏଗ୍ରିମେଣ୍ଟ ଅନୁସାରେ ଓଏସ୍‌ଡବ୍ଲ୍ୟୁସିରୁ ପ୍ରତ୍ୟକ୍ଷ ଉଠାଣ କରି ୨୪ ଘଣ୍ଟା ମଧ୍ୟରେ ବିଦ୍ୟାଳୟଗୁଡ଼ିକୁ ପହଞ୍ଚିବା କଥା। କିନ୍ତୁ ୨୦ ତାରିଖ ସୁଦ୍ଧା ଉଠାଣ ହୋଇସାରିଥିଲେ ମଧ୍ୟ ଅଗଷ୍ଟରେ ବଣ୍ଟା ଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ସିନାପାଲି ବ୍ଲକ୍ ୧୪ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପ୍ରିୟରଞ୍ଜନ ମେହେର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ପୂର୍ବ ବର୍ଷେ ମଧ୍ୟ ଏମ୍‌ଡିଏମ୍ ବଣ୍ଟନରେ ଅନିୟମିତତା ହୋଇଥିବା ସେ କହିଛନ୍ତି । ଜିଲା ପ୍ରଶାସନକୁ ଜିଲା ପରିଷଦ ବୈଠକରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଧାର ଆସି ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉତ୍କଳମଣି ଅଗସ୍ତିଙ୍କୁ ପଚାରିବାରୁ ଅଭିଯୋଗର ସତ୍ୟାସତ୍ୟ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

## ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ

**ନୂଆପଡା ଅଫିସ/ବୋଡେନ,୧୧।୮**

ନୂଆପଡା ଜିଲା ବୋଡେନ ବ୍ଲକ ସଭାଗୃହରେ ବିଡିଓ ପୂର୍ଣ୍ଣ ଚନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ ସ୍ୱାଧୀନତା ଦିବସ ପାଳନ ଲାଗି ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସିଆରପିଏଫ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଗଣେଶ, ପୋଲିସ ସବଇନ୍ସପେକ୍ଟର ଦିବ୍ୟ କୁମାର ଓରାମ, ବୋଡେନ ସରପଞ୍ଚ ନୃପ ତାଣ୍ଡି, ସଚେନ ନାଗରିକ ମଞ୍ଚ ସମ୍ପାଦକ ପର୍ଶୁରାମ ସେଠୀ, ଥବିରାମ ପାଣ୍ଡେ, ସମିତି ସଭ୍ୟ ସୌଦାଗର ସାହୁ, ରାଜ ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସଭାକୁ ସାମାଜିକ ସୁରକ୍ଷା ଅଧିକାରୀ ଦୁର୍ଗୁ ନିଆଲ ପରିଚାଳନା କରିଥିଲେ। ଏଥିରେ ଗତବର୍ଷର ବିବରଣୀ ପାଠ କରିଥିବାବେଳେ ଏଥର କାର୍ଯ୍ୟକ୍ରମକୁ ଆକର୍ଷଣୀୟ କରାଯାଇ ପାରିବ ସେଥିପାଇଁ ପ୍ରସ୍ତାବ ସବୁ ଗ୍ରହଣ କରାଯାଇଥିଲ। ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ସ୍ଥିର କରାଯାଇଥିବାବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ଏଥର ବ୍ଲକ ଅଧ୍ୟକ୍ଷା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବେ ବୋଲି କୁହାଯାଇଛି।



ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀବୃନ୍ଦ।

### ଲାଞ୍ଜିଗଡ଼ ବ୍ଲକର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

# ସ୍ଥିତି ପରଖିଲେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ

**ଲାଞ୍ଜିଗଡ଼,୧୧।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଡାକ୍ତର ଓ କର୍ମଚାରୀ ଅଭାବ ସମେତ ନିଯୁକ୍ତ କର୍ମଚାରୀମାନଙ୍କ ଦାୟିତ୍ୱରେ ଅବହେଳା ଯୋଗୁ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାକୁ ନେଇ ବାରମ୍ବାର ଅଭିଯୋଗ କରାଯାଉଛି । ଗତ ଶୁକ୍ରବାର ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଗସ୍ତ କରି ବିଭିନ୍ନ ସମସ୍ୟା ଓ ଅଭିଯୋଗ ସମ୍ପର୍କରେ ଯାଞ୍ଚ କରି ଫେରି ଯାଇଛନ୍ତି । ଡାକ୍ତର ଅଭାବ ଭଳି ଏକ ସମସ୍ୟା ସାରା ଜିଲାକୁ କବଳିତ କରି ରଖିଥିବାରୁ ସେ ଦିଗରେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ନିରବ ଥିବାବେଳେ ଦାୟିତ୍ୱରେ ଅବହେଳା କରୁଥିବା କର୍ମଚାରୀମାନଙ୍କ ପ୍ରତି କଡା ଆଭିମୁଖ୍ୟ ପୋଷଣ କରିଛନ୍ତି । ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଫାର୍ମାସିଷ୍ଟ ପ୍ରଭାତ ନାୟକ ନିଜ ଦାୟିତ୍ୱରେ ଅବହେଳା କରି ଆସୁଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଛନ୍ତି । ସେହିପରି ମଧୁପୁର ସ୍ୱାସ୍ଥ୍ୟ କେନ୍ଦ୍ର ଦାୟିତ୍ୱରେ ଅବହେଳା କରୁଥିବା ଆୟୁଷ ଡାକ୍ତର, ଫାର୍ମାସିଷ୍ଟ ଓ ମହିଳା ସ୍ୱାସ୍ଥ୍ୟ କର୍ମଚାରୀ ଓ ପିଅନଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏତିକିରେ ବ୍ଲକ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବନାହିଁ ବରଂ ଏଠାରେ ନିଯୁକ୍ତ ବିପିଏମ୍ ସନ୍ଦୀପ ସିଂହ ଓ ବାଡା ଭବାନୀ ସିଂହ ବ୍ଲକ ଅଞ୍ଚଳର ସ୍ୱାସ୍ଥ୍ୟସେବା ଓ ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଦାୟିତ୍ୱରେ ଲଗାତାର ଅବହେଳା କରୁଥିବାରୁ ସେମାନଙ୍କ ବିରୋଧରେ ମଧ୍ୟ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି । ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଗସ୍ତ ବେଳେ ସାମାଜିକ କର୍ମୀ ପ୍ରଦୀପ ଘଡେଇ, ସନ୍ତୋଷ ଡୁଳଙ୍କ ସମେତ ଅନେକ ସ୍ଥାନୀୟ ଲୋକେ ତାଙ୍କୁ ସାକ୍ଷାତ କରି ବ୍ଲକ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା ଦୂର କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଚାନକ ଗସ୍ତକୁ ନେଇ ଅଞ୍ଚଳରେ ଆଲୋଡନ ଖେଳିଯାଇଥିବାବେଳେ ତ୍ୱରିତ ପଦକ୍ଷେପ ଗ୍ରହଣ କଲେ ଲୋକେ ବେଶ୍ ଉପକୃତ ହୋଇପାରିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସଂକ୍ଷେପରେ



### ୨ କି.ମି. ପର୍ଯ୍ୟନ୍ତ ଲାଗିଲା ଗଛ

**ଲୋଇସିଂହା,୧୧।୮(ଡି.ଏନ.ଏ.):** ଆଗଲପୁର ବ୍ଲକ ବେନ୍ଦ୍ରା ଗ୍ରାମର ରଘୁନାଥ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ବେନ୍ଦ୍ରାରୁ ଘୁଷୁରାମୁଣ୍ଡା ଛକ ପର୍ଯ୍ୟନ୍ତ ପ୍ରାୟ ୨ କି.ମି. ରାସ୍ତାର ଉଭୟ ପାର୍ଶ୍ୱରେ ଚାରା ଲଗା ଯାଇଥିଲା। ପଦ୍ମଲୋଚନ ମୁଦୁଲି, ଟଙ୍କଧର ବାରିକ, ଦାମେଦର ଭୋଇ, ରତ୍ନା ବାରିକ, ଭାଗବତ ମିଶ୍ର, ରାଘବ ପଧାନ, ଦୀପ୍ତିମାନ ମିଶ୍ରଙ୍କ ନେତୃତ୍ୱରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ ବିଦ୍ୟାଳୟର ପୁରାତନ ଛାତ୍ର ତଥା ଜୟପୁର ଜେଏମ୍‌ଏଫସି କୋର୍ଟରେ କାର୍ଯ୍ୟରତ ବିଚାରପରି ସୁରକ୍ଷିତ ମିଶ୍ର ସାମିଲ ହୋଇଥିଲେ।

■ ମହାନଦୀ ବ୍ରିଜ୍‌ରୁ କୁଞ୍ଜ ଛକ ୪ଥାକିଆ ରାସ୍ତା

# ସମ୍ପୂର୍ଣ୍ଣ ହୋଇଥାନ୍ତା, ଆରମ୍ଭ ହୋଇନି

**ସୋନପୁର,୧୧।୮(ନି.ପ୍ର.)**

ପ୍ରଶାସନିକ ସ୍ଥାଣୁତା ଯୋଗୁଁ ସୁବର୍ଣ୍ଣପୁର ଜିଲାର ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରୁନି। ନିର୍ଦ୍ଧାରିତ ସମୟରେ କୌଣସି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେଉନି। ବର୍ଷବର୍ଷ ଧରି ପ୍ରକଳ୍ପଗୁଡିକ ଅଧାପନ୍ତରିଆ ଅବସ୍ଥାରେ ପଡି ରହୁଛି। କେଉଁଠି ଜମି ସମସ୍ୟା ପାଇଁ କାର୍ଯ୍ୟ ଆରମ୍ଭ ହୋଇପାରୁନି ତ ଆଉ କେଉଁଠି ଠିକାଦାରଙ୍କ ଯୋଗୁଁ କାମ ବିଳମ୍ବ ହେଉଛି। ମାତ୍ର ଏହାର ସମୀକ୍ଷ ହେଉନି। ଜିଲା ସଦର ମହକୁମାର ମହାନଦୀ ବ୍ରିଜ୍‌ରୁ କୁଞ୍ଜ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗର ରାସ୍ତା କାମ ସମ୍ପୂର୍ଣ୍ଣ ହେବା କଥା। ମାତ୍ର ସରକାରୀ ଅନୁଦାନ ଥାଇ ଏ ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନି। ୬ କୋଟି ୭୯ ଲକ୍ଷ ଟଙ୍କା ବ୍ୟୟରେ ଏହି ୩.୨୬୦ କିମି ରାସ୍ତା ପ୍ରଶସ୍ତୀକରଣ ହେବ। ଡିଭାଇଡର ସହିତ ୪ଥାକିଆ ରାସ୍ତା ନିର୍ମାଣ ପାଇଁ ଯୋଜନା ରହିଛି। ପୂର୍ତ୍ତ ବିଭାଗ ସହିତ ଟେଣ୍ଡର ପାଇଥିବା ଠିକାଦାରଙ୍କ ଚୁକ୍ତିନାମା ହୋଇଛି । ତଦନୁଯାୟୀ ୨୦୧୯ ଅଗଷ୍ଟ ୧୨ ତାରିଖ ସୁଦ୍ଧା ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହେବା କଥା। ଫେବୃୟାରୀ ମାସରେ






ବ୍ଲକ ଛକରୁ କୁଞ୍ଜ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛଗୁଡିକୁ କଟାଯାଇନି(ବାମ)। ପୂର୍ତ୍ତ ବିଭାଗ ପକ୍ଷରୁ ଲଗାଯାଇଥିବା ସୂଚନା ଫଳକ।

**ପ୍ରଶାସନିକ ସ୍ଥାଣୁତା : ଉନ୍ନୟନ କାର୍ଯ୍ୟରେ ବାଧା**

ରାସ୍ତାର ଶିଳାନ୍ୟାସ ହୋଇଥିଲା। କିନ୍ତୁ ଝୁଡିଏ ବି ମାଟି ପଡିନି। ଜମି କ୍ଲିୟରାନ୍ସ ନଥିବାରୁ ଠିକାଦାର କାମ କରୁନାହାନ୍ତି। ବେସରକାରୀ ଜମି ଅଧିଗ୍ରହଣ ହୋଇ ନଥିବା ବେଳେ, କିଛି ସରକାରୀ ଜମି ଜବରଦଖଲରେ ରହିଛି। ବିଦ୍ୟୁତ୍ ଖୁଣ୍ଟ ଓ ମ୍ୟୁନିସିପାଲିଟି ପକ୍ଷରୁ ରାସ୍ତାପାର୍ଶ୍ୱରେ ଲାଗିଥିବା ଉଜ୍ଜ୍ୱଳ ଆଲୋକ ଖୁଣ୍ଟଗୁଡିକୁ ସ୍ଥାନାନ୍ତର କରାଯାଇନି। ରାସ୍ତାପାର୍ଶ୍ୱରେ ଥିବା ୧୧୦୦ଟି ଗଛ କଟାଯିବାକୁ ଥିବା ବେଳେ ତାହା ସମ୍ଭବ ହୋଇନି। ପୂର୍ତ୍ତ, ରାଜସ୍ୱ, ବନ ବିଭାଗ ଓ ଜିଇଡି ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରୁନି। ସେହିପରି ଜେଲ ଛକରୁ ୫୭ନମ୍ବର ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଭାୟା ଜନମୁରା ରାସ୍ତା କାର୍ଯ୍ୟ ଧିମେଇ ଚାଲିଛି। ୭ମିଟର ଓସାର ବିଶିଷ୍ଟ ଏହି ୬କିଲୋମିଟର ରାସ୍ତା ସାଢେ ୯କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ। ଏହି ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତରଣ ହୋଇପାରିନି। ଜନମୁରା ଓ ଧୋବାବାହାଲିଠାରେ ଜମି ଅଧିଗ୍ରହଣ ହୋଇନି। ପ୍ରସ୍ତାବିତ ରେଲୱେ ଷ୍ଟେଶନକୁ ସଂଯୋଗ କରୁଥିବା ଏହି ରାସ୍ତା ଜିଲାବାସୀଙ୍କ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ । ରିଂ ରୋଡ କାର୍ଯ୍ୟ ମଧ ବହୁ ମନ୍ଥର ଗତିରେ ଚାଲିଛି। ଠିକାଦାରଙ୍କ ଅବହେଳା ଯୋଗୁଁ ନିର୍ଦ୍ଧାରିତ ସମୟରେ କାମ ସମ୍ପୂର୍ଣ୍ଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି । ନୂତନ ଜିଲାପାଳ ମୋନିଷା ବାନାର୍ଜୀ କାର୍ଯ୍ୟରେ ଯୋଗଦେବା ପରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଜିଲାବାସୀ ଆଶା ରଖିଛନ୍ତି ।

# ବିଧାୟକ କୁକୁ ସିଂଙ୍କୁ ସମ୍ବର୍ଦ୍ଧନା

**ମୁରିବାହାଲ, ୧୧।୮ (ଡି.ଏନ.ଏ.)**

ମୁରିବାହାଲ ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ରବିବାର ହଳଦୀ ପଞ୍ଚାୟତଠାରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା (କୁକୁ ସିଂ)ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଅବଗତ କରାଯାଇଛି। ସଂଘର ସଭାପତି ଗୋପୀନାଥ ପାଣିଗ୍ରାହୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବ୍ଲକର ୨୨ଟି ପଞ୍ଚାୟତର ବିଭିନ୍ନ ସମସ୍ୟାକୁ ନେଇ ବିଧାୟକଙ୍କୁ ଅବଗତ କରାଯାଇଥିଲା। ମୁଖ୍ୟତଃ ପାନୀୟ ଜଳ ଯୋଗାଣ ସମସ୍ୟା, ହଳଦୀ ଗ୍ରାମଠାରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ, ଚାଷୀମାନଙ୍କର ବିଭିନ୍ନ ସମସ୍ୟା ସାଙ୍ଗକୁ ଫସଲ ବୀମାରୁ ବଞ୍ଚିତ ହୋଇଥିବା ଚାଷୀମାନଙ୍କର ବୀମା ରାଶି ପ୍ରଦାନ କରାଯିବା ଉପରେ ଅବଗତ କରାଯାଇଥିଲା। ମୁରିବାହାଲ ବ୍ଲକରେ ଉନ୍ନୟନ ମୂଳକ କାର୍ଯ୍ୟକୁ ନେଇ ସରପଞ୍ଚ ସଂଘ ପକ୍ଷରୁ କ୍ଷୋଭ ପ୍ରକାଶ କରିବା ସାଙ୍ଗକୁ ଦୁର୍ନୀତିରେ ଲିପ୍ତ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ବିଧାୟକଙ୍କୁ ସଂଘ ଜଣାଇଛି। ଡୋଳାମଣୀ ବାଗ, ଅଗସ୍ତିବାଗ, ମିଥିଲା ମାଝୀ, ଡମ୍ବରୁଧର ବେହେରା, ଗୁପ୍ତେଶ୍ୱର ସାହୁ, ଦିବ୍ୟଲୋଚନ ବୁଡେକ, ଅମିତ କୁମାର ପାତ୍ର, ନୃପତି ବଗର୍ତ୍ତି ପ୍ରମୁଖ ଯୋଗ ଦେଇଥିଲେ।



ସମ୍ବର୍ଦ୍ଧନା ସଭାରେ ବିଧାୟକ ଓ ଅନ୍ୟମାନେ।

# ଲିଗ୍ ଫୁଟବଲ ମ୍ୟାଚ୍ : ଜରାସିଂହା ବିଜୟୀ



ଆୟୋଜକ ଓ ଅତିଥିଙ୍କ ସହ ଉଭୟ ଦଳର ଖେଳାଳି।

**ଦେଓଗାଁ,୧୧।୮(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ମିନି ଷ୍ଟାଡିୟମରେ ରବିବାର ଜିଲାସ୍ତରୀୟ ସିନିୟର ନକ୍ ଆଉଟ ଫୁଟବଲ ଟୁର୍ନାମେଣ୍ଟର ଲିଗମ୍ୟାଚ ମହିପୁର ଓ ଜରାସିଂହା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ବିଏନଏଏ ଆନୁକୂଲ୍ୟରେ ଅନୁଷ୍ଠିତ ମ୍ୟାଚରେ ଜରାସିଂହା ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଏଥିରେ ଲକ୍ଷ୍ମୀ ମହାନ୍ତି, ପ୍ରଶାନ୍ତ ଥନାପତି ଓ ସଞ୍ଜୟ ମେହେର ଖେଳ ପରିଚାଳନା କରିଥିଲେ। ଦଳ ପକ୍ଷରୁ ସତ୍ୟ ଦଣ୍ଡସେନା ୨ଟି ଗୋଲ୍ ଦେଇ ଦଳକୁ ବିଜୟୀ କରାଇଥିଲେ। ବିଏନଏଏ ସଭାପତି ସୁନ୍ଦରମଣି ଦଣ୍ଡସେନାଙ୍କ ପରିଚାଳନାରେ ଅତିଥି ଭାବେ ବରିଷ୍ଠ ଫୁଟବଲ ଖେଳାଳି ଦେବ ପ୍ରସାଦ ମେହେର ଯୋଗ ଦେଇଥିଲେ। ତେବେ ଚଳିତ ବର୍ଷ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମିନି ଷ୍ଟାଡିୟମର ଉନ୍ନତୀକରଣ କାର୍ଯ୍ୟ ଚାଲିଛି। ହେଲେ ଠିକ୍‌ରୂପେ ପଡିଆର ମାଟି କାମ କରାଯାଇନି। ଏଣୁ ଖେଳ ପରିଚାଳନାକୁ ନେଇ ସ୍ଥାନୀୟ ଖେଳାଳି ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୨୦ ତାରିଖ ପୂର୍ବରୁ ପଡିଆ ଉନ୍ନତୀକରଣ କାର୍ଯ୍ୟକୁ ଠିକ୍ ଭାବେ କରିବାକୁ ଦାବି କରିଛନ୍ତି।

# ସରକାରୀ ଚାକିରି ବୟସ ସୀମା ୪୨ ବର୍ଷକୁ ବୃଦ୍ଧି ଦାବି

**ବଲାଙ୍ଗୀର ଅଫିସ,୧୧।୮**

ସରକାରୀ ବୟସ ସୀମା ୩୨ ବର୍ଷରୁ ୪୨ ବର୍ଷକୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ସାମାଜିକ କର୍ମୀ କଳ୍ପତରୁ ବିଶ୍ୱାଳ ସୂଚନା ଦେଇଛନ୍ତି। ଉକ୍ତ ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ଦେଶର ଅଗ୍ରଣୀ ରାଜ୍ୟମାନଙ୍କରେ ପ୍ରତିବର୍ଷ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିଯୁକ୍ତି ପାଇବା ସଙ୍ଗେ ସଙ୍ଗେ ନିଯୁକ୍ତି ବୟସ ସୀମାକୁ ୪୦, ୪୨, ୪୪ ବର୍ଷ ଏପରିକି ୪୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଓଡିଶା ସରକାର ଷ୍ଟେଟ୍ ସିଲେକ୍‌ସନ୍ ବୋର୍ଡ (ଏସ୍‌ଏସ୍‌ବି) ସହାୟତାରେ ଯେଉଁମାନେ ଅଧାପନା କରୁଛନ୍ତି ସେମାନଙ୍କର ନିଯୁକ୍ତିର ବୟସ ସୀମା ୪୨ ବର୍ଷ ରହିଛି। ଓଡିଶା ସରକାର ଅବସରକାଳୀନ ବୟସ ସୀମାକୁ ୨ ବର୍ଷ ବଢ଼ାଇ ଦେଇଛନ୍ତି। ସରକାର ମଧ ଅବସର ପରେ ଚାକିରିରେ ପୁନଃ ନିଯୁକ୍ତି ଦେଉଛନ୍ତି। କେତେକେ ଚାକିରି ବିଜ୍ଞାପନ ୫ରୁ ୧୦ ବର୍ଷରେ ଥରେ ବାହାରୁ ଥିବାରୁ ଆଶାୟୀ ମେଧାବୀ ପ୍ରାର୍ଥୀମାନେ ନିରାଶ ହେଉଛନ୍ତି। ପ୍ରତ୍ୟେକ ବର୍ଷର ବିଭିନ୍ନ ଚାକିରି ପାଇଁ ଯେଉଁ ଖାଲି ପଦବୀ ରହିଛି ନିୟମ ଅନୁଯାୟୀ ପରୀକ୍ଷା କରିବା କଥା। କିନ୍ତୁ ତାହା ପାଳନ କରାଯାଉନାହିଁ। ପ୍ରତ୍ୟେକ ବର୍ଷର ଖାଲି ପଦବୀ ସବୁ ମିଶି କରି ଯେଉଁ ବିଜ୍ଞାପନ ବାହାରୁଛି ତାହା ଚଳିତ ବର୍ଷକୁ ମିଶାଇ ୩୨ ବର୍ଷ ବୟସ ସୀମା କରା ଯାଉଛି। ହେଲେ ସେତେବେଳେ ଆବେଦନକାରୀଙ୍କ ବୟସ ସୀମା ଗଡି ଯାଉଛି । ଜଣେ ପ୍ରାର୍ଥୀ ଥରେ ପରୀକ୍ଷା ଦେଲା ପରେ ଆଉ ଥରେ ବିଜ୍ଞପ୍ତି ବାହାରିଲା ବଳକୁ ତାହାର ବୟସ ସୀମା ସରି ଯାଉଛି । ଏହି ଚାକିରି ବୟସ ବୃଦ୍ଧି ପ୍ରସଙ୍ଗକୁ ବିଧାନସଭାରେ ମଧ ଉପସ୍ଥାପନା କରାଯାଇଥିଲା । ଅନ୍ୟ ରାଜ୍ୟ ମଧ ସେମାନଙ୍କ ଛାତ୍ରୀଛାତ୍ରଙ୍କ ପାଇଁ ବୟସ ସୀମା କୋହଳ କରିଛନ୍ତି। ଗୋଆରେ ୪୫ ବର୍ଷ, ତେଲେଙ୍ଗାନା ଓ ଆସାମରେ ୪୪ ବର୍ଷ, ଉତ୍ତରାଖଣ୍ଡ, ହରିଆଣା ଓ ଆନ୍ଧ୍ରପ୍ରଦେଶରେ ୪୨ ବର୍ଷ ଆଶାୟୀ ପ୍ରାର୍ଥୀଙ୍କ ବୟସ ସୀମା ଧାର୍ଯ୍ୟ କରାଯାଇଛି। ସେହିପରି ପଶ୍ଚିମବଙ୍ଗ, ତ୍ରିପୁରା, ମଧ୍ୟପ୍ରଦେଶ, ରାଜସ୍ଥାନରେ ଏହି ବୟସ ସୀମା ୪୦ ବର୍ଷକୁ ବୃଦ୍ଧି କରାଯାଇଛି। ଏଣୁ ଓଡିଶାରେ ମଧ ସରକାରୀ ଚାକିରି ବୟସ ସୀମା ୩୨ରୁ ୪୨ ବର୍ଷକୁ ବୃଦ୍ଧି କରାଯାଉ ବୋଲି ବିଶ୍ୱାଳଙ୍କ ସହ ସୁମନ୍ତ ଶତପଥୀ, ବିରାଜକୃଷ୍ଣ ମିଶ୍ର, ସୁନୀଲ ମିଶ୍ର, ରାଜେନ୍ଦ୍ର ପାଣିଗ୍ରାହୀ, ମୁକେଶ କୁମାର ସାହୁ ଓ ଅନ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ଦେଇ ଦାବି କରିଛନ୍ତି ।

# ଚାରା ରୋପଣ, ସଚେତନତା କାର୍ଯ୍ୟକ୍ରମ

**ମୁରିବାହାଲ,୧୧।୮(ଡି.ଏନ.ଏ.)**

ମୁରିବାହାଲ ବ୍ଲକ କଲୋନୀଠାରେ ବନୀକରଣ ସହ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ସଚେତନତା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ନେଇ ପ୍ରାରମ୍ଭରେ ଶ୍ରୀବତ୍ସ ବେହେରାଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁରିବାହାଲ ଥାନାର ଏସ୍‌ଆଇ ସଂଯୁକ୍ତା ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନନୀୟ ଅତିଥି ଭାବରେ ବନବିହାରୀ ଯୋଶୀ, ଅଗସ୍ତି ବଘାର, ରାଜୀବ କୁମାର ମହାନ୍ତି, କେଦାର ବଡଜେନା, ବ୍ଲକ ୱାର୍ଡ ମେମ୍ବର ସଂଘର ସଂଯୋଜକ ମନୋଜ କୁମାର କର ପ୍ରମୁଖ ଯୋଗଦେଇ ବନୀକରଣ ଉଦ୍ଦେଶ୍ୟ, ଜଳବାୟୁ ପରିବର୍ତ୍ତନ ଯୋଗୁ ତାହାରି ପ୍ରତିକାର ଓ ବର୍ତ୍ତମାନ ପରିସ୍ଥିତିରେ କମ୍ପ୍ୟୁଟର ଶିକ୍ଷା ସମ୍ବନ୍ଧରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ୧୬୦ ଜଣ ଛାତ୍ରୀଛାତ୍ର ମୁରିବାହାଲ ବଙ୍ଗୋମୁଣ୍ଡା ରାସ୍ତା, ଗୁଡିଘାଟ ବ୍ଲକ ସମ୍ମୁଖରେ ଚାରା ଲଗାଇଥିଲେ। ପ୍ରଦୀପ କୁମାର ବଘାରଙ୍କର ସଂଯୋଜନାରେ ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।




ମୁରିବାହାଲ ବ୍ଲକ କଲୋନୀଠାରେ ବନୀକରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବ୍ୟକ୍ତିବିଶେଷ।

### ଟ୍ରେନ ଧକ୍କାରେ ମହିଳା ମୃତ, ଶିଶୁକନ୍ୟା ଗୁରୁତର

**ଡୁଙ୍ଗୁରିପାଲି, ୧୧।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରେଲୱେ ଫାଟକ ପାଖରେ ରବିବାର ସକାଳେ ଟ୍ରେନ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଡୁଙ୍ଗୁରିପାଲି ଥାନା ଅଧୀନ ଅନ୍ଧାରିବାଞ୍ଜି ଗ୍ରାମର ଲଳିତା ନାଏକ(୩୦)। ଦୁର୍ଘଟଣାରେ ମହିଳାଙ୍କ ସହ ଯାଉଥିବା ଶିଶୁକନ୍ୟା ଗୁରୁତର ହୋଇଛନ୍ତି। ପୂର୍ବାହ୍ନ ପ୍ରାୟ ୧୦ଟାରେ ଲଳିତା ତାଙ୍କ ଅଢେଇ ବର୍ଷର ଝିଅକୁ ଧରି ରାମପୁରସ୍ଥିତ ରେଳ ଫାଟକରୁ ସହଲା ଫାଟକ ଆଡକୁ ରେଳ ଲାଇନ ଉପରେ ଯାଉଥିଲେ। ଏହି ସମୟରେ ବରଗଡ ପଟରୁ ଆସୁଥିବା ଏକ ମାଲଗାଡି ଆସି ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା । ଏଥିରେ ମହିଳାଙ୍କ ଗୋଡ କଟି ଯାଇଥିବାବେଳେ ଶିଶୁକନ୍ୟା ଆହତ ହୋଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା।



ରତନପୁରରେ ପୁରାଣ ପଣ୍ଡା ଗାୟିକା ଗାୟକ ମହାସଂଘ ବୈଠକ ଚାଲିଛି।

# ପୁରାଣପଣ୍ଡା ଗାୟକ ମହାସଂଘର ବୈଠକ, କର୍ମକର୍ତ୍ତା ଚୟନ

**ଦେଓଗାଁ,୧୧।୮(ଡି.ଏନ.ଏ.)**

ଦେଓଗାଁ ବ୍ଲକ ଅନ୍ତର୍ଗତ ରତନପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ପୁରାଣ ପଣ୍ଡା ଗାୟିକା ଗାୟକ ମହାସଂଘର ବୈଠକ ତଥା ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା ପୁରାଣ ପଣ୍ଡା ଗାୟକ ମହାସଂଘ ତତ୍ତ୍ୱାବଧାନ ତଥା ମହାସଂଘର ଅଧକ୍ଷ ଲଳିତ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୁରାଣ ପଣ୍ଡା ଗାୟିକା ଗାୟକଙ୍କୁ କଳାକାର ଭତ୍ତା ଯୋଜନାରେ ସାମିଲ କରିବା ଉପରେ ଆଲୋକପାତ କରାଯାଇଥିଲା। ଏଥିସହ ଚଳିତ ମାସ ୧୮ ତାରିଖରେ ବଲାଙ୍ଗୀରରେ ରକ୍ତଦାନ ଶିବିର ଓ ହରିହାଟରେ ସହଯୋଗ ଉପରେ ବିଷଦ ଆଲୋଚନା ହୋଇଥିଲା। ସର୍ବ ସମ୍ମତି କ୍ରମେ ଦେଓଗାଁ ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ ସଭାପତି ଭାବେ ଲୀଳାମୟ ମିଶ୍ର, ସମ୍ପାଦକ ରମଣୀ ରଞ୍ଜନ ମିଶ୍ର, ଉପଦେଷ୍ଟା ଭାବେ ଗୋପାଳଚନ୍ଦ୍ର ରଥ, ସକ୍ରିୟ ସଦସ୍ୟ ଭାବେ କର୍ମରାଜ ଶତପଥୀ, ଧର୍ମରାଜ ଶତପଥୀ, ସୁନୀଳ କୁମାର ମିଶ୍ର, ଅଚ୍ୟୁତ ତ୍ରିପାଠୀ, କୁମୁଦିନୀ ତ୍ରିପାଠୀ, ପଙ୍କଜିନୀ ମିଶ୍ର, ପ୍ରଦ୍ୟୁମ୍ନ କୁମାର ପାଣିଗ୍ରାହୀ, ପ୍ରଶାନ୍ତ ମିଶ୍ର, ପ୍ରଦୀପ କୁମାର ତ୍ରିପାଠୀ ପ୍ରମୁଖ ମନୋନିତ ହୋଇଥିଲେ। ବୈଠକରେ ପଶ୍ଚିମ ଓଡିଶା ପୁରାଣ ଗାୟକ ମହାସଂଘ ସଭାପତି ସୁରେନ୍ଦ୍ର କୁମାର ତ୍ରିପାଠୀ, କୋଷାଧକ୍ଷ କିଶୋର କୁମାର ମିଶ୍ର, ସଂପାଦକ ସୁରେନ୍ଦ୍ର ପାଣି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଦେଓଗାଁ ଓ ସଦର ବ୍ଲକର ୫୦ ଜଣ ପୁରାଣ ପଣ୍ଡା ଗାୟିକା ଗାୟକ ଉପସ୍ଥିତ ଥିଲେ। ପରିଶେଷରେ ପ୍ରଶାନ୍ତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ ଧଣ୍ଡାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ମାତୃ ସମ୍ମିଳନୀ

# ଉତ୍ତମ ଛାତ୍ର ଗଠନରେ ମା'ର ଭୂମିକା ଅତୁଳନୀୟ

**ଖପ୍ରାଖୋଲ,୧୧।୮ (ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ସରସ୍ୱତୀ ଶିଶୁ ମନ୍ଦିରର ମାତୃ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ତମ ଛାତ୍ର ଗଠନ ପାଇଁ ମା'ର ଭୂମିକା ଅତୁଳନୀୟ। ରାଷ୍ଟ୍ର ନିର୍ମାଣ ପାଇଁ ଉତ୍ତମ ଦେଶଭକ୍ତର ଆବଶ୍ୟକତା ଅଛି। ସଚେତନ ମା' ନିଜ ସନ୍ତାନକୁ ସବୁବେଳେ ସହଯୋଗ ସହ ସତ୍‌ଶିକ୍ଷା ଦେଇଥାଏ ବୋଲି ଅତିଥିମାନେ ଏହି ଅବସରରେ ଉପସ୍ଥିତ ମା'ମାନଙ୍କୁ ପରାମର୍ଶ ଦେଇ କହିଥିଲେ। ଅନୁଷ୍ଠାନ ପ୍ରଧାନ ଆଚାର୍ଯ୍ୟ ସନ୍ନ୍ୟାସୀ କଡୁଆ ଏଥିରେ ଅଧକ୍ଷତା କରିଥିଲେ। ଅତିଥି ରୂପେ ବଲାଙ୍ଗୀର ଜିଲା ବିଭାଗ ନିରୀକ୍ଷକ ବିପିନ ବିହାରୀ ମିଶ୍ର, ପାଟଣାଗଡ ସଙ୍କୁଳ ପ୍ରମୁଖ ମିତ୍ରଭାନୁ ପଧାନ, ଧଣ୍ଡାମୁଣ୍ଡା ଶିଶୁ ମନ୍ଦିର ସଭାପତି ପଞ୍ଚାନନ ସାହୁ, ସମ୍ପାଦକ ଗୋପୀକୃଷ୍ଣ ଥନାପତି ପ୍ରମୁଖ ଉପସ୍ଥିତ ଥିଲେ। ପରିଚାଳନା କମିଟି ସଦସ୍ୟ ଅଜୟ ଭୋଇ, ପ୍ରଫୁଲ୍ଲ ପଧାନ, ନବୀନ ଦାଶ, ଚିତ୍ତରଞ୍ଜନ ବେହେରା, ମନୋଜ ପଧାନ, ଜାଲାଧାରା ମିଶ୍ର ପ୍ରମୁଖ ଆଚାର୍ଯ୍ୟା, ଆଚାର୍ଯ୍ୟଙ୍କ ସମେତ ଶତାଧିକ ମା'ମାନେ ଉପସ୍ଥିତ ଥିଲେ।

# ୪୩ ଅସହାୟଙ୍କୁ ନିଜ ଦରମା ଟଙ୍କା ବାଣ୍ଟିଦେଲେ ବିଧାୟକ

**ଖପ୍ରାଖୋଲ,୧୧।୮ (ଡି.ଏନ.ଏ.)**

ପାଟଣାଗଡ ବିଧାୟକ ସରୋଜ ମେହେର ରବିବାର ଖପ୍ରାଖୋଲ ବ୍ଲକର ମାଟିଆଭଟା ପଞ୍ଚାୟତ ଅଞ୍ଚଳ ଗସ୍ତ କରିଛନ୍ତି। ଏହି ଅବସରରେ ସାଲେପାଲି, ପୁଟୁଲାମହୁଲ, ମଟିଆଭଟା, କେନ୍ଦୁଭଟା, ଅନକାମରା ପ୍ରମୁଖ ଗାଁ ବୁଲି ସେ ଲୋକଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବା ସହ ସମସ୍ୟା ସ୍ଥଳ ବି ବୁଲି ଦେଖିଥିଲେ । ସେହିପରି ବ୍ଲକର ୪୩ ଜଣ ଅସହାୟଙ୍କୁ ନିଜ ଦରମା ଟଙ୍କା ଜଣକୁ ୫ ଶହ ଟଙ୍କା ଲେଖାଏଁ ପ୍ରଦାନ କରିଥିଲେ। ପିଙ୍କୁ ପାଣିଗ୍ରାହୀ, ପଞ୍ଚୁଦେବ ସାହୁ, ମାଟିଆଭଟା ସରପଞ୍ଚ ନରସିଂହ ସାହୁ, ପୂର୍ବତନ ସରପଞ୍ଚ ନାଜର ସାହୁ, ଭାନପୁର ସରପଞ୍ଚ ତ୍ରିନାଥ ବାରିକ, ପବିତ୍ର ପଟେଲ, ବିଶ୍ୱ ହୋତା, ରମେଶ ପଧାନ, ପ୍ରଦୀପ ବାଗ, ନରେନ୍ଦ୍ର ଭୋଇ, ଗୁଲୁ ପଧାନ, ଦିଲ୍ଲୀପ ମେହେର ପ୍ରମୁଖ ଦଳୀୟ କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।



ବିଧାୟକଙ୍କ ସହ ସହାୟତା ପାଇଥିବା ଲୋକେ।



ଗତକାଲି ଏକ ଅଚଳ ଚେକ୍‌। ଆସନ୍ତାକାଲି ପ୍ରୋମିସରି ନୋଟ୍‌। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।

- ହିଟ୍‌ଲର



## ସଂକ୍ଷେପରେ



### ୫୯ ନଂ. ଏନ୍‌ଏଚର ଦୁଇ ପାର୍ଶ୍ୱରେ ୨ଟି ମାଲବାହୀ ଟ୍ରକ୍ ଧସିଛି

ପଲମ,୧୧।୮ (ଡି.ଏନ.ଏ.)- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ଚାରିଛକଠାରୁ ମଙ୍ଗଳାଯୋର ନିକଟ ୫୯ ନଂ. ଏନ୍‌ଏଚ୍‌ର ୨ କଡରେ ୨ଟି ମାଲବାହୀ ଟ୍ରକ୍ (ନଂ.ଓଡି ୧୪ଆର-୬୫୦୬ ଏବଂ ଓଡି୧୫କେ-୫୧୦୩) ଧସି ରହିଛି। ଏଥିଯୋଗୁ ଯାତ୍ରୀ ତଥା ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି । ଏଆର୍‌ଏସ୍‌ଏସ୍ କମ୍ପାନୀ ଦ୍ୱାରା ଏହି ରାସ୍ତା କାର୍ଯ୍ୟ ଚାଲୁଛି। କମ୍ପାନୀର ମନମୁଖୀ କାର୍ଯ୍ୟକଳାପ ଯୋଗୁ ଅନେକ କ୍ଷେତ୍ରରେ ରାସ୍ତା ନିର୍ମାଣ କାର୍ଯ୍ୟମାନ ଅପୂର୍ଣ୍ଣାଙ୍ଗ ହୋଇ ପଡିଛି। ଫଳରେ ଅନେକ ଦୁର୍ଘଟଣା ସହ ଯାତ୍ରୀ ତଥା ଯାନବାହନ ଚଳାଚଳରେ ସମସ୍ୟା ଦେଖିବାକୁ ମିଳୁଛି । ଏହି ବାବଦ ନେଇ ଅନେକ ଥର ବିଭାଗୀୟ କର୍ମଚାରୀଙ୍କୁ ଅବଗତ କରାଇ ମଧ କୌଣସି ସୁଫଳ ମିଳି ନାହିଁ ।

### ନାଗାବଳୀ ନଦୀ ପଠାରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଭବାନୀପାଟଣା,୧୧।୮(ଡି.ଏନ.ଏ.) ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ଧାମୁଣିପଙ୍ଗା ପଞ୍ଚାୟତର ହାତିମୁଣ୍ଡା ଗ୍ରାମ ଦୋରାସାହି ନିକଟସ୍ଥ ନିଳଗିରି ତୋଟା ସନ୍ନିକଟ ନାଗାବଳୀ ନଦୀପଠାରୁ ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତା ମହିଳା ଜଣକ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକଫାଜିଖାଲ ଗ୍ରାମର ବେହେରା ମାଝିଙ୍କ ସ୍ତ୍ରୀ ସିନ୍ଧୁ ମାଝି (୨୫) ବୋଲି ଜଣାପଡିଛି। ଗତ ବୁଧବାରଠାରୁ ଅନତି ଦୂରକୁ ଘାସ ବାଛି ଫେରୁଥିବା ବେଳେ ଗ୍ରାମ ନିକଟସ୍ଥ ପିଡିଶାଲ ନାଳ ପାରି ହେଉଥିବା ସମୟରେ ଗୋଡ ଖସି ପାଣିରେ ପଡିଯାଇଥିଲେ। ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ କୋଜାଖୋଜି କରିଥିଲେ ହେଁ ସିନ୍ଧୁଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ହାତିମୁଣ୍ଡା ଗ୍ରାମର କିଛି ଲୋକ ନଦୀରୁ ମାଛ ଧରି ଫେରୁଥିବା ବେଳେ ନଦୀପଠାରେ ୨ଟି ଗୋଡ ଉପରକୁ ଉଠି ରହିଥିବା ଦେଖିବାକୁ ପାଇଥିଲେ । ପରେ କାହାର ମୃତଦେହ ବୋଲି ସନ୍ଦେହ କରି ଧାମୁଣିପଙ୍ଗା ପଞ୍ଚାୟତ ସରପଞ୍ଚ ରଘୁ କାଡ୍ରାକାଙ୍କୁ ଜଣାଇଥିଲେ। ସରପଞ୍ଚଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ ଓ ଥାନା ଏସଆଇ କୁନିଶବର, ଏଏସଆଇ ସନ୍ତୋଷ କୁମାର ଶିରିକା ପ୍ରମୁଖ ପହଞ୍ଚି ଅନୁସନ୍ଧାନ କରିଥିଲେ। ମୃତକଙ୍କ ପରିବାରର ଲୋକଙ୍କ ଉପସ୍ଥିତିରେ ଅଗ୍ନିଶମ ବିଭାଗର ବିଜୟ କୁମାର ବେହେରା, ସୁସିଲ କୁମାର ନାୟକ, ବାଲ୍ମିକୀ ପ୍ରଧାନ, ପ୍ରସନ୍ନ କୁମାର ସାହୁ ପ୍ରମୁଖ ବାଲିରେ ପୋତି ରହିଥିବା ମୃତଶରୀରକୁ ବାହାର କରିଥିଲେ। ମୃତ ଶରୀର ଚିହ୍ନଟ ପରେ ସ୍ଥାନୀୟ ଅତିରିକ୍ତ ତହସିଲଦାର ଗଣେଶ ଦଳେଇଙ୍କ ଉପସ୍ଥିତିରେ ଶବକୁ ପୋଲିସ ଜବତ କରି ଅପମୃତ୍ୟୁ ମାମଲା ରୁଜୁ ପୂର୍ବକ ତଦନ୍ତ ଚଳାଇଥିବା ଏଏସଆଇ ଶିରିକା କହିଛନ୍ତି।

# ରାଜସ୍ୱ ମନ୍ତ୍ରୀଙ୍କ ବନ୍ୟା କ୍ଷୟକ୍ଷତି ସମୀକ୍ଷା

ଭବାନୀପାଟଣା,୧୧।୮ (ଡି.ଏନ.ଏ.)



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବନ୍ୟା କ୍ଷୟକ୍ଷତି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି, ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏବଂ ଅନ୍ୟ ପଦାଧିକାରୀ ସମୀକ୍ଷା କରୁଛନ୍ତି ।

କଳାହାଣ୍ଡି ଜିଲାରେ ଗତ ୭ ଓ ୮ ତାରିଖ ଲଘୁଚାପଜନିତ ବର୍ଷାରେ ଜିଲାର ଲାଞ୍ଜିଗଡ, ଥୁଆମୂଳ ରାମପୁର ଓ କର୍ଲାମୁଣ୍ଡା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଗତ ୧୦ ତାରିଖ ଶନିବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ଦିନିକିଆ କଳାହାଣ୍ଡି ଗସ୍ତରେ ଆସି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ଏକ ସମୀକ୍ଷା ବୈଠକ କରି ଆଲୋଚନା କରିଥିଲେ। ଏଥିରେ ଶକ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ନର୍ଲା ବିଧାୟକ ଭୂପିନ୍ଦର ସିଂ, ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିସାରୀ, ଧର୍ମଗଡ ବିଧାୟକ ମୌସୁଧୀ ବାଗ, ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ପ୍ରଭାବ ମହାପାତ୍ର, ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଲଗାଣ ବର୍ଷା ଫଳରେ ଥୁଆମୂଳ ରାମପୁର ଓ ଲାଞ୍ଜିଗଡ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବନ୍ୟା ନିୟନ୍ତ୍ରଣ କରିବା ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପରୁ ୨୭ ଘଣ୍ଟା ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଯାଇଥିଲା। ଗତ ଦୁଇଦିନ ଧରି କଳାହାଣ୍ଡିରେ ବର୍ଷା ନ ହେବା ଫଳରେ ବନ୍ୟା ପରିସ୍ଥିତି ସାମାନ୍ୟ ହେଉଛି। ତେବେ ଏହି ବନ୍ୟା ଯୋଗୁ ଜିଲାର ବିଶେଷ କରି ୩ଟି ବ୍ଲକ, ଥୁଆମୂଳ ରାମପୁର, ଲାଞ୍ଜିଗଡ ଓ କର୍ଲାମୁଣ୍ଡାରେ ବିଭିନ୍ନ ଭିତ୍ତିଭୂମି ଧୋଇ ହୋଇଯିବା ସହ ବହୁ ଘର ଭାଙ୍ଗି ଯାଇଛି। ଏହାସହ ବହୁ ଚାଷଜମିରେ ବନ୍ୟାଜଳ ଓ ବାଲିଚର ହେବା ଫଳରେ ଚାଷ ବ୍ୟାପକ କ୍ଷୟକ୍ଷତି ଘଟିଛି। ୭ ଦିନ ମଧ୍ୟରେ ବନ୍ୟା କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ କରିବାକୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ରିଲିଫ୍ କୋର୍ଡ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀ ଓ ଘର ଭଙ୍ଗା ସହାୟତା ପ୍ରଦାନ କରାଯିବା ସହ ବନ୍ୟା ଦ୍ୱାରା କ୍ଷତିଗ୍ରସ୍ତ ସମସ୍ତ ଭିତ୍ତିଭୂମିର ପୁନଃନିର୍ମାଣ ପାଇଁ ବ୍ୟବସ୍ଥା କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ପ୍ରକାଶ କରିଥିଲେ। ତେବେ ଲଘୁଚାପ ଜନିତ ଲଗାଣ ବର୍ଷା ଦ୍ୱାରା ସୃଷ୍ଟି ବନ୍ୟା ଯୋଗୁ ଥୁଆମୂଳ ରାମପୁର ଓ ଲାଞ୍ଜିଗଡ ବ୍ଲକର ଅଧିକାଂଶ ଜନସାଧାରଣଙ୍କର ସଂଗୃହୀତ ଖାଦ୍ୟଶସ୍ୟ ମଧ ବନ୍ୟା ଜଳରେ ନଷ୍ଟ ହୋଇଯାଇଛି। ତେଣୁ ଏହି ଦୁଇଟି ବ୍ଲକରେ କ୍ଷତିଗ୍ରସ୍ତ ଜନସାଧାରଣଙ୍କୁ ୭ ଦିନ ପର୍ଯ୍ୟନ୍ତ ଅତି କମରେ ୫ କେଜି ଲେଖାଏଁ ଚାଉଳ ଯୋଗାଇ ଦେବାକୁ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ରାଜସ୍ୱ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ସେହିପରି ଯୁଦ୍ଧକାଳୀନ ଭିତ୍ତିରେ ବନ୍ୟାଦ୍ୱାରା କ୍ଷତିଗ୍ରସ୍ତ ରାସ୍ତାଘାଟ, ପୋଲ ନିର୍ମାଣ କରିବା ପାଇଁ ନର୍ଲା ବିଧାୟକ ଭୂପିନ୍ଦର ସିଂ ଅନୁରୋଧ କରିଥିଲେ। ୭ ଦିନ ମଧ୍ୟରେ ସମସ୍ତ ବନ୍ୟା କ୍ଷୟକ୍ଷତି ଆକଳନ କରି ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ ଜିଲାପାଳଙ୍କୁ ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ଣ୍ଣାଙ୍ଗ ରିପୋର୍ଟ ଆସିବା ପରେ ରିଲିଫ କୋଡ ଅନୁଯାୟୀ ସମସ୍ତ ସହାୟତା ରାଜ୍ୟ ସରକାର ଯୋଗାଇ ଦେବେ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି। ରାଜସ୍ୱ ମନ୍ତ୍ରୀ ଗତ ଶନିବାର ହେଲିକେପ୍ଟର ଯୋଗେ କଳାହାଣ୍ଡିର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ।

**କଳାହାଣ୍ଡି ଜିଲା**

- ୭ ଦିନରେ ବନ୍ୟା କ୍ଷୟକ୍ଷତି ରିପୋର୍ଟ ପ୍ରଦାନ ନିର୍ଦ୍ଦେଶ

ବର୍ଷା ହେଲେ ସ୍କୁଲର ଅବସ୍ଥା ବେହାଲ

# ବାହାରେ ମଧ୍ୟାହ୍ନଭୋଜନ ଖାଉଛନ୍ତି ଛାତ୍ରୀଛାତ୍ର

ଭବାନୀପାଟଣା,୧୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କାର୍ଯ୍ୟାଳୟ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୧ କି.ମି. ଦୂରେ ଥିବା ଜାଗେଶପଦର ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ଛାତରୁ ପାଣି ଗଳି ଅବସ୍ଥା ଶୋଚନୀୟ ହୋଇପଡିଛି। ୨ ବର୍ଷ ତଳେ ତିଆରି ହୋଇଥିବା ନୂତନ ଶ୍ରେଣୀଗୃହର ଅବସ୍ଥା ମଧ ଏଭଳି ହୋଇଛି। ଛାତରୁ ପାଣି ଗଳି ସବୁଆଡେ ପାଣି ବୋହୁଛି। ସ୍କୁଲ ଗୃହ ରାସ୍ତା ପତନଠାରୁ ତଳେ ଥିବାରୁ ରାସ୍ତାରୁ ପାଣି ଗଡି ଆସି ସବୁ ଶ୍ରେଣୀ ଗୃହରେ ପଶୁଛି। ସାମାନ୍ୟ ବର୍ଷା ହେଲେ ଛାତ୍ରୀଛାତ୍ରଙ୍କୁ ବସିବାକୁ ଯାଗା ଟିକେ ନାହିଁ। ବାଧ ହୋଇ ଝିପି ଝିପି ବର୍ଷାରେ ମଧ ଛାତ୍ରୀଛାତ୍ରମାନେ ବାହାରେ ବସି ମଧ୍ୟାହ୍ନ ଭୋଜନ ଖାଇବାକୁ ପଡ଼ିଥାଏ। ସ୍କୁଲର ଏକ କଠୋରିରେ ଜଣେ ଶିକ୍ଷକ ରହନ୍ତି। ସେ ମଧ ଜରିପାଲ ଟାଣି ରହିବାକୁ ବାଧ ହେଉଛନ୍ତି। ବର୍ଷା ହେଲେ ଖଟ ଉପରେ ବସି ରହୁଛନ୍ତି। ଏଣୁ ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟିଦେଇ ଛାତ୍ରୀଛାତ୍ରମାନଙ୍କୁ ଆବଶ୍ୟକ ସୁବିଧା ଯୋଗାଇ ଦେବା ପାଇଁ ଦାବି ହେଉଛି।



ବାହାରେ ଛାତ୍ରୀଛାତ୍ର ମଧ୍ୟାହ୍ନଭୋଜନ ଖାଉଛନ୍ତି ।

# ୨ ବର୍ଷ ହେଲା ଦିଗସିରା ଉଠା ଜଳସେଚନ ପଏଣ୍ଟ ଅଚଳ

ତୁଣ୍ଡଲା,୧୧।୮ (ଡି.ଏନ.ଏ.)

**କ୍ଷତି ପୂରଣ ପାଇଁ ଚାଷୀଙ୍କ ଦାବି**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ସିର୍ଜାପାଲି ପଞ୍ଚାୟତ ଅଧୀନ ଦିଗସିରା ଗ୍ରାମର ତେଲନଦୀର ଝରଝରି ଘାଟଠାରେ ଥିବା ଉଠା ଜଳସେଚନ ପଏଣ୍ଟ ନଂ.୧ ଗତ ୨ ବର୍ଷ ହେଲା ଅଚଳ ହୋଇ ପଡି ରହିଛି । ଏ ନେଇ ବାରମ୍ବାର ଅଭିଯୋଗ କରିବା ପରେ ଗତ ଜାନୁୟାରୀ ଓ ଫେବୃୟାରୀରେ ମରାମତି କାମ ଆରମ୍ଭ କରାଯାଇଥିଲା । ସେହି ସମୟରେ ଚାଷୀ କରିଥିବା ମୁଗ, ବିରି, ଚଣା, କୋଳଥ ଆଦି ଡାଲି ଜାତୀୟ ଫସଲଗୁଡିକୁ ନଷ୍ଟ କରି ପାଇପ ପୋତା ଆଦି କାମ କରିଥିଲେ। ସବୁ ଦିନିଆ ପାଣି ମିଳିବ ବୋଲି ଆଶା ରଖି ଏହି ଫସଲ ନଷ୍ଟ ସତ୍ତ୍ୱେ ଚାଷୀମାନେ କିଛି କହି ନ ଥିଲେ । କିନ୍ତୁ କାମ ଅଧାରେ ରଖି ଦେଇ ଫେବୃୟାରୀରୁ ବିଭାଗୀୟ କର୍ତ୍ତୃପକ୍ଷ ଆଉ ଧରାଛୁଆଁ ଦେଉନାହାନ୍ତି । ଅଧାପନ୍ତରିଆ କାମ ସାଙ୍ଗକୁ ଅଚଳ ହୋଇ ପଡିଛି ଏହି ଉଠା ଜଳସେଚନ ପଏଣ୍ଟ । ଏହା ଦ୍ୱାରା ଚଳିତ ଖରିଫ ଧାନ ଚାଷ ଧାନ ଚାଷ ମଧ ପ୍ରଭାବିତ ହୋଇଛି । ଗତ ରବି ଓ ଖରିଫର କ୍ଷତିଗ୍ରସ୍ତ ଚାଷର କ୍ଷତିପୂରଣ ପ୍ରଦାନ କରିବା ପାଇଁ ଚାଷୀ ନରେନ୍ଦ୍ର ତାଣ୍ଡି, ମହେନ୍ଦ୍ର ପୁଟେଲ, ଟି. ପ୍ରବୀଣ କୁମାର, ଅଭିଲାଷ ତାଣ୍ଡି, ଭିକ ତାଣ୍ଡି, ଦେବ ତାଣ୍ଡି, ଭଜତରଞ୍ଜନ ବିଶି, କୁନ୍ତି ଭୋଇ, ବିଶ୍ୱନାଥ ଭୋଇ, ସାପେ ଭୋଇ, ଏନ ସୌମ୍ୟରଞ୍ଜନ ତାଣ୍ଡି ପ୍ରମୁଖ ଜିଲାପାଳଙ୍କଠାରେ ଲିଖିତ ଦାବି ଜଣାଇବା ସହ ତୁରନ୍ତ ପଏଣ୍ଟ କାର୍ଯ୍ୟକ୍ଷମ କରିବାକୁ ଅନୁରୋଧ ଜଣାଇଛନ୍ତି । ଏ ନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ନଦୀରେ ବହୁତ ପାଣି ଥିବାରୁ ମଟର ଲଗା ଯାଇ ପାରୁନାହିଁ । ପାଣି କମିଗଲେ ଲଗାଯିବ ବୋଲି କହିଛନ୍ତି ।



ଅଚଳ ଉଠା ଜଳସେଚନ ପଏଣ୍ଟ ।

## ସଚେତନ ନାଗରିକ ମଞ୍ଚ ପକ୍ଷରୁ କ୍ରାନ୍ତୀ ଦିବସ

ଭବାନୀପାଟଣା,୧୧।୮(ଡି.ଏନ.ଏ.)

ଭବାନୀପାଟଣାସ୍ଥିତ ବାହାଦୁର ବଗିଚାପଡା ଛକଠାରେ କଳାହାଣ୍ଡି ସଚେତନ ନାଗରିକ ମଞ୍ଚ ପକ୍ଷରୁ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ସଭାରେ କୁହାଯାଇଥିଲା ଯେ, ସଚେତନ ନାଗରିକ ମଞ୍ଚ ପକ୍ଷରୁ ଭବାନୀପାଟଣା ସହରକୁ ବନ୍ଦୋବସ୍ତ କରି ସେହି ଜାଗାରେ ସ୍ଥାୟୀ ପଟ୍ଟା ଦେବା ଦାବିରେ ପଟ୍ଟା ନାହିଁ ତ ଭୋଟ ନାହିଁ ବୋଲି ଅଡି ବସିଥିଲେ। ସରକାର ଚାପରେ ଆସି ତରବରିଆ ଭାବେ ୨୦୧୭ ଆଇନରେ ୩୨୩ ବର୍ଗଫୁଟ ଜମି ଦେବା ପାଇଁ ଯୋଜନା କଲେ। ଏହାକୁ ପୌର ନିର୍ବାଚନ ସମ୍ମୁଖୀନ ଭୟରେ ଘୁଞ୍ଚାଇ ଦିଆଗଲା। ସାଧାରଣ ନିର୍ବାଚନରେ ପଟ୍ଟା ଦାବି ନାଁରେ ସ୍ୱପ୍ନ ଦେଖାଇ ନିର୍ବାଚନ ବୈତରଣୀ ପାର ହୋଇଗଲେ। ବର୍ତ୍ତମାନ ପୌର ନିର୍ବାଚନକୁ ଆଖି ଆଗରେ ରଖି ଏଲଆରସିମାନେ ଜମି ଅଧିକାର ପ୍ରମାଣପତ୍ର କିଛି ବସ୍ତି ବାସିନ୍ଦାଙ୍କୁ ବାଣ୍ଟି ଅର୍ଥ ମଧ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏହି ବୈଠକରେ ସଚେତନ ନାଗରିକ ମଞ୍ଚର ଆବାହକ ସତ୍ୟ ମହାର, ନିରଦ ରାଉତ, କବିତା ରାଉତ, ଅବଦୁଲ ଅଜିଜ ଖାଁ, ସଞ୍ଜୟ ମେହେର, ବିଶିକେଶନ ମେହେର, ପୁଷ୍ପାଞ୍ଜଳି ବାଗ, ଅନ୍ନପୂର୍ଣ୍ଣା ରାଉତ, ଦମୟନ୍ତୀ ମାଝି, ରତ୍ନାକର ମେହେର, ସିନ୍ଧୁ ମାଝି ପ୍ରମୁଖ ଯୋଗଦେଇଥିଲେ।

# ଶିଶୁ ସୁରକ୍ଷା ନେଇ ସଚେତନତା ଶୋଭାଯାତ୍ରା

ମ.ରାମପୁର,୧୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ସ୍ଥିତ ଦୁର୍ଗାମାଧବ ଉଚ୍ଚ ବିଦ୍ୟାପୀଠ ଛାତ୍ରୀଛାତ୍ରଙ୍କୁ ନେଇ ସ୍ଥାନୀୟ ପୋଲିସ ବିଭାଗ ପକ୍ଷରୁ ଶନିବାର ଶିଶୁ ସୁରକ୍ଷା ସଚେତନତା ଶୋଭଯାତ୍ରା ହୋଇଯାଇଛି । ଥାନା ଭାରପ୍ରାପ୍ତ ଅଧିକାରୀ ମ.ରାମପୁର ଉତ୍ତମ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ଶିଶୁଙ୍କ ପ୍ରତି ନିର୍ଯାତନା ରୋକିବା, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ କରିବା ପାଇଁ ସହାୟକ ହେବା, ଶିଶୁ ଚାଲାଣ ଆଦି ରୋକିବା ଦିଗରେ ସଚେତନତା ମୂଳକ ପ୍ଲାକାର୍ଡ, ପ୍ରଚାରପତ୍ର ଧରି ଛାତ୍ରୀମାନଙ୍କ ଦ୍ୱାରା ଶୋଭାଯାତ୍ରା କରାଯାଇଥିଲା । ବ୍ଲକ ଅଧକ୍ଷ ଜିବେଶ ପଣ୍ଡା, ସଦର ସରପଞ୍ଚ ଚିତ୍ତରଞ୍ଜନ ବାଗ ପ୍ରମୁଖ ସହଯୋଗରେ କାର୍ଯ୍ୟକ୍ରମ ହୋଇଯାଇଛି । ୧୩ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଉକ୍ତ ସରକାରୀ ପ୍ରାୟୋଜିତ ଓ ସରକାରୀ ପୃଷ୍ଠପୋଷକତ୍ୱ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏଥିରେ ପୋଲିସର ଯେନତେଣ ପ୍ରକାରେ ଦାୟୀତ୍ୱ ନିର୍ବାହ କରାଯାଉଥିବା ଜଣାଯାଇଛି ।



ଛାତ୍ରୀମାନେ ଶୋଭାଯାତ୍ରାରେ ବାହାରିଛନ୍ତି ।

# ଗୋଲାମୁଣ୍ଡା ଥାନା ପୋଲିସ ପକ୍ଷରୁ ପରୀ କାର୍ଯ୍ୟକ୍ରମ

ଗୋଲାମୁଣ୍ଡା,୧୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ପକ୍ଷରୁ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ପରୀ ପାଇଁ କଥାଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗୋଲାମୁଣ୍ଡା ଭାରପ୍ରାପ୍ତ ଥାନା ଅଧିକାରୀ ରଶ୍ମିତା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ସରପଞ୍ଚ ରୁକ୍ମଣି ମଙ୍ଗରାଜ ମୁଖ୍ୟଅତିଥି ଓ ଗୋଲାମୁଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରେମଲାଲ ନାଏକ, ଶିକ୍ଷକ ସତ୍ୟନାରାୟଣ ନେଗି, ସାମାଜିକ କର୍ମୀ ସାଉଲ ମଙ୍ଗରାଜ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ଅଗ୍ରୱାଲ ପ୍ରମୁଖ ଅଥିଭାବେ ଯୋଗଦେଇଥିଲେ । ସଭା ପୂର୍ବରୁ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନାତା ଶୋଭାଯାତ୍ରା ଗୋଲାମୁଣ୍ଡା ସହର ପରିକ୍ରମା କରାଯାଇଥିଲା । ଗୋଲାମୁଣ୍ଡା ଥାନା ଏଏସ୍‌ଆଇ ସାମଲ, ଏସଆଇ ପଟେଲ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ଡିପ୍ ଲିଟର ପ୍ରଣାଳୀରେ ଅଣ୍ଡାଦିଆ କୁକୁଡ଼ା ପାଳନ ନିମନ୍ତେ

# ଏସ୍‌ଏଚ୍‌ଜିଙ୍କୁ ନେଇ ଜିଲାସ୍ତରୀୟ ତାଲିମ ଶିବିର

ଭବାନୀପାଟଣା,୧୧।୮ (ଡି.ଏନ.ଏ.)

ସ୍ଥାନୀୟ ଭବାନୀପାଟଣା କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଜିଲା ପ୍ରାଣୀ ସମ୍ପଦ ବିକାଶ ଓ ମିଶନ ଶକ୍ତିର ସହାୟତାରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଡିପ୍ ଲିଟର ପ୍ରଣାଳିରେ ଅଣ୍ଡାଦିଆ କୁକୁଡା ପାଳନ ନିମନ୍ତେ ସହାୟତା କରିବା ନେଇ ଜିଲାସ୍ତରୀୟ ପ୍ରଶିକ୍ଷଣାର୍ଥୀଙ୍କୁ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ଭଞ୍ଜଦେଓ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିଥିଲେ। ଅଣ୍ଡାଦିଆ କୁକୁଡା ପାଳନ ମାଧ୍ୟମରେ ଗ୍ରାମାଞ୍ଚଳର ମହିଳା ଓ ଶିଶୁମାନଙ୍କ ପୃଷ୍ଟି ହିନତା ଦୁରହେବା ସହିତ ସ୍ୱୟଂସହାୟତା ଗୋଷ୍ଠୀମାନଙ୍କ ଆର୍ଥିକ ବିକାଶରେ ଏହା ସହାୟକ ହେବ ବୋଲି ମୁଖ୍ୟ ଅତିଥି ଭଞ୍ଜଦେଓ ପ୍ରକାଶ କରିଥିଲେ। ଏହି ତାଲିମ୍ ଶିବିରରେ କଳାହାଣ୍ଡି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଚୈତନ୍ୟ ଚରଣ ସେଠୀ ପୌରହିତ୍ୟ କରିଥିଲେ ଏବଂ ନିଜ ବକ୍ତବ୍ୟର ପ୍ରକାଶ କରିଥିଲେ ଯେ ଉଭୟ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଓ ମିଶନ ଶକ୍ତିର ମିଳିତ ଉଦ୍ୟମରେ ଜିଲାର ୨୨୯ଟି ମହିଳା ସ୍ୱୟଂ ସହାୟୀକା ଗୋଷ୍ଠୀଙ୍କୁ ୨୦୦ ଗୋଟି ୨୮ ଦିନିଆ ଅଣ୍ଡା ଦିଆ କୁକୁଡା ଯୋଗାଇ ଦିଆଯିବା ପାଇଁ ଜିଲା ଓ ବ୍ଲକସ୍ତରରେ ଏଭଳି ପ୍ରଶିକ୍ଷଣ କାର୍ଯ୍ୟ ହାତକୁ ନିଆଯାଇଛି। ଏଥିପାଇଁ ଆନୁସାଙ୍ଗିକ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭବାନୀପାଟଣା ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଗିରିଶ କୁମାର ମହାନ୍ତି, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା. ବିର କିଶୋର ପରିଡା, ନୋଡାଲ ଅଫିସର ତଥା ଜିଲା ତାଲିମ କେନ୍ଦ୍ରର ଆବାହକ ଡା. କେଦାରନାଥ ଖମାରୀ ପ୍ରମୁଖ ଏହି ପ୍ରକଳ୍ପର ଲକ୍ଷ ଓ ଉଦ୍ଦେଶ୍ୟ କୁକୁଡା ପାଳନ, ପରିଚାଳନା, କୁକୁଡା ରୋଗ ଓ ତାହାର ନିରାକରଣ, ଅଣ୍ଡା ଓ ମାଂଶର ବଜାର ଚାହିଦା ଆଦି ଉପରେ ଉପସ୍ଥିତ ସ୍ୱୟଂ ସହାୟୀକା ଗୋଷ୍ଠୀମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପ୍ରକଳ୍ପ ଆବାହକ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ନିମାଇ ଚରଣ ପଟ୍ଟନାୟକ ଏବଂ ୧୩ଟି ବ୍ଲକର ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ, ମିଶନ ଶକ୍ତି ତରଫରୁ ମହିଳା ଅଧିକାରୀ ଓ ସୁପରଭାଇଜରମାନେ ଆଲୋଚନାରେ ସାମିଲ ହୋଇଥିଲେ। ଲାଞ୍ଜିଗଡ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କଲ୍ଲୋଳ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।




ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀବୃନ୍ଦ ।

## ଆରାଧନା ନନ୍ଦଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭବାନୀପାଟଣା,୧୧।୮(ଡି.ଏନ.ଏ.)

ବରିଷ୍ଠ ସାମାଜିକ କର୍ମୀ ଅରାଧନା ନନ୍ଦଙ୍କ ଦ୍ୱାଦଶାହ ଅବସରରେ ଭବାନୀପାଟଣା ସହରସ୍ଥିତ ହିଲ ଟାଉନ ଏସଏନ କନଫରେନ୍ସ ହଲଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଫାର ଓ ମହାଶକ୍ତି ଫାଉଣ୍ଡେଶନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି ମହେଶ ମିଶ୍ର ଅଧକ୍ଷତା କରିଥିଲେ। ଏଥିରେ ଏଏସ୍‌ପି ଗୋପୀନାଥ ମଣିପାତ୍ର, କଳାହାଣ୍ଡି ମହିଳା ସେଲ ସଭାପତି ସରସ୍ୱତୀ ହୋତା, କଳାହାଣ୍ଡି ସ୍ୱେଚ୍ଛାସେବୀ ସଂଘ ସଙ୍ଗଠକ ଭାରତ ଭୂଷଣ ଠାକୁର, ଫାରର ପ୍ରତିଷ୍ଠାତା ସଦସ୍ୟ ଦୋଳମୋହନ ସିଂ ବାବୁ, ମହାଶକ୍ତି ଫାଉଣ୍ଡେଶନ ଉପସଭାନେତ୍ରୀ ରୋଜାଲିନ ଭୂୟାଁ, ସମ୍ପାଦକ ଯୋଗାନନ୍ଦ ବେହେରା, ପ୍ରମିଳା ସ୍ୱାଇଁ, ମହାଶକ୍ତି ଫାଉଣ୍ଡେଶନ ପରିଚାଳନା ନିର୍ଦ୍ଦେଶକ ଯୁଗଳ କିଶୋର ପଟ୍ଟନାୟକ, ଫାରର କାର୍ତ୍ତିକେଶ୍ୱର ସାମଲ, କର୍ତ୍ତବ୍ୟ ମୁଖ୍ୟ ଅଶୋକ ପଟ୍ଟନାୟକ, ସେବାଜଗତର ସତ୍ୟ ପଟ୍ଟନାୟକ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଆରାଧନାଙ୍କ ସ୍ୱାମୀ ପ୍ରଫେସର ଯତୀନ୍ଦ୍ର ମୁଣ୍ଡ, ପୁଅ ଓ ଝିଅ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

ଚିଲଗୁଡ଼ା ଅଞ୍ଚଳରେ ମଦ, ସଙ୍ଗା କାରବାର ବୃଦ୍ଧି

# ନୀରବଦ୍ରଷ୍ଟା ସାଜିଛି ଫାଣ୍ଡି ପୋଲିସ

ଜୁନାଗଡ,୧୧।୮ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଧୀନ ଚିଲଗୁଡା ଅଞ୍ଚଳରେ ମଦ, ସଙ୍ଗା କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏଥିପ୍ରତି ସ୍ଥାନୀୟ ଚିଲଗୁଡା ଫାଣ୍ଡି ପୋଲିସ କର୍ତ୍ତୃପକ୍ଷ ନୀରବ ଦ୍ରଷ୍ଟା ସାଜିଥିବାରୁ ଦିନକୁ ଦିନ ମଦ ଓ ସଙ୍ଗା ବେପାରୀଙ୍କ କାରବାର ବଢିବାରେ ଲାଗିଛି। ସୂଚନାଯୋଗ୍ୟ ଯେ, ଚିଲଗୁଡା ଅଞ୍ଚଳରେ ଆଇନ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ତଥା ନିଶା କାରବାରକୁ ରୋକିବା ପାଇଁ ଏକ ଫାଣ୍ଡି ସ୍ଥାପନ କରାଯାଇଛି। ବର୍ତ୍ତମାନ ଏହି ଫାଣ୍ଡି ଅଧୀନରେ ଥିବା ଚିଲଗୁଡା ସମେତ ଦାସିଗାଁ, ଚିଲକପୁର, ତାଲପଦର ଆଦି ଗ୍ରାମରେ ମଦ, ସଙ୍ଗା କାରବାର କୁଟିର ଶିଳ୍ପରେ ପରିଣତ ହୋଇଛି। ମଦ ଓ ସଙ୍ଗା ନିଶାରେ ପଡି ଗରୀବ ଲୋକମାନେ ସର୍ବସାନ୍ତ ହେଉଛନ୍ତି। ଦିନସାରା ହାଡ ଭଙ୍ଗା ପରିଶ୍ରମ କରି ଯାହାକିଛି ପାରିଶ୍ରମିକ ଆଣୁଛନ୍ତି ତାହା ମଦ କୋଠିରେ ଓ ସଙ୍ଗା ଖେଳି ଖର୍ଚ୍ଚ କରିଦେଉଛନ୍ତି। ଫଳରେ ତାଙ୍କ ପରିବାର ଚଳିବା କଷ୍ଟକର ହୋଇପଡୁଛି। ଯାହାକୁ ନେଇ ବିଭିନ୍ନ ସମୟରେ ପରିବାର ମଧ୍ୟରେ କଳିକଜିଆ ମଧ ଲାଗିରହୁଛି। ଅନ୍ୟପକ୍ଷରେ ଅଞ୍ଚଳରେ ମଦ, ସଙ୍ଗାକୁ ନିୟନ୍ତ୍ରଣ କରିବା ପାଇଁ ନିକଟରେ ଚିଲଗୁଡା ଫାଣ୍ଡି ପୋଲିସ ରହିଥିବା ବେଳେ ଲାଞ୍ଚଖୋର ମନୋବୃତ୍ତି ଯୋଗୁ ଏଥିପ୍ରତି ଆଖି ବୃଷ୍ଟିଆ ଦୃଷ୍ଟି ନ ଦେବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ବେଳେ ବେଳେ ଅଭିଯୋଗ ଆସିଲେ ଲୋକ ଦେଖାଣିଆ କାଁଭାଁ ଚଢାଉ କରି ଛୋଟ ମୋଟ ମଦ, ସଙ୍ଗା ବେପାରୀଙ୍କୁ ଧରପଗଡ କରାଯାଉଛି। ସେହିପରି ପ୍ରାୟ ସମୟରେ ଏଠାକାର ଫାଣ୍ଡି ଅଧିକାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଏଠାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଏ ନେଇ ଚିଲଗୁଡା ଫାଣ୍ଡି ଅଧିକାରୀ ଅଶୋକ ବିହାରୀଙ୍କୁ ପଚାରିବାରୁ ବିଭିନ୍ନ ସମୟରେ ମଦ, ସଙ୍ଗା ଉପରେ ଚଢାଉ କରାଯାଉଛି ବୋଲି କହିଥିଲେ। ସେହିପରି କାର୍ଯ୍ୟାଳୟରେ ଉପସ୍ଥିତ ରହୁ ନ ଥିବା ବିଷୟରେ ପଚାରିବାରୁ କଥାଟିକୁ ଅସ୍ୱିକାର କରିଥିଲେ। କଳାହାଣ୍ଡି ଏସ୍‌ପି ଏଥିପ୍ରତି ଦୃଷ୍ଟି ଦେଇ ସରଜମିନ ତଦନ୍ତ କରିବାକୁ ସାଧାରଣରେ ଦାବି ହୋଇଛି।




ଚିଲଗୁଡା ଫାଣ୍ଡି ।



ଗତକାଲି ଏକ ଅଚଳ ଚେକ୍‌। ଆସନ୍ତାକାଲି ପ୍ରୋମିସରି ନୋଟ୍‌। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



## ସଂକ୍ଷେପରେ

### ବାଇକ୍ ଚାଳକଙ୍କଠୁ ଲୁଟ୍

**ବିନିକା,୧୧।୮(ଡି.ଏନ୍.ଏ.)-** ସୁବର୍ଣ୍ଣପୁର ଜିଲା ବିନିକା ଥାନା ଗନିଆ ଫାଣ୍ଡି ଅନ୍ତର୍ଗତ ନନ୍ଦନମାଳ ଗ୍ରାମର ଜଣେ ବାଇକ ଚାଳକଙ୍କୁ ମାଡ ମାରି ୨ଜଣ ବ୍ୟକ୍ତି ୪ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଲୁଟ୍‌ର ଶିକାର ହୋଇଥିବା ରମେଶ ବନଛୋର ଥାନାରେ ଅଭିଯୋଗ କରିଛନ୍ତି। ପ୍ରତିଦିନ ଭଳି ଭୂଏପାଲି ରାଇସ୍ ମିଲ୍‌ରେ କାମ ସାରି ସନ୍ଧ୍ୟା ପ୍ରାୟ ୭ଟାରେ ସେ ଘରକୁ ଫେରୁଥିଲେ। ଫେରିବା ବାଟରେ କାକାଙ୍କ ପୁଅ ରଞ୍ଜନ ବନଛୋରଙ୍କୁ ନିଜ ନମ୍ବର ବିହୀନ ବାଇକ୍‌ରେ ବସାଇ ସେ ନନ୍ଦନମାଳ-ଚୁଲିମାଳ ରାସ୍ତାରେ ଥିବା ଏକ ଦୋକାନକୁ କୁକୁଡା ମାଂସ କିଣିବାକୁ ଯାଇଥିଲେ। ନନ୍ଦନମାଳ-ଚୂଲିମାଳ ବ୍ରିଜ୍ ସମ୍ମୁଖରେ ଗନିଆଁ ଗ୍ରାମର ଶୁକଦେବ କୁଅଁର ଓ ଅର୍ଜୁନ କୁଅଁର ସେମାନଙ୍କୁ ଅଟକାଇଥିଲେ। ମାଡ ମାରି ଭୟଭୀତ କରି ବାଇକ ଚାବି ଛଡାଇ ନେଇଥିଲେ। ପରେ ସେମାନେ ରମେଶଙ୍କ ପଛପଟ ପ୍ୟାଣ୍ଟ ପକେଟ୍‌ରେ ଥିବା ମନିପର୍ସକୁ ଛଡାଇ ନେଇଥିଲେ। ପର୍ସ ନେଇଯିବା ପରେ ଗାଡି ଚାବି ସେଠାରେ ଫିଙ୍ଗିଦେଇ ପଳାଇ ଯାଇଥିଲେ ବୋଲି ରମେଶ ଅଭିଯୋଗ କରିଛନ୍ତି। ରମେଶଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା(ନଂ.୧୨୮/୧୯)ରୁଜୁ କରି ପୋଲିସ ତନଘନା ଚଳାଇଛି।

# ଅଧ୍ୟାପକ, କର୍ମଚାରୀଙ୍କ ସମସ୍ୟା ବୁଝ

**ରାଉରକେଲା ଅଫିସ,୧୧।୮**

୪୮୮ବର୍ଗ କଲେଜ ଅଧ୍ୟାପକ, କର୍ମଚାରୀ ସଂଘ ପକ୍ଷରୁ ସୁନ୍ଦରଗଡ ଜିଲା ସମ୍ମିଳନୀ ରାଉରକେଲା କ୍ଲବ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ବନମାଳି ବାରିକ ଅଧ୍ୟକ୍ଷତା କରିଥିଲେ। ପ୍ରଥମ ଅଧିବେଶନରେ ସଂଘର ବିଭିନ୍ନ ଦାବି ଓ ଆଭିମୁଖ୍ୟ ଉପରେ ଆଲୋଚନା କରାଯାଇ ଥିଲା। ସଭାପତି ବାରିକ କହିଥିଲେ ୨୦୦୯ ଅନୁଦାନ ନୀତି ଅନ୍ତର୍ଗତ ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ପୂର୍ଣ୍ଣ ଅନୁଦାନ ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦୃଢ ଦାବି ଉପସ୍ଥାପନ କରିଥିଲେ। ସଂଘର ଦାବି ପୂରଣ ନେଇ ପ୍ରତ୍ୟକ କଲେଜରୁ ଓଡିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ବିଭାଗୀୟ ସଚ୍ଚିବଙ୍କୁ ଦାବି ପତ୍ର ପ୍ରଦାନ କରାଯିବ। ଅଧ୍ୟାପକ ଓ କର୍ମଚାଚାରୀଙ୍କ ୨୫ରୁ/ ୩୦ବର୍ଷ ଚାକିରି ସମୟକୁ ହିସାବକୁ ନ ନେଇ ସମସ୍ତଙ୍କୁ ଗତ ୧।୧।୨୦୧୮ହିସାବରେ ନିୟମିତ କରାଯିବା ଆଇନ ସଂଗତ ନୁହେଁ ବୋଲି ସାଧାରଣ ସଂପାଦକ ପ୍ରିୟରଞ୍ଜନ ରଥ ଏଥିରେ ଯୁକ୍ତି ବାଢିଥିଲେ। କାର୍ଯ୍ୟକାରୀ ସଭାପତି ମାନସ ପୁରୋହିତ ୨୦୧୭ ଅନୁଦାନ ଆଦେଶରେ ସମସ୍ତ ଚାକିରି ସର୍ତ୍ତାବଳୀ ଯଥା ଗ୍ରାଚ୍ୟୁଇଟି, ଜିପିଏଫ, ପଦୋନ୍ନତି ଓ ବଦଳି ସହ ସମାନ କାମକୁ ସମାନ ନୀତି ଆଧାରରେ ସପ୍ତମ ବେତନ ତୁରନ୍ତ ଲାଗୁ କରିବାକୁ ଦାବି କରିଥିଲେ। ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରବାକୁ ଏଥିରେ ମତ ପ୍ରକାଶ ପାଇଥିଲା। ସମ୍ମିଳନୀ ଆବାହକ ସଂଜିତ ଭୂୟାଁ, ସଂଗ୍ରାମ କେଶରୀ ପରିଡା, ସୁକାନ୍ତ ଦାସ, ସତ୍ୟନାରାୟଣ ପରିଡା ପ୍ରମୁଖ ଏଥିରେ ବକ୍ତବ୍ୟ ପ୍ରଦାନ କରି ଅବହେଳିତ ଅଧ୍ୟାପକଙ୍କ ନ୍ୟାୟୋଚିତ ଦାବି ପ୍ରତି ସରକାର ଭ୍ରୂକ୍ଷେପ କରୁ ନାହାଁନ୍ତି ବୋଲି ଏଥିରେ ଅଭିଯୋଗ କରିଛନ୍ତି। ସରକାର ଅଧ୍ୟାପକଙ୍କ ସମସ୍ୟା ନ ବୁଝି କଲେଜରେ ୭ ଘଣ୍ଟା ରହଣି ପାଇଁ ଅବାସ୍ତବ ଓ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତିକୁ ଏଥିରେ ସମାଲୋଚନ କରାଯାଇ ଥିଲା। ଅଧ୍ୟାପକ ସରୋଜ ମିଶ୍ର, ହରିପଦ ମାଇତି, ପ୍ରଶାନ୍ତ ସାମଲ, ଅଶୋକ ଭଞ୍ଜ, ଆଲୋକ ନାୟକ, ପ୍ରଭାତ ରାଉତ, କ୍ଷୀରୋଦ ତ୍ରିପାଠୀ, ଉଦିତ ପଟେଲ, କାମାକ୍ଷା ରଣା, ସୁଶୀଲ ପ୍ରଧାନ, ବିକ୍ରମ ପାତ୍ର ଓ ଜୀବନବନ୍ଧୁ ଦାସ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସରକାର ଦାବି ମାନି ନେବାକୁ ତୁରନ୍ତ ପଦକ୍ଷେପ ଆଶା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଚଣ୍ଡମୋହନ ମିଶ୍ର ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଅଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।




ରାଉରକେଲା କ୍ଲବ ପରିସରରେ ୪୮୮ବର୍ଗ କଲେଜ ଅଧ୍ୟାପକ, କର୍ମଚାରୀ ସଂଘ ପକ୍ଷରୁ ଅନୁଷ୍ଠିତ ସୁନ୍ଦରଗଡ ଜିଲା ସମ୍ମିଳନୀରେ କର୍ମକର୍ତ୍ତା।

### ବୃଦ୍ଧଙ୍କୁ ମରଣାତ୍ମକ ଆକ୍ରମଣ

**ମନମୁଣ୍ଡା, ୧୧।୮ (ଡି.ଏନ.ଏ)**

ସାମାନ୍ୟ କଥାକୁ ନେଇ ଜଣେ ବୃଦ୍ଧଙ୍କୁ ତାଙ୍କ ସମ୍ପର୍କୀୟମାନେ ମରଣାନ୍ତକ ଆକ୍ରମଣ କରିଥିବା ରବିବାର ମନମୁଣ୍ଡା ଥାନାରେ ଅଭିଯୋଗ ହୋଇଛି । ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଛି ।

ସୂଚନା ମୁତାବକ, ମନମୁଣ୍ଡା ଥାନା ଅଧୀନ ଋଷିକନ୍ଧର ମକରଧ୍ୱଜ ମଲିକ (୬୦)ଙ୍କ ନିଜ ପ୍ଲଟରେ ପୋତା ଯାଇଥିବା ଏକ ଖୁଣ୍ଟ ତାଙ୍କ ସମ୍ପର୍କୀୟଙ୍କ ଘର ଆଡକୁ ସାମାନ୍ୟ ନଇଁ ଯାଇଥିଲା। ଏଥିରେ ଅସହିଷ୍ଣୁ ହୋଇ ସେମାନେ ଶନିବାର ମଧ୍ୟାହ୍ନରେ ଗାଁ ଦାଣ୍ଡରେ ମକରଧ୍ୱଜଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ମକରଧ୍ୱଜଙ୍କ ହାତ ପାପୁଲି କଟିଯାଇଥିବା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଗାଁ ଲୋକେ ଆସିବା ଦେଖି ଅଭିଯୁକ୍ତମାନେ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଲୋକମାନେ ବୃଦ୍ଧଙ୍କୁ ଉଦ୍ଧାର କରି ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି । ଅଭିଯୁକ୍ତମାନେ ଫେରାର ଅଛନ୍ତି ।

# ଅନ୍ୱେଷା ପକ୍ଷରୁ ନୃତ୍ୟ ପ୍ରତିଯୋଗିତା

**ରାଉକେଲ ଅଫିସ,୧୧।୮**

ସାମାଜିକ ଅନୁଷ୍ଠାନ ଅନ୍ୱେଷା ପକ୍ଷରୁ ଏହାର ବାର୍ଷିକ ଉତ୍ସବ ଉପଲକ୍ଷେ ଆଦର୍ଶ ସାହିତ୍ୟ ଘରେ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଗୋପୀନାଥ ପଟ୍ଟନାୟକ, ଆଦର୍ଶ ପାଠାଗାର ସଂପାଦକ ସୁକାନ୍ତ ଖୁଣ୍ଟିଆ, କବି କୁଞ୍ଜବିହାରୀ ରାଉତ ଓ ନୃତ୍ୟ ଗୁରୁ ସୋନୁ ତନ୍ତି ପ୍ରମୁଖ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି କହିଥିଲେଯେ, ଲୁକ୍କାୟିତ ପ୍ରତିଭାଙ୍କୁ ଲୋକ ଲୋଚନକୁ ଆଣିବା ପାଇଁ ସଂଗଠନ ପ୍ରୟାସ ସ୍ୱାଗତ ଯୋଗ୍ୟ। ଏହି ପ୍ରତିଯୋଗିତାରେ କ୍ଲାସିକାଲ, ସେମି କ୍ଲାସିକାଲ ଏବଂ ୱେଷ୍ଟର୍ଣ୍ଣ ନୃତ୍ୟରେ ୧୦୩ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ସଂଗଠନ ପକ୍ଷରୁ ଏହା ପୂର୍ବରୁ ସଂଗୀତ, ତର୍କ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଶେଷ ହୋଇଛି। ଆଗାମି ୨୫ରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ଉତ୍ସବ ସମାରୋହରେ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ପଣ୍ଡା ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ଶେଷରେ ଅନ୍ୱେଷା ସଂପାଦିକା ରଶ୍ମିତା ପଣ୍ଡା ଧନ୍ୟବାଦ ପ୍ରଦାନ ରକିଥିଲେ।



ଅନ୍ୱେଷା ପକ୍ଷରୁ ନୃତ୍ୟ ପ୍ରତିଯୋଗିତାରେ ଅତିଥି ଓ ଆୟୋଜକଙ୍କ ସହ ପ୍ରତିଯୋଗୀ।

### ଟ୍ରେନ ଧକ୍କାରେ ମହିଳା ମୃତ, ଶିଶୁକନ୍ୟା ଗୁରୁତର

**ଡୁଙ୍ଗୁରିପାଲି, ୧୧।୮(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ରେଲୱେ ଫାଟକ ପାଖରେ ରବିବାର ସକାଳେ ଟ୍ରେନ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡୁଙ୍ଗୁରିପାଲି ଥାନା ଅଧୀନ ଅନ୍ଧାରିବାଞ୍ଜି ଗ୍ରାମର ଲଳିତା ନାଏକ(୩୦)। ଏଥିରେ ମହିଳାଙ୍କ ସହ ଯାଉଥିବା ଶିଶୁକନ୍ୟା ଗୁରୁତର ହୋଇଛନ୍ତି। ପୂର୍ବାହ୍ନ ପ୍ରାୟ ୧୦ଟାରେ ଲଳିତା ତାଙ୍କ ଅଢେଇ ବର୍ଷର ଝିଅକୁ ଧରି ରାମପୁରସ୍ଥିତ ରେଳ ଫାଟକରୁ ସହଲା ଫାଟକ ଆଡକୁ ରେଳ ଲାଇନ ଉପରେ ଯାଉଥିଲେ। ଏହି ସମୟରେ ବରଗଡ ପଟରୁ ଆସୁଥିବା ଏକ ମାଲଗାଡି ଆସି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଏଥିରେ ମହିଳାଙ୍କ ଗୋଡ କଟି ଯାଇଥିବାବେଳେ ଶିଶୁକନ୍ୟା ଆହତ ହୋଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ଉଭୟଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ହେଲେ ବାଟରେ ମହିଳାଙ୍କ ମୃତ୍ୟୁ ହୋଇଯାଇଥିଲା।

# ବଞ୍ଚିବାକୁ ସଂଘର୍ଷ କରୁଛନ୍ତି ଅସିତ୍

**ରାଉରକେଲା ଅଫିସ,୧୧।୮**

ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ) ଜରୁରିକାଳୀନ ବେଡ୍‌ରେ ପଡି ରହି ବଞ୍ଚିବା ପାଇଁ ସଂଗ୍ରାମ କରୁଛନ୍ତି ଅସିତ ପ୍ରସାଦ(୧୮)। ରବିବାର ତାଙ୍କୁ ଭେଟିଛନ୍ତି ସାମାଜିକ କର୍ମୀ ଶାନ୍ତନୁ କୁସୁମ। ପୁଅର ଅବସ୍ଥା ନେଇ ଭାଙ୍ଗି ପଡିଥିବା ଅଭାବି ମା ମଞ୍ଜୁ ଓ ବାପା କିରଣ ପ୍ରସାଦଙ୍କୁ ସହଯୋଗ କରିବାକୁ ସେ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

ଅସିତ ଜଣେ ମେଧାବୀ ଛାତ୍ର। ଭଲ ପାଠ ପଢି ମା' ବାପାଙ୍କ ସହାରା ହେବାକୁ ସ୍ୱପ୍ନ ଦେଖିଥିବା ଅସିତ ଦିନେ ଏଭଳି ଦୁର୍ଘଟଣାର ଶିକାର ହେବେ ଏହା ଥିଲା କଳ୍ପନାତୀତ। ତେବେ ଦୁଃସମୟର ଶିକାର ହୋଇ ଆଜି ସେ ମରଣ ଦୁଆରେ ଠିଆ ହୋଇଛନ୍ତି। ମା' ବାପାଙ୍କ ପାଇଁ ଶ୍ରବଣ କୁମାର ସାଜିବା ପରିବର୍ତ୍ତେ ସବୁଦିନ ପାଇଁ ସେ ଅକ୍ଷମ ହୋଇଯିବେ ଏମିତି ଭାବି ଆଖିରୁ ଲୁହ ଗଡାଉଛନ୍ତି। ଅସିତଙ୍କର ଦୁଇଟି ଗୋଡ କଟାଯିବା ପରେ ପରିବାର, ସମ୍ପର୍କୀୟ କୋହ ସମ୍ଭାଳି ପାରୁ ନାହାନ୍ତି। ପୁଅର ଭାଗ୍ୟ କ'ଣ ହେବ, କେମିତି ଦିବ୍ୟାଙ୍ଗ ପୁଅକୁ ନେଇ ବଞ୍ଚିବେ ମା' ବାପା ସେହି ଚିନ୍ତାରେ ମୁକ ପାଲଟି ଯାଇଛନ୍ତି।

ଅସିତ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ର ଥିଲେ। ପରିବାରକୁ ଅର୍ଥିକ ସାହାଯ୍ୟ ଆଶାରେ ସାଙ୍ଗମାନଙ୍କ ସହ ମିଶି ଇଲେକ୍ଟ୍ରି ୱେୟାରିଂ କାମ କରୁଥିଲେ। ଗତ ଜୁଲାଇ ୧୬ ରେ ଜଣଙ୍କ ଘରେ ୱେୟାରିଂ କାମ କରୁଥିବା ବେଳେ ଘର ଉପର ଦେଇ ଯାଇଥିବା ୧୧କେଭି ଲାଇନ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଏହା ପରେ ତାଙ୍କୁ ସୁନ୍ଦରଗଡ, ବୁର୍ଲା ନିଆଯିବା ପରେ ଏବେ ଆଇଜିଏଚରେ ଚିକିତ୍ସା କରାଯାଉଛି। ଡାକ୍ତରଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଅସିତଙ୍କୁ ଦୁଇଟି ଗୋଡ ହରାଇବାକୁ ପଡିଛି। ଏମିତି ଅବସ୍ଥାରେ ଅସିତଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଅସମର୍ଥ ମା' ବାପା ଓ ସାମାଜିକ କର୍ମୀ ଶାନ୍ତନୁ କୁସୁମଙ୍କୁ ସହଯୋଗ ପାଇଁ ନିବେଦନ କରିଛନ୍ତି।



ଇସ୍ପାତ ଜେନେରାଲ ହସ୍ପିଟାଲ(ଆଇଜିଏଚ) ଜରୁରିକାଳୀନ ବେଡ୍‌ରେ ଚିକିତ୍ସାଧୀନ ଅସିତ।

# ଟି.କେ. ବୋଷ ମେମୋରିଆଲ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ରାଉରକେଲା ଅଫିସ,୧୧।୮**

ଜଗଦା କମ୍ୟୁନିଟି ୱେଲ୍ ଫେୟାର ସୋସାଇଟି ହସ୍ପିଟାଲ(ସିଡବ୍ଲୁଏସ) ପକ୍ଷରୁ ଡାକ୍ତର ଟିକେ ବୋଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏହାକୁ ହସ୍ପିଟାଲ ସଭାପତି ଏସ. ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ହସ୍ପିଟାଲ ଅଧ୍ୟକ୍ଷ ଫାଦର ବେନିଟାନ କେ ପିଟର ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ଡାକ୍ତର ବୋଷ ଥିଲେ ରୋଗୀଙ୍କ ପାଇଁ ଈଶ୍ୱରଙ୍କ ଅବତାର ସଦୃଶ। ତାଙ୍କ ନାଁରେ କେବଳ ରାଉରକେଲା ନୁହେଁ ବରଂ ଜିଲା ବାହାରୁ ଚିକିତ୍ସା ନିମନ୍ତେ ରୋଗୀ ଏଠାକୁ ଆସ୍ଥା ପ୍ରକଟ କରି ଆସୁଥିଲେ। ବିହାର ଓ ଛତିଶଗଡ ଭଳି ରାଜ୍ୟରୁ ମଧ୍ୟ ରୋଗୀ ବୋଷଙ୍କ ଉପରେ ବିଶ୍ୱାସ କରି ଏହି ଡାକ୍ତରଖାନା ଆସୁଥିଲେ। ସେ ଦିନକୁ ୧୨ରୁ ୧୪ ଘଣ୍ଟା ପରିଶ୍ରମ କରୁଥିଲେ। ରୋଗୀ ସେବା ଥିଲା ତାଙ୍କର ପରମ ଧର୍ମ। ଏହି ଡାକ୍ତରଖାନ କିପରି ସାଧାରଣରେ ଗ୍ରହଣୀୟ ହୋଇପାରିବ ସେ ନେଇ ବୋଷ ସର୍ବଦା ଚିନ୍ତା କରୁଥିଲେ। ମୋଟାମୋଟି ଭାବେ ଜଣେ ଆଦର୍ଶ ଡାକ୍ତର ଭାବେ ବୋଷଙ୍କ ସୁନାମ ରହିଥିଲା। ଏଥିରେ ଚକ୍ଷୁ ବିଭାଗ ଡାକ୍ତର ଆର ପେଟେଲ ମଧ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ମାଗଣା ସ୍ୱାସ୍ଥ୍ୟ ଶିବିରରେ ୩ଶହରୁ ଉର୍ଦ୍ଧ ରୋଗୀଙ୍କୁ ଚିକ୍ସିା ସେବା ପ୍ରଦାନ କରାଯାଇ ଥିଲା।

# ବୃକ୍ଷ ହିଁ ଜୀବନ, ପ୍ରତ୍ୟେକ ଗୋଟିଏ ଚାରା ରୋପଣ କରନ୍ତୁ

**ରାଉକେଲ ଅଫିସ,୧୧।୮**

ବୃକ୍ଷ ରୋପଣ ନେଇ ମାନବ ଅଧିକାର ସୁରକ୍ଷା ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଥିରେ ଉପସ୍ଥିତ କର୍ମକର୍ତ୍ତା କହିଥିଲେ ବୃକ୍ଷ ହେଉଛି ଜୀବନ। ଏହା ବିନା ଜୀବ ଜଗତ ତିଷ୍ଠି ରହିବା ଅସମ୍ଭବ। ପ୍ରତ୍ୟକ ଗୋଟିଏ ଲେଖାଏଁ ଚାରା ରୋପଣ କଲେ ସହରର ରୂପ ବଦଳିଯିବ ବୋଲି ଏଥିରେ କୁହାଯାଇ ଥିଲା। ସୁବାଷ ବୋଷ ପାର୍କରେ ବୃକ୍ଷ ରୋପଣ କରାଯାଇଥିଲା।




ମାନବ ଅଧିକାର ସୁରକ୍ଷା ସଂଗଠନ କର୍ମକର୍ତ୍ତା ଚାରା ରୋପଣରେ ସାମିଲ ହୋଇଛନ୍ତି।

# ମହିଳାମାନଙ୍କୁ ଚାରା ବଣ୍ଟନ

**ରାଉରକେଲା ଅଫିସ,୧୧।୮**

ଏସ୍‌ଓଏସ୍ ପକ୍ଷରୁ ବିଜାଡିହିଠାରେ ଚାରା ବଣ୍ଟନ କରାଯାଇଛି। ବିଜୟଲକ୍ଷ୍ମୀ ତ୍ରିପାଠୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଡାକ୍ତର ସତ୍ୟେନ୍ଦ୍ର ଓଝା କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଅତିଥି ରୂପେ ଯୋଗଦେଇ ଉଦ୍ୟାନ କୃଷି ବିଭାଗ ଉପ ନିର୍ଦ୍ଦେଶକ ସାରଦା ନାୟକ ପାକଶାଳା ବଗିଚା କରିବା ଜରୁରି ବୋଲି କହି ଗଛ ଲଗାଇବା ପୂର୍ବରୁ ଏହାର ବିଧି ବ୍ୟବସ୍ଥା ସଂପର୍କରେ ସଚେତନତା ଜରୁରି ବୋଲି କହିଥିଲେ। ଏହି ଅବସରରେ ସେ ବିଭିନ୍ନ ଗଛରୁ ମିଳୁଥିବା ଖଣିଜ ଲବଣ, ଭିଟାମିନ ଓ ଏହାର ଉପକାରିତା ନେଇ ଆଲୋଚନା କରିଥିଲେ। ସେହିଭଳି ଗଛ ଲଗାଇବା ବେଳେ ରୋଗ ଓ ପୋକ ସମ୍ବନ୍ଧରେ ସତର୍କ ରହିବାକୁ ନାୟକ ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ କାର୍ଯ୍ୟକ୍ରମରେ ଉପସ୍ଥିତ ୫ଟି ପରିବାରକୁ ବୃକ୍ଷ ଚାରା ବଣ୍ଟନ କରାଯାଇ ଥିଲା। କାର୍ଯ୍ୟକ୍ରମରେ ତନୁଶ୍ରୀ ବେହେରା ଓ ସୁକାନ୍ତି ଏକ୍କା ପ୍ରମୁଖ ସହଯୋଗ କରିଥିଲେ।




ଚାରା ବଣ୍ଟନ କାର୍ଯ୍ୟକ୍ରମରେ ମହିଳାମାନେ।

# ଔଷଧୀୟ ଚାରାରୋପଣ ନେଇ ଗୁରୁତ୍ୱାରୋପ

**ରାଉରକେଲା ଅଫିସ,୧୧।୮**

୪ରୁ ଆରମ୍ଭ ହୋଇଥିବା ଜଡିବୁଟି ଦିବସ ଉଦ୍‌ଯାପିତ ହୋଇ ଯାଇଛି। ଏହି ଅସବରରେ ପତଞ୍ଜଳି ଯୋଗ ସମିତି ଓ ନୟାବଜାରଠାରେ ଥିବା ଉତ୍କଳମଣି ହୋମିଓପାଥି ମେଡିକାଲ କଲେଜ ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ଉପସ୍ଥିତ କର୍ମକର୍ତ୍ତା କହିଥିଲେ ଜଡିବୁଟିର ଉପଦେୟତା ଯୁଗବ୍ୟାପି ରହି ଆସିଛି। ଆମ ପୂର୍ବଜ ଏହାର ଅନୁକରଣ ତଥା ପାଳନ କରି ନିଜକୁ ନିରୋଗ ରଖି ପାରୁଥିଲେ। ଦିନକୁ ଦିନ ଏହା ଲୋପ ପାଉଥିବାରୁ ଉପସ୍ଥିତ କାର୍ଯ୍ୟକର୍ତ୍ତା ଉଦ୍‌ବେଗ ପ୍ରକାଶ କରିଥିଲେ। ଜଡିବୁଟିକୁ ବିଶ୍ୱବ୍ୟାପି କରିବାକୁ ହେଲେ ଏନେଇ ବ୍ୟାପକ ସଚେତନତା ଲୋଡା ବୋଲି ମତ ପ୍ରକାଶ ପାଇଥିଲା। ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଚେଷ୍ଟାରେ ଆୟୁର୍ବେଦର ପ୍ରଚାର ପ୍ରସାର ନେଇ ପ୍ରୟାସ ଜାରି ରହିଥିବାରୁ ଏଥିରେ ସନ୍ତୋଷ ବ୍ୟକ୍ତ କରାଯାଇ ଥିଲା। ଆଚାର୍ଯ୍ୟ ବାଳକୃଷ୍ଣଙ୍କ ଜନ୍ମତିଥିକୁ ଜଡିବୁଟି ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ସମିତି ଦ୍ୱାରା ସପ୍ତାହବ୍ୟାପି ଜିଲାର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଥିଲା। ହୋମିଓପାଥି ମହାବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ରତ୍ନାକର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ଅନୀଲ ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଏଭଳି ଦିବସ ପାଳନ ପଛରେ ରହିଥିବା ମହତ ଉଦ୍ଦେଶ୍ୟ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ରୂପେ ଜ୍ଞାନରଞ୍ଜନ ମିଶ୍ର ଯୋଗ ଦେଇ ବ୍ୟାପକ ଜଡିବୁଟି ଚାରା ରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମିତିର ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ନିଜ ବକ୍ତବ୍ୟରେ ଔଷଧୀୟ ବୃକ୍ଷର ଉପାଦେୟତା ଉପରେ ସବିଶେଷ ଆଲୋଚନା କରିଥିଲେ। ଏଥିରେ ଜିଲା ମହିଳା ଯୋଗ ସମିତି ପ୍ରଭାରୀ ନିତମ୍ବିନୀ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ପୀତବାସ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଛାତ୍ରୀ ନିଶିକାନ୍ତ ଆଚାର୍ଯ୍ୟ ଓ ଛାତ୍ରୀ ମୋନିକା ଅଗ୍ରୱାଲ ଜଡିବୁଟିର ବ୍ୟବହାର ଉପରେ କହିଥିଲେ। ଏଥିରେ ଗଙ୍ଗାଧର ଦାସ, ସବିତା ମହାପାତ୍ର ଓ ଶ୍ରୀକାନ୍ତ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ।



ଜଡିବୁଟି ଦିବସ ପାଳନ ଅବସରରେ ଅତିଥିମାନେ।



ସହାନୁଭୂତି ପୂର୍ଣ୍ଣ ସାହାଯ୍ୟ କିମ୍ବା ଉପକାର ଯେତେ ଅଳ୍ପ ହେଲେ ମଧ କେବେହେଲେ ବ୍ୟର୍ଥ ହୁଏ ନାହିଁ।
-ଈଶ୍ୱରଚନ୍ଦ୍ର ବିଦ୍ୟାସାଗର



## ସଂକ୍ଷେପରେ

### ମନ୍ଦିର ପରିସର ଜବରଦଖଲକୁ ନେଇ ଚାପା ଉତ୍ତେଜନା

ବଡଗାଁ, ୧୧।୮ (ଡି.ଏନ.ଏ)-ବଡ଼ଗାଁ ବସଷ୍ଟାଣ୍ଡ ନିକଟ ମାଉସୀ ମା' ମନ୍ଦିର ପରିସରର କିଛି ସ୍ଥାନକୁ ୨ଜଣ ଦୋକାନୀ ଦଖଲ କରିବା ଓ ଗ୍ରାମବାସୀ ବିରୋଧ କରିବାରୁ ଜବରଦଖଲକାରୀ ନାଲି ଆଖି ଦେଖାଇବାକୁ କେନ୍ଦ୍ର କରି ଚାପା ଉତ୍ତେଜନା ଦେଖାଦେଇଛି। ଏନେଇ ଗ୍ରାମବାସୀ ଶନିବାର ବଡଗାଁ ଥାନାରେ ଲିଖିତ ଭାବେ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ମନ୍ଦିର ପାର୍ଶ୍ୱରେ ଗୁପଚୁପ ଠେଲା ଦୋକାନ ଦେଇଥିବା ଓ ଉଠା କପଡା ଦୋକାନ ବ୍ୟତୀତ ଅନ୍ୟ କେତେକ ଦୋକାନ ଅଛି। ଗ୍ରାମବାସୀ ଏହି ଦୋକାନୀମାନଙ୍କୁ ଦୋକାନ ଦେଲାବେଳେ ମନା କରିବାରୁ ପାଚେରି ନିର୍ମାଣ କଲେ ଦୋକାନ ଉଠାଇଦେବୁ କହିଥିଲେ। ବର୍ତ୍ତମାନ ୬ଜଣ ଉଠା ଦୋକାନୀଙ୍କ ମଧ୍ୟରୁ ୨ଜଣ ଗ୍ରାମବାସୀଙ୍କୁ ଉଠାଇବେ ନାହିଁ କହିବାରୁ ଗଣ୍ଡଗୋଳ ହୋଇଥିଲା। ବିହାର ରାଜ୍ୟରୁ କିଛି ବର୍ଷ ହେଲା ଆସି ଏଠାରେ ଗୁପଚୁପ ଠେଲା ଦେଇଛନ୍ତି। ସେ ଗ୍ରାମବାସୀଙ୍କୁ ଉଠାଇବେ ନାହିଁ କହିବାରୁ ମନ୍ଦିର କମିଟି ଓ ଗ୍ରାମବାସୀମାନେ ଥାନାରେ ଜଣାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ବିଭିନ୍ନ ରାଜ୍ୟରୁ ଆସି ବଡଗାଁରେ ୫ ରୁ ୭ ବର୍ଷ ରହିଲା ପରେ ଅନେକ ବ୍ୟକ୍ତିଙ୍କ ରାଶନ କାର୍ଡ, ଭୋଟର ପରିଚୟ ପତ୍ର ହେଲାଣି । ଏମାନେ କିଏ ଓ କେଉଁଠୁ ଆସିଛନ୍ତି ତାର ଠିକ ତଥ୍ୟ ନଥିଲେ ମଧ ଏଠାରେ ସମସ୍ତ ସରକାରୀ ସୁବିଧା ଘର, ରାଶନକାର୍ଡ ପାଇଥିଲା ବେଳେ ଏଠାକାର ମୂଳ ଅଧିବାସୀ ଓ ଶତାଧିକ ବର୍ଷରୁ ରହିଆସୁଥିବା ଲୋକେ ଏ ଯାଏଁ କେତେକ ସରକାରୀ ସୁବିଧା ପାଇପାରି ନାହାନ୍ତି। ୪ ଡିସିମିଲ ଜମି ରାଜ୍ୟ ବାହାର ଲୋକେ ଅକ୍ତିଆର କରିଥିଲା ବେଳେ ମୂଳବାସୀଙ୍କ ପରିବାର ବଢ଼ିଲା ପରେ ମଧ ସେମାନେ ପାଇନାହାନ୍ତି।

### ଚାରାରୋପଣ କାର୍ଯ୍ୟକ୍ରମ

**ଭବାନୀପାଟଣା,୧୧।୮(ଡି.ଏନ.ଏ.)**- କିଟ ଓ କିସର କଳାହାଣ୍ଡି ଜିଲା ଅଭିଭାବକ ସଂଘ ପକ୍ଷରୁ ଶନିବାର ଜିଲାବ୍ୟାପୀ ମେଗା ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭିନ୍ନ ସ୍ଥାନରେ ସମୁଦାୟ ୫ ହଜାର ଚାରା ଲଗାଯାଇଥିଲା । ଏଥିରେ କିସ ଅଭିଭାବକ ସଂଘ ସଭାପତି କମ୍ବୁଧର ଶବର, ସମ୍ପାଦକ ନିରାକାର ପାତ୍ର, ସଙ୍ଗଠନ ସମ୍ପାଦକ ଦ୍ରୋଣାଚାର୍ଯ୍ୟ ମାଝି, କିସ ଜିଲା ସଂଯୋଜକ ଦୁଷ୍ମନ୍ତ ପ୍ରଧାନ ଏବଂ ସମସ୍ତ ବ୍ଲକ ସଭାପତି, ସମ୍ପାଦକ ଓ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କିସ୍ ଆଦିବାସୀ ବିଶ୍ୱବିଦ୍ୟାଳୟ ଅଭିଭାବକ ସଂଘ କଳାହାଣ୍ଡି ପକ୍ଷରୁ ମ.ରାମପୁର ବ୍ଲକ କଲୋନି ବିଦ୍ୟାଳୟଠାରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମ.ରାମପୁର ସରପଞ୍ଚ ଚିତ୍ତରଞ୍ଜନ ବାଗ, ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ରନାଥ ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦିଗାଲ, ସରୀତା ବିଶି, ଦେବାଶିଷ ବିଶିଙ୍କ ସମେତ ଛାତ୍ରୀଛାତ୍ରମାନେ ମିଶି ଚାରାରୋପଣ କରିଥିଲେ । ଜିଲା ସଭାପତି ଦୁଷ୍ମନ୍ତ ପଧାନ, ଦ୍ରୋଣାଚାର୍ଯ୍ୟ ମାଝି, ନିରାକାର ପାତ୍ର, ଉଦିତ ପ୍ରତାପ ମାଝି, ଫିରୋଜ ଭୋଇ, ସାମାଜିକ କର୍ମୀ ସଂଯୁକ୍ତା ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।

ବୀରମିତ୍ରପୁର ବିଧାୟକଙ୍କ ସିଡବ୍ଲୁଏସ୍ ହସ୍ପିଟାଲ ପରିଦର୍ଶନ

## ରୋଗୀଙ୍କୁ କମ ଖର୍ଚ୍ଚରେ ସେବା ଦେବାକୁ ଗୁରୁତ୍ୱ

**ନୂଆଗାଁ, ୧୧।୮ (ଡି.ଏନ.ଏ)**

- ଝିରିପାଣି ପୂର୍ଣ୍ଣିମା ନର୍ସିଂହୋମ ବି ଯାଇ ରୋଗୀଙ୍କୁ ସାକ୍ଷାତ କରିଥିଲେ।
- ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ଚାଲୁରହିବ।



ସିଡବ୍ଲୁଏସ୍ ହସ୍ପିଟାଲର ଅଧକ୍ଷଙ୍କ ସହ ବିଧାୟକ ଆଲୋଚନା କରୁଛନ୍ତି।

ରବିବାର ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ପ୍ରଥମେ ଝିରିପାଣି ସ୍ଥିତ ପୂର୍ଣ୍ଣିମା ନର୍ସିଂହୋମ ଯାଇ ବିଭିନ୍ନ ରୋଗୀଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା ଅବଗତ ହୋଇଥିଲେ। ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଗରିବ ରୋଗୀମାନଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାକୁ ପରାମର୍ଶ ଦେଇଥିଲେ। ପରେ ଜବଦା ସ୍ଥିତ କମ୍ୟୁନିଟି ୱେଲଫେୟାର ସୋସାଇଟି ହସ୍ପିଟାଲ (ସିଡବ୍ଲୁଏସ୍) ଗସ୍ତକରି ବିଭିନ୍ନ ଅଞ୍ଚଳରୁ ଆସିଥିବା ରୋଗୀଙ୍କୁ ସାକ୍ଷାତ କରିଥିଲେ। ବିଶେଷକରି ଉକ୍ତ ହସ୍ପିଟାଲ ଉପରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀର ନୂଆଗାଁ, ବିଶ୍ରା ଓ କୁଆରମୁଣ୍ଡା ବ୍ଲକର ହଜାର ହଜାର ରୋଗୀ ନିର୍ଭର କରୁଥିବା ବେଳେ ପ୍ରତ୍ୟେକ ଦିନ ଏକାଧିକ ରୋଗୀ ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଅଧିକାଂଶ ରୋଗୀ ଗରିବ, ଖଟିଖିଆ ହୋଇଥିବାରୁ ସେମାନଙ୍କୁ କିଭଳି କମ ଖର୍ଚ୍ଚରେ ସେବା ଯୋଗାଇ ଦିଆଯିବ ସେ ନେଇ ସେ ହସ୍ପିଟାଲର ଅଧକ୍ଷ ଫାଦର ବେନିଚାନ କେ. ପିଟରଙ୍କ ସହ ଆଲୋଚନା କରିଥିଲେ। ସେହିଭଳି ରୋଗୀଙ୍କୁ ଆବଶ୍ୟକ ହେଉଥିବା ଔଷଧରେ ମଧ ଗରିବ ଲୋକଙ୍କୁ ଆବଶ୍ୟକ ଅନୁଯାୟୀ ରିହାତି ପାଇଁ ସେ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସିଡବ୍ଲୁଏସ୍‌ର ଅଧକ୍ଷ ପିଟର ମଧ ବିଧାୟକଙ୍କ ପରାମର୍ଶକୁ ସମ୍ମାନ ଜଣାଇ ଆଗାମୀ ଦିନରେ ଗରିବ ରୋଗୀମାନଙ୍କ ପ୍ରତି ଯଥାସମ୍ଭବ ସାହାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟକଙ୍କ ଏଭଳି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ରୋଗୀଙ୍କୁ ସାକ୍ଷାତ କରି ସେମାନଙ୍କ ସୁଖଦୁଃଖ ବୁଝିବା ଘଟଣାକୁ ନେଇ ରୋଗୀମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ଆଗାମୀ ଦିନରେ ମଧ ବିଧାୟକ ଓରାମ ସମ୍ପୃକ୍ତ ହସ୍ପିଟାଲ ଗୁଡିକୁ ଯାଇ ରୋଗୀମାନଙ୍କ ସୁଖ ଦୁଃଖ ବୁଝିବେ ବୋଲି କହିଛନ୍ତି। ତାଙ୍କର ଏହି ଗସ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱଜିତ ବୋଷ, ଆଡଭୋକେଟ ଦିଲୀପ ଦାଶ, ବିବି ପଣ୍ଡା, ରମେଶ ବଡାଇକ, ମନୋଜ ଶତପଥି, ଭାଜପା ନେତା ସୁନୀଲ ଓ ପ୍ରହ୍ଲାଦ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଓରାମ ଶନିବାର ନୂଆଗାଁ ବ୍ଲକ ଗସ୍ତକରି ବନେଇଲତାଠାରେ ଏକ ସାଧାରଣ ବୈଠକରେ ଯୋଗଦାନ କରି ବାଉଁଶଯୋରଠାରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ପରେ ନୂଆଗାଁ କଲେଜ ଗସ୍ତକରି କଲେଜର ବିଭିନ୍ନ ସମସ୍ୟା ଉପରେ ଅବଗତ ହୋଇଥିଲେ । ପରେ ପୁରୁଣାପାଣି ଗେଷ୍ଟ ହାଉସଠାରେ ବିଭିନ୍ନ ଲୋକଙ୍କୁ ସାକ୍ଷାତ କରି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ।

## ବଡ଼ଗାଁ ଯୁକ୍ତ ୨ କଲେଜରେ ରକ୍ତବର୍ଗ ଚିହ୍ନଟ ଶିବିର



ଅଧାପକ ବିପିନ ଚୌଧୁରୀ ଶିବିର ଉଦ୍‌ଘାଟନ କରୁଛନ୍ତି।

**ବଡ଼ଗାଁ, ୧୧।୮ (ଡି.ଏନ.ଏ)**

ବଡ଼ଗାଁସ୍ଥିତ ପଞ୍ଚାୟତ ସମିତି ଯୁକ୍ତ ୨ କଲେଜରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ପାଇଁ ରକ୍ତବର୍ଗ (ବ୍ଲଡ ଗ୍ରୁପ) ଚିହ୍ନଟ ଶିବିର ଆୟୋଜିତ ହୋଇଥିଲା। କଲେଜର ରେଡକ୍ରସ ସୋସାଇଟି ତରଫରୁ ଆୟୋଜିତ ଏହି ଶିବିରକୁ ଜିଲା କଲେଜ ସମୂହର ରେଡକ୍ରସ ସୋସାଇଟି ସଂଯୋଜକ ତଥା ସରବତୀଦେବୀ ମହିଳା ମହାବିଦ୍ୟାଳୟ ରାଜଗାଙ୍ଗପୁରର ଅଧାପକ ବିପିନ ଚୌଧୁରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଦ୍ୱିଦିବସୀୟ ଉକ୍ତ ଶିବିର ଉଦଘାଟନୀ କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ସୁଶାନ୍ତ କୁମାର ଚୌଧୁରୀ ସଭାପତିତ୍ୱ କରିଥିଲେ। ଅଧାପକ ନିରୋଜ କୁମାର ପଟେଲ ଶିବିର ପରିଚାଳନା କରିଥିଲେ। ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଟେକନିସିଆନ ଅମ୍ବିକା ମାଝୀ, ପ୍ରକାଶ ସ୍ୱାଇଁ ଛାତ୍ରୀଛାତ୍ର ଏବଂ କର୍ମଚାରୀମାନଙ୍କ ରକ୍ତ ବର୍ଗ ଚିହ୍ନଟ କରିଥିଲେ । ଶିବିରରେ ମୋଟ ୪୮୦ ଜଣଙ୍କ ରକ୍ତ ପରୀକ୍ଷା କରି ବର୍ଗ ଚିହ୍ନଟ କରାଯାଇଥିଲା । ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ସୁନ୍ଦରଗଡ ମୁଖ୍ୟ ଚିକିତ୍ସାଳୟ କର୍ମଚାରୀଙ୍କ ସହଯୋଗ ପାଇଁ ବଡଗାଁ କଲେଜ ଅଧକ୍ଷ ଚୌଧୁରୀ ଓ ଅଧାପିକା ଅଧାପକମାନେ ଧନ୍ୟବାଦ ଜ୍ଞାପନ କରିଥିଲେ।

ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇ ଜୀବନ ସହ ସଂଘର୍ଷ କରିବା ଘଟଣା

## ଅସୀତ୍‌ଙ୍କୁ ଆଇଜିଏଚ୍‌ରେ ଭେଟିଲେ ସାମାଜିକ କର୍ମୀ

**ସୁନ୍ଦରଗଡ଼, ୧୧।୮ (ଡି.ଏନ୍.ଏ)**



ଅସୀତ ପ୍ରସାଦଙ୍କୁ ସାମାଜିକ କର୍ମୀ ଶାନ୍ତନୁ କୁସୁମ ଓ ତାଙ୍କ ସହଯୋଗୀ ସ୍ୱାସ୍ଥ୍ୟାବସ୍ଥା ପଚାରୁଛନ୍ତି।

ବିଦ୍ୟୁତ୍ ଆଘାତରେ ଗୁରୁତର ଭାବେ ଆହତ ହୋଇ ରାଉରକେଲା ଇସ୍ପାତ ଜେନେରାଲ ହସ୍ପିଟାଲରେ ଜୀବନ ସହ ସଂଘର୍ଷ କରୁଥିବା ସୁନ୍ଦରଗଡର ଅସୀତ ପ୍ରସାଦଙ୍କୁ ରବିବାର ଜିଲାର ଜଣାଶୁଣା ସାମାଜିକ କର୍ମୀ ଶାନ୍ତନୁ କୁସୁମ ଭେଟି ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସମବେଦନା ଜଣାଇଛନ୍ତି। ସୁନ୍ଦରଗଡ ଆରଆଇଟି କଲୋନୀର ଅଟୋଚାଳକ କିରଣ ପ୍ରସାଦଙ୍କ ବଡପୁଅ ଅସୀତ ଗତ ଜୁଲାଇ ୧୬ରେ ଏକ ଘର ଓୟାରିଂ କାମ କରୁଥିବା ବେଳେ ଘର ଛାତ ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ଅବସ୍ଥାରେ ପ୍ରଥମେ ସ୍ଥାନୀୟ ଜିଲା ମୁଖ୍ୟ ଡାକ୍ତରଖାନା ଓ ପରେ ବୁର୍ଲା ଡାକ୍ତରଖାନା ନିଆଯାଇଥିଲା। ମାତ୍ର ତାଙ୍କ ଶରୀରର ୮୦ଭାଗ ପୋଡି ଯାଇଥିବାରୁ ରାଉରକେଲା ଆଇଜିଏଚ୍‌ରେ ନେଇ ଭର୍ତ୍ତି କରାଯାଇଥିଲା । ସେଠାରେ ଡାକ୍ତରମାନେ ତାଙ୍କର ଚିକିତ୍ସା କରିବା ସହ ଜୀବନ ବଞ୍ଚାଇବାକୁ ଯାଇ ତାଙ୍କର ଗୋଡ ୨ଟିକୁ କାଟିବାକୁ ବାଧ୍ୟ ହୋଇଥିଲେ । ଏବେ ୨ଟି ଗୋଡ ହରାଇ ଅସୀତ ଡାକ୍ତରଖାନାରେ ଜୀବନସହ ସଂଗ୍ରାମ କରୁଛନ୍ତି। ଗରିବ ମା ବାପାଙ୍କ ପକ୍ଷେ ତାଙ୍କର ଚିକିତ୍ସା ଖର୍ଚ୍ଚ ତୁଲାଇବା କଷ୍ଟକର ହୋଇପଡିଥିବା ବେଳେ ଅସୀତଙ୍କ ଭବିଷ୍ୟତ ଜୀବନ ପାଇଁ ସନ୍ଦୀହାନ ହୋଇ ପଡିଛନ୍ତି। ସାମାଜିକ କର୍ମୀ କୁସୁମ ଅସୀତଙ୍କ ଚିକିତ୍ସା ଓ ଭବିଷ୍ୟତ ପାଇଁ କିଭଳି ସରକାରୀ ସହାୟତା ମିଳିବ ସେ ନେଇ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ସକାଶେ ଦାବି କରିଛନ୍ତି। ସେହିପରି ସୁନ୍ଦରଗଡର ପୂର୍ବତନ କାଉନସିଲର ଡ. ହିମାଂଶୁ ଶେଖର ଷଡଙ୍ଗୀ ମଧ୍ୟ ଅସୀତଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଅସୀତକୁ ଯଥାଶିଘ୍ର ସରକାରୀ ସହାୟତା ଯୋଗାଇ ଦେବା ନିମନ୍ତେ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ବ୍ରହ୍ମାକୁମାରୀଙ୍କ ରକ୍ତଦାନ ଶିବିର: ୧୯ ଜଣ ଦେଲେ ରକ୍ତ



ଶିବିରରେ ଜଣେ ଯୁବକ ରକ୍ତଦାନ କରୁଛନ୍ତି।

**ସୁନ୍ଦରଗଡ଼, ୧୧।୮ (ଡି.ଏନ୍.ଏ)**

ସ୍ଥାନୀୟ ପ୍ରଜାପିତା ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ତରଫରୁ ଜିଲା ରେଡକ୍ରସ ରକ୍ତଭଣ୍ଡାର ଠାରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧୀକାରୀ ଡ଼. ପଙ୍କଜ କୁମାର ପଟେଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ରକ୍ତ ଭଣ୍ଡାର ଅଧିକାରୀ ଡା. ଶରତ ନାଏକଙ୍କ ସହଯୋଗରେ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ୧୯ ଯୁବତୀ ଯୁବକ ରକ୍ତଦାନ କରିଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ସୁନ୍ଦରଗଡ ଶାଖା ସଞ୍ଚାଳିକା ବ୍ରହ୍ମ କୁମାରୀ ଜ୍ୟୋତ୍ସ୍ନା ଯୋଗଦେଇ ରକ୍ତଦାନ ଏକ ମହତ୍‌ଦାନ ବୋଲି କହିଥିଲେ। ଏହା ଏକ ଶ୍ରେଷ୍ଠ ସେବା ବୋଲି ମତ ରଖିଥିଲେ। ରକ୍ତଭଣ୍ଡାରର ରତ୍ନପ୍ରଭା ନାୟକ, ସେବିକା ଓ କର୍ମଚାରୀମାନେ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ। ବ୍ରହ୍ମକୁମାରୀ ମୌସୁମୀ ସରପଟିଆ, ବ୍ରହ୍ମ କୁମାର ବାଣେଶ୍ୱର ସୁବୁଦ୍ଧି, ପଙ୍କଜ ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରିଜର୍ଭ ପୋଲିସ ଇନ୍ସପେକ୍ଟର ବିକାଶ ଚନ୍ଦ୍ର ହେମ୍ବ୍ରମ, ବ୍ରହ୍ମକୁମାରୀ ଜ୍ୟୋତ୍ସ୍ନାରାଣୀ ସରପଟିଆ, ସସ୍ମିତା ପଣ୍ଡା, ନରୋତ୍ତମ ପାତ୍ର, ଗାୟତ୍ରୀ ସେନାପତି, ମଞ୍ଜୁ ସାହୁ, ରଶ୍ମିତା ପୃଷ୍ଟି, ପଦ୍ମିନୀ ସରାଫ, ଅନୀତା ସ୍ୱାଇଁ, ପିଣ୍ଟୁ ମେହେର, ଅଶୋକ ମହାନ୍ତି, ମନୋଜ ସରାଫ ପ୍ରମୁଖ ରକ୍ତଦାନ କରିଥିଲେ।

## ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା

**ଲହୁଣୀପଡା, ୧୧।୮ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ମିଶ୍ରପାଲି ସ୍ଥିତ ଯୋଗମାୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ପ୍ରଥମ ବର୍ଷ ନବାଗତା ଛାତ୍ରୀଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଯୋଗମାୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଝରଣା ପ୍ରଧାନ ଅଧକ୍ଷତା କରିଥିଲେ। ଛାତ୍ରୀ ରିଙ୍କିରାଣୀ ମାହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରତ୍ୟୁଷା ମାହାନ୍ତି ଓ ପୂଜାରାଣୀ ଯାଦବ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଆଇନଜୀବି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ଲହୁଣୀପଡା ଥାନା ଅଧିକାରୀ ପ୍ରେମଜିତ ଦାଶ, ଯୁଧିଷ୍ଠିର ତ୍ରିପାଠୀ, ସୁଦାମ ଚରଣ ତ୍ରିପାଠୀ, କୁମାର ଗୌତମ ବାରିକ ଏବଂ ମୁଖ୍ୟବକ୍ତା ଭାବେ ଗୁରୁଣ୍ଡିଆ ଉଚ୍ଚ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ତର୍କଶାସ୍ତ୍ର ଅଧାପକ ତପନ କୁମାର ଦଣ୍ଡିଆ ଯୋଗଦେଇଥିଲେ । ଶୃଙ୍ଖଳିତ ଭାବେ ନିଜର କର୍ତ୍ତବ୍ୟ ସାଧନ କରିବା ସହିତ ଛାତ୍ରୀ ଜୀବନର ମୂଲ୍ୟବାନ ସମୟକୁ ସଦୁପଯୋଗ କରିବାକୁ ପରାମର୍ଶ ଓ ଉପଦେଶ ଦେଇଥିଲେ। ଶେଷରେ ବିଗତ ସିଏଚଏସଇ ବାର୍ଷିକ ପରୀକ୍ଷାରେ ୬ଟି ବିଷୟରେ ପ୍ରତ୍ୟେକ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ୬ଜଣ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସାଗରିକା କର ଧନ୍ୟବାଦ ପ୍ରଦାନ କରିଥିଲେ । ଅଜିତ କୁମାର ଦଳବେହେରା, କୁହୁଁରୁ ପାତ୍ର, ଅଜିତ ସ୍ୱାଇଁ, ମାମାଲି ଜେନା, ଇତିଶ୍ରୀ ପଟ୍ଟନାୟକ, ବାସନ୍ତି କିଶାନ, ଅନିତା ପ୍ରଧାନ, ରଜତ କୁମାର ମାହାନ୍ତ, ମନ୍ଦାକିନୀ ନାଏକ, ସୁରେନ୍ଦ୍ର ମାହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କଳାୟତନ ପରିସରରେ ଚିତ୍ରଶିଳ୍ପୀ ଶିବିର



ସୁନ୍ଦରଗଡ କଳାୟତନଠାରେ ଆୟୋଜିତ ଚିତ୍ରଶିଳ୍ପୀ ଶିବିର ଉଦ୍‌ଘାଟନୀ ସମାରୋହ।

**ସୁନ୍ଦରଗଡ଼, ୧୧।୮ (ଡି.ଏନ୍.ଏ)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ରବିବାର ସ୍ଥାନୀୟ କଳାୟତନ ପରିସରରେ ଏକ ଚିତ୍ରଶିଳ୍ପୀ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଶିବିର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦୁର୍ଗାମାଧବ ପଟେଲ, ସମ୍ମାନିତ ଅତିଥି ଭାବେ ଜିଲା ଭୂଅର୍ଜନ ଅଧିକାରୀ ପ୍ରସନ୍ନ ଟେଟେ ଯୋଗଦେଇ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଅନିଲ କୁମାର କେରକେଟା ସ୍ୱାଗତ ଅଭିଭାଷଣ ପ୍ରଦାନ କରି ଏହି ଶିବିର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କଳାୟତନର ଅଧ୍ୟାପକ ସୁଶାନ୍ତ ନାଏକ ଧନ୍ୟବାଦ ଦେଇଥିଲେ। ଜିଲା ପ୍ରଶାସନ ଓ ଜିଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ତରଫରୁ ଆୟୋଜିତ ଏହି ଶିବିରରେ ସୁନ୍ଦରଗଡ ଜିଲା ତଥା ଜିଲା ବାହାରର ୨୫ଜଣ ଯୁବଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଶିବିର ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।୧୫ ତାରିଖ ସ୍ୱାଧୀନତା ଦିବସ ପାଳନ ଅବସରରେ ଏହି ଛବିଗୁଡିକର ଏକ ପ୍ରଦର୍ଶନୀ ମଧ୍ୟ କଳାୟତନ ପରିସରରେ ଆୟୋଜିତ ହେବ। ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ମନ୍ତ୍ରୀ ସୁଦାମ ମାରାଣ୍ଡି ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। କଳାୟତନର ସମସ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

କରମଡିହି ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ଲେମଲେମା ୨-୦ ଗୋଲରେ ବିଜୟୀ

**ସୁନ୍ଦରଗଡ଼, ୧୧।୮ (ଡି.ଏନ୍.ଏ)**

କରମଡିହି ଫୁଟବଲ ଟ୍ରଫି ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ତଳସରା ବିଧାୟକ ଭବାନୀଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଭରତ ଏକ୍କା ଓ ଭବାନୀଶଙ୍କର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସୁଧାଂଶୁ ଶେଖର ଚୌଧୂରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଲେମଲେମା ଓ ତିଲେଇମାଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଲେମଲେମା ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲେ। ଦ୍ୱିତୀୟ ମ୍ୟାଚ ଧରୁଆଡିହି ଓ ସଲଙ୍ଗାବୁଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରେଫରୀ ରୋମାଞ୍ଚ ଭୈଷାଁଲ ଓ ଅର୍ଜୁନ ବାଗ ମ୍ୟାଚ ପରିଚାଳନା କରିଥିଲେ। ଜଗନ୍ନାଥ ଖଣ୍ଡା ଓ ଆୟୋଜକ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ। ଏହି ଟୁର୍ନାମେଣ୍ଟ ୪ଦିନ ଧରି ଚାଲିବ ଓ ଏଥିରେ ଆଖପାଖ ଅଞ୍ଚଳର ୧୬ଟି ଦଳ ଭାଗ ନେଇଛନ୍ତି। ଅଗଷ୍ଟ ୧୫ରେ କରମଡିହି ହାଇସ୍କୁଲ ଖେଳପଡିଆରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି।



ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଖେଳାଳିଙ୍କ ସହ ଅତିଥି।



❝ ଯେଉଁମାନେ ଧନ୍ୟବାଦ ପାଇବାର ଯୋଗ୍ୟ, ସେମାନଙ୍କୁ ଧନ୍ୟବାଦ ଜଣାଇଲେ ସେମାନଙ୍କର କର୍ମ ପ୍ରବଣତା ଅଧିକରୁ ଅଧିକ ବଢ଼ିଥାଏ।

- ଉତ୍କଳ ଗୌରବ ମଧୁସୂଦନ ଦାସ

## ସଂକ୍ଷେପରେ



### ବଜ୍ରପାତରେ ଦୁଇ ଆହତ

**କିର୍ମିରା,୧୧।୮(ଡି.ଏନ୍.ଏ.)-** ଝାରସୁଗୁଡା ଜିଲା କିର୍ମିରା ପଞ୍ଚାୟତ ବେହେରାମାଲ ଗ୍ରାମରେ ରବିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ବଜ୍ରପାତ ଘଟି ଦୁଇଜଣ ଆହତ ହୋଇଛନ୍ତି। ସେମାନେ ହେଲେ କିର୍ମିରା ଗ୍ରାମର ସୁନୀଲ ଧୃବା ଓ ବେହେରାମାଲର ଅଶୋକ ମୁଣ୍ଡା। ସୁନୀଲ ଧାନ ରୋଇବାକୁ ବିଲକୁ ଯାଉଥିବା ବେଳେ ବର୍ଷା ହେବାରୁ ବେହେରାମାଲ ଛକରେ ଥିବା ଏକ ଦୋକାନ ବାରଣ୍ଡାରେ ଆଶ୍ରୟ ନେଇଥିଲେ। ତାଙ୍କ ସହ ଅଶୋକ ମଧ ସେଠାରେ ଠିଆ ହୋଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଉଭୟ ତଳେ ପଡ଼ିଯାଇଥିଲେ। ସୁନୀଲଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଅଶୋକ ସାମାନ୍ୟ ଆହତ ହୋଇଛନ୍ତି। ଉଭୟଙ୍କୁ କିର୍ମିରା ଡାକ୍ତରଖାନା ନିଆଯାଇଥିଲା।

# ଝାରସୁଗୁଡ଼ାରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଭିତ୍ତିପ୍ରସ୍ତର ସ୍ଥାପନ

**ବେଲପାହାଡ଼/ଲଖନପୁର, ୧୧।୮ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ଏଚ୍. କଣ୍ଟାପାଲିଠାରେ ଇଣ୍ଟିଗ୍ରେଟେଡ୍ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ ପାଇଁ ରବିବାର ପୂର୍ବାହ୍ନରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଏଥିପାଇଁ ଦେଢ଼କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ପରିବର୍ତ୍ତୀ ପର୍ଯ୍ୟାୟରେ ଅନୁଦାନ ରାଶି ବୃଦ୍ଧି କରାଯିବ। ପ୍ରଥମ ପର୍ଯ୍ୟାୟରେ ସୁଇମିଂ ପୁଲ୍, ଗ୍ୟାଲେରି ଆଦି ନିର୍ମାଣ କରାଯିବ। ପରେ ଫୁଟ୍‌ବଲ, ଭଲିବଲ, ଟେନିସ୍ ଆଦି ଖେଳ ପାଇଁ ଭିତ୍ତିଭୂମି ବିକାଶ କରାଯିବ। ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଏଠାରେ ସ୍ପୋର୍ଟ୍ସ ହଷ୍ଟେଲ୍ ନିର୍ମାଣ କରାଯିବ। ଏହାକୁ କଳିଙ୍ଗ ଷ୍ଟାଡିୟମ ଭଳି ରୂପରେଖ ଦିଆଯିବ ବୋଲି ଏହି ଅବସରରେ ମନ୍ତ୍ରୀ ବେହେରା ପ୍ରକାଶ କରିଛନ୍ତି।



ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ପ୍ରସ୍ତାବିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ଜିଲାରେ କ୍ରୀଡ଼ାର ଉନ୍ନତି ପାଇଁ ଲଖନପୁର, ଲଇକେରା, କୋଲାବିରା ଓ ବ୍ରଜରାଜନଗର ଆଦି ବ୍ଲକ ଓ ପୌରାଞ୍ଚଳରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ନିର୍ମାଣ କରାଯିବ ବୋଲି ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ପ୍ରକାଶ କରିଥିଲେ। ଦୀର୍ଘବର୍ଷ ପରେ ଝାରସୁଗୁଡ଼ା ଜିଲାରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ କାର୍ଯ୍ୟ ଆରମ୍ଭ ହୋଇଛି। ସମସ୍ତ ଜନ ପ୍ରତିନିଧିଙ୍କ ସହଯୋଗରେ ନିଶ୍ଚିତ ଭାବେ ଏହା କାର୍ଯ୍ୟକ୍ଷମ ହୋଇପାରିବ ବୋଲି ବରଗଡ଼ ଏମ୍‌ପି ସୁରେଶ ପୂଜାରୀ କହିଥିଲେ। କମ୍ପ୍ଲେକ୍ସ ନିର୍ମାଣ ହେବା ପରେ ଜିଲାର ବହୁ ଖେଳାଳିଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନର ସୁଯୋଗ ମିଳିବ ବୋଲି ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି କହିଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଏସ୍‌ପି ଅଶ୍ୱିନୀ ମହାନ୍ତି, ଜିଲା କ୍ରୀଡ଼ା ସଂସଦ କର୍ମକର୍ତ୍ତା ବିଜୟ ବେହେରା, ବ୍ରିଜେଶ ଶର୍ମା, ଜୀବନ ମହାନ୍ତି, ଅଶୋକ ମିଶ୍ର, ପ୍ରଜ୍ୱଳ ପଟେଲ, ଗଣେଶ ନାୟକ, ମଙ୍ଗଳ ଓରାମ ଓ ଭିକାରୀ ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ା ସଂସଦ ସଧାରଣ ସମ୍ପାଦକ ତାପସରାୟ ଚୌଧୁରୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ପରେ ଡିଆର୍‌ଡିଏ ସଭାଗୃହରେ ଜିଲା କ୍ରୀଡ଼ା ସଂସଦର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ, ଏମ୍‌ପି, ବିଧାୟକ, ଜିଲାପାଳ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ସଂସଦର ବାର୍ଷିକ ଆୟବ୍ୟୟ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ସଂସଦର ବିଭିନ୍ନ ସମସ୍ୟା ସମ୍ପର୍କରେ କର୍ମକର୍ତ୍ତାମାନେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।



ହାତୀ ଭାଙ୍ଗିଥିବା ଜଣେ ବ୍ୟକ୍ତିଙ୍କ ଘର।

### ସୁଲାହିରେ ଅମୁନି ହାତୀ ଉପଦ୍ରବ

## ପୁଣି ୫ ଘର ଭାଙ୍ଗିଲା ଦନ୍ତା

**କିର୍ମିରା,୧୧।୮ (ଡି.ଏନ୍.ଏ.)**

କିର୍ମିରା ବ୍ଲକ ବାଗଡିହି ବନ ବିଭାଗ ଅନ୍ତର୍ଗତ ସୁଲାହି ପଞ୍ଚାୟତରେ ହାତୀ ଉପଦ୍ରବ ଲାଗି ରହିଛି। ଶୁକ୍ରବାର ରାତିରେ ଏହି ପଞ୍ଚାୟତର କୁବାପଡ଼ାରେ ହାତୀ ୪ ଘର ଭାଙ୍ଗିଥିବା ବେଳେ ଶନିବାର ରାତିରେ ମଧ ଆଉ ୫ ଘର ଭାଙ୍ଗିଛି। ଶନିବାର ରାତି ୧୧ଟାରେ ସୁଲାହି ପଞ୍ଚାୟତର ବୁଙ୍ଗାବେର୍ଣ୍ଣା ଗ୍ରାମରେ ଏକ ଦନ୍ତା ହାତୀ ପଶି ଖଏରା ବୁଦୁଲା, କୃଷ୍ଣ ବୁଦୁଲା, ସୁରେଶ ବୁଦୁଲା, ବିକାଶ ବୁଦୁଲା ଓ ସପୁର ବୁଦୁଲାଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇଯାଇଛି। ଗ୍ରାମବାସୀ ଘଉଡ଼ାଇବା ପରେ ହାତୀ ଏବେ ଜଙ୍ଗଲକୁ ଚାଲିଯାଇଛି।

## ଜୁନିୟର ରେଡ୍‌କ୍ରସ ପକ୍ଷରୁ ଚାରାରୋପଣ

**ବେଲପାହାଡ଼,୧୧।୮(ଡି.ଏନ୍.ଏ.)**

ରବିବାର ଜୁନିୟର ରେଡ୍‌କ୍ରସ ପକ୍ଷରୁ ବେଲପାହାଡ଼ କଲେଜ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଡିଗ୍ରୀ କଲେଜ ଅଧ୍ୟକ୍ଷ ଆଶିଷ କୁମାର ଦାଶ, ଜୁନିୟର ରେଡ୍‌କ୍ରସ ଶାଖା କାଉନସେଲର ଅନୁରାଧା ପ୍ରସାଦ, ବାଣିଜ୍ୟ ବିଭାଗ ମୁଖ୍ୟ ଅଧାପକ ଡି. ପଟେଲ, ରାଜନୀତି ନିଜ୍ଞାନ ବିଭାଗ ମୁଖ୍ୟ ଅଧାପକ ବି. ନାହାକ, ପି. ଅମିନ, ଏମ୍. ଜେନା ଓ ନିରଦ ପ୍ରଧାନଙ୍କ ସମେତ କଲେଜର ଛାତ୍ରୀଛାତ୍ର ଓ କର୍ମଚାରୀ ଯୋଗଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରଣୀଟାଏ,**
**ଦାଣ୍ଡରେ ବୋଲାଏ ଘରଣୀଟାଏ ।**

ଅନେକେ ନିଜର ମନ୍ଦ ପ୍ରକୃତିକୁ ଲୁଚାଇବାକୁ ଯାଇ ବାହାରେ ନିଜକୁ ଭଲେଇ ବୋଲି ଦେଖେଇ ହୋଇଥାନ୍ତି। ତାଙ୍କର ବାହାରକୁ ଜଣାପଡୁଥିବା ଗୁଣ ସହିତ ଭିତର ଗୁଣର କୌଣସି ସମ୍ବନ୍ଧ ନ ଥାଏ। ଚୋରଣୀ ନାରୀ ଭିତରେ ଭିତରେ ଚୋରି କରି ବାହାରକୁ ନିଜର ସଚ୍ଚୋଟ ପଣିଆ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚମ ଧନ ନିଧନ ଧନ,**
**କଂସା ପିତଳ ଅଧା ଧନ,**
**ସୁନାରୁପା ପୂରା ଧନ ।**

ଚମ ଧନ ନିଧନ ଭାବେ ଗଣାହୋଇଥାଏ। କଂସା ବା ପିତଳ ଭାଙ୍ଗିଗଲେ ତା'ର ଦାମ୍ ଅଧା ହୋଇଥାଏ। ସେହିପରି ସୁନା, ରୁପା ମୂଲ୍ୟବାନ ଧାତୁ ଭାବେ ପରିଗଣିତ ହେଉଥିବା ସ୍ଥଳେ ତାକୁ ବିକିଲେ କି ଭାଙ୍ଗିଲେ ବହୁ ଧନ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବି.ଆର୍. ହାଇସ୍କୁଲରେ ଗଙ୍ଗାଧର ମହେର ଜୟନ୍ତୀ

**ବେଲପାହାଡ଼,୧୧।୮ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ସ୍ଥିତ ବି.ଆର୍. ଉଚ୍ଚ ବିଦ୍ୟାଳୟରେ ଶନିବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୭୮ତମ ଜୟନ୍ତୀ ପାଳିତ ହୋଇଛି। ଏଥିରେ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ ତଥା ବରିଷ୍ଠ ଖବରଦାତା ଗଜେନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କବିଙ୍କ କାବ୍ୟ ରଚନା ବିଷୟରେ ପ୍ରେରଣାଦାୟକ ଉଦ୍‌ବୋଧନ ଦେଇଥିଲେ। ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀ କବି ଗଙ୍ଗାଧରଙ୍କ କାବ୍ୟକୃତୀ ଛାତ୍ରୀଛାତ୍ରଙ୍କ ଜୀବନରେ ପ୍ରତିବିମ୍ବିତ ହେଉଛି ବୋଲି ପ୍ରକାଶ କରିଥିଲେ। ଛାତ୍ର ବିରଞ୍ଚି ନାରାୟଣ ନାୟକଙ୍କ ସମେତ ଅନ୍ୟ ଛାତ୍ରୀଛାତ୍ର ବିଭିନ୍ନ କାବ୍ୟ କବିତା ବିଷୟରେ ଆଲୋକପାତ କରି କବିଙ୍କୁ ସ୍ମରଣ କରିଥିଲେ। ଶିକ୍ଷକ ଦୁଃଖନାଶନ ସରାଫ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।



କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ଶିକ୍ଷୟିତ୍ରୀ ନିରୁପମା ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ବିଦ୍ୟାଳୟ ପ୍ରାଚୀର ପତ୍ରିକା ଅଂଶୁମାଳିର ନୂତନ ସଂଖ୍ୟା ଉନ୍ମୋଚନ କରିଥିଲେ।


**OFFICE OF THE MUNICIPAL COUNCIL, MALKANGIRI**
Odisha, PIN: 764045, Ph: 06861-230244, e-Mail: malkangiri@ulborissa.gov.in

Lt. No. 1595/Mpl./2019 **TENDER CALL NOTICE** Date: 09.08.2019

Sealed tenders are hereby invited from the intending Manufacturers/ Suppliers / Dealers having Manufacturing License/ Authorized distributor for supply of the following sanitary equipments specifying name of Manufacturing Brand as per specification given below:

| S. N. | Item Description | Specification | Qty. | EMD | Paper Cost |
|---|---|---|---|---|---|
| 1. | Wheel Barrow | i.) Capacity: 6Cu. Ft, ii) Size: 36" L×24"W ×12" Ht, iii) Structure: Will be Made from 75×40mm. M.S. 'C' Channel with 35×35×5 Mm. M.S. Angle, 30×5Mm. M.S. Flat, 1" Dia. M.S. Pipe & 16 Swg M.S. Sheet, iv) Wheels: 2 Nos. 20" Dia. M.S. 'T' Section Wheels with Bearings | 30 Nos. | 10000/- | 4000/- |
| 2. | 4.5 Garbage Container | i) Size: 4.50 Cubic meter, ii) Material: Mild Steel, iii) Use: To collect Garbage, iv) Transportation: By Hydraulic dumper placer | 10 Nos. | | |
| 3. | Tricycle | • Rear Body size: Outer length- 4 feet, Breadth- 3 feet, Height- 2 feet • Rear axle dia: 28 mm • Chassis: Chassis made out of 32×32×6mm angles, 32×6, 25×6mm flat • Frame/Bar: The main Frame/ Bar made out of 5 bar thick rickshaw frame hardened with factory finish • Wheel: Front rickshaw heavy duty 10 gauge wheel, with heavy duty branded tyre and tube size- 28"×1.5" (The wheels fitted with heavy duty spokes) and the wheel covered with heavy duty mudguard and bumper safety rods. • Rear two wheels with 2.50"×16" Heavy duty branded tyre and tube • Seat: Heavy duty seat, with cover • Body: Body made out of 32×32×3mm bottom angles, 25×25×3mm top supported with suitable flats and angles and with additional reinforcements so that the body is sturdy. • All the 3 sides and rear 2 doors of rear body covered with 18 gauge G.I. Sheet | 20 Nos. | | |
| 4 | Three wheeler Hydraulic Auto Tipper with segregated compart-ment (Blue and Green) | Engine Specification: • Single cylinder, naturally aspirated air cooled. • Max power 8.04 HP (6kw) @ 3600 rpm • Max torque 21 NM @ 2400-2200 rpm • Fuel Type: diesel • Fuel Tank Capacity: 10 to 13 lts • Avg Mileage: 32 to 35 kmpl • Gear Box: Four no's forward and one no's reverse Garbage Container Specification: • Garbage Container having Separate Compartment with Doors • Bottom Panel, Side Panel and Door having 1mm G.I. Sheets • Volume Capacity- 1.5 Cum • Tripping Angle- 83 degree | 04 Nos. | 20000/- | 6000/- |

The tender paper must be accompanied with EMD and paper cost as mentioned above in shape of DD/Bankers Cheque drawn in favour of Executive Officer, Malkangiri Municipality. The tender is also required to furnish the self attested photocopy of valid Regd. Certificate/dealer certificate/ manufacturing certificate, GST registration certificate & PAN card along with the tender paper. The tender papers should reach the undersigned by 26.08.2019 by Regd. Post / Speed Post upto 5.00PM and will be opened on 27.08.2019 in the office chamber of Executive Officer in the presence of tenderers or their authorized representatives. The sealed cover should be superscribed with "Tender for supply of sanitary equipments". The successful tenderer should supply all the materials within 10 days from the receipt of the supply order. If the successful tenderer fails to supply the materials in the approved rate and time, then EMD amount will be forfeited. The tender is also required to submit the tender paper in the following format:

| S.N. | Item Description | Specification | Company Name | Unit | Rate including all taxes & other charges |
|---|---|---|---|---|---|
| | | | | | |

Seal and signature of the Firm

The undersigned reserves the right to reject any or all tenders without any reason therein.

*Sd/- Executive Officer, Malkangiri Municipality*



**CLASSIFIED DISPLAY**

**ALL EDITION - B/W (Everyday)**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥାଇଟିସ୍, ଓଷ୍ଟିଓ ଆର୍ଥାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129, Timing - 9 am to 8 pm

FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଇ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ-1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଲୋନ! ଲୋନ! ଲୋନ
୧ ରୁ ୫୦ ଲକ୍ଷ୍ୟ ଲୋନ
LAXMI NARAYAN FINANCE
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
88102-23468
laxminarayanfinancemp@gmail.com
82871-99144
Pandey bhawan hinoo ranchi

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
JEEVANJYOTI FINANCE PVT. LTD.
ମାର୍କଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର, ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
8765256101
B-36/7 A-Block Vijay Enclave Burari, New Delhi-74

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ ପ୍ରପର୍ଟି
ଆଧାରକାର୍ଡ ପର୍ସନାଲ
ପଶୁପାଳନ ଗୃହ ଋଣ
ବ୍ୟବସାୟ ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି
ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

ଋଣ ଧମାକା
ଆଧାର କାର୍ଡ ଋଣ ପାଆନ୍ତୁ
1 ଲକ୍ଷରୁ 25 ଲକ୍ଷ ପର୍ଯ୍ୟନ୍ତ
ସୁଧ 1% ପର୍ଯ୍ୟନ୍ତ, 50% ପର୍ଯ୍ୟନ୍ତ ଛାଡ଼
ସମୂହ ଋଣ, ପର୍ସନାଲ, କୁକୁଡ଼ା ପାଳନ ଋଣ
Contact No.
7491845997
7079574972
New Ashok Nagar, East Delhi, Delhi
www.toofanfinance.in

!! ଋଣ ଋଣ ଋଣ!!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ଋଦ୍ଧି ଫାଇନାନ୍ସ!!
E-mail : - ridhifinanceonlinem.p@gmail.com
7052572586
Add : - 41/14, Sec-1 Pushp Vihar, Delhi

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

ASTROLOGY ASTROLOGY

ଫ୍ରି ସେବା କୌଣସି ଫିସ୍ ନାହିଁ
ଭଲ କାମର ପରିଣତି ଭଲ ହୋଇଥାଏ
MY PROMISE
ଅଘୋରୀ ତାନ୍ତ୍ରିକ
ବାବା ଓମପ୍ରକାଶ ଶାସ୍ତ୍ରୀ
ବଶୀକରଣ, ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ମନ ଚାହୁଁଥିବା ପ୍ରେମ, ଗୃହକ୍ଲେଶ, ଚାକିରି, ବ୍ୟବସାୟ, ବିବାହରେ ବାଧା, ସ୍ୱାମୀ, ସ୍ତ୍ରୀ ମନୋମାଳିନ୍ୟ, ସଉତୁଣୀ, ଶତ୍ରୁ ମୁକ୍ତି, 3 ଘଣ୍ଟାରେ ଘରେ ବସି ସମାଧାନ।
Khamarisahi, Mahipur, Nayagarh
81 26 92 24 05

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
9910294940

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡ଼ା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
9348274623
8227843135

See Color Display Classified on every Tuesday & Friday